(ପୃଷ୍ଠା–୧୬+୪)

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୨/୨୦୨୨ (୧୬+୪=୨୦ ପୃଷ୍ଠା) | Sambalpur, Wednesday, February 2/2022 | ★★

୧୮ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ମା'ହେବେ ରିହାନା**
ବାରବାରିୟାନ୍ ଗାୟିକା ତଥା ଫ୍ୟାଶନ ଡିଜାଇନର୍ ରିହାନା ବିବାହ ମା' ହେବାକୁ ଯାଉଛନ୍ତି।
୧୪

୧୬
**ଧାଓ୍ବନଙ୍କ ଉପରେ ନଜର**
ଆଇପିଏଲର ମେଗା ଖେଳାଳି ନିଲାମ ଅବସରରେ ଭାରତୀୟ ଖେଳାଳି ଶିଖର ଧାଓ୍ବନ, ରବିଚନ୍ଦ୍ରନ ଅଶ୍ୱିନ, ଶ୍ରେୟାସ ଆୟାରଙ୍କ ଉପରେ ନଜର ରହିବ।






# ତେଜହୀନ ବଜେଟ

କରୋନା ମହାମାରୀ ଯୋଗୁ ଦୁଇବର୍ଷ ଧରି ଦେଶର ଅର୍ଥନୀତି ସୁଧୁରି ପାରୁନାହିଁ। ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଭୟଙ୍କର ଭାବେ ପ୍ରଭାବିତ ହୋଇଛି। କୃଷକ ଆନ୍ଦୋଳନଠାରୁ ଆରମ୍ଭ କରି ବେକାରି ସମସ୍ୟା କେନ୍ଦ୍ର ସରକାର ପାଇଁ ବଡ଼ ଆହ୍ୱାନ ଭାବେ ଛିଡ଼ା ହୋଇଛି। ଦାରିଦ୍ର୍ୟ ବୃଦ୍ଧି, ବେରୋଜଗାର, ଅତ୍ୟାବଶ୍ୟକ ସାମଗ୍ରୀ ଓ ଖାଦ୍ୟଦ୍ରବ୍ୟର ଅସହ୍ୟ ଦରବୃଦ୍ଧି ଖାଉଟିଙ୍କୁ ହନ୍ତସନ୍ତ କରୁଛି। ଏଭଳି ସମୟରେ ଦେଶବାସୀଙ୍କ ନଜର ଥିଲା ୨୦୨୨–୨୩ କେନ୍ଦ୍ରୀୟ ବଜେଟ ଉପରେ। ହେଲେ ମଙ୍ଗଳବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ପାର୍ଲାମେଣ୍ଟରେ ଉପସ୍ଥାପିତ ୩୯.୪୫ ଲକ୍ଷ କୋଟି ଟଙ୍କାର ବଜେଟରୁ ସାଧାରଣ ଜନତାଙ୍କ ପାଇଁ ସେଭଳି କିଛି ସୁବିଧା ନ ଥିବା ଲକ୍ଷ୍ୟ କରାଯାଇଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହାକୁ ପ୍ରଗତିଶୀଳ କହିଥିଲେ ହେଁ, ବିରୋଧୀ ଏହା ଏକ ତେଜହୀନ ବଜେଟ କହି ସମାଲୋଚନା କରିଛନ୍ତି।

- ୩୯.୪୫ ଲକ୍ଷ କୋଟିର ବଜେଟ ଉପସ୍ଥାପନ
- ଗତିଶକ୍ତି ଯୋଜନାକୁ ଗୁରୁତ୍ୱ
- ୨୦୨୩ରୁ ଭାରତରେ ଡିଜିଟାଲ ମୁଦ୍ରା
- ଆରମ୍ଭ ହେବ ଇ-ପାସପୋର୍ଟ
- ସ୍କୁଲ ପିଲାଙ୍କ ପାଇଁ ପିଏମ୍ ଇ-ବିଦ୍ୟା କାର୍ଯ୍ୟକ୍ରମ
- ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣ ଗ୍ୟାରେଣ୍ଟି ଅବଧି ବୃଦ୍ଧି
- ଆରମ୍ଭ ହେବ ଟେଲି ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ
- ୫ବର୍ଷରେ ୬୦ ଲକ୍ଷଙ୍କୁ ନିଯୁକ୍ତି
- ୮୦ ଲକ୍ଷ ପିଏମ୍ ଆବାସ ପାଇଁ ୪୮ ହଜାର କୋଟି
- ୭୫ ଜିଲାରେ ୭୫ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ୍
- ୧.୫ ଲକ୍ଷ ପୋଷ୍ଟ ଅଫିସରେ ଏଟିଏମ୍
- ପ୍ରତିରକ୍ଷା କ୍ଷେତ୍ର ଲାଗି ୫.୨୫ ଲକ୍ଷ କୋଟିର ବ୍ୟୟବରାଦ

**ଶସ୍ତା**

- ଔଷଧ
- ଷ୍ଟିଲ
- ଚମଡ଼ା ସାମଗ୍ରୀ
- କପଡ଼ା
- ବିଦେଶରୁ ଆମଦାନୀ ହେଉଥିବା ମେଶିନ୍
- କୃଷି ଉପକରଣ
- ମୋବାଇଲ୍ ଫୋନ ଚାର୍ଜର
- ହୀରା ଅଳଙ୍କାର
- ରତ୍ନ ପଥର
- ଇମିଟେଶନ ଗହଣା
- ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ
- ମେଡିକାଲ ଉପକରଣ
- କେମିକାଲ୍

**ମହଙ୍ଗା**

- ଛତା
- ଇମ୍ପୋର୍ଟେଡ୍ ସାମଗ୍ରୀ
- ଲାଉଡ୍‌ସ୍ପିକର
- ସ୍ମାର୍ଟ ମିଟର
- ହେଡ୍ ଫୋନ୍
- ଇଅର୍ ଫୋନ୍
- ସୋଲାର ବଲ୍
- ଇଲେକ୍ଟ୍ରୋନିକ୍ସ ଖେଳନା
- ଏକ୍ସ-ରେ ମେଶିନ୍




ନୂଆଦିଲ୍ଲୀ, ୧।୨

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଚତୁର୍ଥ ଥର ପାଇଁ ମଙ୍ଗଳବାର ବଜେଟ ଉପସ୍ଥାପନ କରିବାକୁ ପାର୍ଲାମେଣ୍ଟକୁ ଆସିଥିଲେ। ବାଦାମୀ ରଙ୍ଗର ଶାଢ଼ି ପିନ୍ଧି ସେ ପୂର୍ବାହ୍ନ ୧୧ଟାରେ ଟାବଲେଟ୍‌ରୁ ଦ୍ୱିତୀୟ କାଗଜବିହୀନ ବଜେଟ ପାଠ କରିବା ଆରମ୍ଭ କରିଥିଲେ। ଦେଶ ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରୁଛି। ଆଉ ୨୫ବର୍ଷ ପରେ ରାଷ୍ଟ୍ର ସ୍ୱାଧୀନତାର ୧୦୦ବର୍ଷରେ ପଦାର୍ପଣ କରି ଅମୃତ କାଳରେ ପହଞ୍ଚିବ। ଏହି ଅବସରରେ କରୋନା ଯୋଗୁ ପ୍ରଭାବିତ ହୋଇଥିବା ଲୋକଙ୍କ ସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ସେ ଆଲୋକପାତ କରିଥିଲେ। ତେବେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଯଥେଷ୍ଟ ଉନ୍ନତି ଦେଖାଦେବ। ପରେ ଦେଶ ଏବେ ମୁଖ୍ୟ ଚ୍ୟାଲେଞ୍ଜଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ନିଜକୁ ଦୃଢ଼ କରିପାରିଛି। ବିଶେଷକରି ଭିତ୍ତିଭୂମି ଉନ୍ନତି ମାଧ୍ୟମରେ ଅର୍ଥନୀତିରେ ଅଭିବୃଦ୍ଧି ଆଣିବା ଲାଗି ସରକାର ଦୃଢ଼ ସଂକଳ୍ପବଦ୍ଧ ଅଛନ୍ତି ବୋଲି ସେ କହିଛନ୍ତି। ଏହି ଉପଲକ୍ଷେ ସେ ଅଗ୍ରପ୍ରାଧାନ୍ୟ ଦେଇଥିବା କ୍ଷେତ୍ରଗୁଡ଼ିକ ହେଉଛି ପ୍ରଧାନମନ୍ତ୍ରୀ ଗତିଶକ୍ତି, ଅନ୍ତର୍ଭୁକ୍ତୀକରଣ ବିକାଶ, ଉତ୍ପାଦନ ଅଭିବୃଦ୍ଧି, ସୂର୍ଯ୍ୟୋଦୟ ସୁଯୋଗ, ଶକ୍ତି ପ୍ରବାହ, ଜଳବାୟୁ କାର୍ଯ୍ୟାନ୍ୱୟନ ଏବଂ ପୁଞ୍ଜିନିବେଶ ଲାଗି ଅନୁକୂଳ ବାତାବରଣ। ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ମାଧ୍ୟମରେ ସଡ଼କ, ରେଳ, ବିମାନବନ୍ଦର, ବନ୍ଦର, ଗଣପରିବହନ, ଜଳପଥ ଓ ଯନ୍ତ୍ରପାତି ପରିବହନ ସଂକ୍ରାନ୍ତ ଭିତ୍ତିଭୂମି ବିକାଶ କରିବା ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୩ବର୍ଷ ମଧ୍ୟରେ ୧୦୦ କାର୍ଗୋ ଟର୍ମିନାଲର ଉନ୍ନତୀକରଣ କରାଯିବା ସହିତ ୪୦୦ ନୂଆ 'ବନ୍ଦେ ଭାରତ' ଟ୍ରେନ୍ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଫିଜିକାଲ ଭିତ୍ତିଭୂମିର ☞ପୃଷ୍ଠା–୧୧

# ୧.୪ ଲକ୍ଷ କୋଟିର ରେଳ ବଜେଟ

ନୂଆଦିଲ୍ଲୀ, ୧।୨

କେନ୍ଦ୍ର ବଜେଟରେ ରେଲଓ୍ୱେ ପାଇଁ ୧,୪୦,୩୬୭.୧୩ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୦,୩୧୧ କୋଟି ଟଙ୍କା ଅଧିକ। ପିଏସ୍‌ୟୁ, ଜଏଣ୍ଟ ଭେଞ୍ଚର ଏବଂ ସ୍ପେଶାଲ ପର୍ପୋଜ ଭେହିକିଲ୍‌ରେ ୩୮,୬୮୬ କୋଟି ଟଙ୍କା ନିବେଶ ହେବାକୁ ଥିବାବେଳେ ନୂଆ ତଥା ଅତ୍ୟାଧୁନିକ କୋଚ୍ ଏବଂ ଟେକ୍‌ନୋଲୋଜି ଲାଗି ୭୯୭୭ କୋଟି ଟଙ୍କା ରଖାଯାଇଛି। ଡେଡିକେଟେଡ ଫ୍ରାଇଟ୍ କରିଡର (ଡିଏଫ୍‌ସି) ପାଇଁ ୧୫,୭୧୦.୪୪ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଟ୍ରାକ୍ ନବୀକରଣ ପାଇଁ ୧୩,୩୩୫.୪୭ କୋଟି ବ୍ୟୟବରାଦ ହୋଇଥିବାବେଳେ ଗଜ୍ ପରିବର୍ତ୍ତନ ପାଇଁ ୨,୮୫୦ କୋଟି, ରେଳଲାଇନ ☞ପୃଷ୍ଠା–୧୧



## ୪୦୦ ବନ୍ଦେ ଭାରତ ଟ୍ରେନ୍ ନିର୍ମାଣ ହେବ

ଆଗାମୀ ୩ ବର୍ଷ ମଧ୍ୟରେ ୪୦୦ ନୂଆ ପିଢ଼ିର ବନ୍ଦେ ଭାରତ ଟ୍ରେନ୍ ନିର୍ମାଣ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଟ୍ରେନ୍‌ଗୁଡ଼ିକ କମ୍ ଶକ୍ତି ବ୍ୟବହାର କରିବା ସହ ଯାତ୍ରୀମାନଙ୍କୁ ଉତ୍ତମ ଯାତାୟାତ ଅଭିଜ୍ଞତା ପ୍ରଦାନ କରିବ। ଯାତ୍ରୀମାନଙ୍କୁ ଉତ୍ତମ ସେବା ପ୍ରଦାନ ଲାଗି ରେଲଓ୍ୱେରେ ବିଶ୍ୱସ୍ତରୀୟ ପ୍ରଯୁକ୍ତି ସାମିଲ କରାଯିବ। ବର୍ତ୍ତମାନ ନୂଆଦିଲ୍ଲୀ–ବାରାଣସୀ ଏବଂ ଦିଲ୍ଲୀ–କଟ୍ରା ମଧ୍ୟରେ ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ କରୁଛି। ଦେଶର ୭୫ ସହରକୁ ସଂଯୋଗ କରିବା ଲାଗି ୩୦୦ ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିବ ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଏହାକୁ ୪୦୦କୁ ବୃଦ୍ଧି କରାଯାଇଛି। ସେହିପରି ବହୁବିଧ ଲଜିଷ୍ଟିକ୍ ସୁବିଧା ପାଇଁ ଆଗାମୀ ୩ ବର୍ଷରେ ୧୦୦ ପିଏମ୍ ଗତିଶକ୍ତି କାର୍ଗୋ ଟର୍ମିନାଲର ବିକାଶ କରାଯିବ। ସହରାଞ୍ଚଳ ପରିବହନ ଓ ରେଳଷ୍ଟେଶନ ମଧ୍ୟରେ ମଲ୍ଟିମୋଡାଲ ସଂଯୋଗକୁ ପ୍ରାଥମିକତା ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

**ଆଜିର ସମ୍ପାଦକୀୟ** ଛତା ଫୁଆଡ଼େ, ବର୍ଷା ସିଆଡ଼େ

# ଲୋକାଭିମୁଖୀ ପ୍ରଗତିଶୀଳ ବଜେଟ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧।୨ (ପି.ଟି.)



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ଉପସ୍ଥାପନ କରିଥିବା ବଜେଟକୁ ଲୋକାଭିମୁଖୀ ଏବଂ ପ୍ରଗତିଶୀଳ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହା ଦେଶର ଭିତ୍ତିଭୂମି ବିକାଶ ଓ ପୁଞ୍ଜିନିବେଶ ବୃଦ୍ଧି କରିବା ସହ ନିଯୁକ୍ତି ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଏଥର ବଜେଟରେ ଗରିବ କଲ୍ୟାଣକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସାଧାରଣ ଲୋକଙ୍କ ସମସାମୟିକ ସମସ୍ୟାର ସମାଧାନ ସାଙ୍ଗକୁ ସେମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ଉପରେ ବଜେଟରେ ଧ୍ୟାନ ଦିଆଯାଇଛି। ପ୍ରତ୍ୟେକ ଗରିବ ପରିବାର ଲାଗି ପକ୍କା ଘର, ପାଇଖାନ, ଟ୍ୟାପ୍ ପାଣି, ଗ୍ୟାସ୍ ସଂଯୋଗ ବଜେଟର ଲକ୍ଷ୍ୟ। ଏଥିସହିତ ଆଧୁନିକ ଇଣ୍ଟରନେଟ ସଂଯୋଗକୁ ମଧ୍ୟ ଫୋକସ୍ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା–୧୧

# ଗରିବ, ମଧ୍ୟବିତ୍ତଙ୍କୁ ଅଣଦେଖା: ନବୀନ

ଭୁବନେଶ୍ୱର, ୧।୨ (ବ୍ୟୁରୋ)



କେନ୍ଦ୍ର ସରକାର ୨୦୨୨–୨୩ ଆର୍ଥିକବର୍ଷ ପାଇଁ ଆଗତ କରିଥିବା ବଜେଟକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ମୁଦ୍ରାସ୍ଫୀତି ଏବଂ ଦରଦାମ ବୃଦ୍ଧି ଯୋଗୁ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ବଜେଟରେ ଦର ବୃଦ୍ଧିକୁ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ରନ୍ଧନ ଗ୍ୟାସ ସବ୍‌ସିଡିକୁ ଆହୁରି ହ୍ରାସ କରାଯାଇଛି। ଏହା ପରିବାରର ଆର୍ଥିକ ସ୍ଥିତିକୁ ଆହୁରି ବିଗାଡ଼ିବା ସହ ଏଲ୍‌ପିଜି ଦର ବୃଦ୍ଧି ମହିଳାଙ୍କୁ ପ୍ରଭାବିତ କରିବ। ସେସ୍ ଏବଂ ସରଚାର୍ଜ ସ୍ତର ତଳକୁ ଖସିଥିବାରୁ ଏହା ରାଜ୍ୟର ଟିକସ ଅଂଶକୁ ପ୍ରଭାବିତ କରିଛି। ସେସ୍ ଓ ସରଚାର୍ଜ ବାବଦରେ କେନ୍ଦ୍ର ସରକାର ୨୦ ପ୍ରତିଶତରୁ ଅଧିକ ଆଦାୟ କରିବାକୁ ପ୍ରସ୍ତାବ ରଖିଛନ୍ତି, ଯାହାକି ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବଜେଟରେ କୃଷି ଓ କୃଷକ କଲ୍ୟାଣ, ଉଚ୍ଚଶିକ୍ଷା, ଗ୍ରାମ୍ୟ ଉନ୍ନୟନ ଏବଂ ମହିଳା ଓ ଶିଶୁ ବିକାଶ ଭଳି ସମ୍ବେଦନଶୀଳ କ୍ଷେତ୍ରରେ ବ୍ୟୟ ☞ପୃଷ୍ଠା–୧୧

ସର୍ବପ୍ରଥମେ ଜୀବନ ବୀମା

ବିନିଯୋଗ କରିବା ପାଇଁ ଏଲଆଇସି'ର ଜୀବନ ଅକ୍ଷୟ VII

ବିନିଯୋଗ କରନ୍ତୁ ଆଜୀବନର ସୁଖରେ



- ପ୍ଲାନ: ସିଙ୍ଗଲ୍ ପ୍ରିମିଅମ ଇମିଡିଏଟ୍ ଆନୁଇଟୀ ପ୍ଲାନ
- ମଲ୍ଟିପଲ୍ ବିକଳ୍ପସବୁ: ବାଛିବାକୁ ପାଇବେ 10 ଆନୁଇଟୀ ବିକଳ୍ପ
- ବିକଳ୍ପ ଆନୁଇଟୀ ପେମେଣ୍ଟସ: ମାସିକ, ତ୍ରୈମାସିକ, ଅର୍ଦ୍ଧ-ବାର୍ଷିକ କିମ୍ବା ବାର୍ଷିକ
- ବୟସ ଯୋଗ୍ୟତା: ପ୍ରବେଶ ବେଳେ ଅନ୍ୟୂନ ବୟସ : 30 ବର୍ଷ (ପୂରିଥିବ) ପ୍ରବେଶ ବେଳେ ସର୍ବାଧିକ ବୟସ : 100 ବର୍ଷ (ପୂରିଥିବ) ବିକଳ୍ପ F ପାଇଁ, 85 ବର୍ଷ (ପୂରିଥିବ) ଅନ୍ୟ ସମସ୍ତ ବିକଳ୍ପ ପାଇଁ, ବିକଳ୍ପ F ବ୍ୟତୀତ
- ଆନୁଇଟୀ ରେଟ୍‌ସ ଗ୍ୟାରଣ୍ଟିଯୁକ୍ତ

ନମୁନା ନିଦର୍ଶନ : ବୟସ – 50, ଆନୁଇଟୀ ଦେୟ ହେବ – ବାର୍ଷିକ, ବିଧି – ଅଫ୍‌ଲାଇନ୍

| କ୍ରୟ ମୂଲ୍ୟ* | 25 ଲକ୍ଷ | 50 ଲକ୍ଷ | 1 କୋଟି | 5 କୋଟି |
|---|---|---|---|---|
| ବିକଳ୍ପ A | 1,79,750 | 3,60,250 | 7,21,500 | 36,07,500 |
| ବିକଳ୍ପ F | 1,46,250 | 2,93,250 | 5,87,500 | 29,37,500 |
| ବିକଳ୍ପ J | 1,45,500 | 2,91,750 | 5,84,500 | 29,22,500 |

*ତଥା ନିୟମଅନୁସାରେ ପ୍ରଯୁଜ୍ୟ କର। ଅଙ୍କସବୁ ଟଙ୍କାରେ।

ଏଲଆଇସି'ର ଜୀବନ ଅକ୍ଷୟ VII
ଏକ ନନ୍-ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଙ୍ଗ, ଇଣ୍ଡିଭିଜୁଆଲ୍ ଇମିଡିଏଟ୍ ଆନୁଇଟୀ ପ୍ଲାନ
UIN-512N337V02 ପ୍ଲାନ ନଂ: 857

ବିକଳ୍ପ A: ଆନୁଇଟୀ ଫର୍ ଲାଇଫ୍
ବିକଳ୍ପ F: ଆନୁଇଟୀ ଫର୍ ଲାଇଫ୍ ସାଙ୍ଗକୁ କ୍ରୟ ମୂଲ୍ୟ ଫେରସ୍ତ
ବିକଳ୍ପ J: ଜଏଣ୍ଟ ଲାଇଫ୍ ଆନୁଇଟୀ ରେ ବ୍ୟବସ୍ଥା ଅନୁସାରେ ଜଣେ ବି ଆନୁଇଟାଣ୍ଟ ଜୀବିତ ଥିବା ପର୍ଯ୍ୟନ୍ତ 100% ଆନୁଇଟୀ ଦେୟ ଏବଂ ଶେଷ ବ୍ୟକ୍ତିଙ୍କ ମୃତ୍ୟୁ ପରେ କ୍ରୟ ମୂଲ୍ୟ ଫେରସ୍ତ ।

ଅନ୍‌ଲାଇନ୍ ରେ ମଧ୍ୟ ଉପଲବ୍ଧ

ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ୍ "MyLIC" | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827

ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ

ଫୁଲ୍ ଫୋନ କଲ୍ ଏବଂ ମିଛ/ଶଠ ଅଫର୍ ପ୍ରତି ସାବଧାନ । ଆଇଆର୍‌ଡିଏଆଇ ଇନ୍ସ୍ୟୋରାନ୍ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ ।
ଆପଦାବଳୀ, ସର୍ତ୍ତ ଓ ନିୟମାବଳୀ ବିଷୟକ ସବିଶେଷ ବିବରଣୀ ପାଇଁ, ବିକ୍ରୟ ସମ୍ପନ୍ନ କରିବା ପୂର୍ବରୁ ବିକ୍ରୟ ପୁସ୍ତିକା ଧ୍ୟାନପୂର୍ବକ ପଢ଼ିବାକୁ ଅନୁରୋଧ ।

ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ

LIC/PRA/21-22/44/ORI



ମହାରାଷ୍ଟ୍ରର କରାଡ଼ରେ ମଙ୍ଗଳବାର ଜଣେ ଚାଷୀ ଅମଳ କରିଥିବା ହଳଦୀକୁ ଟ୍ରାକ୍ଟରରୁ ଅନ୍‌ଲୋଡ୍ କରୁଛନ୍ତି।

**ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ୨୦୨୨-୨୩ ଆର୍ଥିକ ବର୍ଷ ବଜେଟରେ କୃଷି ଓ କୃଷକଙ୍କ ପାଇଁ କେତେକ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ତେବେ ପ୍ରାୟ ପ୍ରତି କ୍ଷେତ୍ରରେ ପୂର୍ବ ତୁଳନାରେ ଏଥର ଆବଣ୍ଟନ ଅର୍ଥ ହ୍ରାସ କରାଯାଇଛି। ଏପରି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଚାଷୀଙ୍କ ଆୟ ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରିବା ପାଇଁ ପ୍ରତିଶ୍ରୁତି ଦେଉଥିବାବେଳେ ଚଳିତ ବଜେଟରେ ଏହା ଉପରେ କିଛି କୁହାଯାଇ ନାହିଁ। କାରଣ କୃଷକଙ୍କ ଆୟ ବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସମୟ ଶେଷ ହୋଇଯାଇଛି। ତେଣୁ ଆଗକୁ ସ୍ଥିର କରାଯାଇଥିବା ଟାର୍ଗେଟ କିପରି ପୂରଣ ହେବ ତାହା ଏବେ ବଡ଼ ପ୍ରଶ୍ନ। ମୋଟାମୋଟି ଭାବେ କେନ୍ଦ୍ର ସରକାର ଏହି ଅର୍ଥ ବିଲ୍ ଜରିଆରେ କୃଷକମାନଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରିଥିବା ଦେଖିବାକୁ ମିଳିଛି। ଫଳରେ ବଜେଟକୁ ନେଇ ଚାଷୀକୁଳ ହତାଶ ହୋଇଯାଇଛନ୍ତି।**




## ଡ୍ରୋନ୍ ଖାଇବେ କି ଚାଷୀ

ପାର୍ଲାମେଣ୍ଟରେ ଉପସ୍ଥାପିତ ନୂଆ ବଜେଟ କୃଷିକ୍ଷେତ୍ରରେ ଆମୂଳଚୁଳ ପରିବର୍ତ୍ତନ ଆଣିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ୋକ୍ତି ବାଢ଼ିଥିବାବେଳେ ଚାଷୀ ସଙ୍ଗଠନଗୁଡ଼ିକ ପକ୍ଷରୁ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୨୦ ଶେଷ ଆଡ଼କୁ ଆଣିଥିବା ୩ କୃଷି ଆଇନକୁ ଚାଷୀ ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ସରକାର ନିକଟରେ ପ୍ରତ୍ୟାହାର କରିନେଇଛନ୍ତି। ଏହି ପରାଜୟ ପାଇଁ ସରକାର ବଜେଟରେ କୃଷକଙ୍କ ଉପରେ ରାଗ ଶୁଝାଇଛନ୍ତି ବୋଲି ସ୍ୱରାଜ ଇଣ୍ଡିଆ ମୁଖ୍ୟ ଯୋଗେନ୍ଦ୍ର ଯାଦବ କହିଛନ୍ତି। ଯୋଗେନ୍ଦ୍ରଙ୍କ ମତରେ ଏହା ହେଉଛି ଚାଷୀଙ୍କଠାରୁ ପ୍ରତିଶୋଧ। କୃଷକମାନେ କ'ଣ ଡ୍ରୋନ୍ ଖାଇ ବଞ୍ଚିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତୀୟ କିଷାନ ୟୁନିୟନ (ବିକେୟୁ) ସାଧାରଣ ସମ୍ପାଦକ ଯୁଦ୍ଧବୀର ସିଂ କହିଛନ୍ତି, କୃଷିକ୍ଷେତ୍ର ଦେଶର ଅର୍ଦ୍ଧାଧିକ ଜନସଂଖ୍ୟାକୁ ଆତ୍ମନିଯୁକ୍ତି ଦେଇଥାଏ। ହେଲେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବାର ପ୍ରତିଶ୍ରୁତିକୁ ସରକାର ଭୁଲି ଯାଇ ବଜେଟରେ ସେଭଳି ଆବଣ୍ଟନ କରିନାହାନ୍ତି। ଗତ ବଜେଟରେ ସାର ଓ ଅନ୍ୟ ସବ୍‌ସିଡି ବାବଦକୁ ୧.୪୦ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ଏଥର ତାହାକୁ ୧.୦୫ ଲକ୍ଷ କୋଟିକୁ ଖସାଇ ଦିଆଯାଇଛି। ଚାଷୀ ଆନ୍ଦୋଳନର ପ୍ରମୁଖ ଚେହେରା ରାକେଶ ଟିକାଏତ୍ ମଧ ବଜେଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର ଏଥିରେ ଯେଉଁ କୃଷି ସଂସ୍କାର କଥା କହୁଛନ୍ତି ସେଥିରୁ କେବଳ ଭାଜପାର ନକଲି ଚାଷୀ ଫାଇଦା ପାଇବେ ବୋଲି ଟିକାଏତ୍ ସମାଲୋଚନା କରିଛନ୍ତି।



ଯୋଗେନ୍ଦ୍ର ଯାଦବ



ରାକେଶ ଟିକାଏତ୍

# ଯୋଜନା ପାଇଁ ପାଣ୍ଠି କାହିଁ

ନୂଆଦିଲ୍ଲୀ,୧।୨

କେନ୍ଦ୍ର ପକ୍ଷରୁ ଘୋଷଣା କରାଯାଇଥିବା 'କିଷାନ୍ ଡ୍ରୋନ୍' ଯୋଜନା ସମ୍ପର୍କରେ କହିବା ଶୁଣିବାକୁ ଭଲ ଲାଗୁଛି। କିନ୍ତୁ ଏଥିସକାଶେ ମାତ୍ର ୬୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଅନୁରୂପ ଭାବେ ଗଙ୍ଗାନଦୀ କୂଳରୁ ସାରା ଦେଶକୁ ନାଚୁରାଲ ଫାର୍ମିଂ ଲମ୍ବିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଗତବର୍ଷ ପରମପ୍ରଗତି କୃଷି ବିକାଶ ଯୋଜନାରେ (୨୦୨୧-୨୨ ଆର୍ଥିକ ବର୍ଷର ବଜେଟ ଆକଳନ) ୪୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପରିମାଣକୁ ୧୦୦ କୋଟି ଟଙ୍କାକୁ ଖସାଇ ଦିଆଯାଇ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ମିଶାଇ ଦିଆଯାଇଥିଲା। କୃଷି ଗବେଷଣା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ଗତ ବଜେଟରେ ୧.୩୫ ଟ୍ରିଲିୟନ୍ ଟଙ୍କା ଅବଣ୍ଟନ କରାଯାଇଥିବାବେଳେ ଚଳିତ ଥର ଏଥିରେ ନାମକୁ ମାତ୍ର ଆବଣ୍ଟନ ବଢ଼ାଇ ୧.୩୮ ଟ୍ରିଲିୟନ୍ ଟଙ୍କା ରଖାଯାଇଛି। ଖାଇବା ତେଲରେ ଅନ୍ୟ ଦେଶ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ସରକାର ତୈଳବୀଜକୁ ନେଇ ନୂଆ ଘୋଷଣା କରିଛନ୍ତି। ତେବେ ପାମ୍ ଅଏଲ୍ ଓ ଅନ୍ୟ ଦେଶୀୟ ତୈଳବୀଜ ଚାଷ ପାଇଁ ଗତ ଥର ୧,୫୦୦ କୋଟି ଟଙ୍କାର ଆବଣ୍ଟନ କରାଯାଇଥିବାବେଳେ ଏଥର ୧୦୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଏଭଳି ସ୍ଥଳେ ବିଦେଶରୁ ଆମଦାନୀ କିପରି କମିବ ବୋଲି ବିଶେଷଜ୍ଞମାନେ ପ୍ରଶ୍ନ କରିଛନ୍ତି। ସୀତାରାମନ୍‌ଙ୍କ ମତରେ

## ଦୁଇଗୁଣା ଆୟ ଟାର୍ଗେଟ ଶେଷ, ଚାଷୀକୁଳ ହତାଶ



କୃଷି ମୂଲ୍ୟ ଶୃଙ୍ଖଳରେ ଉନ୍ନତି ଆଣିବା ପାଇଁ ଶୀର୍ଷ ଗ୍ରାମୀଣ ବ୍ୟାଙ୍କ ନାବାର୍ଡ ପକ୍ଷରୁ ଗ୍ରାମାଞ୍ଚଳର ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ଦେବା ଲାଗି ଏକ ପାଣ୍ଠି ଗଠନ କରାଯିବ। ଏହା ଦ୍ୱାରା କୃଷକ-ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ)ଗୁଡ଼ିକୁ ଯନ୍ତ୍ରପାତି ଓ ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଏଫ୍‌ପିଓ ପାଇଁ ପ୍ରୋତ୍ସାହନ ରାଶିକୁ ଗତ ଆର୍ଥିକ ବର୍ଷରେ ୭୦୦ କୋଟି ଟଙ୍କା ଆବଣ୍ଟିତ ହୋଇଥିବାବେଳେ ଏଥର ୫୦୦ କୋଟି ଟଙ୍କାରେ ସୀମିତ ରଖାଯାଇଛି। କୃଷି କ୍ଷେତ୍ରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକ ମଧ୍ୟରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ୧୬,୦୦୦ କୋଟିରୁ ୧୫,୫୦୦ କୋଟି ଟଙ୍କାକୁ ଖସାଇ ଦିଆଯାଇଛି।



ପାର୍ଲାମେଣ୍ଟରେ ଉପସ୍ଥାପିତ ବଜେଟ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରୁଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆବଣ୍ଟନ ବଢ଼ିଲାନି

କେନ୍ଦ୍ର ସରକାର ସବୁବେଳେ ଗ୍ରାମାଞ୍ଚଳ ବିକାଶକୁ ଗୁରୁତ୍ୱ ଦେଉଥିବା ନେଇ କହୁଥିବାବେଳେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟରେ ଆବଣ୍ଟନ ବୃଦ୍ଧିକୁ ମାତ୍ର ୩.୩୬%ରେ ସୀମିତ ରଖାଯାଇଛି। ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟକୁ ଏଥର ୧୩୫,୯୪୪ କୋଟି ଟଙ୍କା ଦିଆଯାଇଛି। ୨୦୨୧-୨୨ରେ ଏହା ୧୩୧,୫୧୯ କୋଟି ଟଙ୍କା ଥିଲା। ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ପାଇଁ ବିତ୍ତୀୟ ଆବଣ୍ଟନକୁ ଗତ ଆର୍ଥିକ ବର୍ଷ ବଜେଟ ପରିମାଣରୁ ବୃଦ୍ଧି କରାଯାଇ ନାହିଁ। ଗ୍ରାମାଞ୍ଚଳର ବିକାଶ ପାଇଁ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଅମଳରେ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗାଁ ଗରିବଙ୍କୁ ୧୦୦ ଦିନର କାମ ଯୋଗାଇଦେବା ପାଇଁ ସରକାରଙ୍କ ପ୍ରତିଶ୍ରୁତି ରହିଛି। ତେବେ ୨୦୨୦-୨୧ରେ ମହାମାରୀ ବେଳେ ଦେଶବ୍ୟାପୀ ଲକ୍‌ଡାଉନ୍ ଯୋଗୁ ସହରରେ ଜୀବିକା ହରାଇ ଶ୍ରମିକମାନେ ନିଜ ନିଜ ଗାଁକୁ ମୁହାଁଇବା ପରେ ଏହି ଯୋଜନାରେ କାର୍ଯ୍ୟର ଚାହିଦା କିଛିମାତ୍ରାରେ ବୃଦ୍ଧିପାଇଥିଲା। ଏଥର ଏମ୍‌ଜିଏନ୍‌ଆର୍‌ଇଜିଏ ସଂଘର୍ଷ ମୋର୍ଚ୍ଚା ଏହି ଯୋଜନାରେ ୩.୬୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ ଦାବି କରିଥିଲା।

**ଗ୍ରାମାଞ୍ଚଳ ବିକାଶ ପାଇଁ ମାତ୍ର ୩.୩୬% ବୃଦ୍ଧି**

## ନାଚୁରାଲ ଫାର୍ମିଂକୁ ଗୁରୁତ୍ୱ

କେନ୍ଦ୍ର ସରକାର ୨୦୨୨-୨୩ ଆର୍ଥିକ ବର୍ଷର ବଜେଟରେ ଚାଷୀକୁଳକୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ଏହି ଆର୍ଥିକ ବର୍ଷକୁ ଅନ୍ତର୍ଜାତୀୟ ଶସ୍ୟ ବର୍ଷ ଭାବେ ଘୋଷଣା କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି, ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ସହ ୨.୩୭ ଲକ୍ଷ କୋଟି ଟଙ୍କାର ଗହମ ଓ ଧାନ କିଣାଯିବ। ସରକାର କିଷାନ ଡ୍ରୋନ୍, ରସାୟନମୁକ୍ତ ନାଚୁରାଲ ଫାର୍ମିଂ ବା ପ୍ରାକୃତିକ ଚାଷ, ସରକାରୀ-ଘରୋଇ ସହଭାଗିତା(ପିପିପି)ରେ ଡିଜିଟାଲ ଓ ହାଇଟେକ୍ ସେବାକୁ ପ୍ରୋତ୍ସାହନ ଦେବେ। ଫସଲ ସମୀକ୍ଷା ଜମି ରେକର୍ଡର କମ୍ପ୍ୟୁଟରୀକରଣ ଏବଂ କୀଟନାଶକ ସିଞ୍ଚନ ପାଇଁ କିଷାନ ଡ୍ରୋନ୍‌କୁ ପ୍ରୋତ୍ସାହନ ଦିଆଯିବ। ସେହିପରି ସହଭାଗୀ ନିବେଶ ମଡେଲ ଅଧୀନରେ ନାବାର୍ଡ ଜରିଆରେ ଏକ ପାଣ୍ଠି ଗଠନ କରାଯିବ, ଯାହାକି କୃଷି ଷ୍ଟାର୍ଟଅପ୍ ଏବଂ ଗ୍ରାମ୍ୟ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ। ଫଳରେ ମୂଲ୍ୟଯୁକ୍ତ ଶୃଙ୍ଖଳ ସନ୍ତୁଳିତ ହେବ। ଷ୍ଟାର୍ଟଅପ୍‌ମାନେ କୃଷକ-ଉତ୍ପାଦକ ସଙ୍ଗଠନ (ଏଫ୍‌ପିଓ)ଗୁଡ଼ିକ ପାଇଁ ଆନ୍ତଃ-କ୍ଷେତ୍ରୀୟ ସମର୍ଥନ ସହ କୃଷକଙ୍କୁ ଭଡ଼ାରେ ଯନ୍ତ୍ରପାତି ଓ ଜ୍ଞାନକୌଶଳ ଯୋଗାଇଦେବେ। ସରକାର ସାରା ଦେଶରେ ରାସାୟନିକ ସାର ମୁକ୍ତ ପ୍ରାକୃତିକ ଚାଷକୁ ଗୁରୁତ୍ୱ ଦେଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗଙ୍ଗାନଦୀ କୂଳ ୫ କି.ମି. ଅଞ୍ଚଳ କରିଡରରେ ଚାଷୀଙ୍କ ଜମିରେ ଏହି ବ୍ୟବସ୍ଥା କରାଯିବ। ସେହିପରି ଖାଇବା ତେଲ ଆମଦାନୀରେ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟ ରଖି ଘରୋଇ ଶସ୍ୟବୀଜ ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ଯୁକ୍ତିଯୁକ୍ତ ଓ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯିବ। କୃଷକମାନଙ୍କୁ ଡିଜିଟାଲ ଓ ହାଇଟେକ୍ ସେବା ପ୍ରଦାନ ପାଇଁ ସରକାର ପିପିପି ମୋଡ୍‌ରେ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ରାଜ୍ୟଗୁଡ଼ିକରେ ଥିବା କୃଷି ବିଦ୍ୟାଳୟ ପାଠ୍ୟକ୍ରମକୁ ସମୀକ୍ଷା କରି ଜିରୋ ବଜେଟ, ଅର୍ଗାନିକ୍ ଫାର୍ମିଂ, ଅତ୍ୟାଧୁନିକ ପ୍ରଣାଳୀରେ ଚାଷ, ମୂଲ୍ୟଯୁକ୍ତ ପରିଚାଳନାକୁ ଗୁରୁତ୍ୱ ଦିଆଯିବ। କୃଷି ବନୀକରଣ ଓ



ଘରୋଇ ବନୀକରଣକୁ ପ୍ରୋତ୍ସାହନ ଦେବା ପାଇଁ ନୂଆ ନୀତି ପ୍ରଣୟନ ସହ ଆଇନରେ ଆବଶ୍ୟକ ସଂଶୋଧନ ଅଣାଯିବ। ଆଗ୍ରୋ ଫରେଷ୍ଟ୍ରି ଆପଣାଇବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତିର କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ୧୬୩ ଲକ୍ଷ ଚାଷୀଙ୍କଠାରୁ ୧,୨୦୮ ଲକ୍ଷ ଟନ୍ ଗହମ ଓ ଧାନ କିଣାଯିବ। ଏମ୍‌ଏସ୍‌ପି ବାବଦରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଭାବେ ୨.୩୭ ଲକ୍ଷ କୋଟି ଟଙ୍କା ହସ୍ତାନ୍ତର କରାଯିବ ବୋଲି ସୀତାରାମନ୍ କହିଛନ୍ତି।

## ୩.୮ କୋଟି ଘରକୁ ଟ୍ୟାପ୍ ପାଣି

### ୬୦,୦୦୦ କୋଟି ଆବଣ୍ଟିତ

୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ୩.୮ କୋଟି ଘରକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯିବ। ଏଥିପାଇଁ କେନ୍ଦ୍ର ସରକାର ୬୦,୦୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବା ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ୮.୭ କୋଟି ଘରକୁ ପାଇପ୍ ଯୋଗେ ପାଣି ଯୋଗାଇଦିଆଯାଉଛି। ସେଥିରୁ ୫.୫ କୋଟି ପରିବାରକୁ କେବଳ ଗତ ୨ ବର୍ଷ ମଧ୍ୟରେ ଜଳ ଯୋଗାଣ ସମ୍ଭବ ହୋଇଛି। ଆଉ ୩.୮ କୋଟି ଘରକୁ ୨୦୨୨-୨୩ରେ ପାଣି ଯୋଗାଇବା ପାଇଁ ୬୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।



## ନଦୀ ସଂଯୋଗୀକରଣ ଲାଗି ୪୪,୬୦୫ କୋଟି

କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନାର ପ୍ରଥମ ପ୍ରକଳ୍ପ ହେଉଛି କେନ୍-ବେଟୱା ଲିଙ୍କ୍। ଏହି ପ୍ରକଳ୍ପକୁ ୨୦୨୨-୨୩ରେ ଶେଷ କରିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏଥିସକାଶେ ୪୪,୬୦୫ କୋଟି ଟଙ୍କା ଖର୍ଚ୍ଚ ଆବଣ୍ଟନ କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ବେଳେ ସୂଚନା ଦେଇଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି, ୫ଟି ନଦୀକୁ ଯୋଡ଼ିବା ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଚୂଡ଼ାନ୍ତ ହୋଇଛି। ସେଗୁଡ଼ିକ ହେଲା ଡାମନଗଙ୍ଗା-ପିଞ୍ଜାଲ, ପର-ତପି-ନର୍ମଦା, ଗୋଦାବରୀ-କ୍ରିଷ୍ଣା, କ୍ରିଷ୍ଣା-ପେନ୍ନାର ଓ ପେନ୍ନାର-କାବେରୀ। କେନ୍-ବେଟ୍‌ୱା ଲିଙ୍କ୍ ପ୍ରୋଜେକ୍ଟରୁ ୯.୦୮ ଲକ୍ଷ କୋଟି ହେକ୍ଟର ଚାଷଜମିକୁ ଜଳସେଚନ ଏବଂ ୬୨ ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଣ ସହ ୧୦୩ ମେଗାୱାଟ୍ ଜଳବିଦ୍ୟୁତ୍ ଏବଂ ୨୭ ମେଗାୱାଟ୍ ସୌର ଶକ୍ତି ଉତ୍ପାଦନ କରାଯିବ। ଏଥିଲାଗି ୨୦୨୧-୨୨ରେ ୪,୩୦୦ କୋଟି ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ୧,୪୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି। ରାଜ୍ୟଗୁଡ଼ିକ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଲେ ଏସବୁ ତ୍ୱରାନ୍ୱିତ ହେବ ବୋଲି ସୀତାରାମନ୍ କହିଛନ୍ତି।



# ୩ରେ ପଶ୍ଚିମ, ୪ରେ ଉତ୍ତର ଓଡ଼ିଶାରେ କୁଆପଥର ବର୍ଷା

**ଭୁବନେଶ୍ୱର,୧।୨(ବ୍ୟୁରୋ)**

ଆଉ ଶୀତର ପ୍ରକୋପ ଥରେଇବ ନାହିଁ। ପାରଦ ଉପରମୁହାଁ ହେବ। ରାତିରେ ହାଲୁକା ଥଣ୍ଡା ଅନୁଭୂତ ହେବା ବେଳେ ଦିନରେ ପ୍ରଚଣ୍ଡ ଖରା ପରିବେଶକୁ ଉତ୍ତପ୍ତ କରିବ। ରାଜ୍ୟକୁ ପଶ୍ଚିମା ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏଥିଯୋଗୁ ଗତ ଦୁଇଦିନ ହେବ ଦିନର ତାପମାତ୍ର ଉପରମୁହାଁ ହୋଇଛି। ଗତ କିଛିଦିନ ହେବ ସର୍ବୋଚ୍ଚ ତାପମାତ୍ରା ୨୦ରୁ ୨୨ ଡିଗ୍ରୀ ମଧ୍ୟରେ ରହୁଥିବା ବେଳେ ମଙ୍ଗଳବାର ୩୧ ଡିଗ୍ରୀକୁ ଛୁଇଁଛି। ଟାଏ ଟାଏ ଖରା ତାପମାତ୍ରାକୁ ବଢ଼ାଇ ଦେଇଛି। ଆସନ୍ତା ୩ ଓ ୪ ତାରିଖରେ ପଶ୍ଚିମ ଏବଂ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୩ ତାରିଖରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୪ ତାରିଖରେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସମ୍ଭାବ୍ୟ ଅଦିନିଆ ବର୍ଷାକୁ ଦୃଷ୍ଟି ରଖି ଅମଳ ଉପଯୋଗୀ ଫସଲକୁ ତୁରନ୍ତ ନେଇ ଯିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗୀବାଡି ୯, କୋରାପୁଟ ୧୦.୬, ଝାରସୁଗୁଡା ୧୦.୬ ଏବଂ ସୋନପୁରରେ ସର୍ବନିମ୍ନ ୧୦.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

**ଆଉ ବଢ଼ିବନି ଶୀତ**

# ୩ ମାସର ୨ ଶିଶୁଙ୍କ କରୋନାରେ ମୃତ୍ୟୁ

**ରାଜ୍ୟରେ ଆଉ ୧୭ ମୃତ, ୩,୦୮୬ ଆକ୍ରାନ୍ତ**

**ଭୁବନେଶ୍ୱର, ୧।୨(ବ୍ୟୁରୋ)**



ରାଜ୍ୟରେ ଆଉ ୧୭ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ମାସର ୨ଜଣ ଶିଶୁ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଜଣେ ଗଞ୍ଜାମ ଜିଲାର ଶିଶୁପୁତ୍ର ଥିବାବେଳେ ସେ ହୃଦ୍‌ଜନିତ ରୋଗରେ ମଧ୍ୟ ପୀଡିତ ଥିଲେ। ଅନ୍ୟ ଜଣେ ମୃତକ ହେଉଛନ୍ତି ମାଲକାନଗିରିର ଜଣେ ଶିଶୁକନ୍ୟା। ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। ସେହିଭଳି ଆଉଜଣେ ୧୮ ବର୍ଷୀୟ ଯୁବକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଯାଜପୁର ଜିଲାର ଏହି ଯୁବକଙ୍କର ଏଚ୍‌ଆଇଭି ପଜିଟିଭ୍ ଥିଲା। ତେବେ ଏହି ୧୭ ମୃତକଙ୍କ ମଧ୍ୟରେ କଟକରୁ ସର୍ବାଧିକ ୪ଜଣ ଥିବାବେଳେ ଖୋର୍ଦ୍ଧା ଓ ପୁରୀରୁ ୨ଜଣ ଲେଖାଏ ରହିଛନ୍ତି। ସେହିଭଳି ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, ରାୟଗଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୮,୬୨୯କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୩,୦୮୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୫.୨୦%କୁ ଖସିଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୬୫୨ଜଣ ଥିବାବେଳେ କଟକରୁ ୩୨୫, ସୁନ୍ଦରଗଡ଼ ୨୧୬, ଯାଜପୁର ୧୪୯, ନୟାଗଡ଼ ୧୧୦, ମୟୂରଭଞ୍ଜ ୧୦୯ ଓ ନୂଆପଡ଼ାରୁ ୧୦୬ଜଣ ରହିଛନ୍ତି। ବାକିସବୁ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨,୫୨,୩୨୬ରେ ପହଞ୍ଚିଛି।

# ସଂକ୍ରମିତ ହେଲେ ୭ ଦିନ ମିଳିବ ଛୁଟି

ଭୁବନେଶ୍ୱର,୧।୨(ବ୍ୟୁରୋ)-କୋଭିଡ୍-୧୯ ସଂକ୍ରମିତ ହେଲେ ସରକାରୀ କର୍ମଚାରୀଙ୍କୁ ୭ଦିନ ଛୁଟି ମିଳିବ। ଏହାଠାରୁ କର୍ମଚାରୀମାନେ ଯଦି ଅଧିକ ଦିନ ରହିବେ ତେବେ ସେମାନଙ୍କୁ ମେଡିକାଲ ସାର୍ଟିଫିକେଟ ଆଣିବାକୁ ପଡ଼ିବ। ସାଧାରଣ ପ୍ରଶାସନ ବିଭାଗ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ଜିଲା ପ୍ରଶାସନ, ବିଭିନ୍ନ ବିଭାଗ, ଆରଡିସି ଏବଂ ଜିଲାପାଳମାନଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଏଥିସହିତ ୧୦୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଫେବୃୟାରୀ ପହିଲାରୁ ସରକାରୀ କାର୍ଯ୍ୟାଳୟ ଚାଲିବ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଫେବୃୟାରୀ ମାସ ପାଇଁ ଜାରି କରାଯାଇଥିବା ଗାଇଡ୍‌ଲାଇନରେ ଏହା ଉଲ୍ଲେଖ କରାଯାଇଛି। ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଉଥିବାରୁ ସତର୍କତାମୂଳକ ପଦକ୍ଷେପ ନେଇ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପୂର୍ଣ୍ଣ ସାମର୍ଥ୍ୟରେ ଚାଲିବ।

# ଶୃଙ୍ଖଳିତ ନିର୍ବାଚନକୁ ଡିଜିପିଙ୍କ ଗୁରୁତ୍ୱ

**କଟକ ଅଫିସ, ୧।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ସମାପନ କରିବା ପାଇଁ ଡିଜିପି ସୁନୀଲ ବଂଶଲ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଭିଡିଓ କନ୍‌ଫରେନ୍ସ ଜରିଆରେ ବଂଶଲ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସଂକ୍ରାନ୍ତରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନକୁ ଅବାଧ, ସ୍ୱଚ୍ଛ, ନିରପେକ୍ଷ ଏବଂ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା, ମତଦାନ ଓ ଗଣତି ସମୟରେ ପୋଲିସ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିୟମାନୁଯାୟୀ, ଆଦର୍ଶ ଆଚରଣବିଧି ଓ କୋଭିଡ୍ ନିୟମର ଅନୁପାଳନ ସଂକ୍ରାନ୍ତରେ ଡିଜିପି ଆଲୋଚନା କରିଥିଲେ। ବେଆଇନ ଭାବେ ମାରଣାସ୍ତ୍ର ରଖିଥିବା, ନିର୍ବାଚନ ସମୟରେ ଚୋରା ମଦ କାରବାର କରୁଥିବା ବ୍ୟକ୍ତି ଏବଂ ଏନ୍‌ବିଡବ୍ଲ୍ୟୁ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନାର୍କୋଟିକ୍ସ ଡ୍ରଗ୍‌ସ ଏନ୍‌ଫୋର୍ସମେଣ୍ଟ, ଥାନାଗୁଡିକରେ ସିସିଟିଭି କାର୍ଯ୍ୟକ୍ଷମ ଏବଂ ଲୋକମାନଙ୍କ ଅଭିଯୋଗର ସମାଧାନ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ କୁମାର ପଣ୍ଡା, ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ(ଆଇନଶୃଙ୍ଖଳା) ଆର୍.କେ. ଶର୍ମା, ଆଇଜି(ହେଡ୍‌କ୍ୱାର୍ଟର୍ସ) ଏସ୍. ଦେବଦତ୍ତ ସିଂ, ଆଇଜି(ପ୍ରୋଭିଜନିଂ) ଯତୀନ୍ଦ୍ର କୋୟଲ୍, ଆଇଜି(ପର୍ସନେଲ୍) ଏସ୍. ପ୍ରବୀଣ କୁମାର, ଆଇଜି(କ୍ରାଇମ୍‌ବ୍ରାଞ୍ଚ) ଅମିତେନ୍ଦ୍ର ନାଥ ସିହ୍ନା, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ ଓ କଟକ ଡିସିପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ।







## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୭,୯୮,୨୨,୯୬୬ | ୫୬,୯୪,୫୬୯ | ୨୯,୯୭,୮୬,୨୩୧ |
| ଭାରତ | ୪,୧୪,୬୯,୪୯୯ | ୪,୯୬,୨୬୮ | ୩,୯୨,୩୦,୧୯୮ |
| ଓଡ଼ିଶା | ୧୨,୫୨,୩୨୬ | ୮୬୨୯(+୫୩) | ୧୨,୦୯,୩୧୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ପ୍ରଭାସିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାନ୍ତ ବେଳକୁ ଚଣା ନାହିଁ**
**ଚଣା ବେଳକୁ ଦାନ୍ତ ନାହିଁ।**

ସମୟ ଓ ମଣିଷ ମଧ୍ୟରେ ଜୀବିକା ର ଖେଳ। ସମସ୍ତଙ୍କର ସବୁ ଜିନିଷ ପରିପୂର୍ଣ୍ଣ ହୋଇନଥାଏ। କାହାର ବହୁ କୁଟୁମ୍ବ ପରିବାର କିନ୍ତୁ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ତ କାହାର ଅଚଳାଚଳ ସମ୍ପତ୍ତି ବାଡ଼ି ଥାଇ ନିଃସନ୍ତାନ, ଅର୍ଥାତ ଭୋଗ କରିବାକୁ କେହି ନାହିଁ। ପୁଣି କାହାର ଲୋକ ଥିଲେ ବି ରହିବାକୁ ଘର ଖଣ୍ଡେ ନାହିଁ।ଈଶ୍ୱରଙ୍କ ସୃଷ୍ଟିରେ ରହିଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିହ ଶୁଖିଯାଇ ମୁହଁ ସଳିତା କୁଡା କୁ ଚିକକଣ କରି ରଖିଥା।**

ଏପଟେ ନ ଖାଇ ନ ପିଇ ଦେହ ଶୁଖିଯାଇ କଳାକାଠ, ସେପଟେ ସୁନ୍ଦର ଦିଶିବା ପାଇଁ କେଶ ବିନ୍ୟାଶ ପ୍ରତି ଅଧିକ ଯତ୍ନଶୀଳ ଭାବ। କ୍ଷୀଣ ଶରୀରରେ ରୂପଚର୍ଯ୍ୟା ବ୍ୟର୍ଥ ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ପରଲୋକ

ଓଡ଼ଗାଁ,୧୨(ସ୍ୱ.ପ୍ର.)- ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ୮୮ ବର୍ଷ ବୟସରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାର ପରେ ତାଙ୍କ ଜନ୍ମସ୍ଥାନ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପଣ୍ଡି ଖାରିଶାସନରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ତ୍ରିବିକ୍ରମ, ବୋହୂ, ସ୍ତ୍ରୀ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ।



ଚନ୍ଦ୍ରଶେଖର ଭବାନୀପାଟଣା କଲେଜ,ଭୁବନେଶ୍ୱର ବିଜେବି କଲେଜ ଏବଂ କଟକ ରେଭେନ୍ସା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ହୋଇଥିଲେ। ଅବସର ପରେ ସେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପଦବୀରେ ନିଯୁକ୍ତି ପାଇଥିଲେ।

## ୭ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ନୟାଗଡ଼ ଅଫିସ,୧୨:** ନୟାଗଡ଼ ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଖଇରପଟିନକୁଳ ବାଣ୍ଡ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏହିଘଟଣାରେ ମୁଖ୍ୟ ହତ୍ୟାକାରୀ ଖଇରପଟି ଗାଁର ବସନ୍ତ କୁମାର ସିଠଙ୍କ ସମେତ ଭଗବାନ୍ ଦଳବେହେରା, ଶୁକଦେବ ରାଉତ, ପ୍ରକାଶ ପରିଡ଼ା, ଶେଷଦେବ ନାୟକ ଓ ସୁଧାଂଶୁ ରାଉତ, କେନ୍ଦୁଡିପି ଗାଁର ଧ୍ରୁବ ଚରଣ ଜେନା ପ୍ରମୁଖ ୭ ହତ୍ୟାକାରୀଙ୍କୁ ୩୦୨, ୩୪ ଆଇପିସି ଦଫାରେ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତମାନେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୬ ଫେବୃୟାରୀ ୧୩ରେ ନୟାଗଡ଼ ଜିଲା ଶରଣକୁଳ ଥାନା କେସ୍ତପଡା ଶ୍ମଶାନରେ ଏକ ରାଜନୈତିକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ କେନ୍ଦୁଡିପି ପଞ୍ଚାୟତ ସମିତି ସଭ୍ୟା ତଥା ଖୀରପଟି ଗାଁର ପୁଷ୍ପାଞ୍ଜଳି ବାଣ୍ଡଙ୍କ ସ୍ୱାମୀ ନକୁଳଙ୍କୁ ହତ୍ୟା କରାଯାଇଥିଲା। ନକୁଳ ଘଟଣା ଦିନ ଇଟାମାଟି ବଜାରରୁ ସଉଦା ଧରି ବାଇକ୍‌ରେ ଗାଁକୁ ଫେରୁଥିବାବେଳେ ଶ୍ମଶାନ ରାସ୍ତାରେ ପହଞ୍ଚିବା ଦେଖି ଅଭିଯୁକ୍ତମାନେ ମିଳିତ ଭାବେ ତାଙ୍କୁ ଖଣ୍ଡା, ଭୁଜାଲି ଓ ସାଇକେଲ ଚେନ୍‌ରେ ଆକ୍ରମଣ କରିଥିଲେ। ନକୁଳ ବାଇକ୍‌ରୁ ଖସି ପଡ଼ିବା ପରେ ଅଭିଯୁକ୍ତମାନେ ତାଙ୍କ ଦୁଇ ଆଖି ତାଡ଼ି ନେଇଥିଲେ। ପରେ ବୀଭତ୍ସ ଭାବେ ହତ୍ୟା କରି ଫେରାର ହୋଇ ଯାଇଥିଲେ। ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୨୦/୧୬) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତଙ୍କ ମଧ୍ୟରୁ କେନ୍ଦୁଡିପିର ଧ୍ରୁବ ଚରଣ ଜେନା ଜାମିନରେ ଆସିଥିଲେ। ଅନ୍ୟପକ୍ଷେ ଜଣେ ଅଭିଯୁକ୍ତ ଜେଲରେ ଥିବାବେଳେ ପ୍ରାଣ ହରାଇଥିଲେ। କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ୭ ହତ୍ୟାକାରୀଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହିଘଟଣାରେ ୨ଜଣ ଫେରାର ଅଛନ୍ତି। ମକଦ୍ଦମାକୁ ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ତାରିଖରେ ତିନୋଟି ଶୂନ ଓ ଚାରୋଟି ଦୁଇ, ସଂଖ୍ୟାତତ୍ତ୍ୱରୁ ଶୁଭଙ୍କରୀ ହେବାର ସୂଚନା ମିଳେ। ଯାତ୍ରା, ଅର୍ଥନୈତିକ କାରବାର, ଚାକିରି କ୍ଷେତ୍ରର ସମସ୍ୟା ସୁଧୁରି ଯିବ। କୃତ୍ତିକା ନକ୍ଷତ୍ରର ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଆଶା ରହିଛି।

**ବୃଷ** ରୋହିଣୀ ନକ୍ଷତ୍ର ସକାଶେ ଦିନଟି ସାମଗ୍ରିକ ଦିଗରୁ ଖୁସିରେ ଅତିବାହିତ ହେବ। ପାପଗ୍ରହ ଯୁକ୍ତ ଚନ୍ଦ୍ର ହେତୁ ବନ୍ଧୁଙ୍କ ସହ ମନୋମାଳିନ୍ୟରୁ ଉଦାସ ରହିବେ। କର୍ମ କ୍ଷେତ୍ରରେ କାହାକୁ କଅଣ କହିବେ କିମ୍ବା ନ କହିବେ ଏହି ଚିନ୍ତାରେ ମନ ଉଦ୍‌ବେଳିତ ହୋଇପାରେ।

**ମିଥୁନ** ମଙ୍ଗଳ ଯୁକ୍ତ ଶୁକ୍ର ପ୍ରଭାବରେ ପରିବାରରେ ଖର୍ଚ୍ଚଭାର ବୃଦ୍ଧି ଦୁଶ୍ଚିନ୍ତାର କାରଣ ହୋଇପାରେ। ଅସ୍ଥିର ମନ ହେତୁ ବ୍ୟବହାରରେ ସଂଯମତା ହରାଇବେ। ପୁନର୍ବସୁ ନକ୍ଷତ୍ର ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିବ ଏବଂ ନିର୍ଦ୍ଦିଷ୍ଟ ଦିଗରୁ ଅର୍ଥ ପାଇବେ।

**କର୍କଟ** ପୁଷ୍ୟା ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବେ ସାମ୍ନା କରିପାରିବେ। ବନ୍ଧୁଙ୍କ ପରାମର୍ଶରେ ଅର୍ଥଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି। ସ୍ୱାସ୍ଥ୍ୟସମସ୍ୟା ଓ କାର୍ଯ୍ୟହାନି କାରଣରୁ କେତେକ ଭୁଲ୍ କରିବେ।

**ସିଂହ** ମଘା ନକ୍ଷତ୍ର ସକାଶେ ନିକଟ ସମ୍ପର୍କୀୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିବା ଭଲ ହେବ। ଆଜିର ସକାଳୁଆ ଯାତ୍ରାରେ ସଫଳତା ମିଳିବ ତଥାପି କାମର ଚାପ ବହୁତ ବଢ଼ିଯିବ।

**କନ୍ୟା** ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି କର୍ମକ୍ଷେତ୍ର ସକାଶେ ବାଧକ ସାଜିପାରେ। ଚିତ୍ରା ନକ୍ଷତ୍ର ସକାଶେ ପିଲାଙ୍କ କଳହକୁ କେନ୍ଦ୍ରକରି ଅନ୍ୟ ମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା** ଆଜି ସ୍ୱାତୀ ନକ୍ଷତ୍ରର କର୍ମାରମ୍ଭ ପାଇଁ ଶୁଭପ୍ରଦ ହେଲେ ମଧ୍ୟ ସମ୍ପର୍କୀୟଙ୍କ ବିରୁଦ୍ଧାଚରଣ ସମସ୍ୟା ସୃଷ୍ଟି କରିବ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥ ଲାଗି କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ରହିଥିବା କାରଣରୁ ବହୁତ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ।

**ବିଛା** ଆଜିର ଗ୍ରହଯୋଗ ଆପଣଙ୍କ ବନ୍ଧୁଦର୍ଶନର ସୁଯୋଗ ପ୍ରଦାନ କରିବ। ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତି ପ୍ରତ୍ୟେକ ଦିଗ ପାଇଁ ଅନୁକୂଳ ରହିବାର ସୂଚନା ପାଇବେ। ମାତ୍ର ସମ୍ପର୍କୀୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି, ବରଂ ସମସ୍ୟାରେ ପଡ଼ିପାରନ୍ତି।

**ଧନୁ** ମୂଳା ନକ୍ଷତ୍ର ପାଇଁ କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତାର ପ୍ରଭାବ ଅନୁଭବ କରିବେ। ଅନ୍ୟମନସ୍କତା କିମ୍ବା ବିସ୍ମରଣଜନିତ କୌଣସି ଜିନିଷ ହରାଇ ପାରନ୍ତି। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ସହଯୋଗ ନେଇ କାର୍ଯ୍ୟ ସାଧନ କରିବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ** ଶତଭିଷା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମର ଆରମ୍ଭ ସମୟରେ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ସୂଚନା ରହିଛି। ଭୁଲ୍ ବୁଝାମଣା କାରଣରୁ କୌଣସି ବ୍ୟକ୍ତିଙ୍କ ସହ କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ।

**ମୀନ** ଉତ୍ତରାଫାଲଗୁନୀ ନକ୍ଷତ୍ର ଯାହା ଓ ଯେତିକି ପରିମାଣରେ ଆଶା କରୁଥିଲେ ତାହାଠୁ ବହୁତ ପାଇବେ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହି ନ ପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।



# classifieds Everyday
0674-2580101, 2549302



MATRIMONIAL

**GROOM WANTED**

Wanted suitable groom for my daughter 37+, PhD, Assistant Professor in Bhubaneswar. Contact 8249578969. D-22978

58 ବୟସ୍କା ଏକାକୀ ରହୁଥିବା ପେନ୍‌ସନ୍ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7606067313. D-22983

Divorcee bride manager 43 (caste-no-bar). Contact: 8847859032. D-70993



**SALE**

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71937

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

**Gated community township gharabari plot sale in Gudiapokhari near KEC College with 30' road, Electricity, boundarywall. 8763887357, 8144730854.** D-71786

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510.** D-71780



**Relax, refresh your body, mind at Lotus SPA with best therapies. 8018891951.** D-71856

Open full body massage home service ladies, gents available. 9583808247. D-22979

Newly opening SPA positively health benefits with expert therapist. 8917332216. D-71938

Newly open SPA positively health benefits by expert therapist. 7846814019. D-71470

Newly open full body massage ladies and gents. 8327740003. D-71855

Newly open SPA positively health benefits by expert therapist. 8455987557. D-71471

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ରଙ୍କ
ଅଦାଲତ, ୪ର୍ଥ ମହଲା, ହେଡ୍ସ
ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍,
ଭୁବନେଶ୍ୱର ଆର.ପି କେଶ୍
ନଂ.- ୧୯୩୭/୨୦୧୪ ଓଡ଼ିଶା
ଭୂବନ୍ଦୋବସ୍ତ ଆଇନ ୧୯୫୮ର
ଧାରା ୧୫ (ବି) ଅନୁଯାୟୀ
ପ୍ରଦୀପ ଚନ୍ଦ୍ର ସାହୁ
.....ବାଦୀ
ବନାମ
ତହସିଲଦାର ଭୁବନେଶ୍ୱର ଓ ଓଗେର
.....ପ୍ରତିବାଦୀମାନେ

ପ୍ରତିବାଦୀ ନଂ.- ୨ (ଏ), କୌଶାଳ ଚନ୍ଦ୍ର ପ୍ରଧାନ, ବୟସ ୫୮ବର୍ଷ, ପିତା: ଲିଙ୍ଗରାଜ ପ୍ରଧାନ। ପ୍ରତିବାଦୀ ନଂ.- ୨ (ବି), ନକୁଳ ମାଝି, ବୟସ ୮୬ ବର୍ଷ, ପିତା: ୰ଭ୍ରମର ମାଝି। ଉଭୟ ପ୍ରତିବାଦୀ ନଂ.- ୨ (ଏ) ଓ ପ୍ରତିବାଦୀ ନଂ.- ୨ (ବି), ସା: ଦାରୁଠେଙ୍ଗ, ଥାନା: ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା। ପ୍ରତିବାଦୀ ନଂ.- ୨ (ସି), ସାଶ୍ୱତ ମିଶ୍ର, ପିତା: ବିଷ୍ଣୁ ପ୍ରସାଦ ମିଶ୍ର, ସା: ପୋଲିସ ଲେନ୍, ପୁରୀ, ଜିଲ୍ଲା: ପୁରୀ।

ନୋଟିସ୍

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟାର କରିଅଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା: ଭୁଆସୁଣି-୩୩, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଥାନା ନଂ.- ୯୩, ସାବକ ଖାତା ନଂ.-୯୩, ସାବକ ପ୍ଲଟ୍ ନଂ.-୬୦୧, ଏରିଆ ଏ୦.୧୩୩ଡିସିମିଲ ସ୍ୱଧରୁ କ୍ରୟ ଏରିଆ ଏ୦.୦୭୮ ଡିସିମିଲ ଏହାର ଆନୁଷଙ୍ଗିକ ହାଲ ଖାତା ନଂ.- ୧୧୮୯, ହାଲ ପ୍ଲଟ୍ ନଂ.- ୨୩୧୮।

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ନ୍ୟାୟାଳୟ, ଭୁବନେଶ୍ୱର ଅଦାଲତରେ ଆସନ୍ତା ତା ୦୩।୦୬।୨୦୨୨ରିଖ ଦିବା ଘ ୧୧.୩୦ ମିନିଟ୍ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫୈସଲା କରାଯିବ।

ଅତିରିକ୍ତ କମିଶନରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୩୦୦୫

ମାନ୍ୟବର ଅତିରିକ୍ତ ଆୟୁକ୍ତ
ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ରାଉତଙ୍କ
ଅଦାଲତ, ୪ର୍ଥ ମହଲା, ହେଡ୍ସ
ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍,
ଭୁବନେଶ୍ୱର ଆର.ପି.କେଶ୍
ନଂ.- ୧୯୩୮/୨୦୧୪ (ଓଡ଼ିଶା
ଭୂବନ୍ଦୋବସ୍ତ ଆଇନ ୧୯୫୮ର
ଧାରା ୧୫ (ବି) ଅନୁଯାୟୀ)
ନୋଟିସ୍ ଅର୍ଡର-୫ ରୁଲ୍-୨୦
ସି.ପି.ସି. ମୁତାବକ
ପ୍ରଦୀପ ଚନ୍ଦ୍ର ସାହୁ
.....ବାଦୀ
ବନାମ
ତହସିଲଦାର ଭୁବନେଶ୍ୱର ଓ ଓଗେର
.....ପ୍ରତିବାଦୀମାନେ

ପ୍ରତିବାଦୀ ନଂ.-୨, ରାଜ କିଶୋର ବିଧାର, ବୟସ-୪୪ବର୍ଷ, ପିତା: ବେଣୁଧର ବିଧାର। ପ୍ରତିବାଦୀ ନଂ.-୨ (ଏ), ଶ୍ରୀମତୀ ହର୍ଷମଣୀ ସାହୁ, ବୟସ ୫୭ ବର୍ଷ, ସ୍ୱାମୀ: ଆନନ୍ଦ ସାହୁ, ପିତା: ୰ଇନ୍ଦ୍ରମଣି ସାହୁ। ପ୍ରତିବାଦୀ ନଂ.-୨ (ବି), ଅଲେଖ ଦିବ୍ୟା, ସ୍ୱାମୀ: ରାହାସ ସାମନ୍ତରା। ସମସ୍ତ ପ୍ରତିବାଦୀ ନଂ.-୨, ପ୍ରତିବାଦୀ ନଂ.-୨ (ଏ) ଓ ପ୍ରତିବାଦୀ ନଂ.-୨ (ବି) ସା: ଦାରୁଠେଙ୍ଗ, ଥାନା: ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା।

ନୋଟିସ୍

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଯୋଗେ ନୋଟିସ୍ ପଠାଯାଇଥିଲା। କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟାର କରିଅଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା: ଭୁଆସୁଣି-୩୩, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଥାନା ନଂ.- ୯୩, ସାବକ ଖାତା ନଂ.-୧୨, ସାବକ ପ୍ଲଟ୍ ନଂ.- ୬୦୦, ଏରିଆ ଏ୦.୧୩୦ ଡିସିମିଲ୍ ସ୍ୱଧରୁ କ୍ରୟ ଏରିଆ ଏ୦.୦୬୫ ଡିସିମିଲ୍, ଏହାର ଆନୁଷଙ୍ଗିକ ହାଲ ଖାତା ନଂ.- ୮୩, ହାଲ ପ୍ଲଟ୍ ନଂ.-୨୩୧୭।

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ନ୍ୟାୟାଳୟ, ଭୁବନେଶ୍ୱର ଅଦାଲତରେ ଆସନ୍ତା ତା ୦୩।୦୬।୨୦୨୨ରିଖ ଦିବା ଘ ୧୧.୩୦ ମିନିଟ୍ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫୈସଲା କରାଯିବ।

ଅତିରିକ୍ତ କମିଶନରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୩୦୦୬

ମାନ୍ୟବର ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା କଟକ ମହୋଦୟଙ୍କ
ଇଜିଲାସ୍ କ୍ୟାମ୍ପ କୋର୍ଟ ଅଫିସ୍, ଭୁବନେଶ୍ୱର ଓ.ଏସ୍.ଏସ୍.
(ଆର୍.ପି) କେଶ୍ ନମ୍ବର- ୧୦୪୩/୨୦୧୭
ନାରାୟଣ ନନ୍ଦି, ବୟସ: ବ୫୫ର୍ଷ, ପିତା: ୰ଚନ୍ଦ୍ରମଣି ନନ୍ଦି, ପ୍ଲଟ୍ ନଂ.-୪୬୯୭, ଆଦିମାତା କଲୋନି, ପୋ.ଅ: ମଞ୍ଚେଶ୍ୱର, ରେଲ୍‌ୱେ କଲୋନି, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
..........ବାଦୀ
ବନାମ
୧. ତହସିଲଦାର, ଭୁବନେଶ୍ୱର ଏବଂ ଅନ୍ୟମାନେ
......ପ୍ରତିବାଦୀମାନେ

ପ୍ରତିବାଦୀ ନ୨ମ୍ବରଙ୍କ ନାମ ଓ ଧାମ: କାଳନ୍ଦି ସାହୁ, ବୟସ: ବ୬୪ର୍ଷ, ପ୍ରତିବାଦୀ ନ୩ମ୍ବରଙ୍କ ନାମ ଓ ଧାମ: କୃଷ୍ଣ ସାହୁ, ବୟସ: ବ୬୨ର୍ଷ, ଉଭୟଙ୍କ ପିତା: ୰ପରକ୍ଷିତ ସାହୁ, ପ୍ରତିବାଦୀ ନ୪ମ୍ବରଙ୍କ ନାମ ଓ ଧାମ: ସଦାଶିବ ସାହୁ, ବୟସ: ବ୫୮ର୍ଷ, ପ୍ରତିବାଦୀ ନ୫ମ୍ବରଙ୍କ ନାମ ଓ ଧାମ: ମୁରଲୀ ସାହୁ, ବୟସ: ବ୬୦ର୍ଷ, ଉଭୟଙ୍କ ପିତା: ୰ଯୋଗୀ ସାହୁ, ପ୍ରତିବାଦୀ ନ୬ମ୍ବରଙ୍କ ନାମ ଓ ଧାମ: ପଠାଣି ସାହୁ, ବୟସ: ବ୬୧ର୍ଷ, ପ୍ରତିବାଦୀ ନ୭ମ୍ବରଙ୍କ ନାମ ଓ ଧାମ: ଧୂଳେଶ୍ୱର ସାହୁ, ବୟସ: ବ୬୨ର୍ଷ, ଉଭୟଙ୍କ ପିତା: ୰ଅରକ୍ଷିତ ସାହୁ, ପ୍ରତିବାଦୀ ନ୮ମ୍ବରଙ୍କ ନାମ ଓ ଧାମ: ଭାଗିରଥି ସାହୁ, ବୟସ: ବ୬୪ର୍ଷ, ପିତା: ୰ରଘୁନାଥ ସାହୁ, ପ୍ରତିବାଦୀ ନ୯ମ୍ବରଙ୍କ ନାମ ଓ ଧାମ: ଅପର୍ତ୍ତି ସାହୁ, ବୟସ: ବ୬୩ର୍ଷ, ପ୍ରତିବାଦୀ ନ୧୦ମ୍ବରଙ୍କ ନାମ ଓ ଧାମ: ବୀର ସାହୁ, ବୟସ: ବ୬୧ର୍ଷ, ଉଭୟଙ୍କ ପିତା: ୰ ମହନି ସାହୁ, ପ୍ରତିବାଦୀ ନ୧୧ମ୍ବରଙ୍କ ନାମ ଓ ଧାମ: ଚନ୍ଦବେଓ୍ୱା, ବୟସ: ବ୬୯ର୍ଷ, ସ୍ୱାମୀ: ୰ଦ୍ୱିଜବର ସାହୁ, ପ୍ରତିବାଦୀ ନ୧୨ମ୍ବରଙ୍କ ନାମ ଓ ଧାମ: ହୃଦାନନ୍ଦ ସାହୁ, ବୟସ: ବ୫୯ର୍ଷ, ପିତା: ୰ଦିଗାମ୍ବର ସାହୁ, ସମସ୍ତ ପ୍ରତିବାଦୀ ନଂ.୨ ଠାରୁ ୧୨ମ୍ବରମାନଙ୍କ ସା/ପୋ.ଆ: ଗାଡ଼କଣ, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା। ପ୍ରତିବାଦୀ ନଂ.-୧୪- ନସିମା ଫରହାତ୍, ସ୍ୱା- ମୋ. ଅବଦୁର ରଜାକ୍, ସା: ଦେଓ୍ୱାନବଜାର, ଥାନା/ପୋ- ଲାଲବାଗ, କଟକ।

ନୋଟିସ୍

ଏତଦ୍ୱାରା ଉପରଲିଖିତ ପ୍ରତିବାଦୀ ନଂ.-୨ ଲଗାୟତ ନ୧୨ମାନଙ୍କୁ ଓ ପ୍ରତିବାଦୀ ନଂ.-୧୪ଙ୍କ ବ୍ୟକ୍ତିଗତ ଅବଗତି ନିମନ୍ତେ ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶାଯାଇଥିବା ତଫସିଲ ବର୍ଣ୍ଣିତ ଭୂସମ୍ପତ୍ତି ଉପରେ ଅଦ୍ୟବାଦୀଙ୍କ ପିତା: ୰ଚନ୍ଦ୍ରମଣି ନନ୍ଦି ରେଜିଷ୍ଟ୍ରି ବିକ୍ରି ପତ୍ର ଦଲିଲ ନଂ.-୧୧୭୯୭ ତା ୧୨।୧୨।୧୯୮୮ ଓ ରେଜେଷ୍ଟ୍ରି ଦଲିଲ ନଂ.-୧୧୭୯୮, ତା ୧୨।୧୨।୧୯୮୮ ଦ୍ୱାରା ଖର୍ଦ୍ଦି ଦୃଷ୍ଟେ ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ଆଇନ ୧୯୫୮ର ଧାରା ୧୫ (ଖ) ଅନୁଯାୟୀ ଉପରୋକ୍ତ ରିଭିଜନ କେଶ୍ ଦ୍ୱୟ ଦାଏର କରିଅଛନ୍ତି। ଏହି ରିଭିଜନ୍ କେଶ୍ ସମ୍ବନ୍ଧୀୟ ନୋଟିସ୍ ଆପଣଙ୍କମାନଙ୍କୁ ଦର୍ଶାଯାଇଥିବା ଠିକଣାରେ ଯାଇ ଫେରସ୍ତ ଆସିଥିବାରୁ ଆପଣମାନଙ୍କ ଅବଗତି ନିମନ୍ତେ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେଶ୍ ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦ ସଭ୍ୟଙ୍କର ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ (ୟୁନିଟ୍ ୫), କେଶରୀ ନଗର, ରାଜୀବ ଭବନ ପଛପାର୍ଶ୍ୱରେ ଅବସ୍ଥିତ କାର୍ଯ୍ୟାଳୟଠାରେ ଆସନ୍ତା ତା୧୦।୦୩।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଜମିର ତଫସିଲ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ମୌଜା: ଗାଡ଼କଣ, ୟୁନିଟ୍ ୩୯, ଥାନା: ନିଉକ୍ୟାପିଟାଲ, ଥାନା: ନଂ.- ୨୫ ପ୍ରିସାବିକ୍ ଖାତା ନଂ.- ୧୭୨, ପ୍ରିସାବିକ୍ ପ୍ଲଟ୍ ନଂ.- ୧୭୨୪, ରକବା ଏ୦.୨୫ଡ଼ି. ସମ୍ପୂର୍ଣ୍ଣ ରକବା ଏ୩.୬୨ଡ଼ି ମଧ୍ୟରୁ ଯାହାର ସାବକ ଖାତା ନଂ.- ୫୯, ସାବକ ପ୍ଲଟ୍ ନଂ.-୪୬୯୮, ରକବା ଏ୦.୦୯ଡ଼ି, ସମ୍ପୂର୍ଣ୍ଣ ରକବା ଏ୦.୨୫ଡି ମଧ୍ୟରୁ ଯାହାର ହାଲ୍ ଖାତା ନଂ. ୧୮୩୬, ହାଲ ପ୍ଲଟ୍ ନଂ.-୭୧୨୮, ରକବା ଏ୦.୦୬ଡ଼ି ଓ ୪କଡ଼ି କ୍ରୟଭୁକ୍ତ ଜମି ଅଟେ।

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ.-୨ ଲଗାୟତ ୧୨ମ୍ବର ସେମାନଙ୍କର ଉତ୍ତରାଧିକାରୀମାନେ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିରେ ସତ୍ତ୍ୱ ଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

ସ୍ୱା./- ରାଜସ୍ୱ ପର୍ଷଦଙ୍କ ଆଦେଶକ୍ରମେ, ଅତିରିକ୍ତ ସଚିବ (ବିଚାର)
ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ
ଧ-୨୩୦୦୭

## AFFIDAVIT

By virtue of an affidavit before Notary, Bhubaneswar on 01.02.2022 I have changed my name Swapna Rani Ghose to Swapna Ghosh. Therefore I shall be known as Swapna Ghosh for all purpose. D-71336

## LOST

I, B.Jyoti Kumari Patra, 61 years, W/o- Ramnath Patra, Plot No.- 365/D, Sashtri Nagar, Bhubaneswar, I have lost my apartment document of Prahallad Residency, Flat No.- 202, 3BHK in second Floor, BJB Nagar. If anyone misused the document we shall not be held responsible. Please contact: 9556030485. D-71517


## ବିଜେଡିରେ ଯୋଗଦେଲେ କୋରାପୁଟର ୩ ବରିଷ୍ଠ ନେତା

**ଭୁବନେଶ୍ୱର, ୧୨(ବ୍ୟୁରୋ)** ଜୟପୁର ବିଧାନସଭା ଏବଂ ବୋରିଗୁମ୍ମା ବ୍ଲକର ବରିଷ୍ଠ କଂଗ୍ରେସ ଓ ଭାଜପା ନେତା ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି । ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଓ କୋରାପୁଟ, ମାଲକାନଗିରି ପର୍ଯ୍ୟବେକ୍ଷକ ଥିବା ଚନ୍ଦ୍ରସାରଥି ବେହେରାଙ୍କ ଉପସ୍ଥିତିରେ ଏହି ନେତାମାନେ ବିଜେଡି ହାତ ଧରିଛନ୍ତି। ବିଜେଡିରେ ସାମିଲ ହୋଇଥିବା ଏହି ନେତାଙ୍କ ମଧ୍ୟରେ ରହିଛନ୍ତି ନାଗରାଜ ଦୋରା। ସେ ୨୦୦୯ରେ ଜୟପୁର ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବାବେଳେ ଏବେ ଭାଜପାର ସକ୍ରିୟ ସଦସ୍ୟ ଥିଲେ। ଏଥି ସହିତ ପୂର୍ବତନ ବ୍ଲକ କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ପ୍ରଧାନ ଓ ବୋରିଗୁମ୍ମା ବ୍ଲକର କୋଟପାଡ ବିଧାୟକଙ୍କ ପୂର୍ବତନ ପ୍ରତିନିଧି ସୁଭାଷ ଚନ୍ଦ୍ର ନାୟକ ବିଜେଡିରେ ଯୋଗ ଦେଇଛନ୍ତି।

# ଏମ୍‌ଏସ୍‌ଏମ୍‌ଇ ପାଇଁ ଋଣ ଗ୍ୟାରେଣ୍ଟି ଅବଧି ବୃଦ୍ଧି

- ରେଟିଂ ନିମନ୍ତେ ୬ ହଜାର କୋଟି ଟଙ୍କାର କାର୍ଯ୍ୟକ୍ରମ
- ଡ୍ରୋନ୍ ଶକ୍ତି ବୃଦ୍ଧି ଲାଗି ଷ୍ଟାର୍ଟଅପ୍‌କୁ ମିଳିବ ପ୍ରୋତ୍ସାହନ





**ନୂଆଦିଲ୍ଲୀ, ୧।୨**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ଲୋକ ସଭାରେ ଉପସ୍ଥାପନ କରିଥିବା ସାଧାରଣ ବଜେଟରେ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଏମ୍‌ଏସ୍‌ଏମ୍‌ଇ ପାଇଁ ଏମର୍ଜେନ୍ସି କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମ୍ (ଇସିଏଲ୍‌ଜିଏସ୍)କୁ ୨୦୨୩ ମାର୍ଚ୍ଚ ଯାଏ ବଢ଼ାଇ ଦିଆଯାଇଛି। ଇସିଏଲ୍‌ଜିଏସ୍ ଅଧୀନରେ ୧୩୦ ଲକ୍ଷରୁ ଊର୍ଦ୍ଧ୍ୱ ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ କରାଯାଇଛି। ଇସିଏଲ୍‌ଜିଏସ୍‌ର ଗ୍ୟାରେଣ୍ଟି ପରିସର ୫୦ ହଜାର କୋଟିରୁ ୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ୨ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଋଣ ବ୍ୟବସ୍ଥା ହୋଇପାରିଛି। ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି ଯେ ଉଦ୍ୟମ, ଇ-ଶ୍ରମ, ଏନସିଏସ୍ ଏବଂ ଅସୀମ ପୋର୍ଟାଲଗୁଡ଼ିକ ସଂଯୁକ୍ତ ହେବ, ଯାହାକି ଏମ୍‌ଏସ୍‌ଏମ୍‌ଇର ପରିସରକୁ ବୃଦ୍ଧି କରିବ। ୨୦୨୦ ମେ ମାସରେ ଇସିଏଲ୍‌ଜିଏସ୍ ଆରମ୍ଭ ହୋଇଥିଲା। କୋଭିଡ୍ ଯୋଗୁ ବ୍ୟାପକ ଭାବେ ପ୍ରଭାବିତ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଆଶ୍ୱସ୍ତି ଦେବା ପାଇଁ ଏହି ବ୍ୟବସ୍ଥା ହୋଇଥିଲା। ଏହି ଯୋଜନାରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଜରୁରିକାଳୀନ ଋଣ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ ଏବଂ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀଗୁଡ଼ିକ ୧୦୦% ପାଇପାରୁଛନ୍ତି। ଅନ୍ୟପକ୍ଷରେ ଏମ୍‌ଏସ୍‌ଏମ୍‌ଇର ମୂଲ୍ୟାୟନ (ରେଟିଂ) ପାଇଁ ୬,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏମ୍‌ଏସ୍‌ଏମ୍‌ଇ ମାନ୍ୟତା ପାଇଁ ୬,୦୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଆସନ୍ତା ୫ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେବ। କେନ୍ଦ୍ର ବଜେଟ ୨୦୨୨-୨୩ କୁ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଡିଜିଟାଲ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ପାଇଁ 'ଦେଶ ଷ୍ଟାକ୍ ଇ-ପୋର୍ଟାଲ' ଆରମ୍ଭ ହେବ। ଡ୍ରୋନଶକ୍ତି ବୃଦ୍ଧି ପାଇଁ ଷ୍ଟାର୍ଟଅପ୍ ଗୁଡ଼ିକୁ ପ୍ରୋତ୍ସାହନ ଦିଆଯିବ ବୋଲି ସେ କହିଛନ୍ତି।

## ଏଥର ବି ଡିଜିଟାଲ ବଜେଟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ବଜେଟ ଉପସ୍ଥାପନ କରିଛନ୍ତି। ଗତବର୍ଷ ଭଳି ଚଳିତ ଆର୍ଥିକ ବର୍ଷରେ ମଧ୍ୟରେ ଏହି ବଜେଟ ପେପରଲେସ୍ ହୋଇଛି। ଅର୍ଥମନ୍ତ୍ରୀ ଏକ ଟ୍ୟାବ୍‌ରୁ ବଜେଟ୍ ସାରାଂଶ ପଢ଼ିବା ସହିତ କେନ୍ଦ୍ରୀୟ ଯୋଜନାର ରୂପରେଖ ବିଷୟରେ ସୂଚନା ଦେଇଥିଲେ। ଠିକ୍ ପୂର୍ବାହ୍ନ ୧୧ଟାରେ ଟାବଲଏଡ୍‌ରୁ ସୀତାରାମନ ବଜେଟ ପଢ଼ିବା ଆରମ୍ଭ କରିଥିଲେ। ଏଥିପୂର୍ବରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନଛଳରେ କହିଥିଲେ, ଆପଣ ଡିଜିଟାଲ୍ ବଜେଟ ଉପସ୍ଥାପନ କରିବେ ? ଏହାକୁ ନେଇ ତାଳିରେ ଗୁଞ୍ଜରିତ ହୋଇଉଠିଥିଲା ଗୃହ। ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ଗତବର୍ଷ ଖର୍ଚ୍ଚକାଟ କରିବା ଉଦ୍ଦେଶ୍ୟରେ ଦେଶରେ ପ୍ରଥମ ଥର ପାଇଁ ଡିଜିଟାଲ ବଜେଟ ଶୁଭାରମ୍ଭ ହୋଇଥିଲା। ଅର୍ଥମନ୍ତ୍ରୀ ଏଭଳି ଅଭିନବ ବ୍ୟବସ୍ଥା ଆରମ୍ଭ କରିଥିଲେ।

## ହ୍ୟାଣ୍ଡଲୁମ୍ ଶାଢ଼ିରେ ନିର୍ମଳା

ବଜେଟ ଅଧିବେଶନରେ ଚର୍ଚ୍ଚାରେ ଥିଲା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପିନ୍ଧିଥିବା ପାରମ୍ପରିକ ହ୍ୟାଣ୍ଡଲୁମ୍ ଶାଢ଼ି। ମୁହଁରେ ସତେଜତା, ଓଠରେ ସ୍ମିତହାସ୍ୟ ନେଇ ଗୃହରେ ପ୍ରବେଶ କରିବା ବେଳକୁ ଏହି ଗାଢ଼ ମାଟିଆ ରଙ୍ଗର ଶାଢ଼ି ଦୃଷ୍ଟି ଆକର୍ଷଣ କରିଥିଲା। ତାଙ୍କ ଶାଢ଼ିରେ ରୁଦ୍ରାକ୍ଷର ହସ୍ତକଳା ବେଶ୍ ଆକର୍ଷଣୀୟ ଲାଗୁଥିଲା। ମାଟିଆ ରଙ୍ଗ ମାଟି ଓ ସୁରକ୍ଷା ସହିତ ଜଡ଼ିତ ଏକ ରଙ୍ଗ। ବଜେଟ୍‌ରେ ଅର୍ଥମନ୍ତ୍ରୀ ବନାରସୀ ଶାଢ଼ି ପିନ୍ଧିବେ ବୋଲି ଚର୍ଚ୍ଚା ହେଉଥିଲା। ତେବେ ସେ ଶେଷରେ ହ୍ୟାଣ୍ଡଲୁମ୍ ଶାଢ଼ି ପିନ୍ଧି ବଜେଟ ପଢ଼ିଥିଲେ।

## ଗୃହରେ ସୋସିଆଲ୍ ଡିଷ୍ଟାନ୍ସ

କରୋନା ସମୟରେ ହୋଇଥିବା ବଜେଟ୍ ଅଧିବେଶନରେ ଲୋକ ସଭାରେ ସାମାଜିକ ଦୂରତ୍ୱ (ସୋସିଆଲ ଡିଷ୍ଟାନ୍ସ) ନିୟମ ପାଳନ କରାଯାଇଥିଲା। ସମସ୍ତ ସଦସ୍ୟ ମାସ୍କ ପରିଧାନ କରିବା ସହିତ ପରସ୍ପରଠାରୁ ଦୂରତ୍ୱ ରକ୍ଷା କରିଥିଲେ। ସମସ୍ତଙ୍କ ଡେସ୍କ ସମ୍ମୁଖରେ ପ୍ଲାଷ୍ଟିକ୍ ସିଟ୍ ଲଗାଯାଇଥିଲା। ଗତ ବଜେଟ୍ ଭଳି ଚଳିତ ବଜେଟରେ ମଧ୍ୟ କଂଗ୍ରେସ ନେତା ମୁଣ୍ଡରେ ହାତ ଧରି ବସିଥିବା ଦେଖାଦେଇଥିଲା।

## ୯୧ ମିନିଟର ଅଭିଭାଷଣ

ଚତୁର୍ଥ ଥର ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ତାଙ୍କର ବଜେଟ ଅଭିଭାଷଣ ଅପରାହ୍ନ ୧୨ଟା ୩୧ରେ ଶେଷ ହୋଇଥିଲା। ଅର୍ଥାତ୍ ସେ ମୋଟ୍ ୧ ଘଣ୍ଟା ୩୧ ମିନିଟ୍‌ର ଭାଷଣ ରଖିଥିଲେ। ୨୦୨୦ ବଜେଟରେ ନିର୍ମଳା ସବୁଠାରୁ ଦୀର୍ଘତମ ଅର୍ଥାତ୍ ୨ ଘଣ୍ଟା ୪୨ ମିନିଟ୍‌ର ବଜେଟ ଭାଷଣ ଦେଇଥିଲେ। ତେବେ ଅସ୍ୱସ୍ତି ଅନୁଭବ କରିବାରୁ ଶେଷ ଦୁଇ ଫର୍ଦ୍ଦ ସେ ପଢ଼ିପାରି ନ ଥିଲେ। ନଚେତ ଏହି ଭାଷଣ ଆହୁରି ଦୀର୍ଘ ହୋଇଥାଆନ୍ତା। ଏହିକ୍ରମରେ ୨୦୧୯ରେ ସେ ୨ ଘଣ୍ଟା ୧୫ ମିନିଟ୍, ୨୦୨୧ରେ ୧ ଘଣ୍ଟା ୪୦ ମିନିଟ୍‌ର ବଜେଟ ଭାଷଣ ଦେଇଥିଲେ।

## ଶିକ୍ଷା ବିଭାଗ ଲାଗି ଐତିହାସିକ ନିଷ୍ପତ୍ତି



୨୦୨୨-୨୩ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଶିକ୍ଷା, ଦକ୍ଷତା ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା ବିଭାଗ ପାଇଁ ଇତିହାସରେ ପ୍ରଥମ ଥର ଲାଗି ୧ ଲକ୍ଷ ୨୭୭ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହା ଶିକ୍ଷା ବିଭାଗ ପାଇଁ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି। ଆତ୍ମନିର୍ଭର ଭାରତର ବଜେଟ ନୂଆ ଭାରତର ଆଶା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଏହି ବଜେଟ ଉତ୍ସାହଜନକ, ଭବିଷ୍ୟତବାଦୀ, ଅଭିବୃଦ୍ଧି ଭିତ୍ତିକ ଏବଂ ଲୋକାଭିମୁଖୀ। ବଜେଟରେ ଡିଜିଟାଲ ବିଶ୍ୱବିଦ୍ୟାଳୟ, ଇ-ବିଦ୍ୟା ଅନ୍ତର୍ଗତ ୨୦୦ ଟିଭି ଚ୍ୟାନେଲ, ସ୍କିଲିଂ ପାଇଁ ଡିଜିଟାଲ ଇକୋସିଷ୍ଟମ, କିଷାନ ଡ୍ରୋନ୍, ଡିଜିଟାଲ ମୁଦ୍ରା ଭଳି ଅନେକ ପଦକ୍ଷେପ ଅମୃତ କାଳରେ ଭାରତୀୟ ଅର୍ଥନୀତିର ମୂଳଦୁଆ ନିର୍ମାଣ ଓ ବ୍ଲୁପ୍ରିଣ୍ଟ୍ ସ୍ଥାପନ କରିବ। ଆତ୍ମନିର୍ଭର ଭାରତର ବଜେଟ ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଟେକ୍ନୋଲୋଜି ଆଧାରିତ ବିକାଶକୁ ପ୍ରୋତ୍ସାହନ ଦେବ। ୫ଜି ମୋବାଇଲ ସେବା, ଶତପ୍ରତିଶତ ପୋଷ୍ଟ ଅଫିସକୁ ଅତ୍ୟାଧୁନିକ କରିବା ଦ୍ୱାରା ଦେଶର ନାଗରିକଙ୍କ ଜୀବନଶୈଳୀ ଅଧିକ ସୁଗମ କରିବ। କିଷାନ ଡ୍ରୋନ୍‌ର ବ୍ୟବହାର, ରସାୟନ ବିହୀନ ତଥା ଜୈବିକ ଚାଷକୁ ପ୍ରୋତ୍ସାହନ, କ୍ଷୁଦ୍ରଚାଷୀଙ୍କୁ ପ୍ରାଧାନ୍ୟ, ଗହମ ଏବଂ ଧାନଚାଷୀଙ୍କୁ ଏମ୍‌ଏସ୍‌ପି ବାବଦରେ ୨.୩୭ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବା ଭଳି ବଜେଟରେ ଥିବା ପଦକ୍ଷେପ ଚାଷ ଉତ୍ପାଦନକୁ ତ୍ୱରାନ୍ୱିତ କରିବ ଓ ଚାଷୀଭାଇଙ୍କୁ ସମୃଦ୍ଧ କରିବ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**

## କର୍ପୋରେଟ ହାଉସ ସହ ମିଶି ବଜେଟ ପ୍ରସ୍ତୁତ ହୋଇଛି



ଚଳିତ ବଜେଟରେ କିଛି ଆଶ୍ଚର୍ଯ୍ୟ ହେବାର ବିଷୟ ନାହିଁ। ଗତ ୭ବର୍ଷ ହେବ ବଜେଟ ଉପରେ ନଜର ରଖିଛି। ସମ୍ପୂର୍ଣ୍ଣଭାବେ କର୍ପୋରେଟ ହାଉସ ସହିତ ମିଶିକରି ବଜେଟ ପ୍ରସ୍ତୁତ କରାଯାଇଛି। କର୍ପୋରେଟ ଟ୍ୟାକ୍ସ ୧୫ ପ୍ରତିଶତକୁ ଓ ସରଚାର୍ଜ ୭ ପ୍ରତିଶତକୁ ଖସି ଆସିଲା। ହେଲେ ଜନ କଲ୍ୟାଣକାରୀ ଯୋଜନାରେ ବଜେଟ ବୃଦ୍ଧି କରାଯାଇନାହିଁ। ଆବାସ ଯୋଜନା ବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସବୁଥିରେ ପୂର୍ବ ବଜେଟ ଅନୁଯାୟୀ ଅର୍ଥ ପ୍ରଦାନ କରାଯାଇଛି। କମ୍ ଲୋକ ବା ପୁଞ୍ଜିପତିଙ୍କ ନିକଟରେ ଅଧିକ ପଇସା ରହୁଛି। ମହାମାରୀରେପ୍ରାୟ ୫୫ କୋଟି ଲୋକ ରୋଜଗାର ହରାଇଲେ। ଏହାର ପ୍ରତିକାର ବଜେଟରେ ନାହିଁ। ଦରଦାମ ବୃଦ୍ଧି ହେବ, ଆହୁରି ବେରୋଜଗାରୀ ବଢ଼ିବ।

**- ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

## ରିୟଲ ଇଷ୍ଟେଟ୍ ପାଇଁ ବଜେଟ ଆଶାନୁରୂପ ହୋଇନି



କେନ୍ଦ୍ର ବଜେଟ-୨୦୨୨ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ଆଶାନୁରୂପ ହୋଇ ନାହିଁ। ବଜେଟରେ କେବଳ ସହରାଞ୍ଚଳ ଯୋଜନା ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଇଛି। ସହରାଞ୍ଚଳରେ କାପାସିଟି ବିଲ୍ଡିଂ, ପ୍ଲାନିଂ ଇମ୍ପ୍ଲିମେଣ୍ଟେଶନ ଏବଂ ଗଭର୍ଣ୍ଣାନ୍ସ ପାଇଁ ଅର୍ବାନ ପ୍ଲାନର ଏବଂ ଅର୍ଥନୀତିଜ୍ଞଙ୍କୁ ନେଇ ଏକ କମିଟି ଗଠନ କରାଯିବ। ଏଥିସହିତ ଅତ୍ୟାଧୁନିକ କୋଠା ନିର୍ମାଣ ବାଇ-ଲ ସହିତ ସହରାଞ୍ଚଳ ଯୋଜନା ପାଇଁ ଏକ ଉଚ୍ଚସ୍ତରୀୟ ପ୍ୟାନେଲ ଗଠନ ଆଦିକୁ ଗୁରୁତ୍ୱ ଦିଆଯାଇଛି। ଏହା ଆଗାମୀ ବର୍ଷଗୁଡ଼ିକରେ ଲାଭଦାୟକ ହୋଇପାରିବ। ମାତ୍ର ମହାମାରୀ ସମୟରେ ରିୟଲ ଇଷ୍ଟେଟ୍‌ସ ବ୍ୟବସାୟକୁ ପ୍ରୋତ୍ସାହନ ଦେବାକୁ ସେପରି କିଛି ବ୍ୟବସ୍ଥା ନାହିଁ। ବଜେଟରେ ୪୫ ଲକ୍ଷ ଟଙ୍କାର ଘର କ୍ରୟ ଉପରେ ଯେଉଁ ସବ୍‌ସିଡି ଦିଆଯାଉଛି ତାହାକୁ ୬୫ ଲକ୍ଷକୁ ବୃଦ୍ଧି କରିଥିଲେ ସହରରେ ଘର କିଣିବାକୁ ଚାହୁଁଥିବା ମଧ୍ୟବିତ୍ତ ପରିବାର ଲାଭବାନ ହୋଇ ପାରିଥାନ୍ତେ।

**-ଡି.ଏସ୍ ତ୍ରିପାଠୀ, ଓଡ଼ିଶା କ୍ରେଡାଇ ଅଧ୍ୟକ୍ଷ**

## ବିତ୍ତୀୟ ନିଅଣ୍ଟର ନକାରାତ୍ମକ ପ୍ରଭାବ ନ ପଡୁ



ବିତ୍ତୀୟ ନିଅଣ୍ଟ (ଫିସ୍କାଲ ଡେଫିସିଟ୍) ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସରକାରଙ୍କ ମୋଟ ଋଣର ଆବଶ୍ୟକତାକୁ ପ୍ରତିଫଳିତ କରିଥାଏ। ଏହା ଆର୍ଥିକ ଅନୁଶାସନ ମାପିବା ସହ ଦେଶର ବର୍ତ୍ତମାନର ଆବଶ୍ୟକତା ଓ ଭବିଷ୍ୟତର ସ୍ଥିତି ସମୀକ୍ଷା କରିବାରେ ସାହାଯ୍ୟ କରେ। ବିତ୍ତୀୟ ନିଅଣ୍ଟରେ ଲଗାତର ବୃଦ୍ଧି ହେଲେ ଦେଶ ଋଣ ଜାଲରୁ ମୁକୁଳି ପାରିବ ନାହିଁ ଏବଂ ଏହାଦ୍ୱାରା ଆର୍ଥିକ ସଙ୍କଟ ଓ ଅନିଶ୍ଚିତତା ଦେଖାଦେବ। ବର୍ଷ ୨୦୨୧-୨୨ ସଂଶୋଧିତ ବିତ୍ତୀୟ ନିଅଣ୍ଟ ଜିଡିପିର ୬.୯ ପ୍ରତିଶତ ହିସାବରେ ୨୦୨୨-୨୩ ବଜେଟରେ ୬.୪ ପ୍ରତିଶତ ଧାର୍ଯ୍ୟ କରାଯାଇଛି। କରୋନା ପ୍ରଭାବିତ ଭାରତୀୟ ମନ୍ଥର ଅର୍ଥନୀତିକୁ ବିଚାରକୁ ନେଲେ ଏହା ଅତି ଜରୁରୀ ହୋଇପାରେ। ବିତ୍ତୀୟ ନିଅଣ୍ଟର କୁପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ପୁଞ୍ଜି ଖର୍ଚ୍ଚର ଅଧିକ ବ୍ୟବସ୍ଥା କରିଛନ୍ତି ଓ ରାଜସ୍ୱ ଖର୍ଚ୍ଚରେ କଟାକଟି କରିଛନ୍ତି। ଏହା ଅଧିକ ବିତ୍ତୀୟ ନିଅଣ୍ଟର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବ। ତଥାପି ଆନୁମାନିକ ନିଅଣ୍ଟରୁ ବିଚ୍ୟୁତ ନ ହେବା ପାଇଁ ସରକାରଙ୍କୁ ନିଶ୍ଚିତ କରିବାକୁ ପଡ଼ିବ, ନଚେତ୍ ଅର୍ଥନୈତିକ ସଙ୍କଟ ବୃଦ୍ଧି ହେବ।

**-ଡ. ଅମିୟ କୁମାର ମହାପାତ୍ର, ଉପନିର୍ଦ୍ଦେଶକ, ଫୋଷ୍ଟିମା ବିଜନେସ୍ ସ୍କୁଲ, ନୂଆଦିଲ୍ଲୀ**

# ଜନବିରୋଧୀ ବଜେଟ

## ବଜେଟରେ ମଧ୍ୟବିତ୍ତଙ୍କ ପାଇଁ କିଛି ନାହିଁ: ରାହୁଲ



ମୋଦି ସରକାରଙ୍କ ବଜେଟକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଜିରୋ ସମ୍ ବଜେଟ' କହିବା ସହ ଏଥିରେ ମଧ୍ୟବିତ୍ତ ଶ୍ରେଣୀ, ବେତନଭୋଗୀ କର୍ମଚାରୀ, ଚାଷୀ ଓ ଗରିବଙ୍କ ଲାଗି କିଛି ନ ଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍ ଏକ ଲଲିପପ୍ ବଜେଟ ଉପସ୍ଥାପନ କରିଛନ୍ତି। ଏହା ସରକାରଙ୍କ ଚାଷୀ ବିରୋଧୀ ଓ କୃଷକ ବିରୋଧୀ ଚେହେରାକୁ ପଦାରେ ପକାଇଛି ବୋଲି କଂଗ୍ରେସ ସାଂସଦ ରାହୁଲ କହିଛନ୍ତି।



" କେନ୍ଦ୍ର ବଜେଟ ଜନବିରୋଧୀ। ଦେଶର ୧୦% ଧନୀଙ୍କ ପାଖରେ ୭୫% ସମ୍ପତ୍ତି ଥିବାବେଳେ ୬୦% ଗରିବଙ୍କ ପାଖରେ ୫%ରୁ କମ୍ ସମ୍ପତ୍ତି ରହିଛି। ବଜେଟରେ ଧନୀଙ୍କ ଉପରେ ଅଧିକ ଟିକସ ବ୍ୟବସ୍ଥା ହୋଇନାହିଁ।

**-ସୀତାରାମ ୟେଚୁରୀ, ସିପିଆଇ(ଏମ୍) ନେତା**



" କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ମୋଟ ବ୍ୟୟବରାଦ ୪.୨୬%ରୁ ୩.୮୪%କୁ ହ୍ରାସ ପାଇଛି। ବଜେଟ ଭାଷଣରେ ଏମ୍‌ଏସ୍‌ପି ସମ୍ପର୍କରେ କିଛି କୁହାଯାଇନାହିଁ। ଏହି ବଜେଟ ବିପର୍ଯ୍ୟୟ ଓ ଧୋକାର ଏକ ବ୍ୟାଗ୍।

**-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**



" କେନ୍ଦ୍ର ବଜେଟ ନୈରାଶ୍ୟଜନକ। ଏଥିରେ ମଧ୍ୟବିତ୍ତ ବର୍ଗଙ୍କ ଲାଗି ନା କୌଣସି ସହାୟତା ଅଛି ନା ଭାରତକୁ ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର କୌଣସି ଅବତାରଣା କରାଯାଇଛି। ପିଏମ୍-ଗତିଶକ୍ତି, ଆତ୍ମନିର୍ଭର ଭାରତ ଭଳି ଶବ୍ଦର ଯାଦୁକରି ବଜେଟରେ ଦେଖାଯାଇଛି।

**-ବିନାୟକ ରାଉତ, ଶିବସେନା ଏମ୍‌ପି**



" ଏହା ପେଗାସସ୍ ସ୍ପିନ୍ ବଜେଟ। ମହାମାରୀ ଯୋଗୁ କାମଧନ୍ଦା ହରାଇ ଆକାଶଛୁଆଁ ଦରଦାମ୍ ବୃଦ୍ଧିରେ ପେଷି ହେଉଥିବା ସାଧାରଣ ଜନତାଙ୍କ ପାଇଁ ବଜେଟରେ କୌଣସି ବ୍ୟବସ୍ଥା ହୋଇନାହିଁ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



" ବେତନ ହ୍ରାସ ଓ ମୁଦ୍ରାସ୍ଫୀତି ଯୋଗୁ ଗୁରୁତର ପ୍ରଭାବିତ ହୋଇଥିବା ବେତନଭୋଗୀ ଓ ମଧ୍ୟବିତ୍ତ ଶ୍ରେଣୀ ମହାମାରୀ ସମୟରେ ବଜେଟରେ କେତେକ ରିହାତି ପାଇବା ଆଶା ରଖିଥିଲେ। ବଜେଟରେ ସେମାନଙ୍କ ଲାଗି କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥା ସେମାନଙ୍କୁ ଅସନ୍ତୁଷ୍ଟ କରିଛି।

**-ରଣଦୀପ୍ ସୁର୍ଜେୱାଲା, କଂଗ୍ରେସ ମୁଖ୍ୟ ମୁଖପାତ୍ର**



" କେନ୍ଦ୍ର ବଜେଟ ଧନୀଙ୍କ ପାଇଁ। ଗରିବଙ୍କ ଲାଗି ଏଥିରେ କିଛି ନାହିଁ। ସରକାର ସେମାନଙ୍କ ନିଜ ଲୋକଙ୍କ ସୁବିଧା ଲାଗି ବଜେଟ ଆଣିଛନ୍ତି। ଏହା ଦେଶବାସୀଙ୍କ ପ୍ରତି ଭଲ ଉଦ୍ଦେଶ୍ୟ ନୁହେଁ।

**-ମଲ୍ଲିକାର୍ଜୁନ ଖାର୍ଗେ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା**



" କରୋନା ମହାମାରୀ ସମୟରେ ବଜେଟକୁ ନେଇ ଲୋକଙ୍କର ବହୁ ଆଶା ଆକାଂକ୍ଷା ରହିଥିଲା। ହେଲେ ଏଥିରେ ନା ସାଧାରଣ ଜନତାଙ୍କ ପାଇଁ କିଛି ଅଛି, ନା ଦରଦାମ୍ କମାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇଛି। ଏହା ଏକ ଦୁଃଖଦାୟକ ବଜେଟ।

**-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



" କେନ୍ଦ୍ର ସରକାରଙ୍କ ବଜେଟ ଏସ୍‌ସି, ଏସ୍‌ଟି, ପଛୁଆବର୍ଗ, କୃଷକ, ବେତନଭୋଗୀଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଅସନ୍ତୁଷ୍ଟ କରିଛି। ଏହା ଏକ ଅଦରକାରୀ ଓ ଉଦ୍ଦେଶ୍ୟବିହୀନ ବଜେଟ।

**-କେ. ଚନ୍ଦ୍ରଶେଖର ରାଓ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ**



" ୨୦୨୨-୨୩ ବର୍ଷ ଲାଗି ଅଣାଯାଇଥିବା ବଜେଟ ଦିଶାହୀନ। ଏଥିରେ ଚାଷୀଙ୍କ ପାଇଁ କୌଣସି ସୁବିଧା ନାହିଁ। ୨୦୨୨ରେ ଚାଷୀଙ୍କ ଆୟ ଦୁଇଗୁଣା କରିବା ପ୍ରତିଶ୍ରୁତି ସମ୍ପର୍କରେ ବଜେଟ ନୀରବ।

**-ଭୂପେଶ ବଘେଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ**



" ବଜେଟରେ ଲୋକଙ୍କୁ ପ୍ରଲୋଭିତ କରିବା ଲାଗି ନୂଆ ପ୍ରତିଶ୍ରୁତି ଦିଆଯାଇଛି। ହେଲେ କେନ୍ଦ୍ର ସରକାର ପୂର୍ବରୁ ଘୋଷଣା କରିଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା କଥା ଭୁଲିଯାଇଛନ୍ତି।

**-ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା**



" କେନ୍ଦ୍ର ବଜେଟ ଅଭିବୃଦ୍ଧି କୈନ୍ଦ୍ରିକ। ଏଥିରେ ସରକାରଙ୍କ ଆତ୍ମନିର୍ଭର ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଓ ଜନାଭିମୁଖୀ ସଂସ୍କାର ଦୂରଦୃଷ୍ଟିକୁ ଫୋକସ କରାଯାଇଛି।

**-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**



" ଦୂରଦୃଷ୍ଟିସମ୍ପନ୍ନ ବଜେଟ। ଏହା ଭାରତକୁ ବିଶ୍ୱର ଅଗ୍ରଣୀ ଅର୍ଥନୀତିରେ ପରିଣତ କରିବାରେ ସହାୟକ ହେବ। ବଜେଟ ଭାରତର ଅର୍ଥନୀତିକୁ ନୂଆ ସୋପାନକୁ ନେଇଯିବ।

**-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଗ୍ରାମାଞ୍ଚଳ ଇ-ସେବାକୁ ଗୁରୁତ୍ୱ

**ସବୁ ଗାଁକୁ ଅପ୍ଟିକାଲ ଫାଇବରରେ ଯୋଡ଼ାଯିବ**

**ନୂଆଦିଲ୍ଲୀ, ୧।୨**



ଦେଶର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ବ୍ୟବଧାନ ବଢ଼ାଇଛି କରୋନା ମହାମାରୀ। ଭାରତର ବହୁ ଗ୍ରାମ ଇଣ୍ଟରନେଟ୍ ସେବା ତଥା ଡିଜିଟାଲ ଦୁନିଆରୁ ବହୁ ଦୂରରେ ରହିଛି। ଏହାକୁ ଦୃଷ୍ଟିରେ ରଖି ୨୦୨୨-୨୩ କେନ୍ଦ୍ରୀୟ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତଦନୁଯାୟୀ 'ଭାରତ ନେଟ୍' ପ୍ରୋଜେକ୍ଟ ଅଧୀନରେ ଦେଶର ସମସ୍ତ ଗ୍ରାମରେ ଅପ୍ଟିକାଲ ଫାଇବର ଲଗାଯିବ। ଏଥିପାଇଁ ୨୦୨୨ ଓ ୨୦୨୩ରେ ଚୁକ୍ତିନାମା କରାଯିବ। ଏହି ପ୍ରକଳ୍ପ ୨୦୨୫ ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଉଛି। ଇ-ସେବା କ୍ଷେତ୍ରରେ ସହର ଭଳି ଗାଁଗୁଡ଼ିକର ଲୋକମାନେ ସମାନ ସୁବିଧା ପାଇବା ହେଉଛି ସରକାରଙ୍କ ଲକ୍ଷ୍ୟ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଅଭିଭାଷଣରେ କହିଛନ୍ତି।

ଗତ ଦୁଇ ବର୍ଷ ଧରି କେନ୍ଦ୍ର ସରକାର ସବୁ ଗାଁରେ ଅପ୍ଟିକାଲ ଫାଇବର ବିଷୟ କହୁଛନ୍ତି। ୨୦୨୦ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ, ଦେଶର ୬ ଲକ୍ଷରୁ ଅଧିକ ଗାଁକୁ ଅପ୍ଟିକାଲ ଫାଇବର ନେଟୱର୍କ ସହିତ ସଂଯୋଗ କରିବା କାର୍ଯ୍ୟ ୧୦୦୦ ଦିନ ମଧ୍ୟରେ ଶେଷ ହେବ। ସୂଚନାଥାଉ କି, ୭୪ତମ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କରି କହିଥିଲେ ଯେ, ୨୦୧୪ ପୂର୍ବରୁ ଦେଶରେ କେବଳ ୫ଟି ପଞ୍ଚାୟତ ଅପ୍ଟିକାଲ ଫାଇବର କେବୁଲ ସହିତ ସଂଯୁକ୍ତ। ହେଲେ ୨୦୧୪ରେ ମୋଦିଙ୍କ ଶାସନ ଆରମ୍ଭ ହୋଇଥିବାବେଳେ ୨୦୧୧ରୁ ନ୍ୟାଶନାଲ ଅପ୍ଟିକାଲ ଫାଇବର ନେଟ୍‌ୱର୍କ କାର୍ଯ୍ୟକାରୀ ହୋଇଥିଲା। ତାହାକୁ ମୋଦି ସରକାର 'ଭାରତ ନେଟ୍' ଭାବେ ନାମିତ କରିବା ସହ ଅନେକ ପରିବର୍ତ୍ତନ ଆଣିଥିଲେ। ଏହା ପରେ ଏହାକୁ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ସ୍ତମ୍ଭ କରି ଏକ ନୂତନ ଦିଶା ଦିଆଯାଇଥିଲା।

ମିଳିଥିବା ତଥ୍ୟ ଅନୁଯାୟୀ, ଭାରତର ୬୪୦ ଜିଲ୍ଲା ୬,୬୦୦ ବ୍ଲକର ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ୨୫୦,୦୦୦ ପ୍ଲସ ଗ୍ରାମ ପଞ୍ଚାୟତକୁ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ଯୋଗାଇବା ଭାରତ ନେଟ୍‌ର ଲକ୍ଷ୍ୟ। ଫଳରେ ଗ୍ରାମାଞ୍ଚଳରେ ପ୍ରଶାସନର ଇ-ଶାସନ, ଟେଲି ମେଡିସିନ, ଇ-ଶିକ୍ଷା ଏବଂ ଅନ୍ୟାନ୍ୟ ଡିଜିଟାଲ ସେବା ସହଜ ହୋଇପାରିବ।

## ଜୀବିକା ଉପରେ ଆଖିଦୃଶିଆ ପଦକ୍ଷେପ ନାହିଁ



ସରକାରଙ୍କ ଆର୍ଥିକ ସ୍ଥିତି ଠିକ୍ ନାହିଁ। ତେଣୁ ପ୍ରଥମେ ଆର୍ଥିକ ନିଅଣ୍ଟକୁ କମ୍ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ଯାହା ଆଶା କରାଯାଉଥିଲା ତାହା ହିଁ ହେଲା। ତିନୋଟି କ୍ଷେତ୍ରରେ ବ୍ୟାପକ ଭାବେ ବ୍ୟୟ ମଞ୍ଜୁରୀ ବୃଦ୍ଧି କରାଯାଇଥିଲେ ମଧ କୃଷି, ସ୍ୱାସ୍ଥ୍ୟ ଓ ଲୋକଙ୍କ ଜୀବୀକା ଉପରେ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଡିଜିଟାଲ ବିଶ୍ୱବିଦ୍ୟାଳୟ ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଇ-ଠକେଇ ରୋକିବାକୁ ପାଇଁ ସଚେତନତା ବୃଦ୍ଧି କରିବାର ଅଛି। ସରକାରଙ୍କ ଇ-ବିଦ୍ୟା କାର୍ଯ୍ୟକ୍ରମ ଭଲ ପଦକ୍ଷେପ। କିନ୍ତୁ ଭିତ୍ତିଭୂମି ନ ଥିଲେ ଏହା ଫଳପ୍ରଦ ହେବ ନାହିଁ। ଟିଭି, ନେଟ୍‌ୱର୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ହେବ।

**- ଅମରେନ୍ଦ୍ର ଦାସ, ପ୍ରାଧାପକ, ନାଇଜର**

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। –ଶ୍ରୀମା



# ଛତା ଯୁଆଡ଼େ, ବର୍ଷା ସିଆଡ଼େ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃୟାରୀ ୧ରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିଛନ୍ତି। ଏହା ତାଙ୍କର ୪ର୍ଥ ବଜେଟ। ପୂର୍ବଥର ଅପେକ୍ଷା ଏଥର ସେ ୪୩ ପ୍ରତିଶତ କମ୍ ଶବ୍ଦ ପାଠ କରିଛନ୍ତି। ବଜେଟରେ ଦେଶର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦିଆଯାଇ ନ ଥିବା ଭଳି ମନେହେଉଛି। କାରଣ ମୁଖ୍ୟ ଲକ୍ଷ୍ୟ ଫିଜିକାଲ ଓ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ବା ଭିତ୍ତିଭୂମି ଉପରେ କେନ୍ଦ୍ରିତ କରାଯାଇଛି। ଗତିଶକ୍ତି ମାଧ୍ୟମରେ ସଡ଼କ, ରେଳ, ବିମାନବନ୍ଦର, ବନ୍ଦର, ଗଣପରିବହନ, ଜଳପଥ ଓ ଯନ୍ତ୍ରପାତି ପରିବହନ ସଂକ୍ରାନ୍ତ ଭିତ୍ତିଭୂମି ବିକାଶ କରିବା ଉଦ୍ଦେଶ୍ୟ ରଖାଯାଇଛି। ସେହିଭଳି ଡିଜିଟାଲ ଭିତ୍ତିଭୂମି ଉପରେ ସୀତାରାମନ ଅଧିକ ଗୁରୁତ୍ୱ ଦେଇଛନ୍ତି। ୨୦୨୩ରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ମାଧ୍ୟମରେ ଡିଜିଟାଲ ମୁଦ୍ରା ପ୍ରଚଳନ ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କୌତୂହଳର ବିଷୟ ଯେ, ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ବିଲ୍ ଆସି ନ ଥିବା ବେଳେ ସରକାର ଡିଜିଟାଲ କରେନ୍ସି ବୈଧ ବୋଲି ଏକରକମର ସୂଚନା ଦେଇସାରିଲେଣି। ଏପରି କି ଡିଜିଟାଲ ସମ୍ପତ୍ତି ଉପରେ ସରକାର ୩୦ ପ୍ରତିଶତ ଟିକସ ବସାଇବେ ବୋଲି କହିଛନ୍ତି। ଓଡ଼ିଆରେ ଢଗ ଅଛି–'ମୂଳରୁ ମାଇପ ନାହିଁ, ପୁଅ ନା ଗୋପାଳିଆ'। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରାୟ ୧୫୦ କୋଟି ନାଗରିକଙ୍କ ମଧ୍ୟରୁ ହୁଏତ କ୍ୱଚିତ୍ ଏହି କ୍ରିପ୍ଟୋକରେନ୍ସି ସମ୍ବନ୍ଧରେ ଜାଣିଥିବେ। ଏଥିରେ କିଭଳି ଭାବେ ବ୍ୟବସାୟ କରାଯିବ ତାହା ବୁଝିବା ଭଳି ସଂଖ୍ୟା ଅତି ନଗଣ୍ୟ। ଏହିସବୁ ପଦକ୍ଷେପ କେବଳ ଅତ୍ୟନ୍ତ ଧନିକଙ୍କ ପାଇଁ ଉଦ୍ଦିଷ୍ଟ।

କରୋନା ମହାମାରୀ ଯୋଗୁ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଭର୍ଚୁଆଲ ବିଶ୍ୱରେ ଘୂରି ବୁଲୁଥିବାରୁ ସରକାର ଡିଜିଟାଲ ବିଶ୍ୱବିଦ୍ୟାଳୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିରେ କୁହାଯାଇଛି ଯେ, ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ ସକାଶେ ଇନ୍‌ଫର୍ମେଶନ ଆଣ୍ଡ୍ କମ୍ୟୁନିକେଶନ ଟେକ୍ନୋଲୋଜି (ଆଇସିଟି) ବ୍ୟବହାର କରାଯାଇ ସେମାନଙ୍କ ଘର ଦୁଆରମୁହଁରେ ଶିକ୍ଷା ପହଞ୍ଚାଯାଇପାରିବ। ଏହା ପୁଣି ଭାରତୀୟ ଭାଷାରେ ମଧ୍ୟ ଉପଲବ୍ଧ ହେବ। ସରକାରଙ୍କ ଏଭଳି ଚିନ୍ତାଧାରା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ବାସ୍ତବତା ଉପରେ ଅନେକ ସନ୍ଦେହ ରହୁଛି। କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଯଦି 'ଏକ କ୍ଲାସ୍–ଏକ ଟିଭି' ଚ୍ୟାନେଲ ମାଧ୍ୟମରେ ଗୋଟିଏ ଆଞ୍ଚଳିକ ଭାଷାର ପ୍ରଣୟନ କରାଯାଏ ତାହା ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ହେବ। ବଜେଟରେ ଆହୁରି କୁହାଯାଇଛି ଯେ, ପିଏମ୍ ଇ–ବିଦ୍ୟା କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯାଇ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଆଞ୍ଚଳିକ ଭାଷାରେ ୨୦୦ ଟେଲିଭିଜନ ଚ୍ୟାନେଲ ଜରିଆରେ ପଢ଼ାଇବାର ବ୍ୟବସ୍ଥା କରାଯିବ। ଏହା ଶୁଣିବାକୁ ଭଲ ଲାଗୁଛି। କିନ୍ତୁ ବାସ୍ତବତା ସହଜ ନୁହେଁ। କାରଣ ବିଗତ ଦୁଇବର୍ଷ ହେବ କରୋନା ମହାମାରୀ ଯୋଗୁ ଗ୍ରାମାଞ୍ଚଳ କ'ଣ ସହର ଉପକଣ୍ଠର ସବୁ ପିଲାଙ୍କୁ ଅନ୍‌ଲାଇନ୍ ଶିକ୍ଷା ମିଳିପାରି ନ ଥିବା ନେଇ ଅସଂଖ୍ୟ ରିପୋର୍ଟ ପ୍ରକାଶ ପାଇଛି। ଯେଉଁ ଦେଶରେ ଏପର୍ଯ୍ୟନ୍ତ ୨୪ ଘଣ୍ଟିଆ ଉଚ୍ଚମାନର ବିଦ୍ୟୁତ୍ ଶକ୍ତି ପହଞ୍ଚି ପାରୁନାହିଁ, ସେଠାରେ ଏଭଳି ବ୍ୟବସ୍ଥା ବିଶ୍ୱାସଯୋଗ୍ୟ ହେଉନାହିଁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୨୦୨୨ ସୁଦ୍ଧା ସବୁଘରେ ବିଦ୍ୟୁତ୍ ପହଞ୍ଚିବ ବୋଲି ପୂର୍ବରୁ ମୋଦି ସରକାର ଘୋଷଣା କରିଥିଲେ। ତାହା ଏଯାଏ ଫଳପ୍ରଦ ହୋଇନାହିଁ।

ଅନୁରୂପ ଭାବେ ଡିଜିଟାଲ ଫର୍ମାଟ ପ୍ରତ୍ୟେକ କାର୍ଯ୍ୟକୁ ସହଜ କରିପାରୁଥିଲେ ମଧ୍ୟ ଭାରତରେ ତାହାର ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ଥିବାରୁ ଲକ୍ଷ୍ୟ ପୂରଣ କରିବା କାଠିକର ବ୍ୟାପାର। ତଥାପି ସରକାର ଲକ୍ଷ୍ୟ ରଖିଛନ୍ତି, ସ୍ୱାଧୀନତାର ୭୫ ବର୍ଷରେ ଦେଶର ୭୫ ଜିଲାରେ ଡିଜିଟାଲ ବ୍ୟାଙ୍କିଙ୍ଗ ୟୁନିଟ୍ ସୁବିଧା ଉପଲବ୍ଧ କରାଇବେ। ଏହାର କାର୍ଯ୍ୟକାରିତା କେତେ ସୁଦୂରପ୍ରସାରୀ ହେବ ତାହା ଶୁଭାରମ୍ଭ ପରେ ଜଣାପଡ଼ିବ।

ଗୋଟିଏ ରାଷ୍ଟ୍ରର ଉନ୍ନତି ଏହାର ସାମାଜିକ ଭିତ୍ତିଭୂମି ଯଥା ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଉପରେ ନିର୍ଭର କରେ। ଉପରଲିଖିତ ଶିକ୍ଷାର ବିକାଶ ଚିନ୍ତାଧାରାକୁ କିଭଳି ସଜଡ଼ା ଯାଇଛି ତାହା ବୁଝିହେଉଛି। ଏଭଳି ସ୍ଥଳେ ସ୍ୱାସ୍ଥ୍ୟକ୍ଷେତ୍ରରେ ମଧ୍ୟ ସେହି ଡିଜିଟାଲ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। କରୋନା ମହାମାରୀ ସମୟରେ ବିଭିନ୍ନ ଦିଗରୁ ଅନେକ ଲୋକଙ୍କ ମାନସିକ ସ୍ଥିତି ବିଗିଡ଼ିଯାଇଛି ବୋଲି ସରକାର ଅନୁମାନ କରି ନ୍ୟାଶନାଲ ଟେଲିମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ୍ ଶୁଭାରମ୍ଭ କରିବେ ବୋଲି ବଜେଟରେ ଦର୍ଶାଇଛନ୍ତି। ଏଥିରେ ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ ହେଲ୍‌ଥ ଆଣ୍ଡ୍ ନ୍ୟୁରୋସାଇନ୍ସସେସ୍ (ନିମ୍‌ହାନ୍‌ସ)କୁ ନୋଡାଲ ସେଣ୍ଟର କରାଯିବ ଏବଂ ଏଥିଲାଗି ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି–ବାଙ୍ଗାଲୋର ୨୩ଟି ଟେଲିମେଣ୍ଟାଲ ହେଲ୍‌ଥ ସେଣ୍ଟର ଲାଗି ବୈଷୟିକ ସହାୟତା ଦେବ ବୋଲି କୁହାଯାଇଛି। ଅର୍ଥାତ୍ ଏହି ବ୍ୟବସ୍ଥା ମଧ୍ୟ ଡିଜିଟାଲ ଉପରେ ନିର୍ଭରଶୀଳ। ଆଶା କରାଯାଉଥିଲା କୋଭିଡ୍–୧୯ ଯୋଗୁ ଦେଶର ସ୍ୱାସ୍ଥ୍ୟସେବା ବିଗିଡ଼ିଯାଇଥିବାରୁ ସରକାର ଅଧିକ ମେଡିକାଲ କଲେଜ, ହସ୍ପିଟାଲ ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି କରିବେ। ହେଲେ ଦେଶବାସୀଙ୍କୁ ଡିଜିଟାଲ ସ୍ୱାସ୍ଥ୍ୟ ଭେଟି ଦିଆଯାଇଛି। ଏହାର ଅର୍ଥ କ'ଣ ତାହା ସାଧାରଣ ଜନତା କିଛି କାଳ ପରେ ବୁଝିପାରିବେ।

ଆଗାମୀ ୫ ବର୍ଷରେ ଦେଶରେ ୬୦ ଲକ୍ଷ ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। କିନ୍ତୁ କେଉଁଭଳି ଭାବେ ଏସବୁ ନିଯୁକ୍ତି ସୃଷ୍ଟି ହେବ, ସେ ଦିଗରେ କିଛି ଉଲ୍ଲେଖ କରାଯାଇନାହିଁ। ନିକଟ ଅତୀତରେ କୃଷକ ଆନ୍ଦୋଳନକୁ ନେଇ ଦେଶବ୍ୟାପୀ ଅନେକ ସମସ୍ୟା ଦେଖାଦେଇଥିବା ବିଷୟ ସମସ୍ତେ ଜାଣନ୍ତି। ଦେଶ ଜନସଂଖ୍ୟାର ଏହି ବୃହତ୍ ବର୍ଗ ପାଇଁ ବଜେଟରେ ସେଭଳି କୌଣସି ସୁବିଧା କରାଯାଇନାହିଁ। କେବଳ ଶସ୍ୟ ଆକଳନ ଲାଗି 'କିଷାନ ଡ୍ରୋନ୍' ଓ ଜମିର ଡିଜିଟାଲୀକରଣ ଆଦି କିରାଣିଧର୍ମୀ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି। ସେଥିରେ ବିପୁଳ ଅର୍ଥ ଖର୍ଚ୍ଚ କରାଯିବ। କେତେକ ବୃହତ୍ ଘରୋଇ କମ୍ପାନୀ ବିଦେଶରୁ ଡ୍ରୋନ୍ ଉଡ଼ାଜାହାଜ ଆଣି ସରକାରଙ୍କୁ ବିକିବେ ଓ ଅଧିକ ଲାଭର ମାଲିକ ହେବେ। କୃଷି ସଂକ୍ରାନ୍ତରେ ୨୦୨୩କୁ ଅନ୍ତର୍ଜାତୀୟ ମିଲେଟ୍ ବା ମାଣ୍ଡିଆ ବର୍ଷ ଭାବେ ଘୋଷଣା କରାଯିବ ଓ ରାସାୟନିକ ମୁକ୍ତ କୃଷିକୁ ଗୁରୁତ୍ୱ ଦିଆଯିବ ବୋଲି ବଜେଟରେ କୁହାଯାଇଛି। କିନ୍ତୁ ସେଥିରେ କେଉଁ ପ୍ରକାର ପଦକ୍ଷେପ ନିଆଯିବ ଭାଷଣରେ ତାହା ଦର୍ଶାଯାଇନାହିଁ।

ବଜେଟ ପୂର୍ବରୁ ବହୁ ଆଲୋଚନା ହେଉଥିଲା ଯେ, କରୋନା ଯୋଗୁ ରୋଜଗାରିଆଙ୍କ ଆୟ କମିଯାଇଥିବାରୁ ଆୟକରଦାତାଙ୍କୁ ବୃହତ୍ ସୁବିଧା ଦିଆଯିବ। ସମ୍ଭବତଃ ଷ୍ଟାଣ୍ଡାର୍ଡ ଡିଡକ୍‌ଶନ ୫୦ ହଜାରରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ତାହା ନୋହିଲା। ଏଥିରେ ମଧ୍ୟବିତ୍ତ ବର୍ଗ ପାଇଁ କୌଣସି ସୁବିଧା ଦିଆଯାଇନାହିଁ। ଅନ୍ୟପକ୍ଷରେ ଟାବ୍‌ଲେଟ୍‌ରୁ ବଜେଟ ପଢୁଥିବା ଅର୍ଥମନ୍ତ୍ରୀ ଟିକସ ବ୍ୟବସ୍ଥା ବିଷୟରେ କହିଲା ବେଳେ ଏକ କାଗଜ ଧରି ସେଥିରୁ କିଛି ପାଠ କରିଥିବା ଦେଖିବାକୁ ମିଳିଥିଲା। ସେ କହିଥିଲେ ଯେ, ଜାନୁୟାରୀ ୨୦୨୨ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୧ ଲକ୍ଷ ୩୮ ହଜାର କୋଟି ଟଙ୍କା ଅତିକ୍ରମ କରି ରେକର୍ଡ କରିଛି। ଏହା କହିଲା ବେଳେ ଶାସକ ଦଳ ଟେବୁଲ ବାଡ଼େଇ ତାଙ୍କୁ ସମର୍ଥନ କରିଥିଲେ। ଏଥିରୁ ବୁଝିହେଉଛି ଯେ, ସରକାର ଆୟକର ସ୍ଲାବ୍‌ରେ ହସ୍ତକ୍ଷେପ ନ କରି ଜିଏସ୍‌ଟି ସଂଗ୍ରହ କିଭଳି ବଢ଼ିଚାଲିବ ସେହି ଦିଗରେ ଧ୍ୟାନ ଦେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଦେଶର ପ୍ରତ୍ୟେକ ବ୍ୟକ୍ତି ପ୍ରତି ସାମଗ୍ରୀ ଓ ସେବା ଉପରେ ଟିକସ ଦେଇଥାଆନ୍ତି। ସେହି ତୁଳନାରେ ଆୟକରଦାତାଙ୍କ ସଂଖ୍ୟା କମ୍ ରହିଥିବାରୁ ସେମାନଙ୍କୁ ସୁବିଧା ଦେବା ଲାଗି ଅର୍ଥମନ୍ତ୍ରୀ ଚାହିଁନାହାନ୍ତି।

ଉତ୍ତରପ୍ରଦେଶ ସମେତ ୫ଟି ରାଜ୍ୟରେ ଆଗକୁ ନିର୍ବାଚନ ହେବାର ଅଛି। ସେହିସବୁ ରାଜ୍ୟକୁ ସରକାର ବଜେଟରେ ସ୍ୱତନ୍ତ୍ର ସୁବିଧା ଦେଇପାରନ୍ତି ବୋଲି ଆଲୋଚନା ହେଉଥିଲା। ମୋଦି ସରକାର ସମାଲୋଚିତ ହେବା ଆଶଙ୍କା କରି ସିଧାସଳଖ ସୁବିଧା ଘୋଷଣା କରିନାହାନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ୮୦ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି। ଏଥିରୁ ବୁଝାପଡୁଛି ସରକାର ଚତୁରତାର ସହ ସବୁକିଛି ପରିଚାଳନା କରିବା ଲାଗି ରଣକୌଶଳ ପ୍ରସ୍ତୁତ କରିଛନ୍ତି। ବଜେଟରେ ଛତା ମହଙ୍ଗା ହେବ ବୋଲି କୁହାଯାଇଛି। ସମ୍ଭବତଃ ଆଉ ଏକ ନୂଆ ପରୀକ୍ଷଣ କରିବାକୁ ଯାଇ କେନ୍ଦ୍ର ସରକାର 'ଛତା ଯୁଆଡ଼େ, ବର୍ଷା ସିଆଡ଼େ' ଯାଉ ବୋଲି ଚାହିଁଛନ୍ତି।

# ଥାପଡ଼କୁ ନା



ପ୍ରକାଶ ତ୍ରିପାଠୀ

କେତେକ କାରଣ ପାଇଁ ପତ୍ନୀଙ୍କ ଉପରକୁ ହାତ ଉଠାଇବା ଯୁକ୍ତିଯୁକ୍ତ। ଏଭଳି ମତ ପୁରୁଷ ନୁହେଁ, କେତେକ ମହିଳା ହିଁ ପ୍ରକାଶ କରିଛନ୍ତି। ଏଭଳି ଏକ ଦୁଃଖଦ ତଥ୍ୟ ପ୍ରକାଶ ପାଇଛି ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫ ରିପୋର୍ଟରେ। ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୪ଟିରେ ୩୦ ଭାଗରୁ ଅଧିକ ମହିଳା ମତ ରଖିଛନ୍ତି ଯେ, ପତ୍ନୀମାନଙ୍କୁ ବିଭିନ୍ନ କାରଣ ପାଇଁ ପତିମାନେ ମାରିବା ଯୁକ୍ତିଯୁକ୍ତ। ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ କର୍ନାଟକରେ ୭୫%ରୁ ଅଧିକ ମହିଳା ପତ୍ନୀମାନେ ମାଡ଼ ଖାଇବାକୁ ଠିକ୍ କହିଥିବା ବେଳେ ମଣିପୁରରେ ୬୬%, କେରଳରେ ୫୨%, ଜମ୍ମୁ–କଶ୍ମୀରରେ ୪୯%, ମହାରାଷ୍ଟ୍ରରେ ୪୪%, ପଶ୍ଚିମବଙ୍ଗରେ ୪୨% ମହିଳା ଏହା ସପକ୍ଷରେ ମତ ଦେଇଛନ୍ତି। ଏହି ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମହିଳାମାନଙ୍କୁ ପଚରା ଯାଇଥିଲା ଯେ, ଆପଣଙ୍କ ମତରେ ପତ୍ନୀଙ୍କୁ ପତି ବାଡ଼େଇବା ଯୁକ୍ତିଯୁକ୍ତ କି ? ସର୍ଭେ ସମୟରେ ଏହା ମଧ୍ୟ ପଚରା ଯାଇଥିଲା ଯେ କେଉଁ ପରିସ୍ଥିତିରେ ପତିମାନେ ପତ୍ନୀଙ୍କୁ ବାଡ଼େଇ ଥାନ୍ତି। ଏହାର ଉତ୍ତରରେ ମହିଳାମାନେ କହିଥିଲେ ଯେ, ପତ୍ନୀମାନେ ପତିଙ୍କ ପ୍ରତି ବିଶ୍ୱସ୍ତ ନ ରହିଲେ, ଶାଶୁ–ଶ୍ୱଶୁରଙ୍କୁ ସମ୍ମାନ ପ୍ରଦର୍ଶନ ନ କଲେ, ପତିଙ୍କ ସହିତ ଯୁକ୍ତିତର୍କ କଲେ, ପତିଙ୍କ ସହ ଶାରୀରିକ ସମ୍ପର୍କ ପାଇଁ ରାଜି ନ ହେଲେ, ପତିଙ୍କୁ ନ କହି ବାହାରକୁ ବୁଲିବାକୁ ଗଲେ, ରୋଷେଇ ଠିକ୍‌ରେ ନ କଲେ ଓ ପିଲାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କଲେ ପତ୍ନୀଙ୍କୁ ପତି ବାଡ଼େଇଲେ କିଛି ଭୁଲ୍ ନାହିଁ।

ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫ ରିପୋର୍ଟରେ ଏକଥା ବି ପ୍ରକାଶ ପାଇଛି ଯେ ଭାରତରେ ଏବେ ପ୍ରତି ୧୦୦୦ ପୁରୁଷ ତୁଳନାରେ ମହିଳାଙ୍କ ସଂଖ୍ୟା ୧୦୨୦; ଯାହା କି ଅତି ଉତ୍ସାହଜନକ। ସେହିପରି କନ୍ୟା ଜନ୍ମ ହାର ମଧ୍ୟ ବିଗତ ବର୍ଷ ତୁଳନାରେ ବୃଦ୍ଧି ଘଟିଛି। କେବଳ ସଂଖ୍ୟାରେ ନୁହେଁ, ବାସ୍ତବରେ ପ୍ରତିଟି କ୍ଷେତ୍ରରେ ମହିଳାମାନେ ପୁରୁଷଙ୍କ ତୁଳନାରେ ଆଗରେ ରହିଛନ୍ତି। ଘରେ କନ୍ୟା ସନ୍ତାନଟିଏ ଜନ୍ମ ନେଲେ ଘର ଲୋକେ ଖୁସିରେ କହୁଛନ୍ତି ଯେ ଘରକୁ ଲକ୍ଷ୍ମୀ ଆସିଛନ୍ତି। ପୁତ୍ର ସନ୍ତାନ ଓ କନ୍ୟା ସନ୍ତାନ ଜନ୍ମ ମଧ୍ୟରେ କୌଣସି ଫରକ ପଡୁନାହିଁ ପରିବାରରେ। ଶିକ୍ଷା ହେଉ କି ଗବେଷଣା, କ୍ରୀଡ଼ା ହେଉ କି ଦେଶ ସୁରକ୍ଷା, ସବୁଠାରେ ପୁରୁଷ ସହ କାନ୍ଧକୁ କାନ୍ଧ ମିଳାଇ ମହିଳାଙ୍କ ଜୟଯାତ୍ରା ଅବ୍ୟାହତ ରହିଛି। ଅନେକ କ୍ଷେତ୍ରରେ ପୁରୁଷଙ୍କଠାରୁ ଆଗରେ ଅଛନ୍ତି ମହିଳା। ସମୟର ପରିବର୍ତ୍ତନ ସହ ମହିଳାଙ୍କ ପରିଚୟ ବଦଳିଛି। ବଦଳିଛି ସେମାନଙ୍କ ରୁଚି ଓ ସ୍ୱପ୍ନ। ସେ ନିଜର ପରିଚୟ କେବଳ ଘରର କାମ ଦାମରେ ସୀମିତ ନ ରଖି ଘରର ଆର୍ଥିକ ବିକାଶ ଦିଗରେ ନିଜକୁ ସହଭାଗୀ କରିପାରିଛି। ସାବଲମ୍ବୀ ହେବା ସହ ନିଜକୁ ସଶକ୍ତ କରିପାରିଛି। ଆଜିର ନାରୀ ପୁରୁଷଠାରୁ କୌଣସି ଗୁଣରେ କମ୍ ନୁହେଁ ଏକଥା ଆଉ ପ୍ରମାଣ ଦେଖାଇବାର ଆବଶ୍ୟକତା ନାହିଁ।

ନାରୀ ନିଜ କ୍ୟାରିୟର ଗଢ଼ିବାର ନିର୍ଣ୍ଣୟ ନିଜେ ନେଇପାରୁଛି। ପାଠ ପଢ଼ି ଚାକିରି କରୁଛି ଓ ନିଜର ପିତୃଦତ୍ତ ସାଙ୍ଗିଆ ପରିବର୍ତ୍ତନ ଆବଶ୍ୟକ ହେଉନାହିଁ ତା' ପାଇଁ। ଇଂଜିନିୟରିଂ, ଏମ୍‌ବିଏ, ସିଭିଲ ସର୍ଭିସ, ଆଇନ, ଅଲିମ୍ପିକ୍‌ସ, ଡିଫେନ୍‌ସ ଆଦିରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିପାରୁଛି। ଏତେ ସଫଳତା ସତ୍ତ୍ୱେ ମଧ୍ୟ ଦୁଃଖ ଲାଗେ ଯେତେବେଳେ ଛୋଟ ଛୋଟ କଥାରେ ସ୍ୱାମୀଠାରୁ ଥାପଡ଼ ଖାଇବା ଯୁକ୍ତିଯୁକ୍ତ ବୋଲି ସେ ମତ ପ୍ରଦାନ କରେ। ସତେ ଯେମିତି ଘରେ ପିଲା ଛୁଆଙ୍କ ଯତ୍ନ ନେବା କେବଳ ପତ୍ନୀଙ୍କ କାମ ଓ ସେଥିରେ ତିଳେ ମାତ୍ର ତ୍ରୁଟି ପରିଲକ୍ଷିତ ହେଲେ ସେ ପତିଙ୍କଠାରୁ ଥାପଡ଼ ଖାଇବ। ଘରକୁ ସଫାସୁତୁରା ରଖିବା ସହ ଶାଶୁ ଶ୍ୱଶୁରଙ୍କ ଯତ୍ନ ଠିକ ଭାବେ ନେବ। ଏଥିରେ ଟିକେ ଏପଟ ସେପଟ ହେଲେ ପତିଙ୍କଠାରୁ ମାଡ଼ ଖାଇବ। ପତି ଯାହା କହିବେ, ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବ। ପତିଙ୍କ ସହ ଯୁକ୍ତି କରିବ ନାହିଁ, ପତି ଯେତେବେଳେ ଶାରୀରିକ ସମ୍ପର୍କ ଚାହିଁବେ ସେଥିରେ ସହଯୋଗ କରିବ। ନ ହେଲେ ସ୍ୱାମୀଙ୍କଠାରୁ ମାଡ଼ ଖାଇଲେ କିଛି ଭୁଲ୍ ନାହିଁ। ଯୁଆଡ଼େ ଯିବ ସ୍ୱାମୀଙ୍କୁ କହିକି ଯିବ। ରୋଷେଇ ସାଦିଷ୍ଟ ହେବା ଦରକାର। ଏଭଳି କର୍ମ କରିବ ନାହିଁ; ଯେଉଁଥିରେ ପତ୍ନୀଙ୍କ ପ୍ରତି ପତିଙ୍କର ସନ୍ଦେହ ସୃଷ୍ଟିହେବ। ଏଥିରେ ଏପଟ ସେପଟ ହେଲେ ଯଦି ସ୍ୱାମୀ ବାଡ଼ାନ୍ତି ତେବେ ଏଥିରେ ତାଙ୍କର କିଛି ଭୁଲ୍ ନାହିଁ ବୋଲି ମତ ପ୍ରକାଶ କରିଛନ୍ତି ଅନେକ ଶିକ୍ଷିତ ମହିଳା। ଅନେକ ଉନ୍ନତ ରାଜ୍ୟର ମହିଳାମାନେ ଏଭଳି ମତ ପ୍ରଦାନ କରିବା ନିଶ୍ଚିତ ଦୁଃଖଦ। ଏପରି କି ସର୍ବାଧିକ ଶିକ୍ଷିତ ରାଜ୍ୟ ଭାବେ ପରିଚିତ କେରଳର ୫୨% ମହିଳା ପତିଙ୍କ ଦ୍ୱାରା ପତ୍ନୀଙ୍କୁ ମାଡ଼ ମାରିବା ପ୍ରସଙ୍ଗକୁ ସମର୍ଥନ କରିଛନ୍ତି। ମାତୃସତ୍ତାତ୍ମକ ବିଚାରଧାରାକୁ ସମର୍ଥନ କରୁଥିବା କେତେକ ରାଜ୍ୟର ମହିଳାମାନେ ଏହାକୁ ସମର୍ଥନ ଦେବା ବି ଆଶ୍ଚର୍ଯ୍ୟ ଲାଗେ। ସମାଜରେ ଜଣେ ମହିଳାଙ୍କ ଯେତେବଡ଼ ଆସନ ଥାଉ, ଘର ପାଇଁ ତାଙ୍କର ଯେତେ ଅବଦାନ ରହିଥାଉ, ଘରଭିତରେ ଓ ପତି ଆଗରେ ଏହା ମୂଲ୍ୟହୀନ। ମହିଳାଙ୍କ ଶିକ୍ଷା, ସାମାଜିକ ସ୍ଥିତି ସତେ ଯେମିତି ଶୂନ।

ଘରୋଇ ହିଂସାରେ ମହିଳା ଓ ଶିଶୁମାନେ ଅଧିକ ଶିକାର ହୋଇଥାନ୍ତି। ମହିଳା ଓ ଶିଶୁଙ୍କ ଉପରକୁ ହାତ ଉଠାଇ ମରଦ ପଣିଆକୁ ସାକାର କରିଥାନ୍ତି ଅନେକ ପୁରୁଷ। ଗୋଟିଏ ପଟେ ପତ୍ନୀଙ୍କୁ ଗୃହ ଲକ୍ଷ୍ମୀର ମାନ୍ୟତା ଦିଅନ୍ତି ସତ, ମାତ୍ର ଅନ୍ୟପଟରେ ଟିକେ ଟିକେ କଥାରେ ପତ୍ନୀଙ୍କ ଉପରକୁ ହାତ ଉଠାଇବାକୁ ପଛାଇ ନ ଥାନ୍ତି। ନିକଟରେ ସୁପ୍ରିମକୋର୍ଟ ଘରୋଇ ହିଂସା ବୃଦ୍ଧି ଉପରେ କେନ୍ଦ୍ର ସରକାରଙ୍କଠାରୁ ଉତ୍ତର ମାଗିଛନ୍ତି। ଏ ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ ଘରୋଇ ହିଂସା ଅଧିନିୟମ–୨୦୦୫ କାର୍ଯ୍ୟକାରୀ ସତ୍ତ୍ୱେ ମହିଳାଙ୍କ ବିରୋଧରେ ଘରୋଇ ହିଂସା ଏକ ସାଧାରଣ କଥା। ଘରୋଇ ହିଂସାର ସମ୍ମୁଖୀନ ହେଉଥିବା ମହିଳାଙ୍କ ସଂଖ୍ୟା ମଧ୍ୟରୁ ୮୬ ପ୍ରତିଶତ ମହିଳା ଅଭିଯୋଗ ନ କରି ଚୁପ ରହିଥାନ୍ତି। ଏହିମାନଙ୍କ ଭିତରେ ବୋଧହୁଏ କିଛି ମହିଳା ସେମାନଙ୍କ ପ୍ରତି ହିଂସାକୁ ଉଚିତ ଭାବିଥାନ୍ତି। ପ୍ରକାଶଯୋଗ୍ୟ ଯେ, ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫ ରିପୋର୍ଟ ଅନୁଯାୟୀ ଆମ ଦେଶର ସହରାଞ୍ଚଳରେ ୨୪.୨ ପ୍ରତିଶତ ଓ ଗ୍ରାମାଞ୍ଚଳରେ ୩୧.୬ ପ୍ରତିଶତ ମହିଳା ଘରୋଇ ହିଂସାର ସମ୍ମୁଖୀନ ହେଉଛନ୍ତି।

ସାଧାରଣତଃ ଦେଖାଯାଏ ଯେ, ଆମ ସମାଜରେ ଟିକେ ଟିକେ କଥାରେ ପୁରୁଷଟିଏ ନିଜ ପତ୍ନୀ ଅବା ଛୋଟ ଝିଅ–ପୁଅଙ୍କ ଉପରକୁ ହାତ ଉଠାଇ ଦିଅନ୍ତି। ଘରର ଅନ୍ୟ ସଦସ୍ୟମାନେ ଏହା ସପକ୍ଷରେ ଯୁକ୍ତି ଦର୍ଶାନ୍ତି ଯେ, ପୁରୁଷଟି ନିଜର ଭାବେ ବୋଲି, ଅଧିକାର ଅଛି ବୋଲି ଅବା ଭଲପାଏ ବୋଲି ହାତ ଉଠାଇ ଦେଉଛି। ଏଥିରେ ଅଧିକ ପ୍ରତିକ୍ରିୟାଶୀଳ ହେବା ଠିକ୍ ନୁହେଁ। ପିଢ଼ି ପରେ ପିଢ଼ି ଏହି ଭାବନା ଓ ଚିନ୍ତାଧାରାରେ ମହିଳାମାନେ ଗତି କରୁଛନ୍ତି। ମନେ ମନେ ସେମାନେ ଭାବିନିଅନ୍ତି ଯେ ହଁ, ନିଜ ପତି ତ ବଡ଼େଇଦେଲା, ଏଥିରେ ଖରାପ ଭାବିବାର କ'ଣ ଅଛି। ପରିବାରରେ ପତ୍ନୀ–ପତି ମଧ୍ୟରେ ମନାନ୍ତର ବା ମତାନ୍ତର ହୁଏ, ଝଗଡ଼ା ହୁଏ ଓ ତାହା ସମାଧାନ ମଧ୍ୟ ହୁଏ। ମାତ୍ର ଏଥି ଯୋଗୁ ଜଣଙ୍କ ଉପରକୁ ହାତ ଉଠାଇବା, ଥାପଡ଼ ମାରିବା ଓ ଏହାକୁ ଭଲପାଇବାର, ଅଧିକାର ପ୍ରଦର୍ଶନ କରିବାର ସଙ୍କେତ ବୋଲି ଯୁକ୍ତି ଦର୍ଶାଇବା ସମ୍ପୂର୍ଣ୍ଣ ଭୁଲ୍। ସମୟ ବଦଳିଛି। ଏବେ ଛୋଟ ବେଳୁ କନ୍ୟାମାନଙ୍କୁ ଶିକ୍ଷା ଦେବା ଉଚିତ ଯେ, ନିଜ ଘର ଲୋକ ହୁଅନ୍ତୁ ବା ବାହାର ଲୋକ, କେହି ବି କୌଣସି ପରିସ୍ଥିତିରେ ସେମାନଙ୍କୁ ଥାପଡ଼ ମାରିପାରିବେନି କିମ୍ବା ସେମାନଙ୍କ ଉପରକୁ ହାତ ଉଠାଇ ପାରିବେନି। କନ୍ୟାମାନଙ୍କୁ ଶିକ୍ଷା, ଆତ୍ମନିର୍ଭର ପାଇଁ ତାଲିମ ପ୍ରଦାନ ସହ ଏହା ବି ଶିକ୍ଷା ଦେବା ଜରୁରୀ ଯେ ସେମାନଙ୍କ ଉପରକୁ ହାତ ଉଠାଇବାର ଅଧିକାର କାହାରିକୁ ଦିଆଯାଇ ନାହିଁ। ପ୍ରଥମ ଥର ନିଜ ଉପରକୁ ପତିଙ୍କ ହାତ ଉଠୁଥିବା ସମୟରେ ଏହାକୁ ରୋକିବା ଆବଶ୍ୟକ। ଏହାକୁ ସହିଗଲେ ଅବା ଏହାକୁ ପତିଙ୍କ ଅଧିକାର ବା ଭଲପାଇବାର ସଙ୍କେତ ବୋଲି ଭାବିନେଲେ ପିଢ଼ି ପରେ ପିଢ଼ି ଏହି ଥାପଡ଼ ସେମାନଙ୍କୁ ଅନୁସରଣ କରୁଥିବ।

prakas.tripathy09@gmail.com

# ଡାଟା ଗହଳିରେ ଜୀବନ



ଇପ୍ସିତା ମହାନ୍ତି

ତିରିଶ ବର୍ଷ ପୂର୍ବେ ଲୋକେ ଇଣ୍ଟରନେଟ୍‌ର ନାମ ହିଁ ଶୁଣି ନଥିଲେ, କିନ୍ତୁ ବର୍ତ୍ତମାନ ଏହା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ସାରିଛି। ଇଣ୍ଟରନେଟ୍ ଆଜି ଲୋକଙ୍କ ଜୀବନରେ ଏକ ନୂତନ କ୍ରାନ୍ତି ଆଣି ଦେଇଛି। ଦୈନନ୍ଦିନ ଜୀବନର ପ୍ରାୟ ସମସ୍ତ କାର୍ଯ୍ୟ ଏବେ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଦ୍ୱାରା ସମ୍ପାଦିତ ହେଉଛି। ଅନେକେ ବିଶ୍ୱାସ କରନ୍ତି ଯେ, ଇଣ୍ଟରନେଟ ଯୋଗୁ ହିଁ ସାଧାରଣ ଲୋକଙ୍କ ଜୀବନ ଅତି ସହଜ ଓ ସରଳ ହୋଇଛି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ଯୁବବର୍ଗ ଏବଂ ମଧ୍ୟବିତ୍ତଙ୍କ ଯାଏ ସମସ୍ତେ ଆଜି ଇଣ୍ଟରନେଟ୍‌କୁ ନେଇ ଅଧିକ ଉତ୍ସାହିତ। ଅନ୍ୟପଟେ ଏହାର ଅତ୍ୟଧିକ ବ୍ୟବହାର ଆମ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି। ଏହାର ଅପବ୍ୟବହାର ଆମକୁ ଅନ୍ଧକାର ମଧ୍ୟକୁ ଠେଲିଦେଉଛି। ଏହା ହିଁ ବାସ୍ତବତା। ଇଣ୍ଟରନେଟ୍ ହେତୁ ଆଜିର ଯୁବଗୋଷ୍ଠୀ ଜ୍ଞାନ ବଦଳରେ ଅଶ୍ଳୀଳତାର ଅନ୍ଧକୂପ ମଧ୍ୟରେ ଆପଣାଛାଏଁ ଗଳି ପଡୁଛନ୍ତି। ଏହା ଯେତିକି ଚିନ୍ତାଜନକ, ସେତିକି ପରିତାପର ବିଷୟ।

ଭାରତରେ ପ୍ରଥମ ଥର ପାଇଁ ୧୫ ଅଗଷ୍ଟ ୧୯୯୫ରେ ଇଣ୍ଟରନେଟ୍‌ର ବ୍ୟବହାର ଆରମ୍ଭ ହୋଇଥିଲା। ଭାରତରେ ଇଣ୍ଟରନେଟ୍ ଆଜି ୨୬ ବର୍ଷ ପୂରଣ କରିସାରିଛି। ଏକ ତଥ୍ୟ ଅନୁସାରେ ଡିସେମ୍ବର ୨୦୨୦ରେ ଆମ ଦେଶରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଥିଲା ୭୯.୫୧ କୋଟି। ମାର୍ଚ୍ଚ ୨୦୨୧ରେ ଏହି ସଂଖ୍ୟା ବୃଦ୍ଧି ପାଇ ୮୨.୫୩ କୋଟିରେ ପହଞ୍ଚିଛି। ଇଣ୍ଟରନେଟ୍ ବିପ୍ଳବ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି, କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ସାମ୍ନାକୁ ଆସୁଛି। ପିଲାମାନଙ୍କର ବାଲ୍ୟକାଳ ସହ ଶୈକ୍ଷିକ ଜୀବନ ଏବେ ଇଣ୍ଟରନେଟ୍ ମଧ୍ୟରେ ହଜି ଚାଲିଛି। ବିଗତ କିଛି ବର୍ଷ ହେଲା ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷିପ୍ର ଗତିରେ ଅଗ୍ରଗତି କରିଛି। ଏହା ଶିକ୍ଷାର୍ଥୀମାନଙ୍କର ଜୀବନଶୈଳୀକୁ ବଦଳାଇ ଦେଇଛି। ଶିଶୁ ଏବଂ ଯୁବକମାନେ କ୍ଷଣକ ପାଇଁ ମଧ୍ୟ ଆଜି ସ୍ମାର୍ଟଫୋନଠାରୁ ଦୂରେଇ ରହିବାକୁ ଚାହୁଁନାହାନ୍ତି। ସେମାନଙ୍କ ପାଇଁ ଆଜି ଏହା ଏକ ପ୍ରକାରର ନିଶା ହୋଇଯାଇଛି ଓ ପିଲାମାନଙ୍କର ଖେଳ ଏବଂ ଅଧ୍ୟୟନ ସମୟକୁ ଗିଳି ଚାଲିଛି। ଯାହାର ସିଧାସଳଖ ପ୍ରଭାବ ପିଲାମାନଙ୍କର ଶାରୀରିକ ଏବଂ ମାନସିକ ବିକାଶ ଉପରେ ପଡ଼ିଛି। ପିଲାଙ୍କ ମଧ୍ୟରେ ଆଶାତୀତ ଭାବେ ବୃଦ୍ଧି ପାଉଥିବା ଇଣ୍ଟରନେଟ୍‌ର ନିଶା ପିଲାଙ୍କଠାରେ ସମ୍ବେଦନହୀନ ଭାବନା ସୃଷ୍ଟି କରି ବିପଦକୁ ଆମନ୍ତ୍ରଣ କରିଛି।

ସେହିଭଳି ଆଜି ଏକ ନୂତନ ଧରଣର ଆତଙ୍କ ସାରାଦୁନିଆକୁ କବଳିତ କରି ଚାଲିଛି। ତାହା ହେଉଛି ସାଇବର୍ ଆତଙ୍କ। ଇଣ୍ଟରନେଟ୍‌ର ଦୁରୁପଯୋଗ ଦ୍ୱାରା ସମାଜରେ ଅସ୍ଥିରତା ସୃଷ୍ଟି ପାଇଁ ଏଭଳି ଆତଙ୍କ ସୃଷ୍ଟି କରାଯାଉଛି। ଆତଙ୍କବାଦ, ଯଦି କୌଣସି ସରକାର କିମ୍ବା ସରକାରୀ କାର୍ଯ୍ୟକ୍ରମକୁ ବାରମ୍ବାର ଧମକ ଦେବ ଅବା ତଥ୍ୟ ଚୋରି କରିଚାଲିବ; ତେବେ ତାହା ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବ। ୧୯୯୦ ଅକ୍ଟୋବର ପହିଲାରେ ୟୁରୋପୀୟ ପରୀକ୍ଷାଗାରରେ ଟିମ ବାର୍ଣ୍ଣେସଲି ପ୍ରଥମ ଥର ପାଇଁ ଇଣ୍ଟରନେଟ ତଥ୍ୟ ପ୍ରଦାନ କରିଥିଲେ। ସେହି ଇଣ୍ଟରନେଟ୍ ଆଜିର ଆଧୁନିକ ବିଜ୍ଞାନ ଯୁଗରେ ଆତଙ୍କର କାୟା ମେଲାଇ ଚାଲିଛି। ଏଥି ସମ୍ପର୍କିତ ବିଭିନ୍ନ ଅପରାଧକୁ ରୋକିବା ପାଇଁ ସରକାର ବର୍ତ୍ତମାନ ସାଇବର୍ ଥାନା ପ୍ରତିଷ୍ଠା କଲେଣି। ଏହା କିନ୍ତୁ ଯଥେଷ୍ଟ ହେଉନାହିଁ। ଏଭଳି ଅପରାଧକୁ ରୋକିବା ପାଇଁ ଜନସଚେତନତା ଜରୁରୀ।

ଇଣ୍ଟରନେଟ୍‌କୁ ନିଶ୍ଚିତ ଭାବେ ପ୍ରଗତି ଏବଂ ବିକାଶର ଏକ ସୂଚକ ରୂପେ ଗଣାଯିବ, କିନ୍ତୁ ଏହାର ରିମୋଟ୍ ଆଜି କ୍ଷୀରଖିଆ ପିଲାଙ୍କ ହାତକୁ ଚାଲିଯାଇଛି। ଯାହା ସମାଜକୁ ବିକାଶ ବଦଳରେ ବିନାଶ ଆଡ଼କୁ ଟାଣିନେଉଛି। ଦୋଷ ପିଲାଙ୍କୁ ଦେବା କି ସେମାନଙ୍କର ପିତାମାତାଙ୍କୁ! ଏହା ଏକ ବିଚାରଯୋଗ୍ୟ ପ୍ରସଙ୍ଗ। ପ୍ରକୃତରେ ପିଲାଙ୍କୁ ମୋବାଇଲ ଧରେଇ ଦେବା କ୍ଷଣି ସେମାନେ ମୋବାଇଲ ଭିତରେ ବୁଡ଼ି ଯାଉଛନ୍ତି ଏବଂ ପିତାମାତାଙ୍କ କାମ ସହଜ ହୋଇଯାଉଛି। ଏହାଦ୍ୱାରା ସେମାନେ ନିଜ ପିଲାଙ୍କର ବହୁତ ବଡ଼ କ୍ଷତି କରୁଛନ୍ତି। ଘରେ ଖାଇବାକୁ ଦାନା ନଥାଉ ପଛେ ସ୍ମାର୍ଟ ଫୋନ ପାଇଁ ଲୋକେ ଆଜି ବ୍ୟାକୁଳ ହେଉଥିବା ଜଣାପଡୁଛନ୍ତି।

କରୋନା ସଙ୍କଟ ହେତୁ ଗତ ୨ବର୍ଷ ହେଲା ଅନ୍‌ଲାଇନ ଶିକ୍ଷା ନାମରେ ପିଲାଙ୍କୁ ମୋବାଇଲ ଧରେଇ ଦିଆଯାଇଛି। ମୋବାଇଲ ଓ ଇଣ୍ଟରନେଟର ଏହି ଇନ୍ଦ୍ରଜାଲର ଆଭାସୀ ଦୁନିଆରେ ପିଲାମାନେ ଏକ ପ୍ରକାରର ଗୁମସୁମ ହୋଇ ଚାଲିଛନ୍ତି। ଅଭିଭାବକଙ୍କ ନଜର ହଟିବା ମାତ୍ରେ ଅବା ଅଧ୍ୟୟନ ସମାପ୍ତ ହେବା ପରେ ପିଲାମାନେ ବିଭିନ୍ନ ପ୍ରକାରର ଖେଳ ଆରମ୍ଭ କରିଦେଉଛନ୍ତି। ବର୍ତ୍ତମାନ ଏହି ଖେଳକୁ ହିଁ ସେମାନେ ସବୁକିଛି ବୋଲି ଧରିନେଇଛନ୍ତି। ଅନ୍‌ଲାଇନ ଖେଳ ଖେଳିବାରେ ବ୍ୟସ୍ତ ରହି ସେମାନେ ପାଠପଢ଼ିବା ତ ଦୂରର କଥା, ଖାଇବା ପିଇବା ମଧ୍ୟ ଭୁଲି ଯାଉଛନ୍ତି। ମାତ୍ରାଧିକ ପିଲା ଆଜି ଇଣ୍ଟରନେଟ୍ ଗେମିଂ ନିଶାର ଶିକାର ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ପିଲାଙ୍କ ହାତରୁ ମୋବାଇଲ ଛଡ଼ାଇ ନେବା ମାତ୍ରେ ସେମାନେ କ୍ରୋଧିତ ହୋଇ ଉଠୁଛନ୍ତି। ଅଶାନ୍ତ ଅନୁଭବ କରୁଛନ୍ତି। ଉଦାସ ରହୁଛନ୍ତି। ବିରକ୍ତିଭାବ ପ୍ରକାଶ କରୁଛନ୍ତି। ସେମାନଙ୍କୁ ଚିଡ଼ିଚିଡ଼ାପଣ ଗ୍ରାସ କରିନେଉଛି। କେବଳ ପାଠପଢ଼ା ନୁହେଁ; ଏଥିପାଇଁ ଘରୋଇ କାର୍ଯ୍ୟରେ ବି ସେମାନଙ୍କର ଆଗ୍ରହ ରହୁନାହିଁ। ପିତାମାତାଙ୍କର ମାଡ଼ ଗାଳି ଆଜି ପିଲାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନାହିଁ। ଖେଳର ଏହି ଚକ୍ରବ୍ୟୂହ ପିଲାଙ୍କ ଭବିଷ୍ୟତକୁ କେଉଁଠିକୁ ନେଇଯିବ ତାହା କେହି ଜାଣନ୍ତି ନାହିଁ।

ବାସ୍ତବିକ ଦ୍ରୁତ ଗତିରେ ବଢୁଥିବା ଇଣ୍ଟରନେଟ୍‌ର ବ୍ୟବହାର ପିଲାଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ଏଥିପ୍ରତି ନା ସରକାର ଦୃଷ୍ଟି ଦେଉଛନ୍ତି ନା ସମାଜ ଚିନ୍ତା ପ୍ରକଟ କରୁଛି। ଅନାବଶ୍ୟକ ପ୍ରସଙ୍ଗଗୁଡ଼ିକ ଆମ ଉପରେ ପ୍ରଭାବ ବିସ୍ତାର କରି ଚାଲିଛନ୍ତି; ଅଥଚ ପ୍ରକୃତ ସମସ୍ୟାଗୁଡ଼ିକୁ ଆମେ ଅବଜ୍ଞା କରି ମୁହଁ ମୋଡ଼ି ଚାଲିଛୁ। ଏହି ଧାରା ଜାରି ରହିଲେ ପିଲାଙ୍କ ଭବିଷ୍ୟତକୁ ତାହା ଅବିଳମ୍ବେ ଧ୍ୱଂସ ମୁଖରେ ପହଞ୍ଚାଇଦେବ। ପିଲାମାନଙ୍କ ପିଲାଦିନଟି ସୃଜନାତ୍ମକ କାର୍ଯ୍ୟ ବଦଳରେ ଡାଟାର ଗହଳି ମଧ୍ୟରେ ହଜି ଚାଲିଛି। ଇଣ୍ଟରନେଟ ମାନବ ଜୀବନ ଉପରେ ଆଜି କେବଳ ଗଭୀର ପ୍ରଭାବ ପକାଉନାହିଁ ବରଂ ସେମାନଙ୍କ ଜୀବନଶୈଳୀକୁ ବଦଳାଇ ଚାଲିଛି।

imohanty.୧୯୯୧@gmail.com
ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ମାଓପ୍ରବଣ ଅଞ୍ଚଳରେ ପାଦ ଦେଲେ ଆଉ ଫେରିବ ନାହିଁ ବୋଲି ଅନେକେ କହୁଥିଲେ ଡ. ନିଲମ ଗୁପ୍ତାଙ୍କୁ। କିନ୍ତୁ ସେ କାହା କଥା ନ ମାନି ଝାଡ଼ଖଣ୍ଡ, ଓଡ଼ିଶା ଏବଂ ବିହାରର ମାଓ ଅଧ୍ୟୁଷିତ ଅଞ୍ଚଳରେ କାମ କରି ଏବେ ସୁଦ୍ଧା ୨,୦୦୦ ଯୁବକଙ୍କୁ ଥଇଥାନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ୨୦୧୧ରେ 'ଏ ରେ ଅଫ୍ ହୋପ୍' (ଏଆର୍‌ଓଏଚ୍) ସଂସ୍ଥା ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରିପାରିଛନ୍ତି। ମାଓପ୍ରବଣ ଅଞ୍ଚଳରେ ଉକ୍ତ ସଂସ୍ଥା ଦୁଇ ଦଶନ୍ଧି ଧରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି। ସେଠାରେ ବିନା ଦେୟରେ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦେବା ସହ ମାଗଣାରେ ୟୁନିଫର୍ମ, ଆବଶ୍ୟକୀୟ ଉପକରଣ, ରହିବା ଖାଇବା ଖର୍ଚ୍ଚ ତୁଲାଉଛି। ନିଲମଙ୍କ ନେତୃତ୍ୱରେ ଏଆରଏଚଏଫ୍ ୧୮ରୁ ଊର୍ଦ୍ଧ୍ୱ ରାଜ୍ୟରେ ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକ୍ରମରେ ବି ଜଡ଼ିତ ରହିଛି। ବିଭିନ୍ନ ବସ୍ତିରେ 'ପଢ଼ ଓ ବଢ଼' ଧ୍ୱନି ଦେଇ ୫୦,୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଶିକ୍ଷାର ମୁଖ୍ୟ ଧାରାରେ ସାମିଲ କରାଯାଇପାରିଛି। ଡ. ନିଲମ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ସହ ଇଣ୍ଡିଆନ୍ ଏଗ୍ରିକଲ୍‌ଚର ୟୁନିଭର୍ସିଟିରୁ ପିଏଚ୍‌ଡି ଶେଷ କରିବା ପରେ ଉଚ୍ଚବେତନର ଚାକିରି ପ୍ରତି ଧ୍ୟାନ ନ ଦେଇ ଏହି କାର୍ଯ୍ୟ କରିବା ଲାଗି ମନସ୍ଥ କରିଥିଲେ; ଯାହାର ସୁଫଳ ଏବେ ଲୋକେ ପାଇପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଫେବୃୟାରୀ ୧୯୯୭

- ବିବାଦକୁ ଏଡ଼େଇବା ପାଇଁ ଜାପାନ ଚାପରେ ପେରୁର ରାଷ୍ଟ୍ରପତି ଅଲବେର୍ଟୋ ଫୁଜିମୋରୀ ବିଦ୍ରୋହୀମାନଙ୍କ ସହ ଆଲୋଚନା ପାଇଁ ରାଜି ହୋଇଛନ୍ତି।
- ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ଶାସକ ତେଲୁଗୁ ଦେଶମ୍ ପାର୍ଟିର ନେତା ବୋଲେଟି ମୋହନ ରାଓଙ୍କୁ ଛୁରି ଭୂଷି ହତ୍ୟା କରାଯାଇଛି।
- ରାଜସ୍ୱ ଗୁଇନ୍ଦା ବିଭାଗର ଅଫିସରମାନେ ଦିଲ୍ଲୀ ନିକଟବର୍ତ୍ତୀ ଅଞ୍ଚଳରୁ ଦୁଇଟି ଟ୍ରକ୍‌ରୁ ପାକିସ୍ତାନୀ ମାର୍କା ଥିବା ୭୦ କୋଟି ଟଙ୍କା ମୂଲ୍ୟର ହେରୋଇନ ଜବତ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କପଡ଼ା ବ୍ୟାଗ ବ୍ୟବହାର ହେଉ

ମହାଶୟ,

ବହୁ ପୁରାତନ କାଳରେ ଲୋକମାନେ ସଉଦା, ପରିବା ଓ ଫଳମୂଳ ଇତ୍ୟାଦିକୁ ଗାମୁଛାରେ ପୁଟୁଳା କରି ବାନ୍ଧି ନେଉଥିଲେ। ସେହି ସମୟରେ ଦୋକାନୀମାନେ ଯତ୍ନର ସହ ଜିନିଷଗୁଡ଼ିକୁ ପତ୍ର ଠୋଲା, କାଗଜ ପୁଡ଼ିଆ ଓ କାଗଜ ଠୁଙ୍ଗାରେ ଭରି ଗ୍ରାହକମାନଙ୍କୁ ବିକ୍ରୟ କରୁଥିଲେ। ପରବର୍ତ୍ତୀ ସମୟରେ କପଡ଼ା ଓ ଝୋଟ ଦ୍ୱାରା ତିଆରି ବ୍ୟାଗ ବା ମୁଣାରେ ଜିନିଷପତ୍ର ସହଜରେ କାରବାର କରାଗଲା। ବର୍ତ୍ତମାନ ପଲିଥିନ ଓ ଜରି ବ୍ୟାଗ ବହୁଳ ଭାବେ ବ୍ୟବହୃତ ହେଉଥିବାର ଲକ୍ଷ୍ୟ କରାଯାଏ। ବ୍ୟବହୃତ ପଲିଥିନ ଓ ଜରିଗୁଡ଼ିକ ରାସ୍ତାଘାଟ, ବିଲମାଳ, ନଈ ଓ ପୋଖରୀରେ ଚାରିଆଡ଼େ ପଡ଼ିଥିବାର ଦୃଶ୍ୟମାନ ହୁଏ। ଏହି ପଲିଥିନ ଓ ଜରି ମାଟିରେ ସହଜରେ ମିଳାଇ ଯାଉନାହିଁ। ଏଥିରେ ଥିବା ରାସାୟନିକ ଦ୍ରବ୍ୟ ମାଟିରେ ମିଶିବା ଦ୍ୱାରା ମାଟିର ଉର୍ବରତା ହ୍ରାସ ପାଉଛି। ପଲିଥିନ ଓ ଜରିରେ ପାଣି ଜମି ରହିବା ଦ୍ୱାରା ଏଥିରେ ମଶା ଓ ମାଛି, ଜୀବାଣୁମାନେ ଅଣ୍ଡା ଦେଇ ବଂଶ ବିସ୍ତାର କରିବାକୁ ସକ୍ଷମ ହେଉଛନ୍ତି। ଗୋରୁ ମହିଷାଦି ପଶୁମାନେ ଏହାକୁ ଖାଇ ରୋଗ ଯନ୍ତ୍ରଣା ଭୋଗ କରୁଛନ୍ତି। ମାତ୍ର କପଡ଼ା କିମ୍ବା ଝୋଟରେ ତିଆରି ବ୍ୟାଗ ବା ମୁଣାରେ ଜିନିଷପତ୍ର କାରବାର କଲେ ଯଥେଷ୍ଟ ଉପକାର ମିଳିଥାଏ। ଏହି ବ୍ୟାଗରେ ଜିନିଷପତ୍ରଗୁଡ଼ିକ ସୁରକ୍ଷିତ ରହିପାରେ ଓ ଏହା ସହଜରେ ମାଟିରେ ମିଳାଇ ଯାଇଥାଏ। ଏହାର କୌଣସି ରାସାୟନିକ ପ୍ରକ୍ରିୟା ମାଟି ଉପରେ ପଡ଼ି ନ ଥାଏ। ଉକ୍ତ ପରିପ୍ରେକ୍ଷୀରେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିବାକୁ ହେବ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୂର ପାହାଡ଼ରେ କେତେ କଳା ମେଘ
ହୋଇଲା ଠୁଳ
ମହାନଦୀ ତୀରେ ଫୁଟି ଉଠେ ନିତି
ନୂତନ ଛବି!
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku – ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | 9 | | 4 | 8 |
| | | | | | | 7 | 9 | |
| | 7 | | | | | | | |
| | 5 | 6 | | | | | | |
| | 8 | | | | | | 5 | 2 |
| | 3 | | | 6 | 8 | | | |
| | | | | | 7 | 8 | 3 | |
| | 1 | | 9 | | 2 | | | |
| 7 | | 5 | | | 4 | 2 | | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 7 | 9 | 1 | 4 | 2 | 6 | 5 |
| 9 | 2 | 4 | 6 | 7 | 5 | 1 | 8 | 3 |
| 6 | 1 | 5 | 8 | 3 | 2 | 7 | 4 | 9 |
| 5 | 4 | 1 | 7 | 8 | 9 | 6 | 3 | 2 |
| 2 | 7 | 6 | 5 | 4 | 3 | 9 | 1 | 8 |
| 8 | 9 | 3 | 2 | 6 | 1 | 5 | 7 | 4 |
| 1 | 3 | 2 | 4 | 5 | 7 | 8 | 9 | 6 |
| 4 | 6 | 9 | 1 | 2 | 8 | 3 | 5 | 7 |
| 7 | 5 | 8 | 3 | 9 | 6 | 4 | 2 | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଗତକାଲିର ଉତ୍ତର

# ଫୋକସ୍‌ରେ ଗତି ଶକ୍ତି ଯୋଜନା

■ ୩ ବର୍ଷରେ ବିକଶିତ ହେବ ୧୦୦ କାର୍ଗୋ ଟର୍ମିନାଲ୍

■ ଗଡ଼ିବ ୪୦୦ ବନ୍ଦେ ଏକ୍ସପ୍ରେସ୍



ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା ଅଧୀନରେ ଆସନ୍ତା ୩ବର୍ଷ ମଧ୍ୟରେ ୧୦୦ କାର୍ଗୋ ଟର୍ମିନାଲର ଉନ୍ନତୀକରଣ କରାଯିବ, ଏଥିସହିତ ୪୦୦ ନୂଆ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ସମୟରେ ଘୋଷଣା କରିଛନ୍ତି। ମଲ୍ଟି ମୋଡାଲ୍ ସଂଯୋଗୀକରଣ ପାଇଁ ଗତି ଶକ୍ତି ନାମରେ ଏକ ନ୍ୟାଶନାଲ ମାଷ୍ଟର ପ୍ଲାନ କାର୍ଯ୍ୟକ୍ରମ ଗତ ଅକ୍ଟୋବରରେ ଶୁଭାରମ୍ଭ କରାଯାଇଥିଲା। ଏହା ଏକ ଡିଜିଟାଲ୍ ପ୍ଲାଟଫର୍ମ। ଏଥିରେ ରେଳବାଇ ଏବଂ ସଡ଼କ ପଥ ସମେତ ୧୬ଟି ମନ୍ତ୍ରଣାଳୟ ଏକତ୍ର ମିଶି ସମନ୍ୱିତ ଯୋଜନା ଏବଂ ବ୍ୟବସ୍ଥିତ କାର୍ଯ୍ୟାନ୍ୱୟନ ଭିତ୍ତିଭୂମି ସଂଯୋଗୀକରଣ ପ୍ରକଳ୍ପ ଉପରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗତି ଶକ୍ତି ଯୋଜନା ୭ଟି ଇଞ୍ଜିନ୍ ଯଥା ସଡ଼କ, ରେଳବାଇ, ବିମାନ ବନ୍ଦର, ବନ୍ଦର, ସାଧାରଣ ପରିବହନ, ଜଳପଥ ଏବଂ ଲଜିଷ୍ଟିକ୍ ଭିତ୍ତିଭୂମି ଉନ୍ନତୀକରଣ ପାଇଁ କାର୍ଯ୍ୟ କରୁଛି। ଏହି ୭ଟି ଇଞ୍ଜିନ ଦେଶର ଅର୍ଥନୈତିକ ସ୍ଥିତିକୁ ଆଗକୁ ବଢ଼ାଇବାରେ ସହାୟକ ହେବ ବୋଲି ସୀତାରାମନ କହିଛନ୍ତି। ଶକ୍ତି ପରିବହନ, ଆଇଟି ଯୋଗାଯୋଗ, ଜଳ, ଷ୍ଟୋରେଜ, ପାଇପ୍ ଲାଇନ୍ ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକ ଉପରୋକ୍ତ ୭ ଇଞ୍ଜିନ୍ ସହିତ ଜଡ଼ିତ ବୋଲି ନିର୍ମଳା କହିଛନ୍ତି। ଏହି ମାଷ୍ଟର ପ୍ଲାନର କାର୍ଯ୍ୟ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ମାନର ହେବ। ଲୋକଙ୍କ ଯାତାୟାତ ଏବଂ ସାମଗ୍ରୀର ଦ୍ରୁତ ପରିବହନ ନିମନ୍ତେ ୨୦୨୨-୨୩ରେ କାର୍ଯ୍ୟକାରୀ ହେବାକୁ ଥିବା ଏକ୍ସପ୍ରେସ୍‌ୱେ ପାଇଁ ପ୍ରଧାନମନ୍ତ୍ରୀ ଗତି ଶକ୍ତି ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଜାତୀୟ ରାଜପଥ ମୋଟର ୱେ ନେଟୱର୍କକୁ ୨୫ହଜାର କିଲୋମିଟର ସମ୍ପ୍ରସାରଣ କରାଯିବ। ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ୨୦ହଜାର କୋଟି ଟଙ୍କା ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ନିର୍ମଳା କହିଛନ୍ତି।

## ଡିଜିଟାଲ ମଡେଲକୁ ପ୍ରାଧାନ୍ୟ।







# ରାଜ୍ୟକୁ ବିନା ସୁଧରେ ୧ ଲକ୍ଷ କୋଟି ଋଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରାଜ୍ୟଗୁଡ଼ିକ ପାଇଁ ଋଣ ପ୍ରଦାନ ବାବଦରେ ବଜେଟରେ ଏକ ବଡ଼ ଘୋଷଣା କରିଛନ୍ତି। ଅର୍ଥନୀତିରେ ସାମଗ୍ରିକ ପୁଞ୍ଜି ବିନିଯୋଗ ବଢ଼ାଇବା ପାଇଁ ପିଏମ୍ ଗତିଶକ୍ତି ଯୋଜନା ଅଧୀନରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକୁ ୧ ଲକ୍ଷ କୋଟି ଟଙ୍କାର ଋଣ ଆବଣ୍ଟନ କରାଯିବ ବୋଲି କହିଛନ୍ତି। ୫୦ ବର୍ଷ ପର୍ଯ୍ୟନ୍ତ ଏହି ଋଣ ସୁଧମୁକ୍ତ ରହିବ। ଗତ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକ ନିମନ୍ତେ ରଖାଯାଇଥିବା ପୁଞ୍ଜିଗତ ସହାୟତା ୧୫ ହଜାର କୋଟି ତୁଳନାରେ ଚଳିତ ବଜେଟରେ ଏହାକୁ ବୃଦ୍ଧି କରାଯାଇଛି। ସାଧାରଣ ଋଣଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ବୋଲି ଅର୍ଥମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଆବଣ୍ଟନ ପିଏମ୍ ଗତିଶକ୍ତି ଯୋଜନା ସମେତ ରାଜ୍ୟର ଅନ୍ୟ ପ୍ରମୁଖ ଲାଭଦାୟକ ପୁଞ୍ଜିନିବେଶ ବାବଦରେ ଲାଗି ପାରିବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ପ୍ରମୁଖ ବର୍ଗରେ ରାଜ୍ୟଗୁଡ଼ିକୁ ଦିଆଯାଉଥିବା ସପ୍ଲିମେଣ୍ଟାଲ ଫଣ୍ଡିଂ ବାବଦ ଅର୍ଥ, ଡିଜିଟାଲ ପେମେଣ୍ଟ ସମେତ ଅର୍ଥନୀତିର ଡିଜିଟାଲାଇଜେଶନ ସମେତ ବିଲ୍ଡିଂ ବାଇଲଜ୍, ଟାଉନ ପ୍ଲାନିଂ ସ୍କିମ୍, ଗମନାଗମନ ଭିତ୍ତିକ ବିକାଶ କାର୍ଯ୍ୟରେ ସଂସ୍କାର ନିମନ୍ତେ ଅର୍ଥ ମଧ୍ୟ ରାଜ୍ୟ ସରକାର ଏଥିରୁ ବିନିଯୋଗ କରିପାରିବେ।



## ଡିଜିଟାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା

କୋଭିଡ୍-୧୯ ମହାମାରୀ ଯୋଗୁ ଶିକ୍ଷା କ୍ଷେତ୍ର ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ବିଶେଷକରି ଶିକ୍ଷାନୁଷ୍ଠାନ ଏକ ପ୍ରକାର ବନ୍ଦ ହୋଇଯାଇଛି। ଶିକ୍ଷା କ୍ଷେତ୍ରକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଚଳିତ ବଜେଟରେ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଦେଶରେ ଡିଜିଟାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ବଜେଟରେ ଘୋଷଣା କରିଛନ୍ତି। ଏହି ଡିଜିଟାଲ ବିଶ୍ୱବିଦ୍ୟାଳୟ ଦେଶର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବ। ଏଥିସହିତ ସେମାନଙ୍କ ନିକଟରେ ଶିକ୍ଷଣ ଅଭିଜ୍ଞତା ପହଞ୍ଚାଇବାରେ ସହାୟକ ହେବ। ବିଶ୍ୱବିଦ୍ୟାଳୟ ଏକ 'ହବ୍ ଏବଂ ସ୍ପୋକ୍ ମଡେଲ' ଉପରେ ପର୍ଯ୍ୟବେଶିତ ବୋଲି ସୀତାରାମନ୍ ସୂଚନା ଦେଇଛନ୍ତି। ଦେଶର ନେଟୱର୍କ ହବ୍‌କୁ ଆଧାର କରାଯାଇ ଡିଜିଟାଲ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହା ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି) ଦ୍ୱାରା କଥନ ପ୍ରଣାଳୀ(ସ୍ପୋକ୍ ମଡେଲ)କୁ ଗୁରୁତ୍ୱ ଦେବ। ଏଥିସହିତ ଦେଶର ବିଭିନ୍ନ ଭାଷା ଏବଂ ଆଇସିଟି ଫର୍ମାଟରେ ଉପଲବ୍ଧ ହେବ। ଦେଶର ଭଲ ଭଲ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ସହଯୋଗରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ।

## ସ୍କୁଲ ପିଲାଙ୍କ ପାଇଁ ପିଏମ୍ ଇ-ବିଦ୍ୟା କାର୍ଯ୍ୟକ୍ରମ

ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ଟିଭି ଜରିଆରେ ହେବ। ପିଲାଙ୍କ ପାଠପଢ଼ା ପାଇଁ ଆଞ୍ଚଳିକ ଭାଷାରେ ୨୦୦ ଚ୍ୟାନେଲ ହେବ। ସାଧାରଣ ବଜେଟ୍ ଉପସ୍ଥାପନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଇ-ବିଦ୍ୟା କାର୍ଯ୍ୟକ୍ରମ ଜରିଆରେ ୨୦୦ ଚ୍ୟାନେଲରେ ଶିକ୍ଷାଦାନ କରାଯିବ। ଶିକ୍ଷାର ମାନକୁ ବଢ଼ାଇବା ପାଇଁ ଡିଟିଏଚ୍ ସୁବିଧା ଦିଆଯିବ। ସୀତାରାମନ କହିଛନ୍ତି, ମହାମାରୀ ଯୋଗୁ ବିଦ୍ୟାଳୟ ବନ୍ଦ ଥିବାରୁ ପିଲାମାନେ ବିଶେଷକରି ଗ୍ରାମାଞ୍ଚଳରେ ଏବଂ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ଦୁର୍ବଳ ବର୍ଗର ପିଲାଙ୍କର ପୂରା ଦୁଇବର୍ଷ ଶିକ୍ଷାରେ ବାଧାପ୍ରାପ୍ତ ହୋଇଛି। ସରକାରୀ ବିଦ୍ୟାଳୟର ଅଧିକ ପିଲା ପ୍ରଭାବିତ ହୋଇଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଇ-ବିଦ୍ୟା କାର୍ଯ୍ୟକ୍ରମ ଅଧୀନରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଟି ଡିଟିଏଚ୍ ଚ୍ୟାନେଲ ଉତ୍ସର୍ଗ କରାଯିବ, ଯାହା ଆଞ୍ଚଳିକ ଭାଷାରେ ସପ୍ଲିମେଣ୍ଟାରୀ ଶିକ୍ଷା ପ୍ରଦାନ କରିବାକୁ ସମସ୍ତ ରାଜ୍ୟକୁ ସକ୍ଷମ କରିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ମେ' ରେ କରୋନାର ପ୍ରଥମ ଲହର ସମୟରେ ପ୍ରଧାନମନ୍ତ୍ରୀ ଇ-ବିଦ୍ୟା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଯାହା ୱାନ୍ ନେଶନ ଡିଜିଟାଲ ପ୍ଲାଟଫର୍ମ ଭାବେ ଜଣାଶୁଣା। ଏହି ଯୋଜନା ଅନୁଯାୟୀ ଦେଶର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ଭର୍ଚୁଆଲ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ପୂର୍ବରୁ ଇ-ବିଦ୍ୟା କାର୍ଯ୍ୟକ୍ରମରେ ୧୨ଟି ଚ୍ୟାନେଲ ଥିବାବେଳେ ଏବେ ତାହାକୁ ୨୦୦ ପର୍ଯ୍ୟନ୍ତ ବିସ୍ତାର କରାଯିବ।





# ପ୍ରତିରକ୍ଷାରେ ଆତ୍ମନିର୍ଭରତାକୁ ଗୁରୁତ୍ୱ

**୫.୨୫ ଲକ୍ଷ କୋଟିର ବଜେଟ**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଆଗାମୀ ଆର୍ଥିକ ବର୍ଷ ଲାଗି ଆଣିଥିବା ବଜେଟରେ ପ୍ରତିରକ୍ଷା କ୍ଷେତ୍ର ଲାଗି ସର୍ବାଧିକ ୫.୨୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗତବର୍ଷ ପ୍ରତିରକ୍ଷା ଲାଗି ୪.୭୮ ଲକ୍ଷ କୋଟି ଟଙ୍କା ବଜେଟରେ ମଞ୍ଜୁର ହୋଇଥିଲା। ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଆତ୍ମନିର୍ଭର କରିବା ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ସେଥିପାଇଁ ବଜେଟର ୬୮ ପ୍ରତିଶତ ସ୍ୱଦେଶୀ ଉଦ୍ୟୋଗରୁ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ସରଞ୍ଜାମ କ୍ରୟ ପାଇଁ ରଖାଯାଇଥିବାବେଳେ ୨୫ ପ୍ରତିଶତ ପ୍ରତିରକ୍ଷା ଗବେଷଣା ଓ ବିକାଶ ପାଇଁ ରଖାଯାଇଛି। ଏଥିରେ ମଧ୍ୟ ଘରୋଇ ଉଦ୍ୟୋଗକୁ ସାମିଲ କରାଯିବ। ଡିଆରଡିଓ ଏବଂ ଅନ୍ୟ ସଂଗଠନଗୁଡ଼ିକ ସହ ଏସ୍‌ପିଭି (ସ୍ପେଶାଲ ପର୍ପୋଜ ଭେହିକିଲ୍) ମଡେଲରେ ମିଳିତ ଭାବେ ସାମରିକ ପ୍ଲାଟଫର୍ମ ଏବଂ ଉପକରଣର ଡିଜାଇନ ଓ ବିକାଶ ଲାଗି ଘରୋଇ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଚ୍ଚ ପ୍ରଶଂସା କରିଛନ୍ତି। ଏହା ଦ୍ୱାରା ଘରୋଇ ପ୍ରତିରକ୍ଷା ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ।

ମୋଟ ପ୍ରତିରକ୍ଷା ବଜେଟରୁ ୧.୧୯ ଲକ୍ଷ କୋଟି ଟଙ୍କା ପେନ୍‌ସନ ପାଇଁ ରଖାଯାଇଛି, ଯାହା କି ଗତବର୍ଷ ଅପେକ୍ଷା ୯.୮ ପ୍ରତିଶତ ଅଧିକ। ପେନ୍‌ସନକୁ ବାଦ୍ ଦେଲେ ପ୍ରତିରକ୍ଷା ବଜେଟ ୪,୦୫,୪୭୦ କୋଟି ଟଙ୍କା। ନୂଆ ଅସ୍ତ୍ରଶସ୍ତ୍ର, ଯୁଦ୍ଧଜାହାଜ, ଯୁଦ୍ଧବିମାନ ଓ ଅନ୍ୟାନ୍ୟ ସାମରିକ ହାର୍ଡୱେର କ୍ରୟ ଲାଗି ୧,୫୨,୬୩୯ କୋଟି ଟଙ୍କା ରଖାଯାଇଛି। ଏହା ପୂର୍ବବର୍ଷର ବ୍ୟୟବରାଦଠାରୁ ୧୦ ପ୍ରତିଶତ ଅଧିକ। ସେହିପରି ବେତନ ପ୍ରଦାନ, ବିଭିନ୍ନ ସାମରିକ ସଂସ୍ଥାଗୁଡ଼ିକର ରକ୍ଷଣାବେକ୍ଷଣ ଲାଗି ୨,୩୩,୦୦୦ କୋଟି ବ୍ୟୟବରାଦ ହୋଇଥିବାବେଳେ ଡିଫେନ୍ସ (ସିଭିଲ) ମନ୍ତ୍ରଣାଳୟ ଲାଗି ୨୦,୧୦୦ କୋଟି ଟଙ୍କା ରହିଛି। ସ୍ଥଳସେନାକୁ ୩୨,୦୧୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ କମ୍। ୨୦୨୦-୨୧ ବର୍ଷରେ ସ୍ଥଳସେନା ପାଇଁ ୩୬,୪୮୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଅନ୍ୟପକ୍ଷରେ ନୌସେନା ବଜେଟ ପୂର୍ବବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ପୂର୍ବବର୍ଷ ଏହି ବିଭାଗକୁ ୩୩,୨୫୩ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଏଥର ୪୭,୫୯୦ କୋଟି ରଖାଯାଇଛି। ସେହିପରି ବାୟୁସେନା ବଜେଟ ମଧ୍ୟ ପୂର୍ବ ବର୍ଷର ୫୩,୨୧୪ କୋଟିରୁ ବୃଦ୍ଧି ପାଇ ୫୫,୫୮୬ କୋଟି ଟଙ୍କା ହୋଇଛି।



## ୨ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରର ଉନ୍ନତୀକରଣ

ଚଳିତ ବଜେଟରେ କେନ୍ଦ୍ର ସରକାର ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି। ନାରୀ ଶକ୍ତି ସମ୍ବନ୍ଧିତ ମିଶନ୍ ଶକ୍ତି, ବାତ୍ସଲ୍ୟ, ସକ୍ଷମ ଅଙ୍ଗନୱାଡ଼ି, ପୋଷଣ ୨.୦ କାର୍ଯ୍ୟକ୍ରମର ସମନ୍ୱିତବ ବିକାଶ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ ଘୋଷଣା କରିଛନ୍ତି। ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଅଙ୍ଗନୱାଡ଼ି କେନ୍ଦ୍ରକୁ ଉତ୍ତମ ପରିବେଶ ମଧ୍ୟରେ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ୨ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରର ଉନ୍ନତିକରଣ କରାଯିବ। ଏକ ସୁନ୍ଦର ଭବିଷ୍ୟତ ପାଇଁ ନାରୀ ଶକ୍ତିର ଗୁରୁତ୍ୱକୁ ଅନୁଭବ କରି ସେମାନଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ସର୍ବଦା ତତ୍ପର ବୋଲି ନିର୍ମଳା କହିଛନ୍ତି। ବିଶେଷକରି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ ଆସୁଥିବା ମିଶନ ଶକ୍ତି, ଅଙ୍ଗନୱାଡ଼ି , ମିଶନ ବାତ୍ସଲ୍ୟ ଏବଂ ପୋଷଣ କାର୍ଯ୍ୟକ୍ରମ ମହିଳା ଏବଂ ଶିଶୁଙ୍କ ବିକାଶରେ ବିଶେଷ ସହାୟକ ହେବ।





# ଡିଜିଟାଲ ମୁଦ୍ରା ଆଣିବ ଆର୍‌ବିଆଇ

ଡିଜିଟାଲ କରେନ୍ସିକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ଅଧିବେଶନରେ ଏକ ବଡ଼ ଘୋଷଣା କରିଛନ୍ତି। ଆର୍ଥିକ ବର୍ଷ ୨୦୨୨-୨୩ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବିଟ୍‌କଏନ ଭଳି ନିଜର ଡିଜିଟାଲ ମୁଦ୍ରା 'ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି' (ସିବିଡିସି) ଆଣିବ। ଏହା ଦେଶର ଡିଜିଟାଲ ଅର୍ଥନୀତିକୁ ଇନ୍ଧନ ଯୋଗାଇବା ସହ ମୁଦ୍ରା ପରିଚାଳନାରେ ସହାୟକ ବୋଲି ଅର୍ଥମନ୍ତ୍ରୀ ପାର୍ଲାମେଣ୍ଟରେ କହିଛନ୍ତି। କ୍ରିପ୍ଟୋକରେନ୍ସି ଟ୍ରାଞ୍ଜାକଶନ ନିମନ୍ତେ ବ୍ଲକଚେନ୍ ଟେକ୍ନୋଲୋଜି ଏବଂ ଅନ୍ୟାନ୍ୟ ଜ୍ଞାନକୌଶଳ ବିକଶିତ କରାଯିବ। ନନ୍ ଫଞ୍ଜିବଲ୍ ଟୋକେନ୍(ଏନ୍‌ଏଫ୍‌ଟି) ମଧ୍ୟ ବ୍ଲକଚେନ୍ ଅଧୀନରେ ରହିବ। ଆର୍‌ବିଆଇ ଆଣିବାକୁ ଥିବା କ୍ରିପ୍ଟୋକରେନ୍ସିକୁ ହିଁ ଦେଶର ଅଫିସିଆଲ ଡିଜିଟାଲ ମୁଦ୍ରା ଭାବେ ବିବେଚନା କରାଯିବ। କ୍ରିପ୍ଟୋ କାରବାର ଉପରେ ଟିକସ ଲାଗିବ ବୋଲି ମଧ୍ୟ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। କ୍ରିପ୍ଟୋକରେନ୍ସି ଟ୍ରାଞ୍ଜାକଶନରୁ ହେଉଥିବା ଲାଭ ଉପରେ ୩୦ ପ୍ରତିଶତ ଟିକସ ଦେବାକୁ ପଡ଼ିବ। ବଜାରରେ ଏନ୍‌ଏଫ୍‌ଟି କାରବାର ବୃଦ୍ଧି ପାଉଥିବାରୁ ଏହି ଟ୍ରାଞ୍ଜାକଶନ ଉପରେ ମଧ୍ୟ ସମାନ ନିୟମ ଲାଗୁ ହେବ। ତେବେ

### କ୍ରିପ୍ଟୋକରେନ୍ସିରୁ ଲାଭ ଉପରେ ୩୦% ଟିକସ

ଆର୍‌ବିଆଇ ପକ୍ଷରୁ ଜାରି ଡିଜିଟାଲ କରେନ୍ସି ଉପରେ ଏହି ଟିକସ ଆଦାୟ କରାଯିବ ନାହିଁ ବୋଲି ବଜେଟ ଅଧିବେଶନ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅର୍ଥମନ୍ତ୍ରୀ କହିଛନ୍ତି। ଏହାଛଡ଼ା କାହାକୁ କ୍ରିପ୍ଟୋକରେନ୍ସି ଉପହାର ଆକାରରେ ଦେଲେ ସେହି କ୍ଷେତ୍ରରେ ଗିଫ୍ଟ ନେଉଥିବା ବ୍ୟକ୍ତିଙ୍କୁ ମଧ୍ୟ ୩୦ ପ୍ରତିଶତ ଟ୍ୟାକ୍ସ ପଇଠ କରିବାକୁ ପଡ଼ିବ। ଡିଜିଟାଲ କରେନ୍ସି କାରବାର ଟିକସ ଉପରେ କୌଣସି କୋହଳ ନୀତି ଆପଣାଯିବ ନାହିଁ କିମ୍ବା ଛାଡ଼ ଦିଆଯିବ ନାହିଁ। ସେହିପରି କ୍ରିପ୍ଟୋକରେନ୍ସିରେ କ୍ଷତି ହେଲେ ଏହାକୁ ବାହାନା କରି ନିବେଶକ ଟିକସ ପଇଠରୁ ବର୍ତ୍ତି ପାରିବେ ନାହିଁ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏଥିସହ ଭର୍ଚୁଆଲ ସମ୍ପତ୍ତିରେ ନିବେଶ କଲେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଟ୍ୟାକ୍ସ ଡିଡକ୍ସନ ଆଟ୍ ସୋର୍ସ (ଟିଡିଏସ୍) ଉପରେ ଛାଡ଼ ମିଳିବ। ଏହା ପରେ ୧ ପ୍ରତିଶତ ଟିଡିଏସ୍ ଲାଗୁ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ତେବେ ଏ ସମ୍ପର୍କରେ ବିସ୍ତୃତ ଭାବେ ତଥ୍ୟ ପ୍ରଦାନ କରାଯାଇନାହିଁ। ବଜେଟ ଅଧିବେଶନର କିଛି ମାସ ପୂର୍ବରୁ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଡିଜିଟାଲ କରେନ୍ସି ଉପରେ କାମ ଚାଲିଥିବା ନେଇ ସୂଚନା ଦେଇଥିଲେ। କ୍ରିପ୍ଟୋକରେନ୍ସି କାରବାର ବୃଦ୍ଧିକୁ ଦୃଷ୍ଟିରେ ରଖି ଅନେକ ଦେଶ ନିଜର ସ୍ୱତନ୍ତ୍ର ଡିଜିଟାଲ ମୁଦ୍ରା ଆଣିସାରିଛନ୍ତି। ଗତ ବର୍ଷ ଅକ୍ଟୋବରରେ ନାଇଜେରିଆ ଇ-ନାଇରା ନାମରେ ଡିଜିଟାଲ କରେନ୍ସି ଆଣିଥିଲା। ପୂର୍ବ ବାହାମସ୍ ସମେତ ପୂର୍ବ କାରିବିଆନ୍‌ର ଅନ୍ୟ ୫ ଦ୍ୱୀପରେ ମଧ୍ୟ ସେମାନଙ୍କର ନିଜର ସିବିଡିସି ରହିଛି। ଭାରତଠାରୁ ବହୁ ପୂର୍ବରୁ ଚାଇନା ଏହାର ମୁଦ୍ରାର ଡିଜିଟାଲ ଭର୍ସନ ପ୍ରଚଳନ କରିଛି। ଇ-ସିଏନ୍‌ୱାଇ ନାମରେ ଏହି ମୁଦ୍ରା ୨୦୧୪ରୁ ଚାଇନାରେ ବ୍ୟବହାର ହେଉଥିବାବେଳେ ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ଏହାକୁ ନିୟନ୍ତ୍ରଣ କରୁଛି।

# ଇ-ପାସ୍‌ପୋର୍ଟ

୨୦୨୨-୨୩ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାସ୍‌ପୋର୍ଟ ବ୍ୟବସ୍ଥାର ସରଳୀକରଣ କରିଛନ୍ତି। ଏବେ ଲୋକମାନେ ଇ-ପାସ୍‌ପୋର୍ଟର ସୁବିଧା ପାଇପାରିବେ। ଏହି ଇ-ପାସ୍‌ପୋର୍ଟରେ ସ୍ୱତନ୍ତ୍ର ଚିପ୍ ରହିବା ସହିତ ଅତ୍ୟାଧୁନିକ ଟେକ୍ନୋଲୋଜିରେ ପ୍ରସ୍ତୁତ ହେବ। ଏହା ଦ୍ୱାରା ଭାରତୀୟ ନାଗରିକମାନେ ସହଜରେ ବିଦେଶ ଯାତ୍ରା କରିପାରିବେ। ଏହା ବ୍ୟକ୍ତିଗତ ତଥ୍ୟକୁ ଅଧିକ ସୁରକ୍ଷା ଦେବାସହ ବିଦେଶରେ ଇମିଗ୍ରେଶନ ବ୍ୟବସ୍ଥାକୁ ସରଳ କରିବ। ସୁରକ୍ଷା ଦୃଷ୍ଟି କୋଣ ଯଥା ଡାଟା ସେଣ୍ଟର, ଆପ୍ଲିକେଶନ ସଫ୍ଟୱେର ଆଦି ଭାରତ ସରକାରଙ୍କ ଅଧୀନରେ ରହିବ। ତଥ୍ୟର ସୁରକ୍ଷା ପାଇଁ ସମସ୍ତ କଡ଼ା ପଦକ୍ଷେପ ଗ୍ରହଣ କରାଯିବ। କିଛି ସପ୍ତାହ ତଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଟାଟା କନ୍‌ସଲଟାନ୍ସି ସର୍ଭିସେସ ସହିତ ପାସ୍‌ପୋର୍ଟ ସେବା କାର୍ଯ୍ୟକ୍ରମ ଭି.୨.୦ ଚୁକ୍ତି କରାଯାଇଥିଲା। ନିର୍ମଳା ସୀତାରାମନଙ୍କ ଏହି ଘୋଷଣାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ୱାଗତ କରିବା ସହ ଏହା ଭାରତକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହେବ।

# ସବୁଜ ଭାରତ ଲକ୍ଷ୍ୟ

ସୌର ଶକ୍ତି ଉତ୍ପାଦନ ବଢ଼ାଇବାକୁ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ(ପିଏଲ୍‌ଆଇ) ଯୋଜନା ପାଇଁ ଚଳିତ କେନ୍ଦ୍ରୀୟ ବଜେଟରେ ଅତିରିକ୍ତ ୧୯, ୫୦୦ କୋଟି ଟଙ୍କା ବରାଦ କରାଯାଇଛି। ଭାରତକୁ ୨୦୩୦ ସୁଦ୍ଧା ୨୮୦ ଗିଗାୱାଟ ସୌରଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟ ନେଇ ଏହା କରାଯାଇଛି। ସାରା ବିଶ୍ୱ ଏବେ ଜଳବାୟୁ ପରିବର୍ତ୍ତନ ସଙ୍କଟରେ ପଡ଼ିଛି ଓ ଏହି କାରଣରୁ ଦେଶରେ କାର୍ବନ ନିର୍ଗମନ ଶୂନସ୍ତରକୁ ଆଣିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହା ଦେଶକୁ ଶତତ ବିକାଶ ଲକ୍ଷ୍ୟରେ ଆଗକୁ ବଢିବାରେ ବି ସାହାଯ୍ୟ କରିବ। ଏହା ବ୍ୟତୀତ ଇଲେକ୍ଟ୍ରି ଭେହିକିଲ (ଇଭି) ବା ବୈଦ୍ୟୁତିକ ଯାନ ବ୍ୟବହାର ବ୍ୟାପକ କରିବା ଲାଗି ଭିତ୍ତିଭୂମି ନିର୍ମାଣକୁ ଜୋର ଦିଆଯାଇଛି। ଖୁବ୍ ଶୀଘ୍ର ଏକ ବ୍ୟାଟେରି ସ୍ୱାପିଂ ନୀତି ଅଣାଯିବ ବୋଲି ସୀତାରାମନ କହିଛନ୍ତି। ଦେଶରେ ଏବେ ୧୦୨୮ ସାର୍ବଜନୀନ ଇଭି ଚାର୍ଜିଂ ଷ୍ଟେଶନ ରହିଛି। ତେବେ ଆହୁରି ଅଧିକ ଷ୍ଟେଶନ ନିର୍ମାଣ ଲାଗି ବ୍ୟାପକ ନିବେଶ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଦେଶରେ ଇଭି କ୍ଷେତ୍ରରେ ୨୦୩୦ ସୁଦ୍ଧା ଭାରତ ୩୦% କାର, ବ୍ୟବସାୟିକ ଯାନ ପାଇଁ ୭୦%, ବସ୍ ପାଇଁ ୪୦% ଓ ଦୁଇଚକିଆ ଯାନ ଲାଗି ୮୦ % ବିକ୍ରିର ଲକ୍ଷ୍ୟ ରଖାଯାଇଛି।



# ଆରମ୍ଭ ହେବ ଟେଲି-ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ

କେନ୍ଦ୍ର ବଜେଟ ୨୦୨୨-୨୩ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ ପାଇଁ ନ୍ୟାଶନାଲ ଟେଲି ମେଣ୍ଟାଲ ହେଲ୍‌ଥ ପ୍ରୋଗ୍ରାମ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ସୀତାରାମନ ସୂଚାଇ ଦେଇଛନ୍ତି ଯେ କୋଭିଡ୍ ମହାମାରୀ ସବୁ ବୟସର ଲୋକଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇ ଦେଇଛି। ଗୁଣାତ୍ମକ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ ଏବଂ ଯତ୍ନ ସେବାରେ ଉନ୍ନତି ଆଣିବା ପାଇଁ ଏହି ଜାତୀୟ ଟେଲି ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ୨୩ଟି ଟେଲି-ମେଣ୍ଟାଲ ହେଲ୍‌ଥ ସେଣ୍ଟରର ଏକ ନେଟୱର୍କ ଅନ୍ତର୍ଭୁକ୍ତ ହେବ। ନିମାନ୍ସ ନୋଡାଲ ସେଣ୍ଟର ହେବ ଏବଂ ଆଇଆଇଟି ବାଙ୍ଗାଲୋର ଟେକ୍ନୋଲୋଜି ସହାୟତା ପ୍ରଦାନ କରିବ ବୋଲି ସୀତାରାମନ କହିଛନ୍ତି। ସେହିପରି ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ଇକୋସିଷ୍ଟମ ପାଇଁ ଏକ ଖୋଲା ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ମଧ୍ୟ ଘୋଷଣା କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧାର ଡିଜିଟାଲ ରେଜିଷ୍ଟ୍ରି ସମେତ ୟୁନିକ୍ ହେଲ୍‌ଥ ଆଇଡିଏଣ୍ଟି ଓ ସାର୍ବଜୀନନ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକ ସାମିଲ ହେବ।

# ଭାଷଣରେ ମହାଭାରତ ଶ୍ଲୋକ

ପାର୍ଲାମେଣ୍ଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରତ୍ୟକ୍ଷ ଟିକସ ସମ୍ପର୍କିତ ଘୋଷଣା କରିବା ପୂର୍ବରୁ ବଜେଟ ଭାଷଣରେ ଦେଶର କରଦାତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସେ ମହାଭାରତର ୭୨ତମ ଅଧ୍ୟାୟର ୧୧ତମ ଶ୍ଲୋକର ଅବତାରଣା କରିଥିଲେ। ଶାନ୍ତିପର୍ବରୁ ଉଦ୍ଧୃତ ଏହି ଶ୍ଲୋକକୁ ଅର୍ଥମନ୍ତ୍ରୀ ପଢ଼ିବା ସହ ତାହାକୁ ଇଂଲିଶରେ ଅନୁବାଦ କରିଥିଲେ। ଲୋକଙ୍କୁ ଯୋଗ କ୍ଷେମ କରିବା ଏବଂ ସେମାନଙ୍କ କଲ୍ୟାଣ ଲାଗି ଲାଗି ଶାସକଙ୍କୁ ନିରନ୍ତର ପ୍ରୟାସ କରିବା ଜରୁରୀ। ରାଜା ସର୍ବଦା ତତ୍ପର ରହି ଲୋକଙ୍କ ମଙ୍ଗଳ ଦିଗରେ କାର୍ଯ୍ୟ କରିବା ଉଚିତ। ଧର୍ମ ରାସ୍ତାରେ ଟିକସ ଆଦାୟ କରି ତାହାକୁ ଜନମଙ୍ଗଳ କାର୍ଯ୍ୟରେ ଲଗାଇବା ରାଜାଙ୍କ କର୍ତ୍ତବ୍ୟ ବୋଲି ସେ ଶ୍ଲୋକ ମାଧ୍ୟମରେ କହିଥିଲେ। ଦେଶ ମହାଭାରତ ଭଳି ପ୍ରାଚୀନ ଗ୍ରନ୍ଥରୁ ଜ୍ଞାନ ଆଣି ଆଗକୁ ବଢ଼ୁଛି। ଏକ ସ୍ଥାୟୀ ତଥା ଅନୁମାନଯୋଗ୍ୟ ଟିକସ ବ୍ୟବସ୍ଥା ସହ ଏଥିରେ ଅଧିକ ସୁଧାର ଆଣିବା ସରକାରଙ୍କ ଉଦ୍ଦେଶ୍ୟ ବୋଲି ସୀତାରାମନ କହିଥିଲେ। ଏହି ଶ୍ଲୋକ ପଢ଼ିବା ପରେ ଅର୍ଥମନ୍ତ୍ରୀ ଟିକସ ବ୍ୟବସ୍ଥାକୁ ସରଳ କରିବା ନିମନ୍ତେ ଆଣିଥିବା ପ୍ରସ୍ତାବକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିଲେ। ମହାଭାରତର ୧୮ ଖଣ୍ଡ ପୁସ୍ତକ ମଧ୍ୟରୁ ଶାନ୍ତିପର୍ବ ୧୨ଶ ବହି। ଯୁଦ୍ଧ ଶେଷ ହେବା ପରେ ପାଣ୍ଡବମାନେ ହସ୍ତିନାପୁର ଶାସନକୁ ଫେରିଥିଲେ। ଶାସକଙ୍କ କର୍ତ୍ତବ୍ୟ, ଧର୍ମ ଏବଂ ସୁଶାସନ ଉପରେ ପିତାମହ ଭୀଷ୍ମ ଏବଂ ଅନ୍ୟ ଗୁରୁମାନେ ପାଣ୍ଡବମାନଙ୍କୁ ଯେଉଁ ଉପଦେଶ ଦେଇଥିଲେ ତାହା ଶାନ୍ତିପର୍ବରେ ଉଲ୍ଲେଖ ରହିଛି।














# ବଜେଟ୍ ପ୍ରତିକ୍ରିୟା





## ତେଲିଆ ମୁଣ୍ଡରେ ତେଲ



ଏହା ଚିରାଚରିତ ବଜେଟ ମଧ୍ୟ ନୁହେଁ। ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ଓ ବେକାରି ସମସ୍ୟା ଦୂରୀକରଣରେ ବିଫଳ ହେବ। କୃଷି ଓ କୃଷକର ବିକାଶ ହେବା ଅସମ୍ଭବ। ଏହା ନିଶ୍ଚିତଭାବେ ସବୁ ବର୍ଗର ଲୋକଙ୍କୁ ନିରାଶ କରିବ। କେନ୍ଦ୍ର ସରକାରଙ୍କ ଏକମାତ୍ର ଲକ୍ଷ୍ୟ 'ତେଲିଆ ମୁଣ୍ଡରେ ତେଲ'। ଏହାର ଅର୍ଥ ସିଧାସଳଖ ହେଉ କି ବଙ୍କେଇ କି ପୁଞ୍ଜିପତି, ଶିଳ୍ପପତି ଓ କର୍ପୋରେଟ ହାଉସ୍ ସ୍ୱାର୍ଥ ପାଇଁ ବଜେଟ ଅଣାଯାଇଛି।

**- ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ଦଳ ନେତା**

## ଗ୍ରାମାଞ୍ଚଳ ଶ୍ରମିକ ପ୍ରଭାବିତ ହେବେ



କେନ୍ଦ୍ର ବଜେଟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ବ୍ୟୟବରାଦ ହ୍ରାସ ଦ୍ୱାରା ଗ୍ରାମାଞ୍ଚଳର ଜବ୍‌କାର୍ଡଧାରୀ ଶ୍ରମିକମାନଙ୍କ ଉପରେ ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ। ଏହାଦ୍ୱାରା ଶ୍ରମିକମାନେ କାମ ଅନ୍ୱେଷଣରେ ରାଜ୍ୟ ବାହାରକୁ ଯିବାକୁ ବାଧ ହେବେ। ଫଳରେ ଗ୍ରାମାଞ୍ଚଳରେ ଶ୍ରମିକ ସଙ୍କଟ ସୃଷ୍ଟି ହେବ। କେବଳ ସେତିକି ନୁହେଁ, ମହାମାରୀ ସମୟରେ କ୍ଷତିଗ୍ରସ୍ତ ଏହି ଗରିବ ଶ୍ରମିକ ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପଡ଼ିବ। ସ୍କୁଲରେ ଡ୍ରପ୍‌ଆଉଟ ସଂଖ୍ୟା ବଢ଼ିବା ସହ ଶ୍ରମିକମାନଙ୍କର ଆର୍ଥିକ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିବ। ଏହାର ପ୍ରଭାବ କେବଳ ଓଡ଼ିଶା ନୁହେଁ, ସାରା ଭାରତରେ ପଡ଼ିବ। ଅର୍ଥନୈତିକ ବିକାଶରେ ବାଧା ସୃଷ୍ଟି ହେବ । ଏହି ଯୋଜନାକୁ କାଟ୍‌ଛାଣ୍ଟ କରିବା ଅପେକ୍ଷା ଏହି କ୍ଷେତ୍ରରେ ଅଧିକ ବ୍ୟୟ କରିବା ସହ ଶ୍ରମିକମାନଙ୍କୁ କୁଶଳୀ କରିବା ନେଇ କେନ୍ଦ୍ର ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

**-ପରୀକ୍ଷିତ ସାହୁ, ବରିଷ୍ଠ ଅର୍ଥନୀତିଜ୍ଞ, ଗବେଷକ**

## ଶିକ୍ଷା ପାଇଁ ସନ୍ତୁଳନ ରକ୍ଷାକାରୀ ବଜେଟ



ବଜେଟରେ ଶିକ୍ଷା ପାଇଁ ଅତି କମ୍‌ରେ ୬ ପ୍ରତିଶତରୁ ଅଧିକ ଅର୍ଥ ବରାଦ ହେବା କଥା। ତଥାପି ଶିକ୍ଷା ପାଇଁ ଏହା ଏକ ସନ୍ତୁଳନ ରକ୍ଷାକାରୀ ବଜେଟ। ଅନ୍‌ଲାଇନ ପାଠପଢ଼ା, ଡିଜିଟାଲ ଶିକ୍ଷା, ଭର୍ଚ୍ଚୁଆଲ ଶିକ୍ଷାଦାନ ଉପରେ ଗୁରୁତ୍ୱ ବଢ଼ିଛି। ହେଲେ ମୋବାଇଲ ଟାୱାର ହେଉ କି ହ୍ୟାଣ୍ଡ୍‌ସେଟ୍ ଯୋଗାଣ ପାଇଁ କିଛି ବିଶେଷ ବନ୍ଦୋବସ୍ତ ନାହିଁ।

**- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

## ଶିକ୍ଷାର ଅଗ୍ରଗତି ଘଟିବ



ଚଳିତ ବଜେଟରେ ଶିକ୍ଷାର ଡିଜିଟାଲାଇଜେଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। କରୋନା ଯୋଗୁ ଶିକ୍ଷାକ୍ଷେତ୍ର ବିଶେଷ ପ୍ରଭାବିତ ହୋଇଛି। ନେଟ୍‌ୱର୍କ ସମସ୍ୟା ଯୋଗୁ ୬୦% ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଆଞ୍ଚଳିକ ଭାଷାରେ ଦୁଇଶହ ଚ୍ୟାନେଲ ମାଧ୍ୟମରେ ଶିକ୍ଷାକୁ ଯୋଡ଼ିବା ଏବଂ ପିଏମ-ଇ ବିଦ୍ୟା ଯୋଜନା କରିଛନ୍ତି। ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ଅନ୍‌ଲାଇନ ଓ ଦକ୍ଷତାଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି।

**- ମେଜର କ୍ଷିରୋଦ ପ୍ରସାଦ ମହାନ୍ତି, ପୂର୍ବତନ କୁଳପତି**

## ବୈପ୍ଳବିକ ପରିବର୍ତ୍ତନ ଆଣିବ



ଏହି ବଜେଟ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ନଦୀ ସଂଯୋଗୀକରଣ, ୮୦ଲକ୍ଷ ଗୃହ ନିର୍ମାଣ, ଚାଷୀଙ୍କ ହିତ ସାଧନ, ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ଇ-ବିଦ୍ୟା, ଉତ୍ପାଦନ କେନ୍ଦ୍ରିକ ରିହାତି ଉପରେ ଗୁରୁତ୍ୱ ଦିଆଯାଇଛି।

**- ସୂର୍ଯ୍ୟ ନାରାୟଣ ମିଶ୍ର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଭୁବନେଶ୍ୱର**

## କୃଷିକ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହେବ



ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। କୃଷିର ଡିଜିଟାଲାଇଜେଶନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। କୃଷିକ୍ଷେତ୍ରରେ ଚାଷୀଙ୍କୁ ଆଧୁନିକ ଜ୍ଞାନକୌଶଳ ଦ୍ୱାରା କୃଷିର ବିକାଶ ଘଟିବ। ଡ୍ରୋନ୍ ମାଧ୍ୟମରେ ଚାଷ ପ୍ରଣାଳୀ ଦ୍ୱାରା କୃଷକଙ୍କ ବିକାଶ ହୋଇପାରିବ। ପାରମ୍ପରିକ କୃଷି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମାଞ୍ଚଳର ଅର୍ଥନୀତି ସୁଦୃଢ଼ ହେବ। କୃଷିକ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିବ।

**- ଅଜିତ୍ ପଟ୍ଟନାୟକ, ସାମାଜିକ କର୍ମୀ, ଖୋର୍ଦ୍ଧା**

## ଲୋକଙ୍କ ହିତର ବଜେଟ ହୋଇଛି



ଆଜିର କେନ୍ଦ୍ର ବଜେଟ ନିଶ୍ଚିତ ସୁଦୃଢ଼ କରିବ। ସମାଜର ସବୁ ବର୍ଗର ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ଏହି ବଜେଟ ଉପସ୍ଥାପନ କରାଯାଇଛି। କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ପ୍ରଣୟନ ଏକ ଯୁଗାନ୍ତକାରୀ ପଦକ୍ଷେପ। ୨୦୨୨ ଜାନୁୟାରୀ ପାଇଁ ମୋଟ ୧,୪୦,୯୮୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଛି। ତେଣୁ ଏଥର ରାଜ୍ୟ ସରକାରଙ୍କୁ ଜିଏସ୍‌ଟିରୁ ଭଲ ଶେୟାର ମିଳିବ। ମହିଳା, କୃଷକ, ଯୁବକ, ଅନୁସୂଚିତ ଜାତି ଓ ଜନଜାତି ସବୁବର୍ଗକୁ ସୁହାଇଲା ପରି ହୋଇଛି। ଡିବିଟି ଜରିଆରେ ଲୋକଙ୍କ ଆକାଉଣ୍ଟକୁ ସିଧା ଟଙ୍କା ପହଞ୍ଚୁଯାଉଛି। ଓଡ଼ିଶାକୁ ଚଳିତ ବଜେଟରୁ ଅନେକ ଫାଇଦା ମିଳିବାର ଅଛି।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**

## ନୈରାଶ୍ୟଜନକ ବଜେଟ



ଚଳିତ ସାଧାରଣ ବଜେଟ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଡିଜିଟାଲାଇଜେଶନ ଓ ପୋଷ୍ଟ ଅଫିସରେ ବ୍ୟାଙ୍କ ସେବା ଯୋଗାଇବା ନିଷ୍ପତ୍ତି ଏକ ଛୋଟ ଆଲୋକ ସଦୃଶ। କୃଷକ ମାନଙ୍କୁ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ ନ କରି ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରର ଆଶା ଓ ଆକାଂକ୍ଷାକୁ ଧୂଳିସାତ କରାଯାଇଛି। ଦେଶବାସୀଙ୍କୁ ବେକାରି, ଦରବୃଦ୍ଧି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**- ସପ୍ତଗିରି ଉଲାକା, ଏମ୍‌ପି, କୋରାପୁଟ**

## ବଜେଟ ସନ୍ତୋଷଜନକ ନୁହେଁ



ବଜେଟ ସନ୍ତୋଷଜନକ ନୁହେଁ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବଜେଟରେ ଧ୍ୟାନ ଦିଆଯାଇ ନାହିଁ। କେନ୍ଦ୍ର ସରକାର ଏକ ହାଲୁକା ବଜେଟ ପ୍ରସ୍ତୁତ କରିଥିବା ମନେ ହେଉଛି। ମୁଦ୍ରାସ୍ଫୀତି, ରୋଜଗାର, କୃଷି କ୍ଷେତ୍ର ଆଡ଼କୁ ପ୍ରତିବଦ୍ଧତା ଓ ଟ୍ୟାକ୍ସ ସ୍ଲାବ୍‌କୁ ପରିବର୍ତ୍ତନ କରିବା ପାଇଁ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଥିଲା। ମାତ୍ର ସେଭଳି କୌଣସି ନିଷ୍ପତ୍ତି ବଜେଟ୍‌ରୁ ପ୍ରତିଫଳିତ ହେଉନାହିଁ। ଏହାକୁ ମୋଟାମୋଟି ଭାବେ ଉଦ୍ୟୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବଜେଟ୍ ବୋଲି କୁହାଯାଇପାରିବ।

**-ରମାକାନ୍ତ ଦାଶ, ଆର୍‌ବିଆଇ ଆସିଷ୍ଟାଣ୍ଟ, ଭୁବନେଶ୍ୱର ଶାଖା**

## ମଧ୍ୟବିତ୍ତ ହତାଶ



ଚଳିତ ବଜେଟରେ ମଧ୍ୟବିତ୍ତମାନେ ଆଶା କରିଥିଲେ ଟିକସରେ କିଛି ଛାଡ଼ ମିଳିବ। ହେଲେ ସେଭଳି ବ୍ୟବସ୍ଥା ହୋଇ ନ ଥିବାରୁ ସେମାନେ ହତାଶ ହୋଇପଡ଼ିଛନ୍ତି। ସେହିପରି ଚାଷୀଙ୍କ ପାଇଁ ମଧ୍ୟ ସରକାର ବିଶେଷ କିଛି ଘୋଷଣା କରିନାହାନ୍ତି। ଭିତ୍ତିଭୂମିର ଉନ୍ନତି ଦିଗରେ ଧ୍ୟାନ ଦିଆଯାଇଥିଲେ ମଧ୍ୟ ଗ୍ରାମୀଣ ଭିତ୍ତିଭୂମି ବିକାଶ ଉପରେ ବିଶେଷ ଧ୍ୟାନ ଦିଆଯାଇନାହିଁ। ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ଡିଜିଟାଲ ଭିତ୍ତିଭୂମିର ବିକାଶ ପାଇଁ ସରକାର ବଜେଟରେ କିଛି ଘୋଷଣା କରିନାହାନ୍ତି।

**- ଡ. ମନୋଜ କୁମାର ଦାସ, ଅର୍ଥନୀତି ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

## ସାଧାରଣ ଲୋକଙ୍କ ଆଶାକୁ ଅଣଦେଖା



ପୂର୍ବ ବଜେଟ୍‌ରେ ଘୋଷଣା ହୋଇଥିଲା ୨୦୨୨ରେ କୃଷକଙ୍କ ଆୟ ୨ଗୁଣା ହେବ। ମାତ୍ର ଏନେଇ କୌଣସି ସ୍ପଷ୍ଟୀକରଣ ରଖାଗଲା ନାହିଁ। ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରିକୁ ୧ ଲକ୍ଷ ନୂଆ ରୋଜଗାର କଥା ମୋଦି ସରକାର କହିଥିଲେ। ଏହା ମଧ୍ୟ ହୋଇପାରିଲା ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଲୋକଙ୍କ ଆଶାକୁ ଅଣଦେଖା କରାଯାଇଛି।

**- ସଞ୍ଜୀବ ମହାନ୍ତି, ଆବାହକ, ଆମ୍ ଆଦ୍‌ମୀ ପାର୍ଟି, ପୁରୀ**

## ରୋଜଗାର, ଦରଦାମ୍ ନିୟନ୍ତ୍ରଣ ପ୍ରତି ଧ୍ୟାନ ନାହିଁ



ମୁଖ୍ୟତଃ ରୋଜଗାର ଓ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ଉପରେ ଧ୍ୟାନ ଦିଆଯିବ ବୋଲି ଲୋକେ ଆଶା କରିଥିଲେ। ସେ ନେଇ ନିରାଶ ହେବାକୁ ପଡ଼ିଛି। ସେହିପରି ଭାରତରେ କୋଭିଡ୍ ପରେ ବେରୋଜଗାର ସ୍ଥିତି ଉତ୍କଟ ହେଲାଣି। ମାତ୍ର ରୋଜଗାରକୁ ନେଇ ସରକାର କୌଣସି ବଡ଼ ଘୋଷଣା କରିନାହାନ୍ତି। ଦରଦାମ୍ ବୃଦ୍ଧି ଏକ ବଡ଼ ସମସ୍ୟା ହୋଇଥିଲେ ବି ଖାଇବା ତେଲ ଓ ପେଟ୍ରୋଲିୟମ୍ ଭଳି ପଦାର୍ଥ ଆହୁରି ବଢ଼ିବା ନେଇ ସୂଚନା ଦିଆଯାଇଛି। ଏହା ଚିନ୍ତାଜନକ।

**- ନାରାୟଣ ସିହ୍ନା, ପୂର୍ବତନ ଅଧିକାରୀ, ଗ୍ରାମ୍ୟ ବ୍ୟାଙ୍କ, ପୁରୀ**

## ଏଭଳି ଜନବିରୋଧୀ ବଜେଟ କଷ୍ଟ ଦେଉଛି



ଓଡ଼ିଶା ପାଇଁ ବଜେଟ ୨୦୨୨ରେ କିଛି ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଓଡ଼ିଶାର ସମସ୍ୟା କଥା ଭୁଲିଯାଇଛନ୍ତି। ୨ବର୍ଷର ଭୟଙ୍କର ମହାମାରୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସହ ଓଡ଼ିଶା ନିରନ୍ତର ସଂଗ୍ରାମ କରୁଛି। ତେଣୁ କେନ୍ଦ୍ର ନିକଟରୁ ରାଜ୍ୟକୁ ସହାୟତା ଆବଶ୍ୟକ କରୁଛି। ଏଭଳି ଜନବିରୋଧୀ ବଜେଟ କଷ୍ଟ ଦେଉଛି।

**- ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି**

## ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ରଖିବାକୁ କିଛି ନାହିଁ



ଅତ୍ୟଧିକ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିବାକୁ ବଜେଟରେ କିଛି ନାହିଁ। ମଧ୍ୟବିତ୍ତ, ଗରିବଙ୍କ ପାଇଁ ମଧ୍ୟ ସେମିତି କିଛି ବ୍ୟବସ୍ଥା କରାଯାଇନାହିଁ। ବିଭିନ୍ନ ପଦାର୍ଥ ଉପରେ ସେସ୍ ଏବଂ ସରଚାର୍ଜ ବୃଦ୍ଧିକରି କେନ୍ଦ୍ର ସରକାର ପ୍ରଭୂତ ରାଜସ୍ୱ ଆଦାୟ କରୁଥିବା ବେଳେ ରାଜ୍ୟଗୁଡ଼ିକୁ ସେମାନଙ୍କ ଭାଗୀଦାରି ମିଳୁନାହିଁ। ବଜେଟର ଭଲ ଦିଗ ହେଉଛି ଭିତ୍ତିଭୂମି ବିକାଶ ଲାଗି ଅଧିକ ପୁଞ୍ଜିର ବ୍ୟବସ୍ଥା ହୋଇଛି। ଏହା ଠିକ୍‌ରେ କାର୍ଯ୍ୟକାରୀ ହେଲେ ଭବିଷ୍ୟତରେ ଅଧିକ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ସଙ୍ଗେ ସଙ୍ଗେ ଆର୍ଥିକ ବିକାଶର ପଥ ଅଧିକ ପ୍ରସାରିତ ହେବ।

**- ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ରାଜ୍ୟ ସଭା ଏମ୍‌ପି**

## ଧନୀ-ଗରିବ ବ୍ୟବଧାନ ପାଇଁ ପଦକ୍ଷେପ ନାହିଁ



ବ୍ୟୟ ବୃଦ୍ଧି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ଦେଇ ନିଯୁକ୍ତି ବୃଦ୍ଧି କରିବାକୁ ବଜେଟରେ ଚେଷ୍ଟା କରାଯାଇଛି। ବିଭିନ୍ନ ସ୍ତରରେ ଶିକ୍ଷା ପାଇଁ ପଦକ୍ଷେପ ନିଆଯାଇଛି ଓ ତାହା ସ୍ୱାଗତଯୋଗ୍ୟ। ସେହିପରି 'ନାରୀ ଶକ୍ତି'କୁ ଗୁରୁତ୍ୱ ଦିଆଯାଇ ମହିଳା ଏବଂ ଶିଶୁଙ୍କ ସମନ୍ୱିତ ବିକାଶ ପାଇଁ ୩ଟି ଯୋଜନା ଆରମ୍ଭ କରାଯିବ। ସେହିଭଳି ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ହ୍ରାସ କରିବା ପାଇଁ କୌଣସି ପଦକ୍ଷେପ ନାହିଁ। ମଧ୍ୟବିତ୍ତ କିମ୍ବା ବେତନ ପ୍ରାପ୍ତ ଶ୍ରେଣୀ ପାଇଁ ବିଶେଷ ସୁବିଧା ନାହିଁ।

**-ମିତାଲି ଚିନାରା, ପ୍ରାଧାପିକା, ଉତ୍କଳ ବିଶ୍ୱବିଦ୍ୟାଳୟ**

## ଜିଏସ୍‌ଟି ସରଳୀକରଣର ଆଶାନୁରୂପ ପରିବର୍ତ୍ତନ ହୋଇନି



ଚଳିତ ବଜେଟରେ ଭିତ୍ତିଭୂମିକୁ ନେଇ କରାଯାଇଥିବା ଯୋଜନାଗୁଡ଼ିକ ଭବିଷ୍ୟତରେ ଦେଶର ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ଘଟାଇବ। ଜିଏସ୍‌ଟିର ସରଳୀକରଣ ଉପରେ ଆଶାନୁରୂପ ପରିବର୍ତ୍ତନ କରାଯାଇନାହିଁ। ସେହିପରି ବ୍ୟକ୍ତିଗତ ଆୟକର ବାବଦରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବାରୁ ମଧ୍ୟବିତ୍ତ ପରିବାର ନିରାଶ ହୋଇଛନ୍ତି।

**- ଅଭିଜିତ ରାମ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବାରିପଦା, ମୟୂରଭଞ୍ଜ**

## ନିମ୍ନ ମଧ୍ୟବିତ୍ତ, ବେତନଭୋଗୀଙ୍କ ପାଇଁ ପ୍ରସ୍ତାବ ନାହିଁ



ଆସନ୍ତା ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଉପସ୍ଥାପନା କରାଯାଇଥିବା ବଜେଟ୍‌ରେ ବହୁତ ଭଲ ପ୍ରସ୍ତାବ ରହିଛି। କୋଭିଡ୍-୧୯ର ପରବର୍ତ୍ତୀ ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସରକାର ସର୍ବକାଳୀନ ଅଧିକ ବ୍ୟୟ ପ୍ରସ୍ତାବ ରଖିଛନ୍ତି। ଡିଜିଟାଲ କରେନ୍ସି, କେମିକାଲ ଫ୍ରି ଏଗ୍ରିକଲଚରାଲ ଫାର୍ମିଂ ଭଳି ଭଲ ପ୍ରସ୍ତାବ ରହିଛି। ନିମ୍ନ ମଧ୍ୟବିତ୍ତ ଶ୍ରେଣୀ, ବେତନଭୋଗୀ ସରକାରୀ କର୍ମଚାରୀ ପାଇଁ କିଛି ପ୍ରସ୍ତାବ ନାହିଁ। ଆୟକର ସୀମାକୁ ବୃଦ୍ଧି କରିବା ନିହାତି ଆବଶ୍ୟକ ଥିଲା।

**- ପ୍ରବୋଧ ଜେନା, ଇକୋନୋମିକ୍ସ, କେକେଏସ୍ କଲେଜ, ବାଲେଶ୍ୱର**

## ନିଯୁକ୍ତି ସୁଯୋଗ ଚ୍ୟାଲେଞ୍ଜ ହେବ



ଏଥର ବଜେଟ୍ ୭.୫୦ଲକ୍ଷ କୋଟି କ୍ୟାପିଟାଲ ଏକ୍ସପେଣ୍ଡିଚର୍ ଜିଡିପିକୁ ୮.୫୦% ରେ ପହଞ୍ଚାଇବାରେ ସାହାଯ୍ୟ କରିବ। କ୍ରିପ୍ଟୋ କରେନ୍ସି ଉପରେ ୩୦% ଟ୍ୟାକ୍ସ ଲଗାଇ ତାକୁ ଲିଗାଲାଇଜ୍ କରାଯାଇଛି। ଇନକମ୍ ଟ୍ୟାକ୍ସରେ ଏକ ନୂଆ ଭଲ୍ୟୁଣ୍ଟାରୀ ଡିସ୍‌କ୍ଲୋଜର ସ୍କିମ୍ ଟ୍ୟାକ୍ସପେୟରମାନଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଟ୍ୟାକ୍ସପେୟରଙ୍କ ପାଇଁ ପୁରୁଣା ୨ ବର୍ଷର ରିଟର୍ନ ଫାଇଲ୍ କରିବାର ସୁଯୋଗ ଦେଇଥିବାରୁ ବହୁତ ଟ୍ୟାକ୍ସପେୟର ଏଥିରେ ଉପକୃତ ହେବେ।

**- ପ୍ରଦୀପ୍ତ କୁମାର ପଣ୍ଡା, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବାଲେଶ୍ୱର**

## 'ଅଚ୍ଛେ ଦିନ୍' ପରି ୨୫ ବର୍ଷର ମିଛ ସ୍ୱପ୍ନ ପରଷା ଯାଇଛି



ସମ୍ପୂର୍ଣ୍ଣ ନୈରାଶ୍ୟ ଜନକ ବଜେଟ। ଗରିବ, ବେକାରି ଯୁବତୀ ଯୁବକଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଇନାହିଁ। କରୋନା ମହାମାରୀ ଜନିତ କ୍ଷତିରୁ ଗରିବ ଲୋକ ଅବା ବ୍ୟବସାୟୀଟିଏ ବାହାରକୁ ଆସିପାରୁ ନ ଥିବାବେଳେ କେନ୍ଦ୍ର ସରକାରଙ୍କ ବଜେଟ କେବଳ କର୍ପୋରେଟ୍‌କୁ ସୁହାଇଲାଭଳି କରାଯାଇଛି। ଇନଷ୍ଟାନ ଜବ୍‌ର କୌଣସି ବ୍ୟବସ୍ଥା କରାଯାଇନାହିଁ। ମଧ୍ୟବିତ୍ତ ପରିବାର ଆୟକର କୋହଳ ନେଇ ଯେଉଁ ଆଶା କରିଥିଲେ ତାହା ମଧ୍ୟ ପୂରଣ କରାଯାଇନାହିଁ। କଳା ଟଙ୍କା ହଟାଇବାର ନାରା ଦେଇ ଯେଉଁ ଏନଡିଏ ସରକାର କ୍ଷମତାକୁ ଆସିଥିଲା, ଆଜିର ବଜେଟରେ ପାନାମା, ପାରାଡାଇଜ୍ ପେପର ଭଳି ମହାଦୁର୍ନୀତି ରୋକିବାରେ ସାମର୍ଥ୍ୟ ହରାଇଛନ୍ତି। 'ଅଚ୍ଛେ ଦିନ୍' ସ୍ୱପ୍ନ ପରି ୨୫ ବର୍ଷର ମିଛ ସ୍ୱପ୍ନ ସାଧାରଣ ଜନତାଙ୍କୁ ପରଷା ଯାଇଛି।

**- ରବି ବେହେରା, ରାଜ୍ୟ କମିଟି ସଭାପତି, ସମାଜବାଦୀ ପାର୍ଟି**

## ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପାଇଁ ଅଧିକ ଆଶା ଥିଲା



ଗ୍ରାମାଞ୍ଚଳ ଛାତ୍ରୀଛାତ୍ରକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ଇ-ବିଦ୍ୟା ଚ୍ୟାନେଲ ୧୨ରୁ ୨୦୦କୁ ବୃଦ୍ଧି, ପାଠ୍ୟ ବିଷୟ ବସ୍ତୁଗୁଡ଼ିକୁ ଡିଜିଟାଇଜେଶନ ପାଇଁ ବ୍ୟୟବରାଦ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବେଶ୍ ସହାୟକ ହେବ। ଡିଜିଟାଲ ବିଶ୍ୱବିଦ୍ୟାଳୟ ସୃଷ୍ଟି ସାଙ୍ଗକୁ ନୂତନ ଶିକ୍ଷା ନୀତି ଅନୁଯାୟୀ ଗୁଜରାଟରେ ବିଦେଶୀ ବିଶ୍ୱବିଦ୍ୟାଳୟ ଖୋଲିବା ଏକ ଉତ୍ତମ ପଦକ୍ଷେପ। ୨୦୨୫ ସୁଦ୍ଧା ପ୍ରତି ଗ୍ରାମକୁ ଅପ୍‌ଟିକାଲ୍ ଫାଇବର ସାଙ୍ଗକୁ ୧.୫ ଲକ୍ଷ ଡାକଘରେ କୋର୍ ବ୍ୟାଙ୍କିଙ୍ଗ୍ ସୁବିଧା ଗ୍ରାମାଞ୍ଚଳ ଅର୍ଥନୀତି ବୃଦ୍ଧି କରାଇବ। ତେବେ ଶିକ୍ଷାକ୍ଷେତ୍ର ପାଇଁ ଚଳିତ ବର୍ଷ ୧.୦୪ ଲକ୍ଷ କୋଟି ବଜେଟ୍ ଅନ୍ୟବର୍ଷଗୁଡ଼ିକଠାରୁ ଅଧିକ ହୋଇଥିଲେ ମଧ୍ୟ ଏଥିରେ ଆହୁରି ବୃଦ୍ଧି ହେବାର ଆବଶ୍ୟକତା ଥିଲା। କରୋନା ପାଇଁ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଲାଗି ବଜେଟରେ ଆହୁରି କିଛି ଆଶା କରାଯାଉଥିଲା।

**- ଶରତ କୁମାର କର, ଶିକ୍ଷାବିତ୍**

## ନୂଆ ଶିଳ୍ପ କ୍ଷେତ୍ରରେ ଘରୋଇ ନିବେଶ ଉପଯୋଗୀ ହେବ



ଦରଦାମ୍ ବୃଦ୍ଧି ୫ ପ୍ରତିଶତରେ କାବୁ ହୋଇଥିବାରୁ ଚଳିତ ବଜେଟଟି ଅଭିବୃଦ୍ଧି ପାଇଁ ଏକ ବୁଷ୍ଟର ଡୋଜ୍ ବୋଲି ଧରାଯାଇପାରେ। ଅଭିବୃଦ୍ଧି ହାର ନିକଟ ଭବିଷ୍ୟତରେ ୮ ପ୍ରତିଶତ(୨୦୨୨-୨୩)ରେ ହୁଏତ ରହିବ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ବିଶ୍ୱର ଯେକୌଣସି ଦେଶକୁ ବଳିଯିବ। ଏଥର ସରକାର ଗଲାବର୍ଷ ତୁଳନାରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବ। ଏହା ବ୍ୟତୀତ ନୂଆ ନୂଆ ଶିଳ୍ପ କ୍ଷେତ୍ରରେ ଘରୋଇ ନିବେଶ ଦେଶର ଉତ୍ପାଦନ, ଚାହିଦା ଓ ରପ୍ତାନି ବଢ଼ାଇବ।

**- ବଳରାମ ମିଶ୍ର, ଅର୍ଥନୀତିଜ୍ଞ, ଭଦ୍ରକ**

## ଦୀର୍ଘମିଆଦୀ ବଜେଟ



ଚଳିତ ବଜେଟ ଦୀର୍ଘମିଆଦୀ ହୋଇଛି। ଏଥିରେ ଯୁବ, ଚାଷୀ, ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି। ଟେକ୍ସଟାଇଲ କ୍ଷେତ୍ରରେ ବଜେଟ କରାଯାଇଛି। ଅଧିକ ଶିଳ୍ପ ହେଲେ ନିଯୁକ୍ତି ସୃଷ୍ଟି ହୋଇପାରିବ। ରେଳ ବିଭାଗରେ ପିପିପି ମୋଡ କରାଯିବା ଫଳରେ ଅଧିକ ବିକାଶ ହୋଇପାରିବ। ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଚାଷୀଙ୍କଠାରୁ ଏମ୍‌ଏସ୍‌ପି ସହ ଉତ୍ପାଦିତ ଫସଲ କିଣାଯାଉଛି। ଟିକସ ଦେବାରେ ବିଶେଷ କିଛି ପରିବର୍ତ୍ତନ କରାଯାଇ ନାହିଁ।

**- ଅରୁଣ ପଟ୍ଟଆରୀ, ସଭାପତି, ଚାମ୍ବର ଅଫ କମର୍ସ, ସମ୍ବଲପୁର**

## ସନ୍ତୁଳିତ ବଜେଟ



ଚଳିତ ବଜେଟରେ ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କୁ ସୁହାଇଲା ଭଳି ବଜେଟ ଉପସ୍ଥାପନ କରାଯାଇଛି। ଚାଷ ଉପକରଣ ଶସ୍ତା ହୋଇଥିବାରୁ ଏହା ଚାଷୀଙ୍କ ଆର୍ଥିକ ଉପାର୍ଜନରେ ସହାୟକ ହୋଇପାରିବ। ଏହା ଏକପ୍ରକାର ସନ୍ତୁଳିତ ବଜେଟ।

**-ସୂର୍ଯ୍ୟକାନ୍ତ ଦଳବେହେରା, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ବୌଦ୍ଧ**

# ମା’ ହେବେ ରିହାନା

**ୱାଶିଂଟନ୍:** ପ୍ରସିଦ୍ଧ ଗାୟିକା ରିହାନା ଖୁବ୍‌ଶୀଘ୍ର ମା’ ହେବାକୁ ଯାଉଛନ୍ତି। ତାଙ୍କ ଗର୍ଭଧାରଣକୁ ନେଇ ସେ ବହୁତ ଖୁସି ଥିବା କହିଛନ୍ତି। ନିକଟରେ ସେ ତାଙ୍କ ପ୍ରେମିକ ତଥା ରାପର୍ ରକିଙ୍କ ସହ ନ୍ୟୁୟର୍କ ସହରର ବୁଲୁଥିବାର ନଜର ଆସିଥିଲେ। ସେଠାରେ ରିହାନା ବେବି ବମ୍ପ ସହ ଜବରଦସ୍ତ ପୋଜ ଦେଇଥିଲେ। ସନ୍ତାନଟି ରିହାନାଙ୍କ ପ୍ରଥମ ସନ୍ତାନ ହୋଇଥିବାରୁ ସେ ଖୁସି ଅଛନ୍ତି। ୩୩ ବର୍ଷୀୟା ରିହାନା କିଛିଦିନ ତଳେ ଏକ ପରିବାର ଆରମ୍ଭ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ରକିଙ୍କ ସହିତ ଥିବା ତାଙ୍କ ପ୍ରେମ ସମ୍ପର୍କକୁ ୨୦୧୯ରେ ସର୍ବସାଧାରଣରେ ସେ ପ୍ରକାଶ କରିଥିଲେ। ରିହାନା ଏକାସାଙ୍ଗରେ ଜଣେ ବାରବାରିୟାନ୍ ଗାୟିକା, ଫ୍ୟାଶନ ଡିଜାଇନର୍ ଏବଂ ବ୍ୟବସାୟୀ।



# ଏକାଠି ନଜର ଆସିଲେ ଆମୀର-କିରନ



**ମୁମ୍ବାଇ:** ଆମୀର ଖାନ ଏବଂ ତାଙ୍କ ଦ୍ୱିତୀୟ ପତ୍ନୀ କିରନ ରାଓଙ୍କ ଗତ ବର୍ଷ ଛାଡପତ୍ର ହୋଇସାରିଛି। ତେବେ ଦୁହେଁ ପୁଣି ଥରେ ଏକାଠି ନଜର ଆସିଥିବା ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ମୁମ୍ବାଇର ବନ୍ଦ୍ରା ଅଞ୍ଚଳରେ ଆମୀର କିରନଙ୍କ ସହ ଏକାଠି ଖୁସିରେ କଥାବାର୍ତ୍ତା ହେବାର ନଜର ଆସିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଉଭୟ ଟ୍ରୋଲର ଶିକାର ହୋଇଛନ୍ତି। ସୂଚନା ମୁତାବକ, ଆମୀର- କିରଣ ୧୫ ବର୍ଷର ଦାମ୍ପତ୍ୟ ଜୀବନ ପରେ ଉଭୟ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ।

## ହାତୀଠାରୁ କ୍ଷୀର ପିଉଛି କୁନି ଝିଅ

ଟୁଇଟରରେ ଏବେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଜଣେ ଛୋଟ ଝିଅ ହାତୀର କ୍ଷୀର ପିଉଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ଏହାକୁ ନେଇ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଶିଶୁଟି ବିନା ଡରରେ ହାତୀ ପାଖରେ ଛିଡ଼ା ହୋଇ କ୍ଷୀର ପିଉଛି। ଏପରି କି ହାତୀ ସହ ଖେଳିବା ଏବଂ ସେଠାରେ ଛିଡ଼ା ହୋଇ କଥା ହେଉଥିବା ଦେଖିବାକୁ ମିଳିଛି। ଭିଡିଓକୁ ଓଏମ୍ଏମ୍ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରାଯାଇଛି।


CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

BHARAT FINANCE
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ବାର୍ଷିକ 2% ସୁଧ 25% ଛାଡ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି।
Website: www.bharatpro.in
Dr B Ramarao Street, Suryaraopet, Vijayawada-520002
Call & WhatsApp No: 09015144671

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଳବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236, 9717049785

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


୬୬ତମ ଜନ୍ମଦିନ ଶୁଭେଚ୍ଛା



ନାରାୟଣ ଚନ୍ଦ୍ର ସିହ୍ନା
ଖୋକନା ବାବୁ
ଉପର ମାଳିସାହି, ପୁରୀ
ପବିତ୍ର ୬୬ତମ ଜନ୍ମଦିନ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଛିନ୍ନମସ୍ତା ଏବଂ ସ୍ୱର୍ଗୀୟ ପିତା, ମାତା, ଗୁରୁଙ୍କ ଆଶୀର୍ବାଦରୁ ତୁମେ ଦୀର୍ଘାୟୁ, ନୀରୋଗ ରହିବା ସଙ୍ଗେ ସଙ୍ଗେ ତୁମେ ବିଶ୍ୱରେ ଯଶ, କୀର୍ତ୍ତି ଅର୍ଜନ କର।
କିରନ ଜ୍ୟୋତି ପରିବାରବର୍ଗ
ଧ-୬୮୮୯୦

ଜନ୍ମଦିନ ଶୁଭେଚ୍ଛା



Prabhasini Dash
Khodasingi, Berhampur
ଆଜିର ଏ ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବୋଉ ଦୀର୍ଘାୟୁ ନୀରୋଗୀ ଏବଂ ସୁସର୍ବଦା ଖୁସି ରହୁ।
(HAPPY BIRTHDAY BOU)
ଶୁଭେଚ୍ଛା ସହ: ଦାଶ ପରିବାର ।
ଧ-୨୩୦୧୧

ଜନ୍ମଦିନ ଶୁଭେଚ୍ଛା



ଟିକି
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଚଲାପଥ ହସ ଖୁସିରେ ଭରିଉଠୁ।
ଜନ୍ମଦିନରେ ଅନେକ ଅନେକ ଅଭିନନ୍ଦନ ।
ଧ-୬୭୪୧୮


# ଆସିବ ‘ଆଚାର୍ଯ୍ୟ’, ‘ସରକାରୁ ଭାରି ପଟ୍ଟା’

**ମୁମ୍ବାଇ:** ମେଗାଷ୍ଟାର ଚିରଞ୍ଜୀବ ଏବଂ ରାମଚରଣଙ୍କ ଫିଲ୍ମ ‘ଆଚାର୍ଯ୍ୟ’ ଆସନ୍ତା ଏପ୍ରିଲ ୨୯ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏଥିସହିତ ମହେଶ ବାବୁଙ୍କ ଅଭିନୀତ ଫିଲ୍ମ ‘ସରକାରୁ ଭାରି ପଟ୍ଟା’ର ରିଲିଜ୍ ତାରିଖ ମେ ୧୨କୁ ଧାର୍ଯ୍ୟ ହୋଇଛି। ଏ ନେଇ ସମସ୍ତ ସିନେମାର ପ୍ରଯୋଜନା ସଂସ୍ଥା ପକ୍ଷରୁ ସୋସିଆଲ ମିଡିଆରେ ଫିଲ୍ମ ପୋଷ୍ଟର ସହ ରିଲିଜ୍ ତାରିଖ ପୋଷ୍ଟ କରାଯାଇଛି। କୋରତାଲା ଶିବାଙ୍କ ଦ୍ୱାରା ନିର୍ଦ୍ଦେଶିତ ଚଳଚ୍ଚିତ୍ର ‘ଆଚାର୍ଯ୍ୟ’ରେ ଚିରଞ୍ଜୀବ, ପୁଅ ରାମଚରଣ, ଅଭିନେତ୍ରୀ ପୂଜା ହେଗ୍‌ଡେ ଏବଂ କାଜଲ ଅଗ୍ରୱାଲ ନଜର ଆସିବେ। ଫିଲ୍ମଟି ଫେବୃୟାରୀ ୪ରେ ରିଲିଜ୍ ହେବାର ଥିଲା। କିନ୍ତୁ କରୋନା ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ତେବେ ସିନେମାଟିର ରିଲିଜ୍ ତାରିଖ ଏପ୍ରିଲ ୨୯କୁ ଘୁଞ୍ଚାଇ ଦିଆଯାଇଛି। ୬୦ କୋଟି ବଜେଟ୍‌ରେ ପରଶୁରାମଙ୍କ ନିର୍ଦ୍ଦେଶିତ ମୁଭି ‘ସରକାରୁ ଭାରି ପଟ୍ଟା’ରେ କେର୍‌ଥୀ ସୁରେଶ, ଭେନେଲା କିଶୋର, ସୁଭାରାଜୁ ନଜର ଆସିବେ।




# ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱସମ୍ରାଟ ବିଶ୍ୱାଳ
ଆବିର୍ଭାବ: ୧୭।୧୧।୧୯୪୪
ତିରୋଭାବ: ୩୧।୦୧।୨୦୨୨
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା । ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚଲାପଥର ପାଥେୟ ହେଉ। ଆପଣଙ୍କ ଆଶୀର୍ବାଦ ଆମପାଇଁ ସବୁବେଳେ ଥିଲା ଓ ରହିବ।
ଶୋକସନ୍ତପ୍ତ ପରିବାରଙ୍କ ସହିତ ଜ୍ୟେଷ୍ଠପୁତ୍ର: ପ୍ରଶାନ୍ତ ଓ କନିଷ୍ଠପୁତ୍ର: ପ୍ରବୀର ।
ଧ-୨୩୦୧୨

ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସୁଶୀଳା ସାହୁ
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ- ୨୪।୦୧।୨୦୧୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୫୧୮

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସନ୍ତୋଷ ପ୍ରସାଦ ପାଣିଗ୍ରାହୀ
ଆବିର୍ଭାବ: ୦୯।୦୯।୧୯୮୩
ତିରୋଧାନ: ୦୧।୦୨।୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ ପରିବାରବର୍ଗ:
ପିତା, ମାତା ଓ ଭାଇମାନେ ।
ଧ-୨୩୦୦୯

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱଗୋପାଳ ଚନ୍ଦ୍ର ସେଠୀ
ପ୍ଲଟ୍ ନଂ.- ୮୫, ଗୌତମ ନଗର, ଭୁବନେଶ୍ୱର
ତିରୋଧାନ: ୨୯।୦୧।୨୦୧୭
ସ୍ନେହ, ପ୍ରେମ ଭରା ସରଳ ହୃଦୟ ତୁମ ପରି କେହି ନାହିଁ ।
ଦୁଃଖ ସାଗରରେ ଭସାଇ ଆମକୁ ଛାଡ଼ିଗଲ କାହିଁ ପାଇଁ ।
ଦୀପ ନୁହେଁ ତୁମେ ମହାଦୀପ ପରା ଧୂପ ନୁହେଁ ମହାଧୂପ ।
ଶ୍ରଦ୍ଧାଞ୍ଜଳି ଘେନ ଶ୍ରାଦ୍ଧବାର୍ଷିକୀରେ ହେଦିବ୍ୟ ଜ୍ୟୋତି ରୂପ ।
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ, ସେଠୀ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୧୩୩୫

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ଡାକ୍ତର ପଦ୍ମନାଭ ମିଶ୍ର
ଜଟଣୀ
ଆବିର୍ଭାବ: ୨୧।୦୭।୧୯୩୫ (କଟକ)
ତିରୋଧାନ: ୨୩।୦୧।୨୦୨୨ (ଭୁବନେଶ୍ୱର)
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ।
ଧ-୭୦୭୬୮


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No. RDM-LAC-KNJ-0055-2017-30005/R&DM** **Dated: 14 Oct. 2020**

No. V-74: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର କାନପୁର ଜଳସେଚନ ପ୍ରକଳ୍ପର କେନାଲ ନିମନ୍ତେ ମୌଜା: **ଗିଧିବାସ**, ଥାନା: ବାରିଆ ନଂ. ୧୦, ତହସିଲ: ଝୁମ୍ପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ତଫସିଲମତେ ପ୍ରାୟ ୧୪.୩୧ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଜଳସେଚନ ପ୍ରକଳ୍ପ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, କାନୁପୁର କେନାଲ ଡିଭିଜନ ନଂ. ୨, ରିମୁଳି, କେନ୍ଦୁଝର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଚମ୍ପୁଆ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଝୁମ୍ପୁରା | ଗିଧିବାସ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୧୪.୩୧ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, କାନପୁର ଜଳସେଚନ ପ୍ରକଳ୍ପ ରିମୁଳି, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

## ଭୂମି ଅନୁସୂଚୀ

**ମୌଜା: ଗିଧିବାସ (ଗ୍ରାମାଞ୍ଚଳ), ଥାନା: ବାରିଆ ନଂ. ୧୦, ତହସିଲ: ଚମ୍ପୁଆ, ଜିଲ୍ଲା: କେନ୍ଦୁଝରର କାନପୁର ଜଳସେଚନ ପ୍ରକଳ୍ପର ମାଇନର ଏବଂ ସବ୍‌ମାଇନର କେନାଲ ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | ରୟତର ନାମ |
|---|---|---|---|---|---|---|
| ୯ | ରୟତି | ୨୪୪୨ | ଶାରଦ ତିନି | ୦.୨୦ | ୦.୧୪ | କାହ୍ନୁଚରଣ ନାଏକ, କୁଶଳା ନାଏକ, ଖଇର ନାଏକ, ମାଜିନି ନାଏକ, ପି.– ଗଣ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୭୪୮ | ଶାରଦ ତିନି | ୦.୦୮ | ୦.୦୫ | |
| | | ୨୭୫୧ | ଶାରଦ ତିନି | ୦.୧୬ | ୦.୧୬ | |
| | | ୨୭୫୨ | ଶାରଦ ତିନି | ୦.୦୬ | ୦.୦୪ | |
| | | ୨୪୪୮/ ୩୪୭୫ | ଶାରଦ ତିନି | ୦.୧୨ | ୦.୧୦ | |
| ୧୩ | ରୟତି | ୧୭୪୯ | ବିଆଳି | ୦.୦୮ | ୦.୧୭ | କୃଷ୍ଣ ନାଏକ, ପି.– ରଣୁ ନାଏକ, ଗୋଲାପ ନାଏକ, ପାଟ ନାଏକ, ରହି ନାଏକ, ଗେହ୍ଲେଇ ନାଏକ, ସରଦା ନାଏକ, ବୈଦେଇ ନାଏକ, ପି.– କନ୍ଦ୍ରୀ ନାଏକ, ଆଦର ନାଏକ, ସ୍ୱା.– କନ୍ଦ୍ରୀ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୧୭୫୮ | ବିଆଳି | ୦.୧୨ | ୦.୦୭ | |
| | | ୨୧୪୨ | ବିଆଳି | ୦.୧୫ | ୦.୧୧ | |
| ୧୯ | ରୟତି | ୨୪୪୭ | ଶାରଦ ତିନି | ୦.୦୭ | ୦.୦୪ | ଗୋକୁଳ ନାଏକ, ଦୁର୍ଯ୍ୟୋଧନ ନାଏକ, ପଦି ନାଏକ, ତୁଳସି ନାଏକ, ପି.– ଭକ୍ତ ନାଏକ ଓଗେର, ବା: ନିଜଗାଁ |
| | | ୨୪୪୮ | ଶାରଦ ତିନି | ୦.୫୪ | ୦.୩୨ | |
| | | ୨୪୭୧ | ଶାରଦ ତିନି | ୦.୭୩ | ୦.୨୦ | |
| ୨୪ | ରୟତି | ୨୭୪୦ | ଶାରଦ ତିନି | ୦.୫୦ | ୦.୧୫ | ଗୌରୀ ନାଏକ, ସ୍ୱା.– ମାସୁ ନାଏକ, ଜା: ବାଥୁଡ଼ି, ବା: ଭୋଦପଶି |
| ୨୮ | ରୟତି | ୭୧୩ | ତଇଳା ଦୁଇ | ୦.୬୮ | ୦.୨୦ | ଘାସିନାଥ ନାଏକ, ପି.– ଟୁରା ନାଏକ, ଅଇଦା ନାଏକ, ସଉଦା ନାଏକ, ପି.– ପଦୁ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୭୧୬ | ତଇଳା ଦୁଇ | ୦.୨୬ | ୦.୦୩ | |
| ୨୯ | ରୟତି | ୨୧୪୦ | ବିଆଳି | ୦.୩୬ | ୦.୦୪ | ଘାସିନାଥ ନାଏକ, ଶଶି ନାଏକ, ବଘରି ନାଏକ, ଚଞ୍ଚଳା ନାଏକ, ଗୋଆଲି ନାଏକ, ପି.– ବସ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୩୫ | ରୟତି | ୨୦୧୬ | ଶାରଦ ତିନି | ୦.୩୧ | ୦.୦୮ | ଯାତ୍ରୀ ନାଏକ, ସ୍ୱା.– ଶୁକ ନାଏକ, ଜା: ବାଥୁଡ଼ି, ବା: ଧାଡିକା |
| ୪୦ | ରୟତି | ୨୩୯୩ | ଶାରଦ ତିନି | ୧.୦୯ | ୦.୦୫ | ଝାଡ଼େଶ୍ୱର ନାଏକ, ଜଗ ନାଏକ, ରାଘବ ନାଏକ, ଧନି ନାଏକ, ପି.– ଶ୍ୟାମ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୩୯୪ | ବିଆଳି | ୦.୭୬ | ୦.୨୮ | |
| ୪୮ | ରୟତି | ୧୭୪୮ | ଶାରଦ ତିନି | ୦.୨୧ | ୦.୦୪ | ଦିବାକର ନାଏକ, ଶ୍ରୀଧର ନାଏକ, ପି.– ସାନଡମ୍ବୁ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୧୭୫୧ | ବିଆଳି | ୦.୧୦ | ୦.୦୫ | |
| | | ୨୧୪୧ | ଶାରଦ ତିନି | ୦.୧୬ | ୦.୧୧ | |
| | | ୨୪୬୫ | ବିଆଳି | ୧.୦୮ | ୦.୧୦ | |
| | | ୨୭୪୪ | ଶାରଦ ତିନି | ୦.୪୯ | ୦.୦୨ | |
| ୬୨ | ରୟତି | ୨୦୧୪ | ବିଆଳି | ୦.୬୨ | ୦.୦୮ | ନୁରୀ ନାଏକ, ଦୁରୀ ନାଏକ, ପି.– ରଥ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୦୧୫ | ଶାରଦ ତିନି | ୦.୭୧ | ୦.୩୮ | |
| | | ୧୭୬୮ | ବିଆଳି | ୦.୩୪ | ୦.୦୩ | |
| | | ୨୫୯୭ | ବିଆଳି | ୧.୦୭ | ୦.୦୨ | |
| | | ୨୫୯୮ | ବିଆଳି | ୦.୯୯ | ୦.୨୮ | |
| ୬୫ | ରୟତି | ୨୮୨୧ | ଶାରଦ ତିନି | ୦.୪୮ | ୦.୪୧ | ପରମା ନାଏକ, ପି.– ସାନକେଶ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୮୨୫ | ଶାରଦ ତିନି | ୦.୪୦ | ୦.୧୦ | |
| ୬୮ | ରୟତି | ୧୭୫୦ | ବିଆଳି | ୦.୧୦ | ୦.୦୬ | ପରମା ନାଏକ, ପି.– କେଶବ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୫୯୯ | ବିଆଳି | ୧.୦୪ | ୦.୪୫ (ଗୋଚର ପ୍ରତିବଦଳ) | |
| ୭୬ | ରୟତି | ୨୧୩୭ | ଶାରଦ ତିନି | ୦.୧୩ | ୦.୧୩ | ପୂର୍ଣ୍ଣଚନ୍ଦ୍ର ନାଏକ, ପି.– ବଂଶୀଧର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୮୦ | ରୟତି | ୨୧୩୮ | ଶାରଦ ତିନି | ୦.୧୭ | ୦.୦୬ | ପୂର୍ଣ୍ଣଚନ୍ଦ୍ର ନାଏକ, ମଣିନ୍ଦ୍ର ନାଏକ, ପି.– ବଂଶୀଧର ନାଏକ ଓଗେର, ବା: ନିଜଗାଁ |
| ୮୧ | ରୟତି | ୧୩୩୮ | ତଇଳା ଦୁଇ | ୦.୪୧ | ୦.୦୪ | ପୂର୍ଣ୍ଣଚନ୍ଦ୍ର ନାଏକ, ଲକ୍ଷ୍ମୀଧର ନାଏକ, ମହେଶ୍ୱର ନାଏକ, ପି.– ବନ୍ଧୁ ନାଏକ ଓଗେର, ବା: ନିଜଗାଁ |
| | | ୨୧୩୩ | ଶାରଦ ଦୁଇ | ୦.୨୯ | ୦.୦୨ | |
| | | ୨୧୪୩ | ବିଆଳି | ୦.୨୨ | ୦.୧୪ | |
| | | ୨୩୯୮ | ବିଆଳି | ୦.୯୯ | ୦.୩୭ | |
| | | ୨୩୯୮ | ବିଆଳି | ୦.୯୯ | ୦.୨୭ (ଗୋଚର ପ୍ରତିବଦଳ) | |
| | | ୨୩୯୯ | ବିଆଳି | ୦.୮୦ | ୦.୩୫ | |
| | | ୨୩୯୯ | ବିଆଳି | ୦.୮୦ | ୦.୧୮ (ଗୋଚର ପ୍ରତିବଦଳ) | |
| | | ୨୪୦୦ | ବିଆଳି | ୦.୭୭ | ୦.୦୧ | |
| | | ୨୪୦୩ | ବିଆଳି | ୦.୬୦ | ୦.୨୧ | |
| | | ୨୪୦୪ | ବିଆଳି | ୦.୨୩ | ୦.୧୦ | |
| | | ୨୪୧୧ | ଶାରଦ ତିନି | ୦.୩୮ | ୦.୦୭ | |
| | | ୨୪୧୨ | ଶାରଦ ତିନି | ୦.୧୬ | ୦.୧୬ | |
| ୮୪ | ରୟତି | ୨୪୦୮ | ଶାରଦ ତିନି | ୦.୦୭ | ୦.୦୪ | ବାଉରିବନ୍ଧୁ ନାଏକ, ଦୀନବନ୍ଧୁ ନାଏକ, ଜଗବନ୍ଧୁ ନାଏକ, ପି.– ନାଲୁ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୪୮୨ | ଶାରଦ ତିନି | ୦.୨୦ | ୦.୦୩ | |
| | | ୨୪୮୩ | ଶାରଦ ତିନି | ୦.୧୮ | ୦.୧୪ | |
| | | ୨୪୮୪ | ଶାରଦ ତିନି | ୦.୨୫ | ୦.୨୩ | |
| | | ୨୪୮୫ | ଶାରଦ ତିନି | ୦.୨୬ | ୦.୦୧ | |
| | | ୨୭୪୧ | ଶାରଦ ତିନି | ୧.୯୮ | ୦.୬୪ | |
| | | ୨୭୪୨ | ଶାରଦ ତିନି | ୦.୧୯ | ୦.୧୬ | |
| | | ୨୭୪୩ | ଶାରଦ ତିନି | ୦.୧୮ | ୦.୧୮ | |
| | | ୨୭୫୦ | ଶାରଦ ତିନି | ୦.୦୫ | ୦.୦୫ | |
| | | ୨୮୦୨ | ଶାରଦ ତିନି | ୦.୫୮ | ୦.୦୪ | |
| | | ୨୮୨୦ | ବିଆଳି | ୦.୯୮ | ୦.୦୫ | |
| ୯୭ | ରୟତି | ୨୦୧୨ | ଶାରଦ ତିନି | ୦.୫୬ | ୦.୩୦ | ଭମର ନାଏକ, ପି.– ଶିବ ନାଏକ, କପିଳ ନାଏକ, କମଳା ନାଏକ, ଫୁଲମଣି ନାଏକ, ପି.– ଖୁଦିଆ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୪୨୦ | ଶାରଦ ଦୁଇ | ୦.୧୬ | ୦.୦୪ | |
| | | ୨୪୩୧ | ଶାରଦ ଦୁଇ | ୦.୧୫ | ୦.୧୨ | |
| | | ୨୪୪୦ | ଶାରଦ ତିନି | ୦.୪୮ | ୦.୨୩ | |
| | | ୨୭୫୩ | ଶାରଦ ଦୁଇ | ୦.୨୯ | ୦.୨୫ | |
| | | ୨୮୦୧ | ଶାରଦ ଦୁଇ | ୦.୨୬ | ୦.୦୩ | |
| ୯୯ | ରୟତି | ୨୧୩୭/ ୩୩୦୦ | ଶାରଦ ତିନି | ୦.୧୨ | ୦.୦୫ | ମଣିନ୍ଦ୍ର ନାଏକ, ପି.– ବଂଶୀଧର ନାଏକ |
| ୧୦୩ | ରୟତି | ୬୯୪ | ଶାରଦ ଦୁଇ | ୧.୮୭ | ୦.୩୦ | ମଧୁ ନାଏକ, ବୃନ୍ଦା ନାଏକ, ରାଧୁ ନାଏକ, ପି.– ଚରନ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| ୧୧୩ | ରୟତି | ୨୭୩୯ | ଶାରଦ ତିନି | ୧.୦୦ | ୦.୪୪ | ମାସୁ ନାଏକ, ପି.– ଚକ୍ରଧର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୧୧୬ | ରୟତି | ୧୭୫୩ | ବିଆଳି | ୦.୨୨ | ୦.୧୮ | ମୁଖ ନାଏକ, ସ୍ୱା.– ଅଚ୍ୟୁତ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୪୬୯ | ବିଆଳି | ୦.୩୫ | ୦.୦୫ | |
| | | ୨୪୭୦ | ଶାରଦ ତିନି | ୦.୯୧ | ୦.୨୦ | |
| ୧୧୯ | ରୟତି | ୨୪୮୬ | ଶାରଦ ତିନି | ୧.୨୨ | ୦.୪୬ | ମେଥି ନାଏକ, ଦୁନୀ ନାଏକ, ବାଇନା ନାଏକ, ପି.– ମଧୁ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୧୭୫୬ | ବିଆଳି | ୦.୪୨ | ୦.୨୪ | |
| ୧୨୧ | ରୟତି | ୧୭୫୭ | ବିଆଳି | ୦.୧୫ | ୦.୦୫ | ରଙ୍ଗଣୀ ନାଏକ, ମୋତି ନାଏକ, ପି.– ଦନେଇ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୧୨୭ | ରୟତି | ୧୩୩୯ | ତଇଳା ଦୁଇ | ୦.୫୫ | ୦.୩୮ | ରସା ନାଏକ, ପି.– ଗଙ୍ଗା ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| | | ୨୧୩୬ | ଶାରଦ ତିନି | ୦.୨୫ | ୦.୧୨ | |
| | | ୨୩୯୬ | ବିଆଳି | ୧.୨୯ | ୦.୬୦ | |
| | | ୨୩୯୬ | ବିଆଳି | ୧.୨୯ | ୦.୧୪ (ଗୋଚର ପ୍ରତିବଦଳ) | |
| | | ୨୪୪୪ | ଶାରଦ ତିନି | ୦.୨୪ | ୦.୦୧ | |
| | | ୨୪୪୬ | ଶାରଦ ତିନି | ୦.୭୩ | ୦.୩୫ | |
| ୧୪୫ | ରୟତି | ୨୭୬୦ | ବିଆଳି | ୦.୭୬ | ୦.୫୬ | ସଙ୍ଖାଳି ନାଏକ, ପି.– କରୁଣା ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| ୧୪୭ | ରୟତି | ୭୧୧ | ତଇଳା ଦୁଇ | ୧.୦୨ | ୦.୫୩ | ସତ୍ୟାନନ୍ଦ ନାଏକ, ପି.– ଧର୍ମୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୭୧୮ | ତଇଳା ଦୁଇ | ୦.୩୭ | ୦.୧୮ | |
| ୧୪୮ | ରୟତି | ୬୭୭ | ଶାରଦ ତିନି | ୧.୧୦ | ୦.୧୬ | ସତ୍ୟାନନ୍ଦ ନାଏକ, ପି.– ଧର୍ମୁ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| ୧୬୪ | ରୟତି | ୧୭୧୫ | ବିଆଳି | ୦.୩୦ | ୦.୦୨ | ହଳଦର ନାଏକ, ହରିହର ନାଏକ, ମହେଶ୍ୱର ନାଏକ, ନତା ନାଏକ, ପି.– ନୀଳ ନାଏକ ଓଗେର, ଜା: ବାଥୁଡ଼ି, ବା: ନିଜଗାଁ |
| ୧୬୪/ ୪ | ରୟତି | ୭୧୭ | ତଇଳା ଦୁଇ | ୦.୩୦ | ୦.୦୬ | ହୃଷି ନାଏକ, ପି.– ହରି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୧୬୪/ ୩୯ | ରୟତି | ୨୦୧୩ | ଶାରଦ ତିନି | ୦.୩୧ | ୦.୨୨ | ଗୌରହରି ନାଏକ, ପି.– ରଥିଆ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ମୋଟ ରୟତି ଜମି | | | ୧୪.୩୧ | |

**ସ୍ୱା./– ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ**
**କାନୁପୁର ଜଳସେଚନ ପ୍ରକଳ୍ପ, ରିମୁଳି, କେନ୍ଦୁଝର**

OIPR-24001/14/0221/2122

## ବ୍ରଏଲର କୁକୁଡ଼ା



ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍) । କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ୭ ଦିନର କୁକୁଡ଼ା ଛୁଆମାନଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆମାନଙ୍କୁ ଆଇ.ବି.ଡି. ରୋଗ ଟିକା ଦିଅନ୍ତୁ । ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡଫ୍ଲୁ ରୋଗ ହେବାର ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାଏ, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଏ, ନାକରୁ ପତଳା ସିଘାଂଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତ ଛିଟା ଚିହ୍ନ ଦେଖାଦେଲେ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

## ଭାକୁର ମାଛର ଆଖି ରୋଗ



ଭାକୁର ମାଛରେ ସାଧାରଣତଃ ଆଖିରୋଗ ଦେଖାଯାଇଥାଏ। ଏହାର ପ୍ରାଥମିକ ଲକ୍ଷଣରେ ଆଖିର ସ୍ୱଚ୍ଛପଟଳ ରକ୍ତବର୍ଣ୍ଣ ହୋଇଯାଏ ଓ କିଛିଦିନ ପରେ ଏହା ଅସ୍ୱଚ୍ଛ ହୋଇ କ୍ରମେ ପଚିଯାଇ ଆଖି ନଷ୍ଟ ହୋଇଯାଏ । ତେଣୁ ଏହାର ପ୍ରତିକାର ପାଇଁ ୧୦ ମିଲିଗ୍ରାମ୍ ହିସାବରେ କ୍ଲୋରୋମାଇସିଟିନ୍‌କୁ ୧ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତ କରି ମାଛ ଗୁଡ଼ିକ ୫-୭ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖନ୍ତୁ । ଏହା ବ୍ୟତୀତ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣରେ (୫ ମିଲିଗ୍ରାମ୍ ୧ ଲିଟର ପାଣିରେ) ମାଛକୁ ପ୍ରାୟ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖାଯାଇପାରେ। ଏହି ପ୍ରକ୍ରିୟା ୩-୪ ଦିନ ପର୍ଯ୍ୟନ୍ତ କଲେ ଭାକୁର ମାଛର ଆଖିରୋଗ ହେବାର ସମ୍ଭାବନା ନ ଥାଏ । ଏକ ହେକ୍ଟର ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ଦୈନିକ ୭ କି.ଗ୍ରା. କାଣ୍ଡିଆ କୁଣ୍ଡା, ୭ କି.ଗ୍ରା. ଚିନାବାଦାମ ପିଡ଼ିଆ ବ୍ୟବହାର କରନ୍ତୁ।

## ଚିନାବାଦାମରେ ଜଉ ପୋକ ଦମନ



ଚିନାବାଦାମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆ ଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋ ଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।

### ଏ ମାସର କୃଷି ସୂଚନା

# ରୁଆ ଡାଲୁଅ ଧାନରେ ଜଳସେଚନ



ଡାଲୁଅ ଧାନ ରୋଇବାର ୧୫-୨୦ ଦିନ ଜମିରେ ନଖବୁଡ଼ା ପାଣି ରଖି ୧୨୦ରୁ କମ୍ ଦିନିଆ ଧାନରେ ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଓ ୧୨୦ ଦିନରୁ ଅଧିକ ଦିନିଆ ତଥା ଶଙ୍କର କିସମ ଧାନରେ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ସାର ପିଲସାର ହିସାବରେ ପ୍ରୟୋଗ କରନ୍ତୁ । ପିଲ ଅବସ୍ଥାରେ ୨.୫ ସେ.ମି. ପର୍ଯ୍ୟନ୍ତ ପାଣି ରଖନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ଗୋଳାଇ ପତ୍ର ସିଞ୍ଚନ କରନ୍ତୁ ।

**ଗହମ :** ଗହମ କାଣ୍ଡ ହଳଦିଆ ପଡ଼ି ଶୁଖି ମଥା ନଇଁଗଲେ ଅମଳ କରନ୍ତୁ ।

**ମକା :** ମକା ଲଗାଇବାର ୨୧ ଦିନପରେ କୋଡ଼ାଖୁସା କରି ଗଛମୂଳରେ ମାଟିଦେବା ଦରକାର । ଫସଲ ବୁଣିବାର ୩୫ ରୁ ୪୫ ଦିନ ମଧ୍ୟରେ ଆଉଥରେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୩୦-୪୦ କି.ଗ୍ରା. ଯବକ୍ଷାରଜାନର ଗଛ ମୂଳରେ ଦେଇ ଦ୍ୱିତୀୟ ଥର ହୁଡ଼ା ଟେକି ଦିଅନ୍ତୁ ।

**ଡାଲି ଜାତୀୟ ଫସଲ**

ଖରାଦିନେ ଅଧିକ ଅମଳକ୍ଷମ ଡାଲି ଜାତୀୟ ଫସଲ ଯଥା- ମୁଗ କିସମ- ଆଇ.ପି.ଏମ୍.-୦୨-୧୪ (୬୫ ଦିନ), ଆଇ.ପି.ଏମ୍.-୦୨-୩ (୬୫ ଦିନ), ପି.ଡି.ଏମ୍-୧୧ (୬୫ ଦିନ), ପି.ଡି.ଏମ୍.-୫୪ (୬୦ ରୁ ୬୫ ଦିନ), ଦୁର୍ଗା (୬୦ ରୁ ୬୫ ଦିନ), ସମ୍ରାଟ୍ (୬୫ ରୁ ୭୦ ଦିନ), କେ-୮୫୧ (୬୦ ରୁ ୬୫ ଦିନ) ଓ ବିରି କିସମ - ସାରଳା (୬୫ ରୁ ୭୦ ଦିନ), ପି.ୟୁ.-୩୧ (୭୦ ଦିନ), ପି.ୟୁ.-୩୦ (୬୫ ରୁ ୭୦ ଦିନ), ପି.ୟୁ.-୩୫ (୬୫ ରୁ ୭୦ ଦିନ), ପି.ୟୁ-୧୯(୬୫ ରୁ ୭୦ ଦିନ) ବିହନ ସଂଗ୍ରହ କରି ଜମିରେ ବୁଣନ୍ତୁ । ହେକ୍ଟର ପ୍ରତି ୨୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ବିହନକୁ ବିଶୋଧନ କରି ବୀଜାଣୁ କଲ୍‌ଚର (୫୦୦ ଗ୍ରାମ୍) ଉପଚାର କରି ଧାଡ଼ିରେ ବୁଣନ୍ତୁ ।



**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ**

ଏହି ଫସଲରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପ୍‌ସମ୍ ସାର ପ୍ରୟୋଗ କରନ୍ତୁ (ଯଦି ମୂଳସାର ରୂପେ ଦିଆଯାଇ ନ ଥାଏ) ବିହାରୀ ଶୁଁବାଳୁଆ ଲାଗିଲେ ସକାଳେ କାକର ଥିବାବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. ହିସାବରେ ୧.୫% କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ଲାମ୍‌ଡା ସାଇହାଲୋଥ୍ରିନ୍ ୨.୫ ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ :** ଡେରିରେ ବୁଣାଯାଇଥିବା ସୋରିଷ ଅମଳ କରିଦିଅନ୍ତୁ ।

**ରାଶି**

ଖରାଦିନିଆ ରାଶିକୁ ଫେବୃୟାରୀଠାରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ବୁଣନ୍ତୁ। ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଆବଶ୍ୟକ ହୋଇଥଏ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ଅମ୍ରିତ୍ (୭୫ ଦିନ), ଉମା (୭୫ ରୁ ୮୦ ଦିନ), ନିର୍ମଳା (୮୦ ଦିନ), ପ୍ରାଚୀ (୭୫ ରୁ ୮୦ ଦିନ ) ଓ ଉଷା (୭୫ ରୁ ୮୦ ଦିନ)।

**ସୂର୍ଯ୍ୟମୁଖୀ**

ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

**ଆଖୁ :** ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସବାଛି କୋଡ଼ାଖୁସା କରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ।

**ପନିପରିବା :** ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଆଳୁ :** ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ । ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ । ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ । ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ । ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।

**ପିଆଜ :** ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ । ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ ।

**ପୋଟଳ :** ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍‌ସିଲ୍ x ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

**ଖରାଦିନିଆ ପନିପରିବା**

ଖରାଦିନିଆ ପନିପରିବା ଯଥା - କଲରା, ଜହ୍ନି, ପୋଟଳ, କାକୁଡ଼ି, ବରଗୁଡ଼ି, ଗୁଆଁର, କଖାରୁ, ପୋଇ, ଖଡ଼ା ଇତ୍ୟାଦି ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ । ତରଭୁଜ ଲଗାଇବା ଆରମ୍ଭ କରନ୍ତୁ। ଅନ୍ୟ ପନିପରିବା ଯଥା- ବିଲାତି ବାଇଗଣ, ବନ୍ଧାକୋବି, ମୂଳା ଓ ଗାଜରର ଠିକ୍ ଯତ୍ନ ନିଅନ୍ତୁ ।

**ଅଦା ଓ ହଳଦୀ :** ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ ଅଟେ। ଜମିର ବତର ଦେଖି ଫସଲ ଅମଳ କରନ୍ତୁ।

**ଛେଳି ପାଳନ :** ଛେଳିମାନଙ୍କୁ ଏଣ୍ଟେରୋଟକ୍‌ସିମିଆ ରୋଗ ଏହି ମାସରେ ଦେଖାଯାଇଥାଏ । ପ୍ରତିକାର ପାଇଁ ଏଣ୍ଟେରୋଟକ୍‌ସିମିଆ ଟିକା ଛେଳିଙ୍କୁ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଭେଣ୍ଡି ଚାଷ ଲାଗି ଜମି ପ୍ରସ୍ତୁତି



ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁଜକ ଖତ ସହିତ ପ୍ରୟୋଗ କରନ୍ତୁ। ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ୍ । ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଉନ୍ନତ କିସମ ଚୟନ କରନ୍ତୁ। ଏଗୁଡିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛର ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ।

## ଚାଷୀଙ୍କ ପାଇଁ...

- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡ଼ାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିଡ ଗୁଣ୍ଡ ପ୍ରୟୋଗ କରନ୍ତୁ ।
- ସେରାକଲ କିସମର ଗେଣ୍ଡୁ ଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହିତ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ ।
- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।
- ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ ।



## ପାଳଛତୁ

ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ି ଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡ଼ା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡ଼ିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣି ଦିଅନ୍ତୁ।



ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢ଼ି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

## ନଡ଼ାର ଯତ୍ନ

ଗୋରୁଙ୍କୁ ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ। ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ। ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ।



## ଜାଣି ରଖନ୍ତୁ

- ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ। ସାହାଣ ଓ ବଜବଜିଆ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ଏପରି ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।
- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ। ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ।
- ଗୁହାଳ ସବୁବେଳେ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଏହାର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ।

# ଆଇପିଏଲ ଖେଳାଳି ନିଲାମରେ ୫୯୦ ସାମିଲ

**ନୂଆଦିଲ୍ଲୀ, ୧।୨(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ମେଗା ଖେଳାଳି ନିଲାମ ଚଳିତ ମାସ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୫୯୦ ଖେଳାଳିଙ୍କ ନାମ ସାମିଲ ରହିବ। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଶିଖର ଧାୱନ, ରବିଚନ୍ଦ୍ରନ ଅଶ୍ୱିନ, ଶ୍ରେୟାସ ଆୟାର ଏବଂ ବିଦେଶୀ ଖେଳାଳିଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ, କାଗିଶୋ ରାବାଡ଼ା, ମିଚେଲ ମାର୍ଶ ଓ ଷ୍ଟିଭ୍ ସ୍ମିଥ ପ୍ରମୁଖ ନଜରରେ ରହିବେ।


ଶ୍ରେୟାସ ଆୟାର


ରବିଚନ୍ଦ୍ରନ ଅଶ୍ୱିନ


ଶିଖର ଧାୱନ

## କେଉଁ ଫ୍ରାଞ୍ଚାଇଜ୍ ନିକଟରେ କେତେ ଅର୍ଥ

| ଫ୍ରାଞ୍ଚାଇଜ୍ | ଅର୍ଥ(କୋଟିରେ) | ଖେଳାଳି | ବିଦେଶୀ |
|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୪୮ | ୨୧ | ୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪୭.୫ | ୨୧ | ୭ |
| କୋଲକାତା ନାଇଟ ରାଇଡର୍ସ | ୪୮ | ୨୧ | ୬ |
| ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍ସ | ୫୯ | ୨୨ | ୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪୮ | ୨୧ | ୭ |
| ପଞ୍ଜାବ କିଙ୍ଗ୍ସ | ୭୨ | ୨୩ | ୮ |
| ରାଜସ୍ଥାନ ରୟାଲ୍ସ | ୬୨ | ୨୨ | ୭ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୫୭ | ୨୨ | ୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬୮ | ୨୨ | ୭ |
| ଟିମ୍ ଅହମଦାବାଦ | ୫୨ | ୨୨ | ୭ |

### ଫେବୃୟାରୀ ୧୨ ଓ ୧୩ରେ ଖେଳାଳି ନିଲାମ

- ଧାୱନ, ଆୟାର, ଅଶ୍ୱିନଙ୍କ ଉପରେ ନଜର
- ୨୨୮ ଅନ୍ତର୍ଜାତୀୟ ଏବଂ ୩୫୫ ଘରୋଇ ଖେଳାଳି
- ୩୭୦ ଭାରତୀୟ ଓ ୨୨୦ ବିଦେଶୀ
- ୪୮ ଜଣଙ୍କ ବେସ୍ ପ୍ରାଇସ୍ ୨ କୋଟି
- ଇମ୍ରାନ ତାହିର ସବୁଠୁ ବୟସ୍କ, ନୁର ଅହମଦ ସର୍ବକନିଷ୍ଠ

ଏହି ସମସ୍ତ ଖେଳାଳିଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରହିଛି। ଆଇପିଏଲ୍ ପକ୍ଷରୁ ଚୂଡ଼ାନ୍ତ ଖେଳାଳି ନିଲାମ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ନିଲାମରେ ସାମିଲ ହେବାକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଅଛନ୍ତି ୨୨୮ ଜଣ ଅନ୍ତର୍ଜାତୀୟ ଏବଂ ୩୫୫ ବିଭିନ୍ନ ଦେଶର ଘରୋଇ କ୍ରିକେଟ ଖେଳାଳି। ଭାରତୀୟ ସିନିୟର ଖେଳାଳିଙ୍କ ମଧ୍ୟରେ ମହମ୍ମଦ ଶାମି, ଭୁବନେଶ୍ୱର କୁମାର, ଉମେଶ ଯାଦବ, ଇଶାନ୍ତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ବେସ୍ ପ୍ରାଇସ୍ ମଧ୍ୟ ୨ କୋଟି ଟଙ୍କା ରହିଛି। ଆୟାର ଓ ଧାୱନ ପସନ୍ଦ ତାଲିକାର ଶୀର୍ଷରେ ରହିଥିବାବେଳେ ଇଶାନ କିଶନ, ଦେବଦତ୍ତ ପଡ଼ିକାଲ, ୱାଶିଂଟନ ସୁନ୍ଦର, ଦୀପକ ଚହର, ଗତ ସିଜନର ସର୍ବାଧିକ ଉଇକେଟ ହାସଲକାରୀ ହର୍ଷଲ ପଟେଲ, ସ୍ପିନର ଯୁଜବେନ୍ଦ୍ର ଚହଲ ଓ ଫାଷ୍ଟ ବୋଲର ଶାର୍ଦ୍ଦୂଳ ଠାକୁରଙ୍କ ପରି ଯୁବ ଖେଳାଳିଙ୍କ ଉପରେ ୧୦ଟି ଫ୍ରାଞ୍ଚାଇଜ୍ ଦଳର ନଜର ରହିବ। ନିଲାମ ସମୟରେ ୩୭୦ ଭାରତୀୟ ଓ ୨୨୦ ବିଦେଶୀ ଖେଳାଳିଙ୍କ ନାମ ଉଠିବ। ଏମାନଙ୍କ ମଧ୍ୟରୁ ୪୮ ଜଣଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରହିଛି। ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଦ୍ରୁତ ବୋଲର ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ, ପୂର୍ବତନ ବାଂଲାଦେଶ ଅଧିନାୟକ ଶକିବ ଅଲ୍ ହାସନ, ବିଗ୍ ହିଟର ଦକ୍ଷିଣ ଆଫ୍ରିକାର ଫାଫ୍ ଡୁପ୍ଲେସି ମଧ୍ୟ ଏହି ତାଲିକାରେ ରହିଛନ୍ତି। ସୁରେଶ ରାଇନା ଓ ରବିନ ଉଥପ୍ପାଙ୍କ ପରି ଭାରତୀୟ ଭେଟେରାନ ଖେଳାଳିମାନେ ମଧ୍ୟ ୨ କୋଟି ଟଙ୍କା ବେସ୍ ପ୍ରାଇସ୍‌ରେ ରହିଛନ୍ତି। ୨୦ ଜଣ ଖେଳାଳିଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ଏବଂ ୩୪ ଜଣଙ୍କର ୧ କୋଟି ଟଙ୍କା ରହିଛି। ନିଲାମ ସମୟରେ ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ ଅଧିନାୟକ ୟାଶ୍ ଧୁଲ, ଭିକି ଓସ୍‌ୱାଲ, ରବିନ୍ଦ୍ରନ ହାଙ୍ଗରଗେକର ଏବଂ ପୂର୍ବ ସଂସ୍କରଣରେ ଖେଳିଥିବା ଶାହରୁଖ ଖାଁ, ଦୀପକ ହୁଦା ଓ ଆଭେଶ୍ ଖାଁ ପ୍ରମୁଖ ମଧ୍ୟ ଫ୍ରାଞ୍ଚାଇଜ୍ ଦଳଗୁଡ଼ିକର ପସନ୍ଦ ରହିବେ। ଦକ୍ଷିଣ ଆଫ୍ରିକାର ୪୨ ବର୍ଷୀୟ ସ୍ପିନର ଇମ୍ରାନ ତାହିର ସବୁଠାରୁ ବୟସ୍କ ଏବଂ ଆଫଗାନିସ୍ତାନର ନୁର ଅହମଦ ସର୍ବକନିଷ୍ଠ ଖେଳାଳିଭାବେ ନିଲାମ ପ୍ରକ୍ରିୟାରେ ଭାଗ୍ୟ ପରୀକ୍ଷା କରିବେ। ଯୁବ ଖେଳାଳି ନୁର ସମ୍ପ୍ରତି ୱେଷ୍ଟଇଣ୍ଡିଜରେ ୧୯ ବର୍ଷରୁ କମ୍ ବିଶ୍ୱକପ ଖେଳୁଛନ୍ତି। ୧୯ ବର୍ଷରୁ କମ୍ ଖେଳାଳିଙ୍କ ମଧ୍ୟରେ ହାଙ୍ଗରଗେକରଙ୍କ ବେସ୍ ପ୍ରାଇସ୍ ସର୍ବାଧିକ ୩୦ ଲକ୍ଷ ଏବଂ ଅନ୍ୟମାନଙ୍କର ୨୦ ଲକ୍ଷ ଟଙ୍କା ରହିଛି।

**ପଞ୍ଜାବ ନିକଟରେ ଅଧିକ ଅର୍ଥ**

ଖେଳାଳି ରିଟେନ୍‌ଶନ ପରେ ନିଲାମ ସମୟରେ ପଞ୍ଜାବ କିଙ୍ଗ୍ସ ନିକଟରେ ସବୁଠାରୁ ଅଧିକ ଅର୍ଥ ରହିବ। ଏହି ଫ୍ରାଞ୍ଚାଇଜ୍ ଦଳ ୭୨ କୋଟି ଟଙ୍କା ଖର୍ଚ୍ଚ କରିପାରିବ। ପଞ୍ଜାବ ସର୍ବାଧିକ ୨୩ ଖେଳାଳିଙ୍କୁ କିଣିବାର ମଧ୍ୟ ସୁଯୋଗ ପାଇବ। ଦିଲ୍ଲୀ କ୍ୟାପିଟାଲ୍ସ ନିକଟରେ ସବୁଠାରୁ କମ୍ ୪୭.୫ କୋଟି ଟଙ୍କା ରହିବ। ଚେନ୍ନାଇ ସୁପରକିଙ୍ଗ୍ସ ୪୮, କୋଲକାତା ନାଇଟ ରାଇଡର୍ସ ୪୮, ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍ସ ୫୯, ମୁମ୍ବାଇ ଇଣ୍ଡିଆନ୍ସ ୪୮, ରାଜସ୍ଥାନ ରୟାଲ୍ସ ୬୨, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫୭, ସନ୍‌ରାଇଜର୍ସ ହାଇଦ୍ରାବାଦ ୬୮ ଓ ଟିମ୍ ଅହମଦାବାଦ ୫୨ କୋଟି ଟଙ୍କା ଖର୍ଚ୍ଚ କରିପାରିବ।

**ଅଷ୍ଟ୍ରେଲିଆରୁ ସର୍ବାଧିକ**

ନିଲାମରେ ସାମିଲ ହୋଇଥିବା ଖେଳାଳିଙ୍କ ସଂଖ୍ୟା ଦୃଷ୍ଟିରୁ ଅଷ୍ଟ୍ରେଲିଆ ସର୍ବାଗ୍ରେ ରହିଛି। ଏହି ଦେଶରୁ ସର୍ବାଧିକ ୪୭ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ରହିବେ। ଏହା ବ୍ୟତୀତ ୱେଷ୍ଟଇଣ୍ଡିଜରୁ ୩୪, ଦକ୍ଷିଣ ଆଫ୍ରିକାରୁ ୩୩, ଶ୍ରୀଲଙ୍କାରୁ ୨୩, ଇଂଲଣ୍ଡରୁ ୨୪, ନ୍ୟୁଜିଲାଣ୍ଡରୁ ୨୪ ଓ ଆଫଗାନିସ୍ତାନରୁ ୧୭ ଜଣ ଖେଳାଳି ଏଥିରେ ଭାଗ୍ୟ ପରୀକ୍ଷା କରିବେ।

### ବିଦେଶୀ ଖେଳାଳି

| ଦେଶ | ଖେଳାଳି ସଂଖ୍ୟା |
|---|---|
| ଆଫଗାନିସ୍ତାନ | ୧୭ |
| ଅଷ୍ଟ୍ରେଲିଆ | ୪୭ |
| ବାଂଲାଦେଶ | ୫ |
| ଇଂଲଣ୍ଡ | ୨୪ |
| ଆୟର୍ଲାଣ୍ଡ | ୫ |
| ନ୍ୟୁଜିଲାଣ୍ଡ | ୨୪ |
| ଦକ୍ଷିଣ ଆଫ୍ରିକା | ୩୩ |
| ଶ୍ରୀଲଙ୍କା | ୨୩ |
| ୱେଷ୍ଟଇଣ୍ଡିଜ | ୩୪ |
| ଜିମ୍ବାୱେ | ୧ |
| ନାମ୍ବିଆ | ୩ |
| ନେପାଳ | ୧ |
| ସ୍କଟଲାଣ୍ଡ | ୨ |
| ଆମେରିକା | ୧ |

# ଓଡ଼ିଶାରୁ ଦୁଇ ଖେଳାଳି


ଅଭିଷେକ ରାଉତ


ଶୁଭ୍ରାଂଶୁ ସେନାପତି

**ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମେଗା ଖେଳାଳି ନିଲାମ ପ୍ରକ୍ରିଆ ବେଙ୍ଗାଲୁରୁଠାରେ ଚଳିତମାସ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ୫ ଖେଳାଳିଙ୍କ ନାମ ପଞ୍ଜୀକୃତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣ ଅଭିଷେକ ରାଉତ ଓ ଶୁଭ୍ରାଂଶୁ ସେନାପତି ଅନ୍‌କ୍ୟାପ୍‌ଡ୍ ଖେଳାଳିଭାବେ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ପ୍ରକାଶିତ ଚୂଡ଼ାନ୍ତ ତାଲିକାରୁ ଜଣାଯାଇଛି। ଏ ଦୁଇ ଖେଳାଳିଙ୍କ ସମେତ ଓସିଏ ପକ୍ଷରୁ ବିକାଶ ରାଉତ, ଜୟନ୍ତ ବେହେରା ଓ ରାଜେଶ ମହାନ୍ତିଙ୍କ ନାମ ମଧ୍ୟ ପଞ୍ଜୀକୃତ କରାଯାଇଥିଲା। ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ଦୁଇ ଖେଳାଳିଙ୍କୁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

# ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜ ବିନା ଦର୍ଶକରେ

**ଅହମଦାବାଦ,୧।୨(ପି.ଟି.):** କୋଭିଡ୍ ମହାମାରୀ ଯୋଗୁ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ବିନା ଦର୍ଶକରେ ରୁଦ୍ଧଦ୍ୱାରରେ ଖେଳାଯିବ। ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ପକ୍ଷରୁ ମଙ୍ଗଳବାର ଏ ବିଷୟରେ ସୂଚନା ଦିଆଯାଇଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମ୍ୟାଚଗୁଡ଼ିକ ଫେବୃୟାରୀ ୬ରୁ ୧୧ ପର୍ଯ୍ୟନ୍ତ ଖେଳାଯିବ। ଏହି ସିରିଜରେ ଭାରତ ପ୍ରଥମ ଦଳ ଭାବେ ୧୦୦୦ତମ ଅନ୍ତର୍ଜାତୀୟ ଦିନିକିଆ ଖେଳିବ। ଦିନିକିଆ ସିରିଜ ପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ କୋଲକାତାରେ ଖେଳାଯିବ। ପଶ୍ଚିମବଙ୍ଗ ସରକାର କିନ୍ତୁ ଷ୍ଟାଡିୟମ କ୍ଷମତାର ୭୫ ପ୍ରତିଶତ ଦର୍ଶକଙ୍କୁ ମ୍ୟାଚ ଦେଖିବା ଲାଗି ଅନୁମତି ଦେଇଛନ୍ତି।




Cashback up to ₹5 000/-#
72198 21111 | BAJAJ FINANCE LTD - AF | Pine Labs PAY LATER | FEDERAL BANK YOUR PERFECT BANKING PARTNER

#ସର୍ତ୍ତ ଓ ନିୟମାବଳୀ ଲାଗୁ । ନିର୍ଦ୍ଦିଷ୍ଟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ମଡେଲ ଗୁଡିକ ଉପରେ ଅଫର୍ ଉପଲବ୍ଧ । *ପଲସର 150 ନେଅନ୍ ଭାରିଆଣ୍ଟ ପାଇଁ ଡାଉନ୍ ପେମେଣ୍ଟ । ଡାଉନ୍ ପେମେଣ୍ଟରେ DCC ଚାର୍ଜ, ପ୍ରକ୍ରିୟାକରଣ ଶୁଳ୍କ ଏବଂ ଅନ୍ୟାନ୍ୟ ଦେୟ ବହିର୍ଭୁତ ଅଟେ । ଫାଇନାନ୍‌ସିଅରଙ୍କ ନିଜସ୍ୱ ବିଚାରରେ ଫାଇନାନ୍‌ସ । ପ୍ରାକ୍ ସୂଚନା ବିନା ଯେକୌଣସି କିମ୍ବା ସମସ୍ତ ଅଫର୍ ପ୍ରତ୍ୟାହାର କରିବାର ଅଧିକାର ବଜାଜ ଅଟୋ ସଂରକ୍ଷଣ କରେ । ଫେଡେରାଲ ବ୍ୟାଙ୍କ୍ ଅଫର୍ 31 ମାର୍ଚ୍ଚ 2022 ପର୍ଯ୍ୟନ୍ତ ବୈଧ ଅଟେ । ବିଶେଷଜ୍ଞଙ୍କ ଦ୍ୱାରା, ବୃତ୍ତିଗତ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଏବଂ ଆବଦ୍ଧ ପରିବେଶରେ, ସାଧାରଣ ଜନତା କିମ୍ବା ସର୍ବସାଧାରଣ ରାସ୍ତା ଠାରୁ ଦୂରରେ ଷ୍ଟଣ୍ଟ୍ ଗୁଡିକ କରାଯାଇଛି । ଦୟାକରି ଏହି ଷ୍ଟଣ୍ଟ୍ ଗୁଡିକର ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ ଏବଂ ସର୍ବଦା ଟ୍ରାଫିକ୍ ଏବଂ ସୁରକ୍ଷା ନିୟମ ପାଳନ କରନ୍ତୁ ।

**Authorised Dealers for Bajaj Auto Ltd.:** Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8895088261 • Jharsuguda UTKAL BAJAJ 9337200356. **Authorised Service Centre:** Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Laikara 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Laikara 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ପୃଷ୍ଠା-୧୬+୪

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୨/୨୦୨୨ (୧୬+୪=୨୦ ପୃଷ୍ଠା)

Sambalpur, Wednesday, February 2/2022



**ଗୁରଜିତଙ୍କ ଡବଲ ଗୋଲ**

ଗୁରଜିତ କୌରଙ୍କ ଡବଲ ଗୋଲ ବଳରେ ଭାରତ ମଙ୍ଗଳବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ଚାଇନାକୁ ୨-୧ ଗୋଲରେ ପରାସ୍ତ କରିଛି।

୦୪

୦୩

**କହ୍ନେୟା କୁମାରଙ୍କୁ କାଳିମାଡ଼**

ଜେଏନ୍‌ୟୁର ପୂର୍ବତନ ଛାତ୍ରନେତା ତଥା କଂଗ୍ରେସ ନେତା କହ୍ନେୟା କୁମାରଙ୍କୁ ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଦଳୀୟ କାର୍ଯ୍ୟାଳୟରେ କାଳିମାଡ଼ ହୋଇଛି।



# ୨୦୨୨-୨୩ରେ ୫-ଜି ସ୍ପେକ୍ଟ୍ରମ୍ ନିଲାମ

ନୂଆଦିଲ୍ଲୀ, ୧।୨

ଦେଶରେ ଘରୋଇ କମ୍ପାନୀଗୁଡ଼ିକ ଦ୍ୱାରା ୫-ଜି ମୋବାଇଲ ସେବା ପ୍ରବର୍ତ୍ତନ ପାଇଁ ସ୍ପେକ୍ଟ୍ରମ୍ ନିଲାମ ଆସନ୍ତା ୨୦୨୨-୨୩ ଆର୍ଥିକ ବର୍ଷରେ କରାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ଲୋକ ସଭାରେ ବଜେଟ ଉପସ୍ଥାପନ କରି ଏହା କହିଛନ୍ତି। କମ୍ପାନୀଗୁଡ଼ିକ ପାଇଁ ସ୍ୱେଚ୍ଛାକୃତ ପ୍ରତ୍ୟାହାର ସମୟ ଦୁଇ ବର୍ଷରୁ ଛଅ ମାସକୁ ହ୍ରାସ ପାଇବ ବୋଲି ସେ କହିଛନ୍ତି।

ଟେଲିକମ୍ କମ୍ପାନୀଗୁଡ଼ିକ ଭାରତରେ ୫-ଜି ସେବା ପାଇଁ ପରୀକ୍ଷା ଆରମ୍ଭ କରିସାରିଛନ୍ତି। ଭାରତୀ ଏୟାରଟେଲ କୋଲକାତା ସୀମାରେ ନୋକିଆ ସହଭାଗିତାରେ ୭୦୦ ଏମ୍‌ଏଚ୍‌ଜେଡ୍ ବ୍ୟାଣ୍ଡରେ ଭାରତର ପ୍ରଥମ ୫-ଜି ଟ୍ରାଏଲ ସଫଳତାର ସହ ପରିଚାଳନା କରିଛି। ଗତବର୍ଷ ଏୟାରଟେଲ ଏକ ଲାଇଭ ୪-ଜି ନେଟୱର୍କକୁ ନେଇ ପ୍ରଥମ ୫-ଜି ଅଭିଜ୍ଞତା ପାଇଥିଲା, ଯାହାକି ଭାରତର ପ୍ରଥମ ଗ୍ରାମୀଣ ୫-ଜି ଟ୍ରାଏଲ ଥିଲା। ଏହାସହିତ କମ୍ପାନୀ ୫-ଜିରେ ପ୍ରଥମ କ୍ଲାଉଡ୍ ଗେମିଂ ଅଭିଜ୍ଞତା ମଧ୍ୟ ହାସଲ କରିଥିଲା। ୫-ଜି ଟେକ୍ନୋଲୋଜି ପରୀକ୍ଷଣ କ୍ଷେତ୍ରରେ ରିଲାଏନ୍ସ ଜିଓ ପଛରେ ନାହିଁ। କମ୍ପାନୀ ଏହାର ସ୍ୱଦେଶୀ ୫-ଜି ନେଟ୍‌ୱର୍କରେ ସଂଯୁକ୍ତ ଡ୍ରୋନ୍ ପରୀକ୍ଷଣକୁ ସଫଳତାର ସହିତ ପରିଚାଳନା କରିଛି।

ସୀତାରାମନ ବଜେଟ ଉପସ୍ଥାପନ ବେଳେ କହିଛନ୍ତି ଯେ ସାଧାରଣତଃ ଟେଲି ଯୋଗାଯୋଗ, ବିଶେଷକରି ୫-ଜି





ଟେକ୍ନୋଲୋଜି ବିକାଶ ଆଣିପାରିବ ଏବଂ ଚାକିରି ସୁଯୋଗ ମଧ୍ୟ ଦେଇପାରେ।

ସୀତାରାମନ ଆହୁରି କହିଛନ୍ତି ଯେ, ୫-ଜି ପାଇଁ ଏକ ଶକ୍ତିଶାଳୀ ଇକୋସିଷ୍ଟମ ନିର୍ମାଣ କରାଯିବ। ଏଥିନିମନ୍ତେ ଡିଜାଇନ ଆଧାରିତ ଉତ୍ପାଦନ ଲାଗି ଏକ ଯୋଜନା ଆରମ୍ଭ କରାଯିବ। ଏହା ଉତ୍ପାଦନ ସହ ଜଡ଼ିତ ପ୍ରୋତ୍ସାହନ ଯୋଜନାର ଅଂଶ ହେବ। ଗ୍ରାମୀଣ ତଥା ଦୁର୍ଗମ ଅଞ୍ଚଳରେ ସୁଲଭ ବ୍ରଡ୍‌ବ୍ୟାଣ୍ଡ୍ ଏବଂ ମୋବାଇଲ ସେବା ବିସ୍ତାର ପାଇଁ 'ୟୁନିଭର୍ସାଲ ସର୍ଭିସ୍ ଓବ୍ଲିଗେଶନ ଫଣ୍ଡ'ର ବାର୍ଷିକ ସଂଗ୍ରହର ୫% ବଣ୍ଟନ କରାଯିବ। ଏହା ଗ୍ରାମୀଣ ବିକାଶ ସାଙ୍ଗକୁ ଟେକ୍ନୋଲୋଜି ଏବଂ ଉପାୟଗୁଡ଼ିକର ବ୍ୟବସାୟୀକରଣକୁ ପ୍ରୋତ୍ସାହନ କରିବ। ସମସ୍ତ ଗ୍ରାମ ଏବଂ ସେଗୁଡ଼ିକର ବାସିନ୍ଦା ଯେଭଳି ସହରାଞ୍ଚଳ ଭଳି ଇ-ସେବା, ଯୋଗାଯୋଗ ସୁବିଧା ଏବଂ ଡିଜିଟାଲ ଉତ୍ସଗୁଡ଼ିକରୁ ସମାନ ଭାବେ ସେବା ପାଇପାରିବେ ତାହା ହେଉଛି ଆମର ଲକ୍ଷ୍ୟ ବୋଲି ଅର୍ଥମନ୍ତ୍ରୀ ସୀତାରମନ କହିଛନ୍ତି।

# ଆୟକରଦାତା ନିରାଶ

- ଟିକସ ସ୍ଲାବ୍ ଅପରିବର୍ତ୍ତିତ
- ୭ ବର୍ଷ ହେଲା ବଦଳିନି ଆୟକର ଛାଡ଼ ସୀମା
- ଆଇଟିଆର ତ୍ରୁଟି ସୁଧାରିବାକୁ ମିଳିଲା ୨ବର୍ଷ
- କର୍ପୋରେଟ ସରଚାର୍ଜ ୧୨%ରୁ ୭%କୁ ହ୍ରାସ ପାଇବ
- ଭିନ୍ନକ୍ଷମଙ୍କ ପାଇଁ ଟିକସ ଛାଡ଼
- ଷ୍ଟାର୍ଟଅପ୍ ଟିକସ ରିହାତି ଆଉ ୧ ବର୍ଷ ଲାଗି ବୃଦ୍ଧି





ନୂଆଦିଲ୍ଲୀ, ୧।୨

ବର୍ଦ୍ଧିତ ଦରଦାମରୁ ମୁକ୍ତି, ଆୟକର ରିହାତି ଏବଂ ନିଯୁକ୍ତିକୁ ନେଇ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ୨୦୨୨-୨୩ ସାଧାରଣ ବଜେଟରେ ଅନେକ ଆଶା ରଖିଥିଲେ। ୫ ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାରୁ ସେହି ଆଶା ପୂରଣ ପାଇଁ କେନ୍ଦ୍ର ସରକାର ବଜେଟରେ ବଡ଼ ଘୋଷଣା କରିପାରନ୍ତି ବୋଲି ଆଲୋଚନା ହୋଇଆସୁଥିଲା। କିନ୍ତୁ ଦରଦାମରୁ ମୁକ୍ତି ପାଇବା ଏବଂ ଆୟକର ରିହାତିକୁ ନେଇ କୌଣସି ବଡ଼ ଘୋଷଣା କରାଯାଇନାହିଁ। ବ୍ୟକ୍ତିଗତ ଆୟକର ସ୍ଲାବ୍‌ରେ କିଛି ମଧ୍ୟ ପରିବର୍ତ୍ତନ ହୋଇନାହିଁ। ୨୦୨୧-୨୨ ଆର୍ଥିକ ବର୍ଷର ଟିକସ ବ୍ୟବସ୍ଥା ଜାରି ରହିବ। ସେହିପରି ଡିଡକ୍ସନ କ୍ଷେତ୍ରରେ ମଧ୍ୟ କୌଣସି ରିଲିଫ୍ ଦିଆଯାଇନାହିଁ। ହେଲେ ନିଯୁକ୍ତି ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ବଜେଟ ଉପସ୍ଥାପନ ବେଳେ କହିଛନ୍ତି ଯେ, ସରକାରଙ୍କ ପାଖରେ ୬୦ ଲକ୍ଷ ଅତିରିକ୍ତ ଚାକିରି ଯୋଗାଇବାର କ୍ଷମତା ରହିଛି।

ସରକାର ବ୍ୟକ୍ତିଗତ ଆୟକର ସ୍ଲାବ୍‌ରେ ପରିବର୍ତ୍ତନ କରି ନ ଥିଲେ ମଧ୍ୟ ଇନ୍‌କମ୍ ଟ୍ୟାକ୍ସ ରିର୍ଟନ (ଆଇଟିଆର୍) ଦାଖଲ କ୍ଷେତ୍ରରେ ଟିକସଦାତାଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେଇଛନ୍ତି। ତଦନୁଯାୟୀ ଆଇଟିଆର୍ ଦାଖଲ ପରେ ଯଦି ଭୁଲ୍ ଥିବା ଜଣାପଡ଼େ, ତା'ହେଲେ ଟିକସଦାତାମାନେ ମୂଲ୍ୟାଙ୍କନ ବର୍ଷ (ଆସେସ୍‌ମେଣ୍ଟ ଇୟର)ରୁ ଦୁଇ ବର୍ଷ ପାଇଁ ଅପଡେଟ ରିଟର୍ନ ଫାଇଲ କରିବାକୁ ସମର୍ଥ ହେବେ।

ବଜେଟ୍‌ରେ ଆୟକର ରିହାତି ମିଳି ନ ଥିବାରୁ ସୋସିଆଲ ମିଡିଆରେ ଅନେକ ସମାଲୋଚନା କରାଯାଉଛି। ଏଭଳିସ୍ଥଳେ ଖବରଦାତା ସମ୍ମିଳନୀରେ ଅର୍ଥମନ୍ତ୍ରୀ ସୀତାରାମନ କହିଛନ୍ତି, ମୋଦି ସରକାରଙ୍କ ପକ୍ଷରୁ ୨ ବର୍ଷ ହେଲା ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ନିଅଣ୍ଟ ଯେତେ ହେଲେ ମଧ୍ୟ ମହାମାରୀ ସମୟରେ ଟିକସଦାତାଙ୍କ ଉପରେ କୌଣସି ଅତିରିକ୍ତ ଟିକସ ବୋଝ ଲଦା ନ ଯାଉ ବୋଲି ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ ଥିଲା। ତାହାକୁ ଚଳିତ ଥର ମଧ୍ୟ ପାଳନ ଦିଆଯାଇଛି। ଟିକସରେ କୌଣସି ପରିବର୍ତ୍ତନ ନ ହେବା ମଧ୍ୟ ଚାକିରି କରିଥିବା ଲୋକଙ୍କ ପାଇଁ ଏକ ଆଶ୍ୱସ୍ତି ବୋଲି ସୀତାରାମନ କହିଛନ୍ତି। ଚାକିରି କରୁଥିବା ଲୋକମାନେ ଚଳିତ ବଜେଟ୍‌ରେ ଆୟକର ଛାଡ଼ ସୀମା ଅଢ଼େଇ ଲକ୍ଷରୁ ୩ ଲକ୍ଷ ବଢ଼ିପାରେ ବୋଲି ଆଶା ରଖିଥିଲେ। ସେହିପରି '୮୦ସି'ରେ ରିହାତି ସୀମା ଦେଢ଼ ଲକ୍ଷରୁ ୨ ଲକ୍ଷ ହୋଇପାରେ ବୋଲି ଆଶା ଥିଲା। କିନ୍ତୁ ସେସବୁ ଫସରଫାଟିଯାଇଛି। ସୂଚନାଥାଉ କି, ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ଟିକସ ଛାଡ଼ ସୀମାକୁ ବଜେଟରେ ୨ ଲକ୍ଷରୁ ୨.୫ ଲକ୍ଷକୁ ବୃଦ୍ଧି କରାଯାଇଥିଲା। ସେବେଠାରୁ ପ୍ରାୟ ୭ ବର୍ଷ ଧରି ଟିକସ ଛାଡ଼ ସୀମାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଥିସହିତ ସେତେବେଳେ ୮୦ସି ଅଧୀନରେ ରିହାତି ସୀମାକୁ ୧ ଲକ୍ଷରୁ ଦେଢ଼ ଲକ୍ଷକୁ ବୃଦ୍ଧି କରାଯାଇଥିଲାବେଳେ ଗୃହଋଣ ସୁଧ ଉପରେ ଟିକସ ଛାଡ଼ ସୀମା ମଧ୍ୟ ଦେଢ଼ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରାଯାଇଥିଲା।

ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ନ୍ୟାଶନାଲ ପେନସନ ସ୍କିମ (ଏନ୍‌ପିଏସ୍) ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀଙ୍କ ଟିକସ ରିହାତି ସୀମାକୁ ୧୦ ପ୍ରତିଶତରୁ ୧୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହି ପଦକ୍ଷେପ ରାଜ୍ୟ ସରକାରୀ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଲାଭରେ ସହାୟକ ହେବ ଏବଂ ସେମାନଙ୍କୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସହ ସମାନ ସ୍ତରରେ ପହଞ୍ଚାଇବ ବୋଲି ସୀତାରାମନ କହିଛନ୍ତି। ଏଥିସହ କୋ-ଅପରେଟିଭ ସୋସାଇଟି ଟିକସ ୧୮%ରୁ ୧୫%କୁ ହ୍ରାସ କରାଯାଇଛି।

କର୍ପୋରେଟ ସରଚାର୍ଜ ହ୍ରାସ କରିବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ତଦନୁଯାୟୀ କର୍ପୋରେଟ ସରଚାର୍ଜ ୧୨%ରୁ ୭%କୁ ହ୍ରାସ ପାଇବ ବୋଲି ସେ ଘୋଷଣା କରିଛନ୍ତି। ସେହିପରି ସେ କହିଛନ୍ତି, କୌଣସି ଭର୍ଚୁଆଲ ଡିଜିଟାଲ ସମ୍ପତ୍ତି ସ୍ଥାନାନ୍ତର ପାଇଁ ୩୦ ପ୍ରତିଶତ ହାରରେ ଟିକସ ନିଆଯିବ।

ଅନ୍ୟପକ୍ଷରେ ଭିନ୍ନକ୍ଷମଙ୍କ ପାଇଁ ଅର୍ଥମନ୍ତ୍ରୀ ଟିକସ ଛାଡ଼ ଘୋଷଣା କରିଛନ୍ତି। ମାତାପିତା କିମ୍ବା ଅଭିଭାବକ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ବୀମା କରିପାରିବେ ବୋଲି ସେ କହିଛନ୍ତି। ନିର୍ଭରଶୀଳ ଭିନ୍ନକ୍ଷମଙ୍କ ପାଇଁ ବାର୍ଷିକ କିମ୍ବା ଏକକାଳୀନ ଅର୍ଥ କ୍ଷେତ୍ରରେ କୌଣସି ଟିକସ ନିଆଯିବ ନାହିଁ ଏବଂ ଜୀବନସାରା ଛାଡ଼ କରାଯିବ। ଅର୍ଥମନ୍ତ୍ରୀ କହିଛନ୍ତି, ମାତାପିତା କିମ୍ବା ଅଭିଭାବକ ଥାଇ ମଧ୍ୟ ଆଶ୍ରିତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାର୍ଷିକ କିମ୍ବା ଏକକାଳୀନ ଟଙ୍କା ଆବଶ୍ୟକ ପଡ଼ିବା ଭଳି ସ୍ଥିତି ଉପୁଜିପାରେ। ସେହି ସ୍ଥିତିରେ ମାତାପିତା କିମ୍ବା ଅଭିଭାବକଙ୍କ ଜୀବନକାଳ ମଧ୍ୟରେ ଭିନ୍ନକ୍ଷମଙ୍କୁ ବାର୍ଷିକ କିମ୍ବା ଏକକାଳୀନ ଟଙ୍କା ପ୍ରଦାନ କରିବାକୁ ଅନୁମତି ଦିଆଯାଇଛି। ବର୍ତ୍ତମାନର ନିୟମ ଅନୁଯାୟୀ, ମାତାପିତା କିମ୍ବା ଅଭିଭାବକଙ୍କ ମୃତ୍ୟୁ ହୋଇଗଲେ ଆଶ୍ରିତ ଭିନ୍ନକ୍ଷମଙ୍କୁ ଏକକାଳୀନ ଦେୟ କିମ୍ବା ବାର୍ଷିକ ଦେୟର ବିକଳ୍ପ ଉପଲବ୍ଧ।

ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ଚଳାଇବାରେ ଷ୍ଟାର୍ଟଅପ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଗତ କିଛି ବର୍ଷ ମଧ୍ୟରେ ଦେଶରେ ଅନେକ ବୃହତ୍ ଷ୍ଟାର୍ଟଅପ୍ ଦେଖିବାକୁ ମିଳିଛି, ଯାହାକି ବହୁତ ସଫଳ। ୩୧ ମାର୍ଚ୍ଚ ୨୦୨୨ ପୂର୍ବରୁ ଆରମ୍ଭ ହୋଇଥିବା ଷ୍ଟାର୍ଟଅପଗୁଡ଼ିକ ଲଗାତର ତିନି ବର୍ଷ ପାଇଁ ଟିକସ ରିହାତି ଦିଆଯାଇଥିଲା। କିନ୍ତୁ କରୋନା ମହାମାରୀକୁ ଦୃଷ୍ଟିରେ ରଖି ଏହି ଛାଡ଼କୁ ଆଉ ଏକ ବର୍ଷ ବୃଦ୍ଧି କରିବାକୁ ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣରେ ଘୋଷଣା କରିଛନ୍ତି। ଫଳରେ ଷ୍ଟାର୍ଟଅପଗୁଡ଼ିକ ୩୧ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ରିହାତିର ଲାଭ ପାଇବେ।



ଶ୍ରୀମନ୍ଦିରରେ ମଙ୍ଗଳବାରଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଯାଉଛନ୍ତି।

# ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା

## ଭଦ୍ରକରେ ରାଜନୈତିକ ହିଂସା



ମୃତଦେହ ରଖି ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

ଭଦ୍ରକ ଅଫିସ/ପଦ୍ମପୁର, ୧।୨(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ବ୍ରହ୍ମପୁର ଗ୍ରାମରେ ଘଟିଛି ପ୍ରଥମ ରାଜନୈତିକ ହତ୍ୟାକାଣ୍ଡ। ବଳି ପଡ଼ିଛନ୍ତି ଜଣେ ଇଞ୍ଜିନିୟରିଂ ଛାତ୍ର। ସେ ହେଲେ ସୁବାଶିଷ ଗିରି। ସରପଞ୍ଚ ପ୍ରାର୍ଥୀ ଓ ସମର୍ଥକମାନେ ମଙ୍ଗଳବାର ତାଙ୍କୁ ଟ୍ୟୁବ୍‌ୱେଲ ହ୍ୟାଣ୍ଡେଲରେ ପିଟି ବିଭତ୍ସ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି।

ମୃତକଙ୍କ ଭଉଣୀ ଅର୍ଚ୍ଚନା ଗିରିଙ୍କ ଏତଲା ଅନୁଯାୟୀ, ବ୍ରହ୍ମପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ମହେଶ୍ୱର ପଲେଇ ଓ ତାଙ୍କ ସହଯୋଗୀ ବ୍ରହ୍ମପୁର ବିଦ୍ୟାଳୟ ପଡ଼ିଆରେ ଚିପ୍‌ସ ଓ ବଜୁରୀ ଢ଼ାଳି ଜବରଦଖଲ କରି ରଖିଥିଲେ। ସୁବାଶିଷ ଓ କେତେକ ଗ୍ରାମବାସୀ ଏହାକୁ ବିରୋଧ କରୁଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିବା ସହ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମହେଶ୍ୱର ଓ ତାଙ୍କ ସହଯୋଗୀମାନେ ସୁବାଶିଷଙ୍କୁ ଏକ ଟ୍ୟୁବ୍‌ୱେଲ ହ୍ୟାଣ୍ଡେଲ ସାହାଯ୍ୟରେ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ସୁବାଶିଷ ନିକଟସ୍ଥ ଏକ ପୋଖରୀକୁ ଡେଇଁ ପଡ଼ିଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସାହାଯ୍ୟତାରେ ଉକ୍ତ ପୋଖରୀରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା। ଏନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଭଦ୍ରକ-ଇଚ୍ଛାପୁର ରାସ୍ତାର ବ୍ରହ୍ମପୁର ଛକଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ ଏହି ରାସ୍ତାରୋକୋର ନେତୃତ୍ୱ ନେଇଥିଲେ। ଏନେଇ ସାବରଙ୍ଗ ଥାନାରେ ଏକ ହତ୍ୟା ମାମଲା (ନଂ. ୨୩/୨୨) ରୁଜୁ ହୋଇଛି।

# ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଆରମ୍ଭ

## ମହାପ୍ରଭୁଙ୍କ ପଦ୍ମବେଶ ଆଜି

ପୁରୀ ଅଫିସ, ୧।୨

କୋଭିଡ୍ କଟକଣା ଯୋଗୁ ୨୧ ଦିନ ଧରି ଶ୍ରୀମନ୍ଦିର ବନ୍ଦ ରହିବା ପରେ ମଙ୍ଗଳବାରଠାରୁ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରି କୃତାର୍ଥ ଲଭିଛନ୍ତି। ସକାଳ ୬ଟାରୁ ପଶ୍ଚିମଦ୍ୱାର ଦେଇ ପୁରୀ ସହରବାସୀ ଓ ସିଂହଦ୍ୱାର ଦେଇ ଅନ୍ୟ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରାତି ୯ଟା ପର୍ଯ୍ୟନ୍ତ ଦର୍ଶନ ଚାଲିଥିଲା।

ଦର୍ଶନର ପ୍ରଥମ ଦିନରେ ୧୬ ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶୃଙ୍ଖଳିତ ବ୍ୟବସ୍ଥା ଥିବାବେଳେ କୋଭିଡ୍ ଗାଇଡ୍ ଲାଇନ୍ କଡ଼ାକଡ଼ି ପାଳନ କରାଯାଇଥିଲା। ୮ଟି କିଓସ୍କରେ ଶ୍ରଦ୍ଧାଳୁଙ୍କ ପରିଚୟପତ୍ର, ଆର୍‌ଟି-ପିସିଆର୍ ରିପୋର୍ଟ କିମ୍ବା କୋଭିଡ୍ ଡବଲ୍ ଡୋଜ୍ ଟିକାକରଣ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଦିନତମାମ୍ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲେ ମଧ୍ୟ ବିଶେଷ ଗହଳି ଦେଖିବାକୁ ମିଳି ନ ଥିଲା। ସହରର ଟ୍ରାଫିକ୍ ବ୍ୟବସ୍ଥା, ଶ୍ରୀମନ୍ଦିର ଚାରିପାଖ ସୁରକ୍ଷା ଓ ସିଂହଦ୍ୱାର ସମ୍ମୁଖରେ କୋଭିଡ୍ କଟକଣା ତଦାରଖ ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଉପଜିଲାପାଳ ଭବତାରଣ ସାହୁ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। କୋଭିଡ୍ କଟକଣା ସହ ଶ୍ରଦ୍ଧାଳୁମାନେ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ଦର୍ଶନ କରିଥିବା ସେ କହିଥିଲେ। ଆନନ୍ଦବଜାରରେ ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନ କରିଛନ୍ତି। ପ୍ରାୟ ୧୦ ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ ହୋଇଥିଲା ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପଢ଼ିହାରୀ କହିଛନ୍ତି। ବୁଧବାର ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ ହେବ। ଏଥିପାଇଁ ଗହଳି ଜୋର ହେବ ଓ ବ୍ୟାପକ ପ୍ରସ୍ତୁତି କରାଯିବ ବୋଲି ଏସ୍‌ପି କନ୍‌ୱର ବିଶାଲ ସିଂ କହିଛନ୍ତି।

# ଜିଏସ୍‌ଟି ଆଦାୟ ୧.୩୮ ଲକ୍ଷ କୋଟି

- ୪ର୍ଥ ଥର ପାଇଁ ୧.୩ ଲକ୍ଷ କୋଟି ଅତିକ୍ରମ କଲା
- ୨୦୨୧ ଜାନୁୟାରୀ ତୁଳନାରେ ୧୫% ବୃଦ୍ଧି





ନୂଆଦିଲ୍ଲୀ, ୧।୨

ଦେଶରେ କ୍ରମାଗତ ଚତୁର୍ଥ ଥର ପାଇଁ ସାମଗ୍ରୀ ଓ ସେବା ଟିକସ (ଜିଏସଟି) ସଂଗ୍ରହ ଲକ୍ଷ୍ୟ ୧.୩୦ ଲକ୍ଷ କୋଟି ଅତିକ୍ରମ କରିଛି। ଅର୍ଥ ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨ ଜାନୁୟାରୀରେ ୧,୩୮,୩୯୪ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇଛି। ଏହା ଗତ ବର୍ଷର ସମାନ ମାସରେ ଜିଏସଟି ଆୟ ଠାରୁ ୧୫% ରହିଛି। ସେହିଭଳି ୨୦୨୦ ଜାନୁୟାରୀର ଜିଏସଟି ଆୟ ତୁଳନାରେ ୨୫% ଅଧିକ ବୋଲି ଜଣାପଡିଛି। ଜାନୁୟାରୀରେ ଆଦାୟ ହୋଇଥିବା ମୋଟ ଜିଏସଟି ମଧ୍ୟରେ କେନ୍ଦ୍ର ଜିଏସଟି (ସିଜିଏସ୍‌ଟି) ବାବଦକୁ ୨୪,୬୭୪ କୋଟି, ୭୨,୦୩୦ କୋଟି ଟଙ୍କାର ସମନ୍ୱିତ ଜିଏସଟି (ଆଇଜିଏସଟି), ୩୨,୦୧୬ କୋଟି ଟଙ୍କାର ରାଜ୍ୟ ଜିଏସଟି (ଏସଜିଏସଟି) ଏବଂ ୯, ୬୭୪ କୋଟି ଟଙ୍କାର ସେସ୍ ମଧ୍ୟ ସାମିଲ ରହିଛି। ଜାନୁୟାରୀ ଶେଷ ସୁଦ୍ଧା ୧.୦୫ କୋଟି ଜିଏସଟିଆର୍-୩ବି ଫାଇଲ କରାଯାଇଛି ଏହା ମଧ୍ୟରେ ୩୬ ଲକ୍ଷ ତ୍ରୈମାସିକ ରିଟର୍ନ ସାମିଲ ଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୧ ଏପ୍ରିଲରେ କେନ୍ଦ୍ର ସରକାର ସର୍ବାଧିକ ୧.୩୯ ଲକ୍ଷ କୋଟି ଟଙ୍କାର ଜିଏସଟି ଆଦାୟ କରିବାକୁ ସକ୍ଷମ ହୋଇଥିଲେ। ଦେଶର ଅର୍ଥନୈତିକ ସୁଧାର, ଟିକସ ଚୋରି ଉପରେ କାର୍ଯ୍ୟାନୁଷ୍ଠାନ ଭଳି ବିଭିନ୍ନ ପଦକ୍ଷେପ ଯୋଗୁ ଟିକସ ଆଦାୟରେ ବ୍ୟାପକ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ଜାନୁୟାରୀ ମାସର ସଂଗ୍ରହକୁ ମିଶାଇ ଚତୁର୍ଥ ମାସ ପାଇଁ ୧.୩୦ ଲକ୍ଷ କୋଟି ଅତିକ୍ରମ କରିଥିବା ବେଳେ ଏହା କ୍ରମାଗତ ୭ ମାସ ପାଇଁ ୧ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ ମାର୍କ ଅତିକ୍ରମ କରିଥିବା ଜଣାପଡିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨ ଫେବୃୟାରୀ, ୨୦୨୨



## ଅପମିଶ୍ରିତ ସାର ବିକ୍ରି ସନ୍ଦେହ, ଦୋକାନରେ ଚଢ଼ାଉ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା ସଦର ଥାନା ପଡ଼ିଆବାହାଲ ଛକରେ ଥିବା ମେହେର ଫର୍ଟିଲାଇଜର୍ ନାମକ ଦୋକାନରେ ମଙ୍ଗଳବାର ଚଢ଼ାଉ ହୋଇଛି। ଅପମିଶ୍ରିତ ଡିଏପି ସାର ବିକ୍ରି ଅଭିଯୋଗରେ ଚଢ଼ାଉ ହୋଇଥିଲା। ଚଢ଼ାଉରେ ସାର କମ୍ପାନୀ ଅଧିକାରୀ, କୃଷି ବିଭାଗ ଅଧିକାରୀ ଓ କୃଷି ବିଭାଗ ସ୍ୱତନ୍ତ୍ର ସ୍କ୍ୱାଡ୍ ସାମିଲ ହୋଇଥିଲେ। ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ସେଠୀ କହିଛନ୍ତି, ମେହେର ଫର୍ଟିଲାଇଜର୍ ଦୋକାନରେ ଡିଏପି ସାର କମ୍ ଦରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରାଯାଇଥିଲା। ଦୋକାନରେ ଥିବା ସାର ଓ କୀଟନାଶକ କାଗଜପତ୍ର ଠିକ୍ ରହିଥିଲା। କିନ୍ତୁ ୧୨୦ ବସ୍ତା ସାରର ବିଲ ଦେଖାଇ ପାରି ନ ଥିଲେ। ଏହି ବସ୍ତାରେ ଥିବା ସାରର ନମୁନା ପରୀକ୍ଷା ପାଇଁ ପଠାଯାଇଛି ଓ ସାର ବସ୍ତା ଜବତ କରାଯାଇଛି।

## ସଂକ୍ଷେପରେ

### ନବନିର୍ମିତ ଡାଏଲିସିସ୍ ସେଣ୍ଟର ଲୋକାର୍ପିତ

ଦେବଗଡ଼,୧।୨(ଡି.ଏନ.ଏ): ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ନବନିର୍ମିତ ଡାୟାଲିସିସ୍ ସେଣ୍ଟର ମଙ୍ଗଳବାର ଲୋକାର୍ପିତ ହୋଇଛି। ଏହି ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ସାଧନା ଦାଶ ଡାୟାଲିସିସ୍ ସେଣ୍ଟରକୁ ଲୋକାର୍ପିତ କରିଥିଲେ। ପ୍ରଥମ ଦିନରେ ବରିଷ୍ଠ ଡାକ୍ତର ଧିରେନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପଦ୍ମନାଭ ଧୀର ଏବଂ ପଲ୍ଲବ ପ୍ରଧାନଙ୍କ ଡାୟାଲିସିସ କରାଯାଇଥିଲା। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର କୁମାର ବ୍ରହ୍ମା, ଦୟାଶଙ୍କର ଦ୍ୱିବେଦୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଉମେଶ ଷଡଙ୍ଗୀ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ କୁମାର ସାହୁ, ଡାୟାଲିସିସ୍ ସେଣ୍ଟର ମ୍ୟାନେଜର ଗୌରୀଶଙ୍କର ବାରିକ, ବରିଷ୍ଠ ନାଗରିକ ବିନୋଦ ବିହାରୀ ଶର୍ମା, ସଚ୍ଚିଦାନନ୍ଦ ପାଢ଼ୀ, ରାଜୀବ ଲୋଚନ ମିଶ୍ର, ଇନ୍ଦୁଭୂଷଣ ଗୁରୁ, ଗିରିଶ ଚନ୍ଦ୍ର ନାୟକ, ମିତ୍ରଭାନୁ ମହାପାତ୍ର, ହୃଷିକେଶ ଡଗରା, ବିଷ୍ଣୁପ୍ରିୟା ଦ୍ୱିବେଦୀ, ଡାଳିମ୍ବ ଟାଲି ଓ ପଦ୍ମାବତୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ପିଡିଆର୍ କଲେଜରେ ଅବସରକାଳୀନ ସଭା

କୁଚିଣ୍ଡା,୧।୨(ଡି.ଏନ.ଏ.): ବାମରା ବ୍ଲକ କେଶାଇବାହାଲସ୍ଥିତ ପିଡିଆର୍ ଯୁକ୍ତ ଦୁଇ କଲେଜର ପ୍ରଥମ ଅଧକ୍ଷ ରଜନୀକାନ୍ତ ପଟେଲଙ୍କ ଅବସରକାଳୀନ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଅଧକ୍ଷ ଘାସିରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଛତ୍ରିଆ, ପରିଚାଳନା କମିଟିର ପୂର୍ବତନ ସଭାପତି ଭୁବନେଶ୍ୱର କିଶାନ, ପ୍ରତିଷ୍ଠାତା ସମ୍ପାଦକ ଖଡ଼ୁନାଥ ପିଙ୍ଗ, କୁଟୁରାଚୁଆଁ କଲେଜର ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ, ସମ୍ବଲପୁର ଜିଲା ଶିକ୍ଷକ ସଂଘ ସଭାପତି ଅଶୋକ ପୁରୋହିତ ପ୍ରମୁଖ ଯୋଗଦେଇ ବିଦାୟୀ ଅଧକ୍ଷ ରଜନୀ କାନ୍ତ ପଟେଲଙ୍କ ଶିକ୍ଷା ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରି ଉପଢୌକନ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଅଧାପକ ସରୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟତମ ପୂର୍ବତନ ଅଧକ୍ଷ ଜୟ ପ୍ରକାଶ ପଟେଲ ଧନ୍ୟବାଦ ଦେଇଥିଲେ। ଅଧକ୍ଷ ନୀଳାଞ୍ଚଳ ତିୱାରୀ, ସନ୍ତୋଷ ପଟେଲ, ଡିଲେଶ୍ୱର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ରାଣିତାଳରେ ଦେଶୀ ବିହନ ପରବ

ସମ୍ବଲପୁର,୧।୨(ବ୍ୟୁରୋ): ଜୈବିକ ପଦ୍ଧତିରେ ଚାଷ ପାଇଁ ସମସ୍ତଙ୍କୁ ଶପଥ ନେବାକୁ ହେବ। ଯୁଯୁମୁରା ବ୍ଲକ ରାଣିତାଳଠାରେ ଆୟୋଜିତ ଦେଶୀ ବିହନ ପରବ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ କୁମାର ମହାନ୍ତି ଏହି ଆହ୍ୱାନ ଦେଇଥିଲେ। ଏହାସହ ପରମ୍ପରା ଗତ ମାଧମରେ ଚାଷ କରି ଆଗାମୀ ଭବିଷ୍ୟତକୁ ସୁସ୍ଥ କରିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଜୈବିକ ଚାଷ ତାଲିମଦାତା ସୁଦାମ ସାହୁ ଚାଷୀମାନେ ମିଳିତ ଭାବେ ଏହି ପଦ୍ଧତି ଅପଣେଇବା ପାଇଁ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଛାମୁଣ୍ଡା, କଂସର, ମେଘପାଲ ପଞ୍ଚାୟତ ଅନ୍ତର୍ଗତ ୧୫ ଗ୍ରାମର ୩୦୦ ଯୁବଚାଷୀ ଯୋଗଦେଇଥିଲେ। ଦେଶୀ ବିହନ, ମାଣ୍ଡିଆ ଭଳି ପାରମ୍ପରିକ ଖାଦ୍ୟପଦାର୍ଥ, ଦେଶୀ ବିହନର ଷ୍ଟଲ ପରବର ମୁଖ୍ୟ ଆକର୍ଷଣ ଥିଲା।

# ଟିପିଡବ୍ଲ୍ୟୁଓଡିଏଲ୍‌ର ସ୍ମାର୍ଟ ମିଟର ବ୍ୟବସ୍ଥାକୁ ବିରୋଧ

ସମ୍ବଲପୁର,୧।୨(ବ୍ୟୁରୋ)


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଓକିଲ ସଂଘ କର୍ମକର୍ତ୍ତା।

**ଜିଲାପାଳଙ୍କୁ ଅଭିଯୋଗ କଲା ଓକିଲ ସଂଘ**

ଟିପିଡବ୍ଲ୍ୟୁଓଡିଏଲ୍ ସମ୍ବଲପୁର ଜିଲାରେ ପରୀକ୍ଷାମୂଳକ ଭାବେ ସ୍ମାର୍ଟ ପ୍ରିପେଡ ମିଟର ଲଗାଇବାକୁ ଯୋଜନା କରିଛି। ଏହାକୁ ଜିଲା ଓକିଲ ସଂଘ ବିରୋଧ କରିଛି। ସମ୍ବଲପୁର ଜିଲା ପରୀକ୍ଷା କେନ୍ଦ୍ର ନୁହେଁ। ଶକ୍ତିମନ୍ତ୍ରୀଙ୍କ ଜିଲା କିମ୍ବା ପୂର୍ବ ଓଡ଼ିଶାର କୌଣସି ଜିଲାରେ ପରୀକ୍ଷା କରାଯାଉ ବୋଲି ଜିଲା ଓକିଲ ସଂଘ ଦାବି କରିଛି। ସଂଘ କର୍ମକର୍ତ୍ତା ଏ ନେଇ ମଙ୍ଗଳବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ୯ ଲକ୍ଷ ସ୍ମାର୍ଟ ମିଟର ଲଗାଇବାକୁ ଯୋଜନା କରାଯାଇଛି। ପଶ୍ଚିମ ଓଡ଼ିଶା ଅଧୀନରେ ଥିବା ଜିଲାଗୁଡ଼ିକର ଅନେକ ଅଞ୍ଚଳର ଏବେ ମଧ୍ୟ ବିକାଶ ହୋଇ ପାରିନାହିଁ। ଆଦିବାସୀ ବହୁଳ ଅଞ୍ଚଳର ଲୋକଙ୍କର ଅନ୍‌ଲାଇନ ଦେଣନେଣ ଓ ବିଲ୍ ଉପରେ ଧାରଣା ନାହିଁ। ମୋବାଇଲ ନେଟ୍‌ୱାର୍କ ସମସ୍ୟା ମଧ୍ୟ ରହିଛି। ଏଭଳି ସ୍ଥାନରେ ସ୍ମାର୍ଟ ବ୍ୟବସ୍ଥା କିଭଳି କାର୍ଯ୍ୟକାରୀ ହୋଇ ପାରିବ। କଟକ, ଭୁବନେଶ୍ୱର ଭଳି ଅଞ୍ଚଳରେ ଏହି ବ୍ୟବସ୍ଥା ପ୍ରଥମେ ଲାଗୁ କରାଯାଉ। ସରକାର ଏହି ନିଷ୍ପତ୍ତି ନ ବଦଳାଇଲେ ଆଗାମୀ ଦିନରେ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ। ଜିଲାପାଳଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ କୁମାର ରଥ, ସମ୍ପାଦକ ରବିନାରାୟଣ ପୂଜାରୀ, ଉପସଭାପତି ଚନ୍ଦ୍ରକାନ୍ତ ମହାନ୍ତି, ସହସମ୍ପାଦକ ଅନୁପ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଆଶିଷ କୁମାର ପଣ୍ଡା, ସତ୍ୟନାରାୟଣ ପୁରୋହିତ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ କର୍ପୋରେଟ ମୁଖ୍ୟ ମନୋଜ ପଟ୍ଟନାୟକ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୩ ସୁଦ୍ଧା ସବୁ ଗ୍ରାହକଙ୍କ ପ୍ରିପେଡ ସ୍ମାର୍ଟ ମିଟର ଲଗାଯିବାକୁ ନିର୍ଦ୍ଦେଶ ରହିଛି। ତେଣୁ ଟିପିଡବ୍ଲ୍ୟୁଓଡିଲ୍ ପକ୍ଷରୁ ଏହା ଆରମ୍ଭ କରାଯିବ। ଦେଶର ଅନ୍ୟ ରାଜ୍ୟରେ ଏହି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

# ଟ୍ରକ୍ ପଛରେ ପିଟିହେଲା ବାଇକ୍: ୨ ମୃତ, ମହିଳା ଗୁରୁତର

ରେଙ୍ଗାଲି,୧।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଠେଲକଲୋଇ ଥାନା ଅନ୍ତର୍ଗତ ଠେଲକଲୋଇଠାରେ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକ୍ ପଛପଟେ ବାଇକ୍ ପିଟିହୋଇ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସ୍ଥାନୀୟ ମୁରା ଗ୍ରାମର ଟୁନା ସାହୁ ଓ ଜୟରାମ ପଧାନ। ଏଥିରେ ଇନ୍ଦ୍ରାଣୀ ପାତ୍ର ନାମ୍ନୀ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ସନ୍ଧ୍ୟା ୫ଟା ସମୟରେ ଉପରୋକ୍ତ ୩ଜଣ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ବାଇକ୍ (ଓଡି୨୩ଏଲ୍-୫୦୬୫) ଯୋଗେ ହିର୍ମା ଗ୍ରାମକୁ ଯାଉଥିଲେ। ଏହି ସମୟରେ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ କଡରେ ଛିଡା ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍ (ଓଡି୨୩ଅର୍-୨୨୭୨) ପଛରେ ବାଇକ୍ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଟୁନା ଓ ଜୟରାମଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଇନ୍ଦ୍ରାଣୀଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ: ସମୀକ୍ଷା କଲେ ସାଧାରଣ ପର୍ଯ୍ୟବେକ୍ଷକ


ସର୍କିଟ୍ ହାଉସ୍‌ଠାରେ ନିର୍ବାଚନ ପ୍ରସ୍ତୁତି ବୈଠକ।

ରାଉରକେଲା ଅଫିସ, ୧।୨

ରାଉରକେଲା ପାନପୋଷ ଉପଖଣ୍ଡରେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍ ଶାନ୍ତି ଶୃଙ୍ଖଳାର ସହିତ କିପରି ସମ୍ପନ୍ନ ହୋଇପାରିବ ତାକୁ ଦୃଷ୍ଟିରେ ରଖି ସାଧାରଣ ପର୍ଯ୍ୟବେକ୍ଷକ ଗଙ୍ଗାଧର ନାୟକ ସୁରକ୍ଷା ବ୍ୟବସ୍ଥା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କୋଭିଡ ମହାମାରୀ ସମୟରେ ନିର୍ବାଚନ ଏକ ବଡ଼ ଆହ୍ୱାନ ବୋଲି ସେ କହିଥିଲେ। ବୁଥ୍ ଏବଂ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ତଥା ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ଯେପରି ହୋଇପାରିବ ସେ ସମ୍ପର୍କରେ ସାଧାରଣ ପର୍ଯ୍ୟବେକ୍ଷକ ବିସ୍ତୃତ ଆଲୋଚନା କରିଥିଲେ। ପାନପୋଷ ଉପଖଣ୍ଡ ଅଧୀନ ସମସ୍ତ ବ୍ଲକରେ କୌଣସି ସ୍ଥାନରେ ନିର୍ବାଚନକୁ ନେଇ କିଛି ଅପ୍ରୀତିକର ପରିସ୍ଥିତି ଯେପରି ନ ଉପୁଜେ ସେଥିପାଇଁ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପାନପୋଷ ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ଅଧିକାରୀ ଦୌଲତ ଚନ୍ଦ୍ରାକର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବି.କେ. ଭୋଇ, ବୀରମିତ୍ରପୁର ଏସ୍‌ଡିପିଓ ଏମ୍. ଆର. ପ୍ରଧାନ ଏବଂ ପାନପୋଷ ଏସ୍‌ଡିପିଓ ଶାନ୍ତା ନୂତନ ସାମାଦ ଉପସ୍ଥିତ ଥିଲେ। ପରେ ସାଧାରଣ ପର୍ଯ୍ୟବେକ୍ଷକ ବିଶ୍ରା ବ୍ଲକର ଭୋଟ୍ ଗଣନା ସ୍ଥାନ, ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଥିଲେ। ଏହି ଗସ୍ତ ବେଳେ ସେ କୁଆଁରମୁଣ୍ଡା, ଲାଠିକଟା ଏବଂ ନୂଆଗାଁ ବ୍ଲକର ଭୋଟ୍ ଗଣନା ସ୍ଥାନ, ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିବେ। ନିର୍ବାଚନ ସମ୍ପର୍କିତ କୌଣସି ପ୍ରକାର ସୂଚନା ଅବଗତ ହେବା ପାଇଁ ଜନସାଧାରଣ ୯୪୩୭୦୬୨୧୭୩ରେ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

# ଲଖନପୁର ୧ନଂ. ଜୋନ୍‌ରେ ତ୍ରିମୁଖୀ ଲଢ଼େଇ

ଝାରସୁଗୁଡ଼ା ଅଫିସ,୧।୨


ସନତ ସିଂହ


ଚକାନନ୍ଦ ସା


ଅଶୋକ ସାହୁ

ଝାରସୁଗୁଡା ଜିଲାରେ ୯ ଜିଲା ପରିଷଦ ଆସନ ରହିଥିବାବେଳେ ଏଥିରେ ବିଭିନ୍ନ ରାଜନୈତିକ ଦଳର ସମୁଦାୟ ୩୩ ଜଣ ପ୍ରାର୍ଥୀ ଲଢୁଛନ୍ତି। ଲଖନପୁର ବ୍ଲକ୍ ୧ନଂ ଜୋନ୍‌ରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ହେଉଛି। ଏଠାରେ ବିଜେଡିରୁ ସନତ ସିଂହ, ଭାଜପାରୁ ଚକାନନ୍ଦ ସା ଓ କଂଗ୍ରେସରୁ ଅଶୋକ ସାହୁ ପ୍ରାର୍ଥୀ ହୋଇଛନ୍ତି।

ଏହି ଜୋନ୍‌ରେ ୧୨ ପଞ୍ଚାୟତ ରହିଥିବାବେଳେ ୩୮,୦୧୫ ଭୋଟର ଅଛନ୍ତି। ୨୦୧୨ ଓ ୨୦୧୭ ନିର୍ବାଚନ ଫଳାଫଳକୁ ଦେଖିଲେ ଏଠାରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୦୧୨ ନିର୍ବାଚନରେ କଂଗ୍ରେସର କୁଶାସନ ପ୍ରଧାନ ୯୩୦୯, ବିଜେଡିର ରବିରତ୍ନ ପ୍ରଧାନ ୮୯୨୧, ଭାଜପାର ପ୍ରଶାନ୍ତ ବିଶ୍ୱାଳ ୭୫୦୨, ସ୍ୱାଧୀନ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବେହେରା ୪୬୨ଭୋଟ୍ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ କୁଶାସନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ରବିରତ୍ନଙ୍କଠାରୁ ୩୮୮ଭୋଟ ଅଧିକ ପାଇ ବିଜୟୀ ହୋଇଥିଲେ। ସେହିପରି ୨୦୧୭ ନିର୍ବାଚନରେ କଂଗ୍ରେସର ରଞ୍ଜୁ ମଲ୍ଲିକ ୧୧,୧୯୨, ବିଜେଡିର ମିତାମୀନି କିଷାନ ୮୭୮୮, ଭାଜପାର ମାଳତୀ ସିଂହ ୮୦୧୮ ଭୋଟ୍ ପାଇଥିଲେ। କଂଗ୍ରେସର ରଞ୍ଜୁ ବିଜେଡିର ମିତାମୀନିଙ୍କଠାରୁ ୨୪୦୪ ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ଦଳର ବିଧାୟକ ନବ କିଶୋର ଦାସ ବିଜେଡିରେ ଯୋଗଦେବା ପରେ ଏଠାରେ ବିଜୟୀ କଂଗ୍ରେସ ପ୍ରାର୍ଥୀ ବିଜେଡିରେ ଯୋଗଦେଇଥିଲେ। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସନତ ସିଂହ ମନ୍ତ୍ରୀ ନବ କିଶୋର ଦାସଙ୍କ ନେତୃତ୍ୱରେ ବିଜୟୀ ହେବା ପାଇଁ ଲାଗିପଡିଛନ୍ତି। ବିଗତ ନିର୍ବାଚନରେ ଭାଜପା ୩ନଂରେ ରହିଥିବାବେଳେ ଏଥର ଏହି ଆସନ ହାତେଇବା ପାଇଁ ପ୍ରୟାସ ଚଳାଇଛି। ପ୍ରମୁଖ ୩ଦଳର ପ୍ରାର୍ଥୀ ନିଜ ଦଳର ସମର୍ଥକଙ୍କୁ ନେଇ ପ୍ରତି ଗ୍ରାମକୁ ଯାଇ ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ସ୍ଥାନୀୟ ଅଞ୍ଚଳର କେତେକ ପ୍ରସଙ୍ଗକୁ ନେଇ ପ୍ରାର୍ଥୀମାନେ ଭୋଟ୍‌ରଙ୍କୁ ପ୍ରଭାବିତ କରୁଛନ୍ତି।

# ପଞ୍ଝରା ପଞ୍ଚାୟତ: ଶାଶୁ-ବୋହୂ ଫାଇଟ୍

କୁତ୍ରା,୧।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସହରଠୁ ଗାଁ ପର୍ଯ୍ୟନ୍ତ ରାଜନୀତି ସରଗରମ ହେବାରେ ଲାଗିଛି। କେଉଁଠି ଉଚ୍ଚ ଶିକ୍ଷିତା ମହିଳାମାନେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ କେଉଁଠି ଘରେ ଘରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଝରା ଗ୍ରାମ ପଞ୍ଚାୟତରେ। ଶାଶୁ ବୋହୁ ସରପଞ୍ଚ ପଦବୀ ପାଇଁ ଦୁହିଁଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ଛିଡା ହୋଇଛନ୍ତି। ପଞ୍ଝରା ଗ୍ରାମ ପଞ୍ଚାୟତ ସବୁବେଳେ ଚର୍ଚ୍ଚାରେ ରହିଥାଏ। ଏଥର ମଧ୍ୟ ଚର୍ଚ୍ଚା ପରିସରକୁ ଆସିଛି ଶାଶୁ ଓ ବୋହୁଙ୍କ ଫାଇଟକୁ ନେଇ। ଏହି ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ଗୋଟିଏ ପରିବାରର ଶାଶୁ ଗୁରୁବାରି ମିଞ୍ଜ ଛିଡା ହୋଇଥିବା ବେଳେ ତାଙ୍କୁ ଟକ୍କର ଦେବା ପାଇଁ ତାଙ୍କ ବୋହୁ ରଶ୍ମିତା ମିଞ୍ଜ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ତେବେ ଆଗକୁ ଦେଖିବାକୁ ବାକି ରହିଲା ଶାଶୁ କି ବୋହୁ କିଏ ବାଜିମାତ୍ କରୁଛି। ବର୍ତ୍ତମାନ ପ୍ରଚାର ମଇଦାନ ଜମି ଆସୁଛି । ବିଭିନ୍ନ ସ୍ଥାନରେ ବାପ ସହିତ ପୁଅ ,ବାପ ସହିତ ଝିଅ, ସ୍ୱାମୀ ସହିତ ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରିବା ରାଜନୈତିକ ଉଷ୍ମତାକୁ ବଢାଇ ଦେଇଛି।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧୦ ଲକ୍ଷ ଦାବି: ୨ ଗିରଫ

କୁଆଁରମୁଣ୍ଡା,୧।୨(ଡି.ଏନ.ଏ.)

ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଫୋନ୍‌ରେ ୧୦ଲକ୍ଷ ଟଙ୍କା ଦାବି କରିବା ଓ ଟଙ୍କା ନ ଦେଲେ ଜୀବନରୁ ମାରି ଦେବାକୁ ଧମକ ଦେବା ଅଭିଯୋଗରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ପୋଲିସ ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି ।୨ ଅଭିଯୁକ୍ତ ହେଲେ ବିଶ୍ରା ରେଲୱେ ଷ୍ଟେଶନ ନିକଟରେ ରହୁଥିବା ଉମେଶ ଚୌହାନ(୨୮) ଓ ରାଏବୋଗା ଥାନା ପ୍ରତାପପୁର ଅଞ୍ଚଳର ରାଜୀନ୍ ଓସ୍‌ଗା(୩୧) । ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (୧୩/୨୨) ରୁଜୁ ହୋଇଛି । ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି । ପୋଲିସ ସୂଚନା ଅନୁଯାୟୀ, କୁଆଁରମୁଣ୍ଡା ମାଳିବଗିଚାରେ ରହୁଥିବା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଲଛୁ ଟିଗ୍ଗାଙ୍କୁ ଗତ ୩୦ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତ ଉମେଶ ଚୌହାନ ଫୋନ୍ ଯୋଗେ ୧୦ଲକ୍ଷ ଟଙ୍କା ଦାବି କରିଥିଲେ । ଦାବି ମୁତାବକ ଟଙ୍କା ନ ଦେଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏ ନେଇ ଲଛୁ ସଙ୍ଗେ ସଙ୍ଗେ କୁଆଁରମୁଣ୍ଡା ଫାଣ୍ଡିକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଫାଣ୍ଡି ଅଧିକାରୀ ଓରାମ ଏକ ମାମଲା ରୁଜୁ କରିଥିଲେ । ଏହାପରେ ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ବୀରମିତ୍ରପୁର ଏସଡିପିଓ ମାନସ ରଞ୍ଜନ ପ୍ରଧାନ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଓରାମଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲେ । ଶେଷରେ ୩୧ ତାରିଖ ଦିନ ଫୋନ୍ ନମ୍ବରକୁ ଆଧାର କରି ପୋଲିସ ଟିମ୍ ବିଶ୍ରାସ୍ଥିତ ଅଭିଯୁକ୍ତ ଉମେଶଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ । ସେହିପରି ଉକ୍ତ ଘଟଣାରେ ଅନ୍ୟତମ ଅଭିଯୁକ୍ତ ଲଛୁଙ୍କ ଭଣଜା ରାଜୀନ ଓସ୍‌ଗାଙ୍କୁ ପୋଲିସ ମଙ୍ଗଳବାର ରାଉରକେଲା ମିନି ଷ୍ଟାଡିୟମରେ କାମ କରୁଥିବା ବେଳେ ଗିରଫ କରିଥିଲା । ରାଜୀନ ଅଭିଯୁକ୍ତ ଉମେଶଙ୍କୁ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କ ଫୋନ ନମ୍ବର ଦେଇଥିଲେ ବୋଲି ଜଣାଯାଇଛି।

# ସମ୍ବଲପୁର ଜେସିଆଇର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧।୨(ବ୍ୟୁରୋ)

ସମ୍ବଲପୁର ଜେସିଆଇ ଅନୁଷ୍ଠାନର ଦ୍ୱିତୀୟ ପ୍ରତିଷ୍ଠା ଦିବସ ସୋମବାର ବୁଢାରଜାସ୍ଥିତ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଅମିତ ଅଗ୍ରୱାଲଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଜୋନ ସଭାପତି ଆଶିଷ ଅଗ୍ରୱାଲ ନୂତନ ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ବିଜେଡି ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

# ଜିଲା ଅଭିଭାବକ ସଂଘର ନୂତନ କମିଟି

ଝାରସୁଗୁଡ଼ା ଅଫିସ,୧।୨

ଓଡ଼ିଶା ଅଭିଭାବକ ମହାସଂଘ ସହବନ୍ଧିତ ଝାରସୁଗୁଡ଼ା ଜିଲା ଶାଖା ତରଫରୁ ସ୍ଥାନୀୟ ପୁରୁଣାକୋର୍ଟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଦ ଥିବା ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମଧ୍ୟଇଂରାଜୀ ଓ ଉଚ୍ଚମାଧ୍ୟମିକ ସ୍କୁଲ ଖୋଲିବା, କୌଣସି ଛାତ୍ରୀଛାତ୍ର ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ ସେ ଦିଗରେ ପଦକ୍ଷେପ ନେବା, ଶିକ୍ଷା ଅଧିକାର ଆଇନ ଅନୁଯାୟୀ ୨୫ ପ୍ରତିଶତ ସିଟ୍‌ରେ ଘରୋଇ ସ୍କୁଲରେ ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦେବା ଆଦି ଉପରେ ଆଲୋଚନା ହୋଇଥିଲା। ଏସବୁ ଦାବିକୁ ନେଇ ଜିଲା କମିଟି ଲଢେଇ କରିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଜିଲା ଶାଖାର ଏକ ନୂଆ କମିଟି ଗଠନ କରାଯାଇଛି। ଏଥିରେ ସତ୍ୟନାରାୟଣ ରାଓ ଆବାହକ, ଉମେଶ କୁମାର, ବାବୁଲି ବେହେରା, ବସନ୍ତ କୁମାର ପଣ୍ଡା, ଦେବାନନ୍ଦ ବାରିକ ସହ ଆବାହକ, ସୂର୍ଯ୍ୟନାରାୟଣ ପାଢୀ, ସରୋଜ କୁମାର ସାମନ୍ତରା ଯୁଗ୍ମ ଆବାହକ, ରେଣୁ ତିୱାରୀ ସମ୍ପାଦକ, ସସ୍ମିତା ସାମନ୍ତ, ରାଜେଶ କୁମାର ମହାପାତ୍ର, ସଂଗ୍ରାମ ମହାନ୍ତି, ସନ୍ତୋଷ ପାଣି ସାଙ୍ଗଠନିକ ସମ୍ପାଦକ, ସନ୍ତୋଷିନୀ ସାହୁ, ନିମିଏମ୍ ଓମେନ୍, କିରଣବାଳା ନାୟକ, ରାଜେଶ ବିଶ୍ୱକର୍ମା, ରଶ୍ମିରଞ୍ଜନ ବାରିକ ଯୁଗ୍ମ ସମ୍ପାଦକ, ସନ୍ତୋଷ ଦାସ କୋଷାଧ୍ୟକ୍ଷ, ମହାମାୟା କର, ଚିତ୍ତରଞ୍ଜନ ବେହେରା ରାଜ୍ୟ ସମ୍ପାଦକ, ଶିବରାମ ନାୟକ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।

# ଟାଙ୍ଗରପାଲି ବ୍ଲକରେ ବିଜେଡିର ନିର୍ବାଚନୀ ପ୍ରଚାର

ସୁନ୍ଦରଗଡ, ୧।୨ ( ଡି.ଏନ୍.ଏ.)

ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ଟାଙ୍ଗରପାଲି ବ୍ଲକ -ଖ ଜିଲା ପରିଷଦ ଆସନର ବିଜେଡି ପ୍ରାର୍ଥୀନୀ ନିର୍ବାଚନୀ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ମଙ୍ଗଳବାର ବିଜେଡିର ବରିଷ୍ଠ ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝୀ, ପୂର୍ବତନ ଉପ ନଗରପାଳ ସୁମନ୍ତ କୁମାର ପଣ୍ଡା ବିଜେଡି ଜିଲା ପରିଷଦ ପ୍ରାର୍ଥୀନୀ କୁନ୍ତୀ ପ୍ରଧାନଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ଜୋନ୍‌ର ତିନକୁଡା, ମେଘଡେଗା, ରତନପୁର ,ଟାଙ୍ଗରମୁଣ୍ଡା ଆଦି ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ପ୍ରଚାର କରିଥିଲେ।

# ପୌର ପରିଷଦର ଡିଜିଟାଲ ସର୍ଭେ କାର୍ଯ୍ୟକ୍ରମ


ବୈଠକରେ ଉପସ୍ଥିତ ପୌର ଅଧିକାରୀ ଏବଂ କର୍ମଚାରୀ।

ଦେବଗଡ,୧।୨(ଡି.ଏନ.ଏ)

ଦେବଗଡ ପୌର ପରିଷଦ ସମ୍ମିଳନୀ କକ୍ଷରେ ପୌରପାଳିକା ନିର୍ବାହୀ ଅଧିକାରୀ ଅତଶୀ ପରିଡାଙ୍କ ଅଧକ୍ଷତାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ କାର୍ଯ୍ୟକାରୀ ହେବାକୁ ଥିବା ଡିଜିଟାଲ ଡୋର ନମ୍ବର ପ୍ରକଳ୍ପ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଗାମୀ ଦିନରେ ପୌରାଞ୍ଚଳରେ ଥିବା ପ୍ରତ୍ୟେକ ୱାର୍ଡର ସମସ୍ତ ଗୃହ ଓ ସମ୍ପତ୍ତିକୁ ଚିହ୍ନଟ କରି ଏକ ସ୍ୱତନ୍ତ୍ର ଡିଜିଟାଲ ନମ୍ବର ପ୍ରଦାନ କରାଯିବ। ଫଳରେ ପୌରାଞ୍ଚଳବାସୀ ସମସ୍ତ ପ୍ରକାରର ବିଲ୍ ଓ ଟିକସ, କମ୍ପ୍ୟୁଟର ବା ମୋବାଇଲ ମାଧ୍ୟମରେ ଘରେ ବସି ପୈଠ କରିପାରିବେ। ଏହାର ସର୍ଭେ କାର୍ଯ୍ୟ ଖୁବ୍‌ଶୀଘ୍ର ପୌର ପରିଷଦ କର୍ମଚାରୀଙ୍କ ଦ୍ୱାରା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ସି.ଏମ.ଏମ. ଅଭିଷେକ ମିଶ୍ର, ଟ୍ୟାକ୍ସ ଦରୋଗା ଅଶ୍ୱିନୀ ବେହେରା, ସମସ୍ତ ଟ୍ୟାକ୍ସ କଲେକ୍ଟର ଏବଂ ଜିଆଇଏସ ଏଜେନ୍ସି ରିପ୍ରେଜେଣ୍ଟେଟିଭ ଉପସ୍ଥିତ ଥିଲେ।

# ହେମଗିର 'କ' ଜିଲା ପରିଷଦ ଆସନ: ଜମୁଛି ପ୍ରଚାର

ସୁନ୍ଦରଗଡ,୧।୨(ଡି.ଏନ୍.ଏ.)

**କକା, ପୁତୁରାଙ୍କ ସହ ସିପିଆଇର କଡ଼ା ଟକ୍କର ନେଇ ଉତ୍ସୁକତା**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୁନ୍ଦରଗଡ ଜିଲାରେ ଧୀରେ ଧୀରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ନେତାମାନେ ଗ୍ରାମାଞ୍ଚଳ ମୁହାଁ ହୋଇ ଘନ ଘନ କର୍ମୀ ସମ୍ମିଳନୀ କରିବା ସହ ପ୍ରାର୍ଥୀଙ୍କ ସହିତ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ନିର୍ବାଚନୀ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ତାଙ୍କର ପ୍ରଚାର କାର୍ଯ୍ୟକୁ ମଧ୍ୟ ଜୋରଦାର କଲେଣି। ପ୍ରାର୍ଥୀମାନେ ଗାଁକୁ ଗାଁ ,ଘରକୁ ଘର ବୁଲି ଭୋଟରଙ୍କୁ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି।

ସୁନ୍ଦରଗଡ ଜିଲାର ହେମଗିର ବ୍ଲକ 'କ' ଜିଲା ପରିଷଦ ଆସନକୁ ହାତେଇବା ପାଇଁ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ ଅଣ୍ଟା ଭିଡ଼ିଛି। ଗତ ନିର୍ବାଚନରେ ଏହି ଆସନ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ଥିଲା। ଏହି ଆସନରେ ସିପିଆଇ ପ୍ରାର୍ଥୀ ପୂରବୀ ନାଏକ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ଠାରୁ ଅଢେଇ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ଏହି ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ଆସନରୁ ଏଥର ନରେଶ ମେହେର ସିପିଆଇ ପ୍ରାର୍ଥୀ ହୋଇଥିବା ବେଳେ ଉଦିତ ସେଠ ବିଜେଡି ,ଲକ୍ଷ୍ମଣ ସେଠ ଭାଜପା ଓ ପୂର୍ବତନ ଜିଲାପରିଷଦ ସଭ୍ୟ ଭୁଲକି ସେଠ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଆସନରୁ କଂଗ୍ରେସ ପ୍ରାର୍ଥୀ ଲଗାତାର ୩ ଥର ବିଜୟୀ ହୋଇଥିବା ବେଳେ ୨୦୧୭ରେ ଏହି ଆସନ କଂଗ୍ରେସ ହାତରୁ ସିପିଆଇ ଛଡେଇ ନେବାରେ ସକ୍ଷମ ହୋଇଥିଲା। ସେତେବେଳେ ଯୋଗେଶ ସିଂ କଂଗ୍ରେସ ଦଳର ବିଧାୟକ ଥିବା ବେଳେ ବର୍ତ୍ତମାନ ସେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ବିଜେଡି ଛାଡି ଭାଜପା ଟିକେଟରେ ବିଧାୟିକା ହୋଇଥିବା କୁସୁମ ଟେଟେ ଓ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ ପାଇଁ ଏହି ଆସନ ନିଜ ଅକ୍ତିଆରରେ ନେବା ସମ୍ମାନର ପ୍ରଶ୍ନ ହୋଇଛି। ସେହିପରି ସିପିଆଇ ଓ କଂଗ୍ରେସ ଗଡରକ୍ଷା ପାଇଁ ଏହି ଆସନକୁ ହାତେଇବା ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି।

ସିପିଆଇର ପ୍ରାର୍ଥୀ ହୋଇଥିବା ନରେଶ ସ୍ଥାନୀୟ ବିସ୍ଥାପିତଙ୍କ ସମସ୍ୟା, ପ୍ରଦୂଷଣ ସମସ୍ୟା ଓ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ସଂଗ୍ରାମ ଚଳାଇଥିବା ଜନଶକ୍ତି ବିକାଶ ପରିଷଦର ଜଣେ ଟାଣୁଆ ସଦସ୍ୟ। ଜନଶକ୍ତି ବିକାଶ ପରିଷଦର ଛାମୁଆ ନେତା ତଥା ସିପିଆଇର ରାଜେନ୍ଦ୍ର ନାଏକଙ୍କ ଅନୁଗତ ନରେଶ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କୁ କଡା ଟକ୍କର ଦେଉଛନ୍ତି। ଅର୍ଥବଳ, ବାହୁବଳ ଅପେକ୍ଷା ସ୍ଥାନୀୟ ଅଞ୍ଚଳବାସୀଙ୍କ ସମର୍ଥନକୁ ଗୁରୁତ୍ୱ ଦେଇ ସେ ବିଜୟର ଆଶା ରଖିଛନ୍ତି। ସେହିପରି ବିଜେଡି, ଭାଜପା ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ପ୍ରଚାର କରି କ୍ଷମତା ହାତେଇବା ପାଇଁ ଆଶା ରଖିଥିବା ବେଳେ କଂଗ୍ରେସ ଦରଦାମ ବୃଦ୍ଧି ଓ ବିଭିନ୍ନ ଯୋଜନାରେ ଦୁର୍ନୀତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ପାରମ୍ପାରିକ ଭୋଟକୁ ନେଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ଆଶା ବାନ୍ଧିଛି। ଏହି ଆସନରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମଣ ସେଠ ଓ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଉଦିତ ସେଠ୍ ସଂପର୍କରେ ଉଭୟ କକା ଓ ପୁତୁରା। ଏହି ନିର୍ବାଚନରେ କକା ପୁତୁରାଙ୍କ ଲଢେଇ ମଧ୍ୟରେ ସିପିଆଇ ପ୍ରାର୍ଥୀ ନରେଶଙ୍କ କଡା ଟକ୍କର ନେଇ ଭୋଟରଙ୍କ ମଧ୍ୟରେ ବେଶ ଉତ୍ସୁକତା ପ୍ରକାଶ ପାଇଛି। ହେମଗିର-କ ଜିଲା ପରିଷଦ ଜୋନ ୯ଟି ପଞ୍ଚାୟତକୁ ନେଇ ଗଠିତ। ଏହି ଜୋନ୍‌ରେ ୩୨୪୭ ମତଦାତା ରହିଛନ୍ତି। ସୂଚନାଯୋଗ୍ୟ,ଏହି ଆସନରେ ମୋଟ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# କହ୍ନେୟା କୁମାରଙ୍କୁ କଂଗ୍ରେସ କାର୍ଯ୍ୟାଳୟରେ କାଳିମାଡ଼



ଲକ୍ଷ୍ନୌ,୧।୨

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରନେତା ତଥା ବର୍ତ୍ତମାନର କଂଗ୍ରେସ ନେତା କହ୍ନେୟା କୁମାରଙ୍କୁ ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଦଳୀୟ କାର୍ଯ୍ୟାଳୟରେ କାଳିମାଡ଼ ହୋଇଛି। ତେବେ କାଳି ନୁହେଁ କହ୍ନେୟାଙ୍କ ଉପରକୁ କେହି ଏସିଡ୍ ଫିଙ୍ଗିଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି। ବିଧାନସଭା ନିର୍ବାଚନ ପ୍ରଚାର କରିବାକୁ କହ୍ନେୟା ଲକ୍ଷ୍ନୌ ଯାଇଥିଲେ। କାଳି ଫିଙ୍ଗିଥିବା ଅଭିଯୁକ୍ତଙ୍କୁ ଦଳୀୟ କର୍ମୀମାନେ କାବୁ କରିନେଇଥିଲେ।

# ୮୦ ଲକ୍ଷ ଘର ପାଇଁ ୪୮,୦୦୦ କୋଟି

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା



ନୂଆଦିଲ୍ଲୀ,୧।୨

୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ) ଅଧୀନରେ ୮୦ ଲକ୍ଷ ବାସଗୃହ ନିର୍ମାଣ କରାଯିବ। ଏଥିପାଇଁ ସରକାର ୪୮,୦୦୦ କୋଟି ଟଙ୍କାର ଆବଣ୍ଟନ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ଲୋକ ସଭାରେ ସୂଚନା ଦେଇଛନ୍ତି।

ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ କହିଛନ୍ତି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଗରିବଙ୍କ ପାଇଁ ୮୦ ଲକ୍ଷ ବାସଗୃହ ନିର୍ମାଣ କରାଯିବ। ଯୋଗ୍ୟ ଚିହ୍ନଟ ହିତାଧିକାରୀମାନେ ଏଥିରୁ ଲାଭାନ୍ୱିତ ହେବେ। ସହରାଞ୍ଚଳର ମଧ୍ୟବିତ୍ତ ଓ ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କୁ ଘର ଯୋଗାଇଦେବା ଲାଗି ଆବଶ୍ୟକ ଜମି ଏବଂ ନିର୍ମାଣ ସମ୍ପର୍କିତ ଅନୁମତି ସକାଶେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ମିଶି କାର୍ଯ୍ୟ କରିବେ। ଉତ୍ତମ ଜମି ରେକର୍ଡ ପରିଚାଳନା ପାଇଁ ରାଜ୍ୟଗୁଡ଼ିକୁ ୟୁନିକ୍ ଲ୍ୟାଣ୍ଡ ପାର୍ସଲ ଆଇଡେଣ୍ଟିଫିକେଶନ୍ ନମ୍ବର ଆପଣାଇବା ପାଇଁ ପ୍ରୋତ୍ସାହିତ କରାଯିବ। ଜମି ପଞ୍ଜୀକରଣ ଲାଗି ନ୍ୟାଶନାଲ ଜେନେରିକ୍ ଡକ୍ୟୁମେଣ୍ଟ ରେଜିଷ୍ଟ୍ରେଶନ୍ ସିଷ୍ଟମ୍ (ଏନ୍ଜିଡିଆର୍ଏସ୍) ସହ ୱାନ୍-ନେଶନ୍ ୱାନ୍ ରେଜିଷ୍ଟ୍ରେଶନ୍ ସଫ୍ଟୱେରକୁ ଯୋଡ଼ାଯିବ ବୋଲି ସୀତାରାମନ୍ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ସୋମବାର ଲୋକ ସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ୨୦୨୦-୨୧ ଆର୍ଥିକ ବର୍ଷରେ ୩୩.୯୯ ଲକ୍ଷ ଏବଂ ୨୦୨୧ ନଭେମ୍ବର ୨୫ ସୁଦ୍ଧା ୨୬.୨୦ ଲକ୍ଷ ଗୃହ ଘର ନିର୍ମାଣ କରାଯାଇଥିବା ଦର୍ଶାଯାଇଥିଲା। ୨୦୨୧ ଆର୍ଥିକ ବର୍ଷରେ ସହରାଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ-ୟୁ)ରେ ୧୪.୫୬ ଲକ୍ଷ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ସର୍ଭେରୁ ଜଣାପଡ଼ିଛି। ୨୦୨୧-୨୨ରେ ଗତ ଡିସେମ୍ବର ସୁଦ୍ଧା ୪.୪୯ ଲକ୍ଷ ଘର ନିର୍ମାଣ ଶେଷ ହୋଇଥିବା ଏଥିରେ ଦର୍ଶାଯାଇଛି।

# କୋଇଲା ଖଣି ଭୁଶୁଡ଼ି ୪ ମୃତ

## ପରିତ୍ୟକ୍ତ ଖଣି ଭିତରେ ଅନେକ ଫସି ରହିଛନ୍ତି



ଧାନବାଦ,୧।୨

ଝାଡ଼ଖଣ୍ଡର ଧାନବାଦ ଜିଲାରେ ସୋମବାର ସନ୍ଧ୍ୟାରେ ବେଆଇନ ଉତ୍ତୋଳନ ବେଳେ ୩ଟି ପରିତ୍ୟକ୍ତ କୋଇଲା ଖଣି ଭୁଶୁଡ଼ି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଖଣି ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି। ଇଷ୍ଟର୍ନ କୋଲ୍ଫିଲ୍ଡ ଲିମିଟେଡ୍ (ଇସିଏଲ୍)ର ନିର୍ସା ଥାନା ଅନ୍ତର୍ଗତ ଗୋପୀନାଥପୁର ଓପନକାଷ୍ଟ ପ୍ରୋଜେକ୍ଟରେ ଏହି ଦୁର୍ଘଟଣା ଘଟିଛି। କମ୍ପାନୀର କର୍ମଚାରୀ ଖଣି ଭିତରୁ ୩ ମହିଳା ଓ ଜଣେ ଝିଅର ମୃତଦେହ ବାହାର କରିଛନ୍ତି। ଅନ୍ୟମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଧାନବାଦ ଏସ୍ଡିଏମ୍ ପ୍ରେମକୁମାର ତିୱାରୀ କହିଛନ୍ତି। ଭୁଶୁଡ଼ି ପଡ଼ିଥିବା ଅନ୍ୟ ଦୁଇ ଖଣି ହେଲେ ଇସିଏଲ୍ର କପାସରା ଏବଂ ଭାରତ କୋକିଂ କୋଲ୍ ଲିଃ (ବିସିସିଏଲ୍)ର ଚାଚ ଭିକ୍ଟୋରିଆ। ଖଣି ଭୁଶୁଡ଼ିବା ଘଟଣାରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଦୁଃଖ ପ୍ରକାଶ କରିଛନ୍ତି। ମୃତକମାନଙ୍କ ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱର ଅଫିସ୍ ପାଇଁ
**ଷ୍ଟାଫ୍ ଆବଶ୍ୟକ**
GRAPHIC DESIGNER - DTP OPERATOR
OFFICE ASSISTANT - PEON
କେବଳ ଅଭିଜ୍ଞତା ଥିବା ବ୍ୟକ୍ତି ବାୟୋଡାଟା ପଠାନ୍ତୁ
needofficestaffs@gmail.com
8249416516 (Whatsapp)

**APPOINTMENT**
150 Years India's Most Trusted Company is looking for professional Male/Female in BBSR & Cuttack city. Work (Full/part time) Excellent Career & Earning opportunity (Need: Retired Bankers, Mutual Fund Advisor, Credit and Loans Sales person & VRS Employee, House-wife, Finance professional, Real Estate people, Business people, Pvt. Employee, Teachers). 8686933457, 9861660969

**URGENT REQUIREMENT**
1. OFFICE ASSISTANTS (Married Female Candidates) Salary : 15,000/- PM. Quali.- Graduation with 3 years Experience.
2. BACK OFFICE EXECUTIVE (Female Candidates) Quali.- Graduation. Salary 10,000/- PM with 1 year Experience.
Email : recruitments@elmechindia.in

**WANTED**
SENIOR MANAGER FOR
SPONGE IRON PLANT
NEAR CUTTACK.
CONTACT:
7381075901
9437021279

**Urgently Required**
(PERMANENT JOB)ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9536644810, 8859205431

**VALENTINA PIPES PVT. LTD.**
Rasulgarh Ind. Estate, Bhubaneswar
URGENTLY REQUIRED FOR PLANT
PVC/HDPE Machine Operators, Tele Caller cum Front Executive (F), Quality Control Executive (Fresher).
Call: 8249322439, 8594889709
Email: valentinapipespvtltd18@gmail.com

# ବ୍ୟାଙ୍କିଙ୍ଗ୍ ସିଷ୍ଟମ ଅଧୀନକୁ ଆସିବ ଡାକଘର

## ପୋଷ୍ଟ ଅଫିସ୍‌ରେ ଲାଗିବ ଏଟିଏମ୍

ନୂଆଦିଲ୍ଲୀ, ୧।୨

କେନ୍ଦ୍ର ସରକାର ସମସ୍ତ ଦେଢ଼ଲକ୍ଷ ଡାକଘର ଶାଖାଗୁଡ଼ିକୁ ମୂଳ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା (କୋର୍ ବ୍ୟାଙ୍କିଙ୍ଗ୍ ସିଷ୍ଟମ ) ଅଧୀନକୁ ଆଣିବେ। ଏ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟ ବଜେଟ ଅଧିବେଶନରେ ଘୋଷଣା କରିଛନ୍ତି। ଏହାଦ୍ୱାରା ଡାକଘରେ ଆକାଉଣ୍ଟ ଥିବା ଗ୍ରାହକମାନଙ୍କୁ ନେଟ୍ ବ୍ୟାଙ୍କିଙ୍ଗ୍ ସୁବିଧା ମିଳିବ। ସେମାନେ ପୋଷ୍ଟ ଅଫିସ୍ ଆକାଉଣ୍ଟରୁ ଅନ୍ୟ ବ୍ୟାଙ୍କ୍‌କୁ ମଧ୍ୟ ଟଙ୍କା ଟ୍ରାନ୍ସଫର କରିପାରିବେ। ଏଥିସହ ଡାକ ଅଫିସ୍‌ରେ ଏଟିଏମ୍ ମଧ୍ୟ ଲାଗିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ବିଶେଷ କରି କୃଷକ ଏବଂ ବରିଷ୍ଠ ନାଗରିକମାନେ ଉପକୃତ ହୋଇପାରିବେ। ସମ୍ପ୍ରତି ଦେଶରେ ଡିଜିଟାଲ ବ୍ୟାଙ୍କିଙ୍ଗ୍, ଡିଜିଟାଲ ପେମେଣ୍ଟସ୍, ଫିନ୍‌ଟେକ୍ ଇନୋଭେଶନ ଦ୍ରୁତବେଗରେ ବଢ଼ିଛି। ସରକାର ଏହା ଉପରେ ମଧ୍ୟ ଗୁରୁତ୍ୱ ଦେଇଆସୁଛନ୍ତି। ଏହି ଅଭିଯାନକୁ ଆଗକୁ ନେବା ପାଇଁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶର ୭୫ ଜିଲାରେ ସିଡ୍ୟୁଲ୍ଡ କମର୍ସିଆଲ ବ୍ୟାଙ୍କ(ଏସ୍‌ସିବି) ଦ୍ୱାରା ୭୫ ଡିଜିଟାଲ ବ୍ୟାଙ୍କିଙ୍ଗ୍ ୟୁନିଟ୍ (ଡିବିୟୁ) ଖୋଲାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହା ଦ୍ୱାରା ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବଢ଼ିବା ସହ ଆନ୍ତଃକାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି।

# ମୁମ୍ବାଇରୁ ଉଠିଲା ରାତି କର୍ଫ୍ୟୁ

**ମୁମ୍ବାଇ,୧।୨:** ମୁମ୍ବାଇରେ ସୋମବାର ଦୈନିକ ସଂକ୍ରମଣ ୧,୦୦୦ ତଳକୁ ଖସିବା ପରେ ମଙ୍ଗଳବାର ମହାରାଷ୍ଟ୍ର ସରକାର ସେଠାରେ କୋଭିଡ୍ ନିୟମକୁ କୋହଳ କରିଛନ୍ତି। ନୂଆ ଗାଇଡ୍‌ଲାଇନରେ ମୁମ୍ବାଇରୁ ରାତି କର୍ଫ୍ୟୁ ଉଠାଇ ଦିଆଯାଇଥିବାବେଳେ ରେଷ୍ଟୁରାଣ୍ଟ, ଥିଏଟର ଆଦି ୫୦ ପ୍ରତିଶତ ଲୋକରେ ଚଳାଇବାକୁ ଅନୁମତି ମିଳିଛି। ସେହିପରି ବେଳାଭୂମି, ପାର୍କ ଆଦି ଜନସାଧାରଣଙ୍କ ପାଇଁ ଖୋଲା ରଖାଯିବ। ସୁଇମିଂ ପୁଲ୍, ୱାଟର ପାର୍କ ଆଦିକୁ ୫୦ ପ୍ରତିଶତ ଲୋକଙ୍କୁ ଅନୁମତି ଦିଆଯାଇଛି। ବିବାହ କାର୍ଯ୍ୟରେ ହଲ୍‌ର ୨୫ ପ୍ରତିଶତ କ୍ଷମତାରେ କିମ୍ବା ଅତିବେଶିରେ ୨୦୦ ଅତିଥି ଯୋଗଦେଇପାରିବେ।

# ଅରୁଣାଚଳ ନାବାଳକଙ୍କୁ ଚାଇନାରେ ବିଦ୍ୟୁତ୍ ଶକ୍ ଦିଆଯାଇଥିଲା

ଅଗରତାଲା,୧।୨

ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ନିକଟବର୍ତ୍ତୀ ନୁଙ୍ଗଟା ଜୋର ଅଞ୍ଚଳରେ ବୁଲୁଥିବା ଅରୁଣାଚଳ ପ୍ରଦେଶର ନାବାଳକ ମିରାମ ଟାରୋନ୍‌ଙ୍କୁ ଗତ ୧୮ ତାରିଖରେ ଚାଇନା ସୈନ୍ୟ ଅପହରଣ କରିନେଇଥିଲେ। ମିରାମଙ୍କ ପରିବାର ପକ୍ଷରୁ ନିକଟସ୍ଥ ଥାନାରେ ଅଭିଯୋଗ କରାଯାଇଥିଲା। ଚାଇନା ସହ କୂଟନୈତିକ ସ୍ତରରେ ଆଲୋଚନା ପରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ମିରାମଙ୍କୁ ଫେରାଇ ଦେଇଥିଲା। ତେବେ ଚାଇନା ସୈନ୍ୟଙ୍କ କବଳରେ ଥିବାବେଳେ ମିରାମଙ୍କୁ ନିର୍ଯାତନା ଦିଆଯାଇଥିବା ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ପିଏଲ୍ଏ ସୈନ୍ୟମାନେ ତାଙ୍କୁ ଅନେକ ଥର ଗୋଇଠା ମାରିବା ସହିତ ଦୁଇଥର ବିଦ୍ୟୁତ୍ ଶକ୍ ଦେଇଥିଲେ ବୋଲି ମିରାମଙ୍କ ବାପା ମଙ୍ଗଳବାର କହିଛନ୍ତି।

ଅଭିଯୋଗ ଅନୁଯାୟୀ ମିରାମ ଗତ ମାସ ୧୮ ତାରିଖରେ ତାଙ୍କର ଜଣେ ସାଙ୍ଗ ସହ ସୀମାବର୍ତ୍ତୀ ଅଞ୍ଚଳକୁ ଶିକାର କରିବାକୁ ଯାଇଥିଲେ। ଗୁଳ୍ମ ସଂଗ୍ରହ ଓ ଶିକାର ଉତ୍ତରପୂର୍ବାଞ୍ଚଳ ଆଦିବାସୀଙ୍କର ମୁଖ୍ୟ ଜୀବିକା। ସେମାନେ ଜଙ୍ଗଲର ଅନ୍ଧକାର ମଧ୍ୟରେ ଫେରୁଥିବାବେଳେ ପିଏଲଏ ସୈନ୍ୟ ସେଠାରେ ପହଞ୍ଚି ବନ୍ଧୁକ ଦେଖାଇ ମିରାମଙ୍କୁ ଅପହରଣ କରିନେଇଥିଲେ। ତାଙ୍କ ସାଙ୍ଗ ଜନି ୟାୟିଙ୍ଗ କୌଣସି ପ୍ରକାରେ ସେମାନଙ୍କ କବଳରୁ ଖସିଆସିଥିଲେ। ଗତ ୨୭ରେ ପିଏଲ୍ଏ ମିରାମଙ୍କୁ ଭାରତୀୟ ସେନାକୁ ହସ୍ତାନ୍ତର କରିଥିଲେ।

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**RDM-LAC-KNJ-0026-2018-8365/RDM dated 12 MAR 2021**
**WITHDRAWAL NOTIFICATION**

No.V-53:- In exercise of the powers conferred by Section 93 (1) of the Right to Fair Compensation in Transparency in Land Acquisition, Rehabilitation and Resettlement Act, 2013 the State Government do hereby withdraw total Ac. 0.54 dec of private land out of total Ac. 10.69 of land notified by Collector, Keonjhar Notification No. 1184 dtd. 25.07.2018, in village- Pingupatna under Saharapada Tahasil of Keonjhar District, published in extraordinary issue of Odisha Gazette No. 1573 dated 27.08.2018 for construction of Left Main Distributary, Pingupatna Minor, Pingupatna S/M-II, Bhaliadihi S/M, Radhapur S/M-I and S/M-II Canal under Deo Irrigation Project in Keonjhar District as per the land schedule is given below on which possession has not been taken.

Land Schedule

| Khata No. | Plot No. | Notified Area to be Acquired (In Acres) | Area to be withdrawn (In Acres) |
|---|---|---|---|
| 43 | 361 | 0.54 | 0.54 |

By order of the Governor
Sd./- Additional Secretary to Government
OIPR-24001/14/0192/2122

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**RDM-LAC-KNJ-0041-2019-8391/RDM dated 2 MAR 2021**
**WITHDRAWAL NOTIFICATION**

No.V-77:- In exercise of the powers conferred by Section 93 (1) of the Right to Fair Compensation in Transparency in Land Acquisition, Rehabilitation and Resettlement Act, 2013 the State Government do hereby withdraw total Ac. 0.57 dec of private land out of total Ac. 35.07 of land notified by Collector, Keonjhar Notification No. 911 dtd. 26.07.2018, in village- Pradhanpada under Saharapada Tahasil of Keonjhar District, published in extraordinary issue of Odisha Gazette No. 1369 dated 06.08.2018 for construction of Left Main Distributary, Pradhanpada S/M & Pingupatna S/M-I Canal under Deo Irrigation Project in Keonjhar District as per the land schedule is given below on which possession has not been taken.

Land Schedule

| Khata No. | Plot No. | Notified Area to be Acquired (In Acres) | Area to be withdrawn (In Acres) |
|---|---|---|---|
| 18 | 356 | 0.44 | 0.40 |
| 63 | 355 | 0.18 | 0.12 |
| 73 | 357 | 0.05 | 0.05 |

By order of the Governor
Sd./- Additional Secretary to Government
OIPR-24001/14/0194/2122

**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**RDM-LAC-KNJ-0006-2021-7742/RDM dated 8 MAR 2021**
**WITHDRAWAL NOTIFICATION**

No.V-78:- In exercise of the powers conferred by Section 93 (01) of the Right to Fair Compensation in Transparency in Land Acquisition, Rehabilitation and Resettlement Act, 2013 the State Government do hereby withdraw total Ac. 0.72 dec of private land out of total Ac. 35.07 of land notified by Collector, Keonjhar Notification No. 1149 dtd. 25.07.2018, published in extraordinary issue of Odisha Gazette No. 1568 dated 27.08.2018 for construction of Left Main Distributary, Matiaguni Minor, Gorandijodi Minor, Gorandijodi S/M-I, S/M-II & Saharpada Minor Canal under Deo Irrigation Project in Keonjhar District as per the land schedule is given below on which possession has not been taken.

Land Schedule

| Khata No. | Plot No. | Notified Area to be Acquired (In Acres) | Area to be withdrawn (In Acres) |
|---|---|---|---|
| 30 | 1343 | 0.29 | 0.29 |
| 37 | 1731 | 0.02 | 0.02 |
| 37 | 1733 | 0.02 | 0.02 |
| 92 | 1736 | 0.22 | 0.22 |
| 150 | 1730 | 0.02 | 0.02 |
| 219/288 | 1343/2311 | 0.01 | 0.01 |
| 219/278 | 1343/2302 | 0.08 | 0.08 |
| 219/278 | 1343/2302/ 2337 | 0.08 | 0.06 |

By order of the Governor
Sd./- Additional Secretary to Government
OIPR-24001/14/0200/2122

DSPL - 406

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**
**କୋଭିଡ୍ ସମୟରେ ଟେଲିମେଡିସିନ୍ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା**

| ହସ୍ପିଟାଲ୍ ନାମ | ଫୋନ୍ ନମ୍ବର |
|---|---|
| ଏସ୍.ସି.ବି, କଟକ | ୭୬୫୫୦୫୧୬୦୫ / ୭୬୫୫୦୫୧୬୦୪ |
| ଏମ୍.କେ.ସି.ଜି,ବ୍ରହ୍ମପୁର | ୭୬୫୫୦୫୧୬୦୩ / ୭୬୫୫୦୫୧୬୦୨ |
| ଭିମ୍ସାର୍, ବୁର୍ଲା | ୭୬୫୫୦୫୧୬୦୧ / ୭୬୫୫୦୫୧୫୯୮ |
| ପି.ଆର୍.ଏମ୍, ବାରିପଦା | ୭୬୫୫୦୫୧୫୯୭ / ୭୬୫୫୦୫୧୫୯୬ |
| ଏଫ୍.ଏମ୍, ବାଲେଶ୍ୱର | ୭୬୫୫୦୫୧୫୯୫ / ୭୬୫୫୦୫୧୫୯୪ |
| ବି.ବି, ବଲାଙ୍ଗିର | ୭୬୫୫୦୫୧୫୯୩ / ୭୬୫୫୦୫୧୫୯୨ |
| ଏସ୍.ଏଲ୍.ଏନ୍,କୋରାପୁଟ | ୭୬୫୫୦୫୧୫୮୭ / ୭୬୫୫୦୫୧୫୬୦ |
| ଶିଶୁଭବନ, କଟକ | ୭୬୫୫୦୫୧୫୫୭ / ୭୬୫୫୦୫୧୫୪୮ |
| କର୍କଟ ପ୍ରତିଷ୍ଠାନ, କଟକ | ୭୬୫୫୦୫୧୪୪୭ / ୭୬୫୫୦୫୧୪୦୭ |
| ଅନୁଗୁଳ | ୭୬୫୫୦୫୦୮୬୦ / ୭୬୫୫୦୫୦୮୬୨ |
| ବାଲେଶ୍ୱର | ୭୬୫୫୦୫୦୮୬୩ / ୭୬୫୫୦୫୦୮୬୪ |
| ବରଗଡ | ୭୬୫୫୦୫୦୮୬୫ / ୭୬୫୫୦୫୦୮୬୬ |
| ଭଦ୍ରକ | ୭୬୫୫୦୫୦୮୬୭ / ୭୬୫୫୦୫୦୮୬୮ |
| ବଲାଙ୍ଗିର | ୭୬୫୫୦୫୦୮୬୯ / ୭୬୫୫୦୫୦୮୭୦ |
| ବୌଦ୍ଧ | ୭୬୫୫୦୫୦୮୭୧ / ୭୬୫୫୦୫୦୮୭୨ |
| କଟକ | ୭୬୫୫୦୫୦୮୭୩ / ୭୬୫୫୦୫୦୮୭୪ |
| ଦେବଗଡ | ୭୬୫୫୦୫୦୮୭୫ / ୭୬୫୫୦୫୦୮୭୬ |
| ଢ଼େଙ୍କାନାଳ | ୭୬୫୫୦୫୦୮୭୭ / ୭୬୫୫୦୫୦୮୮୩ |
| ଗଜପତି | ୭୬୫୫୦୫୦୯୨୪ / ୭୬୫୫୦୫୦୯୫୯ |
| ଗଞ୍ଜାମ | ୭୬୫୫୦୫୦୯୬୨ / ୭୬୫୫୦୫୦୯୮୩ |
| ଜଗତ୍‌ସିଂହପୁର | ୭୬୫୫୦୫୦୯୮୫ / ୭୬୫୫୦୫୦୯୮୬ |
| ଯାଜପୁର | ୭୬୫୫୦୫୦୯୮୯ / ୭୬୫୫୦୫୦୯୯୭ |
| ଝାରସୁଗୁଡା | ୭୬୫୫୦୫୦୯୯୮ / ୭୬୫୫୦୫୧୦୦୨ |
| କଳାହାଣ୍ଡି | ୭୬୫୫୦୫୧୦୧୨ / ୭୬୫୫୦୫୧୦୯୨ |
| କନ୍ଧମାଳ | ୭୬୫୫୦୫୧୦୯୩ / ୭୬୫୫୦୫୧୧୫୧ |
| କେନ୍ଦ୍ରାପଡା | ୭୬୫୫୦୫୧୧୭୮ / ୭୬୫୫୦୫୧୧୮୨ |
| କେନ୍ଦୁଝର | ୭୬୫୫୦୫୧୧୮୩ / ୭୬୫୫୦୫୧୧୮୪ |
| ଖୋର୍ଦ୍ଧା | ୭୬୫୫୦୫୧୧୮୫ / ୭୬୫୫୦୫୧୨୮୭ |
| କୋରାପୁଟ | ୭୬୫୫୦୫୧୨୯୮ / ୭୬୫୫୦୫୧୩୦୨ |
| ମାଲ୍‌କାନଗିରି | ୭୬୫୫୦୫୧୩୦୩ / ୭୬୫୫୦୫୧୩୦୫ |
| ମୟୁରଭଞ୍ଜ | ୭୬୫୫୦୫୧୩୦୭ / ୭୬୫୫୦୫୧୩୦୮ |
| ନବରଙ୍ଗପୁର | ୭୬୫୫୦୫୧୩୦୯ / ୭୬୫୫୦୫୧୩୩୨ |
| ନୟାଗଡ | ୭୬୫୫୦୫୧୩୭୬ / ୭୬୫୫୦୫୧୩୮୩ |
| ନୂଆପଡା | ୭୬୫୫୦୫୧୩୯୪ / ୭୬୫୫୦୫୧୩୮୭ |
| ପୁରୀ | ୭୬୫୫୦୫୧୩୯୧ / ୭୬୫୫୦୫୧୩୯୨ |
| ରାୟଗଡା | ୭୬୫୫୦୫୧୩୯୩ / ୭୬୫୫୦୫୧୩୮୬ |
| ସମ୍ବଲପୁର | ୭୬୫୫୦୫୧୩୯୮ / ୭୬୫୫୦୫୧୪୦୦ |
| ସୋନପୁର | ୭୬୫୫୦୫୧୪୦୧ / ୭୬୫୫୦୫୧୪୦୨ |
| ସୁନ୍ଦରଗଡ | ୭୬୫୫୦୫୧୪୦୩ / ୭୬୫୫୦୫୧୪୦୪ |
| ଆର୍.ଜି.ଏଚ୍,ରାଉରକେଲା | ୭୬୫୫୦୫୧୩୯୫/୭୬୫୫୦୫୧୩୯୬ |
| କ୍ୟାପିଟାଲ୍ ହସ୍ପିଟାଲ, ଭୁବନେଶ୍ୱର | ୭୬୫୫୦୫୧୪୦୫/୭୬୫୫୦୫୧୪୦୬ |

**ଟେଲିମେଡିସିନ୍ ପରାମର୍ଶ ପାଇଁ ସମୟ ସୂଚୀ**

କ) ସମସ୍ତ ୩୦ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ୍ ହସ୍ପିଟାଲ୍ ଭୁବନେଶ୍ୱର, ଅର୍.ଜି.ଏଚ୍ ରାଉରକେଲା ଏବଂ ୪ଟି ନୂଆ ମେଡିକାଲ୍ କଲେଜ୍ (କୋରାପୁଟ, ବାରିପଦା, ବଲାଙ୍ଗିର ଓ ବାଲେଶ୍ୱର)ରେ ଏହି ସେବା ପୂର୍ବାହ୍ନ ୮ ଘଟିକା ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ।

ଖ) ୩ଟି ବଡ ମେଡିକାଲ୍ କଲେଜ୍ (କଟକ, ବୁର୍ଲା ଓ ବ୍ରହ୍ମପୁର), ଶିଶୁଭବନ କଟକ ଓ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଗବେଷଣା ପ୍ରତିଷ୍ଠାନ କଟକରେ ଏହି ସେବା ଦିବାରାତ୍ର ୨୪ ଘଣ୍ଟା ଉପଲବ୍ଧ ।

**ଜ୍ୱର ୧୦୦°F ରୁ ଅଧିକ ଓ ୩ ଦିନ ଧରି ଲାଗିରହିଲେ, ନିଶ୍ୱାସ ପ୍ରଶ୍ୱାସ ମିନିଟ୍ ପ୍ରତି ୨୪ ଥରରୁ ଅଧିକ କିମ୍ବା ଅକ୍ସିଜେନ୍ ସ୍ତର ୯୩% ବା ତା'ଠାରୁ କମ୍ ରହିଲେ ଉପରୋକ୍ତ ଫୋନ୍ ନମ୍ବରରେ ପରାମର୍ଶ କରନ୍ତୁ।**

**ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ ୧୦୪କୁ କଲ୍ କରନ୍ତୁ**

facebook.com/HFWOdisha   http://www.health.odisha.gov.in/   @HFWOdisha
OIPR-10003/13/0137/2122

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା: ୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଫେବୃୟାରୀ ୨/୨୦୨୨ Sambalpur, Wednesday, February 2/ 2022

# ଭାରତ-ଅଷ୍ଟ୍ରେଲିଆ ଉଦ୍‌ଘାଟନୀ ମ୍ୟାଚ

**ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

**ଦୁବାଇ, ୧।୨ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ଦୀର୍ଘ ୨୪ ବର୍ଷ ବ୍ୟବଧାନରେ କ୍ରିକେଟ ଫେରିଛି। ଗେମ୍ସର ୨୦୨୨ ସଂସ୍କରଣ ବର୍ମିଂହାମ୍‌ରେ ହେବ। ଏଥିରେ ସାମିଲ କରାଯାଇଥିବା ମହିଳା କ୍ରିକେଟ ଟୁର୍ନାମେଣ୍ଟ ଲିଗ୍ ଓ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ଜୁଲାଇ ୨୯ରେ ୨୦୨୦ ମହିଳା ଟି୨୦ ବିଶ୍ୱକପ୍ ଫାଇନାଲିଷ୍ଟ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯିବ। ୮ଟି ଦଳକୁ ନେଇ ହେବାକୁଥିବା ପ୍ରତିଯୋଗିତାର ବ୍ରୋଞ୍ଜ ଓ ସ୍ୱର୍ଣ୍ଣ ପଦକ ମ୍ୟାଚ ଅଗଷ୍ଟ ୭ରେ ଖେଳାଯିବ। ଗତ ସପ୍ତାହରେ କୁଆଲାଲମ୍ପୁରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କ୍ୱାଲିଫାୟରରେ ଶ୍ରୀଲଙ୍କାର ବିଜୟ ପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଡବ୍ଲ୍ୟୁଏଫ୍) ତରଫରୁ ମିଳିତ ଭାବେ ଏହା ଘୋଷଣା କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଥର ମହିଳା କ୍ରିକେଟକୁ ସାମିଲ କରାଯିବା ପରେ ଅଷ୍ଟ୍ରେଲିଆ, ବାର୍ବାଡୋସ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଥିଲେ। ପୂର୍ବରୁ ୧୯୯୮ କୁଆଲାଲମ୍ପୁର ଗେମ୍ସରେ ପ୍ରଥମ ଥର ପୁରୁଷ କ୍ରିକେଟ ପ୍ରତିଯୋଗିତାକୁ ସାମିଲ କରାଯାଇଥିଲା। ସେତେବେଳେ ଦକ୍ଷିଣ ଆଫ୍ରିକା ଫାଇନାଲରେ ଅଷ୍ଟ୍ରେଲିଆ ଦଳକୁ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା।

# ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲରେ 'ଆସା'ର ୩୫




ଚଣ୍ଡିଗଡ଼ ଯାତ୍ରା ପୂର୍ବରୁ 'ଆସା'ର ସଦସ୍ୟମାନେ।

**ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଗଡ଼ଠାରେ ୨୮ତମ ନ୍ୟାଶନାଲ ଆଡ୍‌ଭେଞ୍ଚର ଫେଷ୍ଟିଭାଲ ଚଳିତ ମାସ ୨ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଆଡ୍‌ଭେଞ୍ଚର କ୍ଲବ ସହ ଅନୁବନ୍ଧିତ ଆସା (ଆସୋସିଏଶନ ଫର ଆଡ୍‌ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍)ର ୩୫ ସଦସ୍ୟ ଅଂଶଗ୍ରହଣ କରୁଛନ୍ତି। ଏମାନେ ସ୍ନୋ ସ୍କି, ଟ୍ରେକିଂ ଓ ରିଭର ରାଫ୍ଟିଙ୍ଗ୍ ପରି ବିଭିନ୍ନ ଇଭେଣ୍ଟରେ ଭାଗନେବେ। ଏହି ସର୍ବଭାରତୀୟ ଇଭେଣ୍ଟରେ ଆସାର ସଦସ୍ୟମାନେ ଗତ ୨୫ ବର୍ଷ ଧରି କ୍ରମାଗତ ଅଂଶଗ୍ରହଣ କରି ଆସୁଛନ୍ତି। ଆସାର ସମ୍ପାଦକ ତଥା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା, ଉପସଭାପତି ବିକ୍ରମ ଦାସ ଓ ଶକ୍ତିରଞ୍ଜନ ମହାନ୍ତି, ଇନ୍‌ଷ୍ଟ୍ରକ୍ଟର ଚିନ୍ମୟ ମହାରଣା, ଅନିତା ସ୍ୱାଇଁ ଓ ସସ୍ମିତା ପ୍ରଧାନ ପ୍ରମୁଖ ପ୍ରତିନିଧି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି ଆଥ୍‌ଲେଟ୍, କୋଚ୍

**ବେଜିଂ, ୧।୨ (ଏପି):** ବେଜିଂ ୱିଣ୍ଟର ଅଲିମ୍ପିକ୍ସ ପାଇଁ ଚାଇନାରେ ପହଞ୍ଚି ଥିବା ଅନ୍ୟ ଲୋକମାନଙ୍କ ତୁଳନାରେ ଆଥ୍‌ଲେଟ ଓ ଟିମ୍ ଅଫିସିଆଲଙ୍କ ସଂକ୍ରମଣ ହାର ଅଧିକ ବୋଲି ଆୟୋଜକଗଣ ପ୍ରକାଶ କରୁଛନ୍ତି। ସୋମବାର ୩୭୯ ଆଥ୍‌ଲେଟ ଓ ଅଫିସିଆଲ ଚାଇନା ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୧୬ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଆଇସୋଲେଶନରେ ରଖାଯାଇଛି। ଆଥ୍‌ଲେଟ ଓ ଅଫିସିଆଲଙ୍କ ପଜିଟିଭ ହାର ୪.୨% ରହିଛି।

# ଚାଇନାକୁ ହରାଇ ଶୀର୍ଷରେ ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**



ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ମସ୍କଟ, ୧।୨ (ପି.ଟି.)**

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏଥିସହ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ସୋମବାର ଚାଇନାକୁ ୭-୧ ଗୋଲରେ ହରାଇଥିବା ଭାରତ ମଙ୍ଗଳବାର ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨-୧ ଗୋଲରେ ପରାସ୍ତ କରିଛି। ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇଛି। ଏହାର ଗୋଲ ବ୍ୟବଧାନ +୭ ହୋଇ ଯାଇଛି। ନେଦରଲାଣ୍ଡ୍ସ ୨ ମ୍ୟାଚରୁ ୬ ଏବଂ ବେଲଜିୟମ ୪ ମ୍ୟାଚରୁ ୬ ପଏଣ୍ଟ ପାଇଥିଲେ ହେଁ ଏହି ଦୁଇ ଦଳର ଗୋଲ ବ୍ୟବଧାନ ଯଥାକ୍ରମେ +୪ ଓ -୧ ରହିଛି।

ପୂର୍ବ ମ୍ୟାଚ ଭଳି ବୃହତ୍ ବିଜୟ ମିଳି ନ ଥିଲେ ହେଁ ଭାରତ ଆକ୍ରମଣାତ୍ମକ ପ୍ରଦର୍ଶନ କରି ତା'ର ଫାଇଦା ପାଇଛି। ମ୍ୟାଚର ୩ୟ ମିନିଟରେ ଗୁରଜିତ କୌର ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଚାପରେ ଖେଳିଥିବା ଚାଇନା ପ୍ରଥମ କ୍ୱାର୍ଟରର ଅବଶିଷ୍ଟ ଭାଗ ଏବଂ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭର ୯ ମିନିଟ ପରେ ଅର୍ଥାତ୍ ୩୯ତମ ମିନିଟରେ ଚାଇନାର ୟାଙ୍ଗସୁମିନ ଗୋଲଟି ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ମାତ୍ର ୪ର୍ଥ କ୍ୱାର୍ଟର ଆରମ୍ଭରେ ୪୯ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୁରଜିତ କୌର ଗୋଲରେ ପରିଣତ କରିବାରୁ ଭାରତ ପୁଣି ଅଗ୍ରଣୀ ହାସଲ କରିଥିଲା। ମ୍ୟାଚର ଅବଶିଷ୍ଟ ଭାଗ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଆଉ ଗୋଲ ହୋଇପାରି ନ ଥିଲା। ଚାଇନା ଏକାଧିକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ତାହାକୁ ସଫଳତାର ସହ ପ୍ରତିହତ କରିଥିଲା। ମୋନିକାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।




# କ୍ରୀଡ଼ା ବଜେଟରେ ୩୦୫.୫୮ କୋଟି ବୃଦ୍ଧି

**ନୂଆଦିଲ୍ଲୀ, ୧।୨ (ପି.ଟି.):** ଟୋକିଓ ଅଲିମ୍ପିକ୍ସରେ ଦେଶର ଉଲ୍ଲେଖନୀୟ ସଫଳତା କ୍ରୀଡ଼ା ବଜେଟରେ ପ୍ରତିଫଳିତ ହୋଇଛି। କେନ୍ଦ୍ର ସରକାର ୨୦୨୨-୨୩ ଆର୍ଥିକବର୍ଷ ପାଇଁ ମଙ୍ଗଳବାର ୩୦୬୨.୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗତବର୍ଷ ତୁଳନାରେ ୩୦୫.୫୮କୋଟି ଟଙ୍କା ବୃଦ୍ଧି କରାଯାଇଛି। ଗତ ଆର୍ଥିକବର୍ଷରେ ସରକାର କ୍ରୀଡ଼ା ପାଇଁ ୨୫୯୬.୧୪କୋଟି ଟଙ୍କା ମଞ୍ଜୁର କରିଥିଲେ। ପରବର୍ତ୍ତୀ କାଳରେ ଏହାର ପରିମାଣ ୨୭୫୭.୦୨ କୋଟିକୁ ବୃଦ୍ଧି କରାଯାଇଥିଲା। ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଗୋଲ୍ଡ ସହ ଭାରତ ୭ ପଦକ ଜିତିଥିଲା। ଦୁଇଟି ଗ୍ଲୋବାଲ ଇଭେଣ୍ଟ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ହାଙ୍ଗ୍‌ଝୋ ଏସିଆନ ଗେମ୍ ଯୋଗୁ ୨୦୨୨ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସିଜନ। ତେଣୁ ଦେଶର ପର୍ଯ୍ୟାୟକ୍ରମେ କ୍ରୀଡ଼ା କାର୍ଯ୍ୟକଳାପ ଆରମ୍ଭ ହେବ। ବୋଧହୁଏ ଏସବୁ ବିଚାରକୁ ନେଇ ସରକାର କ୍ରୀଡ଼ା କାର୍ଯ୍ୟକଳାପରେ ଅଧିକ ଅର୍ଥ ବ୍ୟୟ କରିବାକୁ ଚାହୁଁଛନ୍ତି। ସରକାରଙ୍କ ଫ୍ଲାଗ୍‌ଶିପ୍ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ ପାଇଁ ୨୦୨୧-୨୨ବର୍ଷରେ ଯେତିକି ବ୍ୟୟବରାଦ ହୋଇଥିଲା, ସେଥିରେ ୩୧୬.୨୯ କୋଟି ଟଙ୍କା ବୃଦ୍ଧି କରାଯାଇଛି। ମଙ୍ଗଳବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ବେଳେ ଏହି ବିଷୟରେ ସୂଚନା ଦେଇଛନ୍ତି। ଗତ ବଜେଟରେ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ୍ ପାଇଁ ୬୫୭.୭୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଚଳିତବର୍ଷ ତାହା ୯୭୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କ୍ରୀଡ଼ାବିତ୍‌ମାନଙ୍କୁ ପ୍ରୋତ୍ସାହନ ଓ ପୁରସ୍କାର ବାବଦରେ ଗତବର୍ଷ ୨୪୫ କୋଟି ଟଙ୍କା ବରାଦ ରହିଥିବା ବେଳେ ଚଳିତବର୍ଷ ଏହି ପରିମାଣ ୩୫୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ବଜେଟରେ ୭.୪୧ କୋଟି ଟଙ୍କା ହ୍ରାସ କରାଯାଇ ୬୫୩ କୋଟି ଟଙ୍କାରେ ସୀମିତ ରଖାଯାଇଛି। ସାଇ ଜାତୀୟ କ୍ୟାମ୍ପମାନ ଆୟୋଜନ କରିବା ସହ ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ଭିତ୍ତିଭୂମି, ସରଞ୍ଜାମ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇଥାଏ। ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଫଣ୍ଡର ପରିମାଣ ୧୧୮. ୫୦ କୋଟିରୁ ୨୮୩.୫୦କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ ଗତବର୍ଷ ଏବାବଦରେ ୧୬୫ କୋଟି ଟଙ୍କା ବ୍ୟୟ ବରାଦ ରହିଥିବା ବେଳେ ସେଥିରେ ୧୧୮.୫୦କୋଟି ଟଙ୍କା ବୃଦ୍ଧି କରାଯାଇଛି। ନ୍ୟାଶନାଲ ସ୍ପୋର୍ଟ୍ସ ଫେଡେରେଶନ୍ସ (ଏନ୍‌ଏସ୍‌ଏଫ୍‌ଏସ୍) ପାଇଁ ବଜେଟ ପୂର୍ବଭଳି ୨୮୦ କୋଟି ଟଙ୍କା ରଖାଯାଇଛି। ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଫଣ୍ଡକୁ ୨୫ କୋଟି ଟଙ୍କାରୁ ୧୬ କୋଟିକୁ ହ୍ରାସ କରାଯାଇଛି।

# ଓଡ଼ିଶା-ଗୋଆ ମ୍ୟାଚ ଡ୍ର

**ବାମ୍ବୋଲିମ୍, ୧।୨:** ଇଣ୍ଡିଆନ ସୁପର ଲିଗ୍ (ଆଇସିଏଲ୍)ରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ସ୍ଥାନୀୟ ଆଥଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଜୋନାଥାସ ଡି' ଜେସସ ୬୧ତମ ମିନିଟ୍‌ରେ ଗୋଲ ସ୍କୋର କରି ଓଡ଼ିଶା ଏଫ୍‌ସିକୁ ଅଗ୍ରଣୀ କରାଇ ଥିଲେ। ହେଲେ ବିପକ୍ଷ ଦଳର ଆଲେକଜାଣ୍ଡର ରୋମାରିଓ ଜେସୁରାଜ (୯୦+୪ ମିନିଟ) ଶେଷ ମୁହୂର୍ତ୍ତରେ ଗୋଲ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଫଳରେ ଉଭୟ ଦଳ ମଧ୍ୟରୁ କେହି ଏହି ମ୍ୟାଚରୁ ପୂରା ୩ ପଏଣ୍ଟ ଅର୍ଜନ କରିପାରିନାହାନ୍ତି। ଫଳାଫଳ ଓଡ଼ିଶାର ସେମିଫାଇନାଲ ଯୋଗ୍ୟତା ଅଭିଯାନକୁ ଶକ୍ତ ଧକ୍କା ପହଞ୍ଚାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଉନ୍ନତି ମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ

କେସିଙ୍ଗା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ ନୂତନ ନିର୍ବାହୀ ଅଧିକାରିଣୀ ଭାବେ ଗତ ସୋମବାର ମିସ କିରଣ ବେହେରା ଯୋଗଦେଇଛନ୍ତି। ସେ ସୁବର୍ଣ୍ଣପୁର ଜିଲା ତରଭା ଏନ୍ଏସିରେ ନିର୍ବାହୀ ଅଧିକାରିଣୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। କେସିଙ୍ଗା ପୂର୍ବତନ ନିର୍ବାହୀ ଅଧିକାରୀଙ୍କୁ ଜୟପୁର ବଦଳି ହୋଇଛି। ପୂର୍ବରୁ ଥିବା ଅଧୁରା କାର୍ଯ୍ୟ ରହିଛି, ଯଥା ସହର ରାସ୍ତା, ଡ୍ରେନ, ସଫେଇ, ଜବରଦଖଲ ଉଚ୍ଛେଦ, ହୋଲ୍ଡିଂ ଟାକ୍ସ ଆଦାୟ, ଗରିବ ବସ୍ତିବାସିନ୍ଦାଙ୍କ ପାଇଁ ସୁବିଧା, ପାନୀୟଜଳ, ବୃଦ୍ଧାବୃଦ୍ଧଙ୍କ ଭତ୍ତା ଇତ୍ୟାଦି ଉନ୍ନତିମୂଳକ କାର୍ଯ୍ୟ ଉପରେ ଦୃଷ୍ଟି ଦେବେ ବୋଲି ନୂତନ ନିର୍ବାହୀ ଅଧିକାରିଣୀ ପ୍ରକାଶ କରିଛନ୍ତି।

# ଯୁବ ଚେହେରାଙ୍କୁ ନେଇ ଲଢ଼େଇ

**ଖଡ଼ିଆଳ,୧।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକରେ ପଞ୍ଚାୟତ ନିର୍ବାଚନ ପ୍ରଚାର ସରଗରମ ହେବାରେ ଲାଗିଛି। ଖଡିଆଳ ବ୍ଲକର ଗଡ୍ରାମୁଣ୍ଡା, ମାଣ୍ଡୋସିଲ, ଚିନ୍ଦାଗୁଡା, ଖୁଦପେଜ, ବରଗାଁ, ସାନମହେଶର, ଭୋଜପୁର, ଭୁଲିଆସିକୁଆଁ, ଚନାବେଡା ନେଇ ଗଠିତ ୪ ନଂ. ଜୋନ ଜିଲା ପରିଷଦ ଆସନ ଲାଗି ପ୍ରଚାର ଜମିବାରେ ଲାଗିଛି। ଏହି ଜୋନରେ ଗତ ୫ଟି ନିର୍ବାଚନକୁ ଦେଖିଲେ ୧୯୯୭ ମସିହାରେ କଂଗ୍ରେସର ଧନୁର୍ଜ୍ୟ ମହାରଥା, ୨୦୦୨ରେ ସ୍ୱାଧୀନ ପ୍ରାର୍ଥି ଖଡିଆଳ ଯୁବରାଜ ଦେବଦେବ ସିଂଦେଓ, ୨୦୦୭ରେ ଭାଜପାର କୁମୁଦିନୀ ଶବର ଏବଂ ୨୦୧୨ରେ ବିଜେଡିରୁ ପୁଷ୍ପାଞ୍ଜଳି ପାଣ୍ଡେ ବିଜୟୀ ହୋଇ ହୋଇଥିବା ବେଳେ ୨୦୧୭ରେ କଂଗ୍ରେସ ପୁଣି ଥରେ ଉକ୍ତ ଜୋନ ଅକ୍ତିଆର କରିଥିଲା। ଗତ ୫ ଥର ନିର୍ବାଚନରେ ଉଭୟ ବିଜେଡି ଓ ଭାଜପା ଥରେ ଲେଖାଏଁ ବିଜୟ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥି ଥରେ ଏବଂ କଂଗ୍ରେସ ୨ଥର ଜିଣି ଆଗରେ ରହି ବର୍ତ୍ତମାନ ବିଜୟ ଧାରା ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିଛି। ଉକ୍ତ ଜୋନ ଅକ୍ତିଆର କରିବା ପାଇଁ ୩ ପ୍ରମୁଖ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ୩ ଦଳ ଅପ୍ରାଣ୍ୟ ଉଦ୍ୟମ ଜାରି ରଖିଛନ୍ତି। ତେବେ ଚଳିତ ନିର୍ବାଚନରେ ଏହି ଜୋନ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ସଂରକ୍ଷଣ ଥିବା ବେଳେ ୩ ପ୍ରମୁଖ ଦଳ ଯୁବ ଚେହେରାକୁ ସୁଯୋଗ ଦେଇଛି। ଏଠାରେ କଂଗ୍ରେସର ତୁଷବନ୍ତ ବେହେରା, ଭାଜପାର ଯୁବନେତା ଅଜିତ କିଶୋର ଚଲାନ ଏବଂ ବିଜେଡି ଚିତ୍ତରଞ୍ଜନ ବେହେରାଙ୍କୁ ଦଳୀୟ ପ୍ରାର୍ଥି କରିଛି। ୩ ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥିମାନେ ଗାଁ ଗାଁ ଯାଇ ଘର ଘର ବୁଲି ନିଜ ସମର୍ଥନରେ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। କଂଗ୍ରେସ ପ୍ରାର୍ଥି ଘର ଘର ବୁଲି ଉଭୟ ବିଜେଡି ଓ ଭାଜପା ସରକାରର ବିଫଳତା ନେଇ ଲୋକଙ୍କୁ ବୁଝାଇ ନିର୍ବାଚନୀ ବୈତରଣୀ ପାର ହେବା ନେଇ ଆଶାବାଦୀ ଥିବାବେଳେ ବିଜେଡି ପ୍ରାର୍ଥି ରାଜ୍ୟ ସରକାରଙ୍କ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରି ବିଜୟୀ ହେବା ଆଶାବାଦୀ ରହିଛି। ସେହିପରି ଭାଜପା ପ୍ରାର୍ଥି ବିଜେଡି ସରକାରଙ୍କ ବିଫଳତା ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟଗୁଡିକୁ ନେଇ ଲୋକଙ୍କୁ ବୁଝାଇ ଭୋଟରଙ୍କୁ ନିଜ ସପକ୍ଷରେ ରଖି ନିର୍ବାଚନୀ ବୈତରଣୀ ପାର ହେବା ନେଇ ଆଶାବାଦୀ ରହିଛି। ଏସବୁ ଭିତରେ ତିନି ପ୍ରମୁଖ ଦଳ ମଧ୍ୟରେ କଡାଟକ୍କର ହେବ ବୋଲି ଅନୁମାନ କରାଯାଉଥିବା ବେଳେ ନିର୍ବାଚନ ପରେ ହାତୀ କାହାମୁଣ୍ଡରେ କଳସ ଢାଳୁଛି ତାହା ଦେଖିବାକୁ ବାକି ରହିଲା।

### ୪ ନଂ. ଜିଲା ପରିଷଦ ଜୋନ


ଚିତ୍ତରଞ୍ଜନ ବେହେରା


ଅଜିତ କିଶୋର ଚଲାନ


ତୁଷବନ୍ତ ବେହେରା

## ସଂକ୍ଷେପରେ

### ଚାକିରି ପ୍ରଲୋଭନ ଦେଖାଇ ସାଇବର ଲୁଟ୍


ଲୁଟ୍‌ର ଶିକାର ହୋଇଥିବା ସମୀକ୍ଷା ବେହେରା।

**ଭବାନୀପାଟଣା,୧।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସହର ରାମନଗର ପଡ଼ାରେ ରହୁଥିବା ଜଣେ ଯୁବତୀଙ୍କୁ ଚାକିରି ପ୍ରଲୋଭନ ଦେଖାଇ ତାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟିଛନ୍ତି ସାଇବର ଲୁଟେରା । ସୂଚନା ଅନୁଯାୟୀ ରାମନଗର ପଡାର ସମୀକ୍ଷା ବେହେରା ନିଜ ପାଠପଢ଼ା ସରିବା ପରେ ଅନଲାଇନ ମାଧ୍ୟମରେ ଚାକିରୀ ଖୋଜୁଥିଲେ। ବିଭିନ୍ନ ୱେବସାଇଟ ମାଧ୍ୟମରେ ନିଜ ଫୋନ ନମ୍ବର ଦେଇ ରେଜିଷ୍ଟ୍ରେଶନ ମଧ୍ୟ କରିଥିଲେ। ଏହାର ସୁଯୋଗ ନେଇ ସାଇବର ଲୁଟେରା ଚତୁରତାର ସହ ସମୀକ୍ଷାଙ୍କୁ ଫୋନ କରି ଚାକିରି ଦେବା ବିଷୟରେ କଥା ହୋଇଥିଲେ। ପରେ ସମୀକ୍ଷାଙ୍କ ଆଧାର କାର୍ଡଠାରୁ ଆରମ୍ଭ କରି ସମସ୍ତ ବ୍ୟାଙ୍କ ବିବରଣୀ ନେଇ ଯାଇଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ଓ ପରେ ୩୦ ହଜାର ଟଙ୍କା ଲୁଟି ନେଇ ଗଲେ ସାଇବର ଲୁଟେରା। ଏ ନେଇ ଯୁବତୀ ଜଣଙ୍କ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ପୋଲିସ ସାଇବର ଲୁଟେରାଙ୍କ କୌଣସି ସନ୍ଧାନ ପାଇନାହିଁ। ଏ ସମ୍ପର୍କରେ କଳାହାଣ୍ଡି ଏସ୍‌ପିଙ୍କୁ ପଚାରିବାରୁ ଅଭିଯୁକ୍ତମାନଙ୍କୁ ଟ୍ରାକ କରାଯାଉଥିବା ସେ ପ୍ରକାଶ କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ



**କୋକସରା,୧।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ଗ୍ରାମର ପୂର୍ବତନ ମୂଷାପାଲି ସରପଞ୍ଚ ଦେବାନନ୍ଦ ଧରୁଆଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ (୮୫) ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ଡାଲଗୁମା ଗ୍ରାମ ଓ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ସେ ୧୯୭୦-୭୫ ଓ ୧୯୮୪ରୁ ୧୯୮୯ ପାଇଁ ୨ଥର ସରପଞ୍ଚ ରହିଥିଲେ। ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ତାଙ୍କ ପ୍ରଚେଷ୍ଟାରେ ମୂଷାପାଲି ହାଇସ୍କୁଲ ଆରମ୍ଭ ହୋଇଥିଲା। ତାଙ୍କ ବିୟୋଗ ପରେ ଶ୍ରଦ୍ଧାଞ୍ଜଳି ଦେବାକୁ ଅନେକ ଲୋକ ପହଞ୍ଚି ଥିଲେ। ତାଙ୍କ ପୁଅ ମହେନ୍ଦ୍ର ଧରୁଆ ମୁଖାଗ୍ନି ଦେଇଥିଲେ।

# ଭାଜପାକୁ ଫେରିଲେ ଚାଷୀ ମୂଲିଆ ଶ୍ରମିକ ନେତା


ଯଦୁମଣି ପାଣିଗ୍ରାହୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଉଛି।

**ନୂଆପଡ଼ା ଅଫିସ,୧।୨**

ନୂଆପଡା ଜିଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ମଙ୍ଗଳବାର ଦଳକୁ ପୁଣି ଫେରିଛନ୍ତି ଚାଷୀ ମୂଲିଆ ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀ। ଭାଜପା ଜିଲା ସଭାପତି ସୁବ୍ରତ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚାଷୀ ମୂଲିଆ ନେତା ପାଣିଗ୍ରାହୀ ଭାଜପାରେ ଯୋଗଦାନ କରିଥିବାରୁ ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ମନିଜର ଆର୍ଯ୍ୟ, ସୁଶାନ୍ତ ପତି, ତୁଳସ ପଟେଲ, କମଲେସ ଦିକ୍ଷୀତ, ରତନ ଚନ୍ଦ୍ରକାର, ବିଜୟ ଚନ୍ଦ୍ରପାର, ମୁରଲି ସୁନା ପ୍ରମୁଖ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ଯଦୁମଣି ଭାଜପାର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ୨୦୧୯ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ସ୍ୱାଧୀନ ଭାବେ ନୂଆପଡା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଭାବେ ଲଢି ସେ ଦଳରୁ ନିଲମ୍ବିତ ହୋଇଥିଲେ। ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହେବା ପରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଦଳରେ ଯୋଗଦେଇଛନ୍ତି। ସେ ଦଳର ଜଣେ ବହୁତ ପୁରୁଣା କାର୍ଯ୍ୟକର୍ତ୍ତା ଓ ଜିଲାରେ ଦଳକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ରହିଥିଲା । ସେ ଜଣେ କୁଶଳୀ ସଙ୍ଗଠକ, ସୁବକ୍ତା, ଚାଷୀ ଓ ଶ୍ରମିକମାନଙ୍କ ପାଇଁ ନିରନ୍ତର ଲଢେଇ କରିଆସୁଛନ୍ତି। ସେ ଦଳକୁ ଫେରିବା ପରେ ଦଳ ଆହୁରି ମଜଭୁତ ହେବା ସହିତ ପଞ୍ଚାୟତିରାଜ ନିର୍ବାଚନରେ ଦଳ ନିଶ୍ଚୟ ଲାଭାନ୍ୱିତ ହେବ ବୋଲି ନେତୃମଣ୍ଡଳୀ ନିଜ ମତବ୍ୟକ୍ତ କରିଥିଲେ।

# ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ବଲାଙ୍ଗୀର ଅଫିସ, ୧।୨**

ଜଣେ ସରପଞ୍ଚ ପ୍ରାର୍ଥୀ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏଭଳି ଅଭିଯୋଗ ଆସିବା ପରେ ବଙ୍ଗୋମୁଣ୍ଡା ବ୍ଲକ୍ ଠେମରା ପଞ୍ଚାୟତ ଅନ୍ତର୍ଗତ ବରକାନୀ ଗାଁକୁ ବଙ୍ଗୋମୁଣ୍ଡା ତହସିଲଦାର ତଦନ୍ତରେ ଯାଇଥିଲେ। ତେବେ ତଦନ୍ତ ସମୟରେ ତହସିଲଦାରଙ୍କ ନିରପେକ୍ଷତାକୁ ପ୍ରଶ୍ନ କରି ମଙ୍ଗଳବାର ଏହି ଗ୍ରାମପଞ୍ଚାୟତର କେତେକ ଜନସାଧାରଣ, ସରପଞ୍ଚ ପ୍ରାର୍ଥୀ ଓ ନେତୃ ସ୍ଥାନୀୟ ବ୍ୟକ୍ତି ଜିଲାପାଳ କାର୍ଯ୍ୟାଳୟକୁ ଆସି ଘଟଣାର ତଦନ୍ତ କରିବାକୁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଛନ୍ତି। ଠେମରା ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଲକ୍ଷ୍ମୀକାନ୍ତ ବାଗ ନାମାଙ୍କନ ପତ୍ର ଦାଖଲ ସମୟରେ ଲୋକଙ୍କୁ ଟଙ୍କା ବାଣ୍ଟୁଥିବାର ଏକ ଭିଡିଓ ଭାଇରାଲ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏହି ଘଟଣା ଉପରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିର୍ଦ୍ଦେଶରେ ତଦନ୍ତ କରିବାକୁ ଯାଇଥିବା ତହସିଲଦାର ଗୁଣମଣି ସୁନାନୀ ଅଭିଯୋଗକାରୀଙ୍କୁ ପ୍ରଶ୍ନ ନକରି କେବଳ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥିତ ଲୋକଙ୍କୁ ପ୍ରଶ୍ନ କରି ଫେରିଆସିଥିବା ଜଣାଇଛନ୍ତି। ସମ୍ପୃକ୍ତ ପ୍ରାର୍ଥୀ ଜଣକ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି । ଏଣୁ ତାଙ୍କ ପ୍ରାର୍ଥିତ୍ୱକୁ ନାକଚ କରାଯିବାକୁ ଅଭିଯୋଗକାରୀମାନେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କୁ ଲିଖିତଭାବେ ଜଣାଇଛନ୍ତି। ସରପଞ୍ଚ ପ୍ରାର୍ଥୀ ଯୁବରାଜ ମାଝି, ପୂର୍ବତନ ସରପଞ୍ଚ ରାଧାମୋହନ ବେହେରା, ଦାମୋଦର ସାହୁ, ପରେଶ ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।


ଅଭିଯୋଗ କରିବାକୁ ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଠେମରା ପଞ୍ଚାୟତର ଅଭିଯୋଗକାରୀ।

### ଟଙ୍କା ବଣ୍ଟନ ଘଟଣା

# ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ

**ନିର୍ବାଚନୀ ପୋଷ୍ଟରରେ ଶିକ୍ଷକଙ୍କ ଫଟୋ ରହିବା ଘଟଣା**

■ଧରିତ୍ରୀ ପ୍ରଭାବ

**ଜୁନାଗଡ,୧।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତରେ ଜଣେ ସରପଞ୍ଚ ପ୍ରାର୍ଥିନୀଙ୍କ ନିର୍ବାଚନୀ ପୋଷ୍ଟରରେ ଶିକ୍ଷକ ସ୍ୱାମୀଙ୍କ ଫଟୋ ରହିଥିବା ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ବୁଡିଦର ପଞ୍ଚାୟତରେ ଜଣେ ସରପଞ୍ଚ ପ୍ରାର୍ଥିନୀଙ୍କ ନିର୍ବାଚନୀ ପୋଷ୍ଟରରେ ଶିକ୍ଷକ ସ୍ୱାମୀଙ୍କ ଫଟୋ ରହିଥିବା ଦେଖିବାକୁ ମିଳିଥିଲା। ଏହା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅନୁମାନ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ 'ଧରିତ୍ରୀ'ରେ ମଙ୍ଗଳବାର ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଏହା ଲୋକଲୋଚନକୁ ଆସି ଜିଲାରେ ଚହଳ ସୃଷ୍ଟି କରିଥିଲା। ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ଦେଖାଇ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସେ ହେଲେ ଶଙ୍କରପଲା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା। ପ୍ରକାଶ ଯେ, ବୁଡିଦର ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନୀ ଭାବେ ଛିଡା ହୋଇଥିବା ଯାଜ୍ଞସିନୀ ପଣ୍ଡାଙ୍କ ନିର୍ବାଚନୀ ପୋଷ୍ଟରରେ ତାଙ୍କ ସ୍ୱାମୀ ଶିକ୍ଷକଙ୍କ ଫଟୋ ରହିଥିବା ଦେଖିବାକୁ ମିଳିଥିଲା। ସରପଞ୍ଚ ପ୍ରାର୍ଥିନୀ ଯାଜ୍ଞସିନୀ ପଣ୍ଡାଙ୍କ ସ୍ୱାମୀ ସଞ୍ଜୟ ନିକଟସ୍ଥ ଶଙ୍କରପଲା ପ୍ରାଥମିକ ବିଦ୍ୟାଳୟରେ ସରକାରୀ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଜଣେ ସରକାରୀ କର୍ମଚାରୀ ହୋଇ କିଭଳି ସ୍ତ୍ରୀଙ୍କ ନିର୍ବାଚନୀ ବ୍ୟାନରରେ ନିଜ ଫଟୋ ଦେଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିଲା।

# ରାସ୍ତା ମରାମତି ପାଇଁ ଆନ୍ଦୋଳନ

**ଧର୍ମଗଡ଼,୧।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଗମ୍ଭାରୀଗୁଡା ନିକଟରେ ଶୋଚନୀୟ ହୋଇଥିବାରୁ ମଙ୍ଗଳବାର ଗ୍ରାମବାସୀ ରାସ୍ତା ରୋକୋ କରିଥିଲେ। ସୂଚନା ଅନୁସାରେ ଦୀର୍ଘଦିନରୁ ଏହି ରାସ୍ତା ଶୋଚନୀୟ ହୋଇପଡିଥିଲା। ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ସୋମବାର ରାତି ୧୦ଟାରେ ଖଇରପଦର ମଣ୍ଡିରୁ କେସିଙ୍ଗା ବାସୁଦେବ ଫୁଡକୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ୍ (ନଂ.ଓଆର୦୮ଡି୧୦୩୫) ଶୋଚନୀୟ ରାସ୍ତା ଯୋଗୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଗାଡି ଚାଳକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଧର୍ମଗଡ଼ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହାକୁ କେନ୍ଦ୍ରକରି ମଙ୍ଗଳବାର ଗମ୍ଭାରୀଗୁଡା ଗ୍ରାମବାସୀ ରାସ୍ତା ରୋକୋ କରିଥିଲେ। ଦୀର୍ଘ ୩ ଘଣ୍ଟା ପରେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଇନ୍ଦ୍ରଜିତ ସିଂ ଆସି ରାସ୍ତା ମରାମତି ଅତିଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକୋ ହଟିଥିଲା।

# ବ୍ୟାନର, ପୋଷ୍ଟର ହଟାଇବାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକର ଗାଁ ଗହଳିରେ ପ୍ରାର୍ଥୀମାନେ ବ୍ୟାନର, ପୋଷ୍ଟର ଲଗାଇଛନ୍ତି। ହେଲେ ଏସବୁକୁ ପ୍ରଶାସନ ତରଫରୁ ହଟାଇ ଦିଆଯାଉଛି। ଏହାକୁ ନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତ ତ୍ରିସ୍ତରୀୟ ନିର୍ବାଚନ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହେଉଛି। ସଭା ବନ୍ଦ ଥିବାବେଳେ ସୀମିତ ଲୋକଙ୍କୁ ନେଇ ପ୍ରାର୍ଥୀମାନେ ଘରକୁ ଘର ବୁଲୁଛନ୍ତି। ଡିଜିଟାଲି ସମସ୍ତଙ୍କ ପାଖରେ ପହଞ୍ଚିବା ସମ୍ଭବ ହେଉ ନ ଥିବାରୁ ବ୍ୟାନର, ପୋଷ୍ଟର ପ୍ରଚାରର ଅନ୍ୟତମ ମାଧ୍ୟମ ହୋଇଥାନ୍ତା। ହେଲେ ତହସିଲଦାରଙ୍କ ନିର୍ଦ୍ଦେଶରେ ଗ୍ରାମାଞ୍ଚଳର ଘରୋଇ କାନ୍ଥରେ ଲାଗିଥିବା ବ୍ୟାନର, ପୋଷ୍ଟରକୁ ହଟାଇ ଦିଆଯାଉଛି। ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଏପରିକି ସରକାରୀ ସ୍ଥାନରେ ବ୍ୟାନର ପୋଷ୍ଟର ଲଗା ଯାଇ ନ ଥିଲେ ହେଁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ବିବେଚନା କରି ଏସବୁକୁ ହଟାଇ ଦିଆଯାଉଥିବାରୁ ପ୍ରାର୍ଥୀମାନେ ନିଜ ସମ୍ପର୍କରେ ଲୋକଙ୍କୁ ଅବଗତ କରି ପାରୁ ନଥିବା କହୁଛନ୍ତି। ଏ ସମ୍ପର୍କରେ ତହସିଲଦାର ସୁଚିତା ପୁଷ୍ପାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୧।୨**

ବଲାଙ୍ଗୀରର ବିଶିଷ୍ଟ ସାରସ୍ୱତ ସାଧକ ତଥା ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ନରସିଂହ ପ୍ରସାଦ ଗୁରୁଙ୍କୁ ତାଙ୍କ ବାସଭବନରେ ସୃଜନ ସଳିତା ନବନୀତା, ସଂସ୍କାର ଭାରତୀ ଏବଂ ରାଜେନ୍ଦ୍ର ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୃଜନ ସଳିତା ନବନୀତା ପକ୍ଷରୁ କୌତୁକ ପନ୍ଦର, ରାଜେଶ ଝାଙ୍କର, ଜଗନ୍ନାଥ ସାହୁ ଗୁରୁଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଆଲୋଚନା ସମୟରେ କୋଶଲୀ ସାହିତ୍ୟର ଉନ୍ନତି ଓ ସ୍ୱୀକୃତି ପାଇଁ ତାଙ୍କର ଦାବି ବଳବତ୍ତର ରହିବ ବୋଲି ଗୁରୁ କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଡ. ଅଭିମନ୍ୟୁ ମିଶ୍ର ଗୁରୁଙ୍କ ବାସଭବନ ଯାଇ ସମ୍ବର୍ଦ୍ଧିତ କରଥିଲେ। ସଂସ୍କାର ଭାରତୀ ପକ୍ଷରୁ ବଲାଙ୍ଗୀର ଜିଲା ସମ୍ପାଦକ ଦିଲୀପ କୁମାର ସିଂହଦେଓ, ସଭାପତି ବାସୁଦେବ ମେହେର, ଜିଲା ସଂଯୋଜକ ପ୍ରଭାକର ମିଶ୍ର, ଉପସଭାପତି ପ୍ରଦୀପ କୁମାର ବରାଳ, କୋଷାଧ୍ୟକ୍ଷ ମାନସ ରଞ୍ଜନ ସାହୁ, ସଭ୍ୟ ସୁନିଲ ଚନ୍ଦ୍ର ବିଶ୍ୱାଳ, ଉତ୍କଳ ପଶ୍ଚିମ ପ୍ରାନ୍ତ ଉପସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଉପସ୍ଥିତ ରହି ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ପ୍ରଣୀତ କୋସଲି ଅଭିଧାନ କୋସଲି ଭାଷାକୁ ମାନ୍ୟତା ମିଳିବାରେ ଆଗକୁ ଏକ ମାଇଲଖୁଣ୍ଟ ଭଳି ଉପସ୍ଥାପିତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଗୁରୁ ମଧ ସମ୍ବର୍ଦ୍ଧନା ଗ୍ରହଣ ପୂର୍ବକ କୋସଲି ଭାଷାକୁ ସରକାରୀ ମାନ୍ୟତା ମିଳିଲେ ମୋର ଦୀର୍ଘ ଦିନର ପରିଶ୍ରମ ସାର୍ଥକ ହେବ ଏବଂ ଆଗକୁ ମଧ ମୋର ପ୍ରୟାସ ଜାରି ରହିବ ବୋଲି କହିଥିଲେ।


ନରସିଂହ ପ୍ରସାଦ ଗୁରୁଙ୍କୁ ନବନୀତା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ଭୋକ ଉପାସରେ ଦିନ କାଟୁଛନ୍ତି ବୃଦ୍ଧା ମା'

**କଣ୍ଟାବାଞ୍ଜି, ୧।୨(ଡି.ଏନ.ଏ.)**

### ଦାଦନ ଖଟିବାକୁ ଯାଇଛନ୍ତି ପୁଅବୋହୂ

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ବଡଡକଲା ପଞ୍ଚାୟତର ସଦର ଗାଁ ବଡଡକଲାର କଏଁତି ମାଝି(୬୫)। ସ୍ୱାମୀଙ୍କ ମୃତ୍ୟୁ ହେବା ୭ବର୍ଷ ବିତିଗଲାଣି। ଏକମାତ୍ର ପୁଅ ମକରଧ୍ୱଜ ବୋହୂ ମନମତି ଓ ୩ବର୍ଷର ନାତିକୁ ନେଇ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଛନ୍ତି। ଏପଟେ ଗାଁରେ ଏକୁଟିଆ ରହିଛନ୍ତି ବୃଦ୍ଧା କଏଁତ। କାମ କରିବାକୁ ଦେହରେ ବଳ ନାହିଁ। ଦୁଇଓଳା ରୋଷେଇ କରି ଖାଇବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଯିଏ ଯାହା ଦେଲା ଖାଉଛନ୍ତି, ନ ହେଲେ ଉପବାସରେ ଦିନ ବିତୁଛି। ଜମିବାଡି କିଛି ନାହିଁ। କଏଁତିଙ୍କୁ ମିଳୁଛି ବାର୍ଦ୍ଧକ୍ୟ ଭତ୍ତା। ହେଲେ ଏବେ ଅନଲାଇନରେ ଭତ୍ତା ମିଳୁଥିବାରୁ ନିଜ ଗାଁ ବଡଡକଲାରୁ ବ୍ଲକ ସଦର ମହକୁମାରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଇ ପାରୁ ନାହାନ୍ତି। ୨୦୨୧ଅକ୍ଟୋବରରେ ପୁଅ ହାଇଦ୍ରାବାଦ ଯିବା ପରଠାରୁ କଏଁତି ଭତ୍ତା ଟଙ୍କା ପାଇ ନାହାନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇ ପାରୁ ନାହାନ୍ତି। ଏହି ସ୍ଥିତିରେ ଭୋକଉପାସରେ ତାଙ୍କର ଦିନ ବିତୁଛି। ଏପରିକି ଅସହାୟଙ୍କୁ ଆଙ୍ଗନୱାଡି ମାଧ୍ୟମରେ ଦିଆଯାଉଥିବା ଖାଦ୍ୟ ମଧ ତାଙ୍କୁ ଉପଲବ୍ଧ ହେଉନାହିଁ। କଏଁତିଙ୍କ ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ପ୍ରଧାନଙ୍କୁ ପଚାରିବାରୁ ଭତ୍ତା ବାବଦ ଟଙ୍କା ବ୍ଲକ ତରଫରୁ ଅନଲାଇନରେ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଉଛି। କଏଁତିଙ୍କ ଆକାଉଣ୍ଟରେ ଜମା ହୋଇଛି କି ନାହିଁ ମୁଁ ଜାଣିନାହିଁ।


କଏଁତି ମାଝି

# ବାରପାହାଡ଼ ଫୁଟ୍‌ବଲ: ତେନ୍ତୁଳିଖୁଣ୍ଟି ଚାମ୍ପିୟନ

**ଲୋଇସିଂହା,୧।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲୁପାଲି ଗ୍ରାମରେ ଚାଲିଥିବା ଜୟ ବାରପାହାଡ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ତେନ୍ତୁଳିଖୁଣ୍ଟି ଓ ବାଦିବାହାଲ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ତେନ୍ତୁଳିଖୁଣ୍ଟି ଚାମ୍ପିୟନ ହୋଇଥିଲା। ୨୦ବର୍ଷରୁ କମ୍ ବାଳକଙ୍କୁ ନେଇ ସ୍ଥାନୀୟ ଖେଳପଡିଆରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ରଘୁନାଥ ନାୟକ, ନକୁଳ ମିଶ୍ର, ସୁନୀଲ ଦାସ, ପ୍ରଶାନ୍ତ ତ୍ରିପାଠୀ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ୩ ହଜାର ଏବଂ ରନର୍ସ ଅପ ଦଳକୁ ୨ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ ଅତିଥି ।


ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

# କାମ କରିବାକୁ ଯାଇ ସ୍ୱାମୀ ନିଖୋଜ

**ସ୍ତ୍ରୀ, ପୁଅ ଜିଲା ପ୍ରଶାସନର ଦ୍ୱାରସ୍ଥ**

**ନୂଆପଡ଼ା ଅଫିସ,୧।୨**

ନୂଆପଡା ଜିଲା କୋମନା ବ୍ଲକ ଲଖନା ଥାନା କୁରୁମପୁରି ପଞ୍ଚାୟତ କୁଶଦହନା ଗାଁର ଏକ ପରିବାର ତେଲଙ୍ଗାନାକୁ ଇଟା ନିର୍ମାଣ କରିବାକୁ ଯାଇ ସେଠାରେ ସ୍ୱାମୀ ନିଖୋଜ ହୋଇଥିବା ବେଳେ ଉଦ୍ଧାର କରିବା ପାଇଁ ସ୍ତ୍ରୀ ଓ ପୁଅ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଛନ୍ତି। ପ୍ରାପ୍ତ ସୂଚନାରୁ ଲଖନା ଥାନା କୁଶଦହନ ଗାଁର ଭୋଲାନାଥ ମଲ୍ଲିକ (୫୫), ସ୍ତ୍ରୀ ଝଲମନୀ (୫୦), ଝିଅ ସସ୍ମିତା (୧୭) ଓ ଝଲମନୀଙ୍କ ବଡଭାଇ ଭିକାରି ମାଝି, ଭାଇବହୂ ମିଳନ୍ତି ମାଝି ମିଶି ୫ଜଣ ଖରିଆର ରୋଡ ସହରର ଜଣେ ଦାଦନ ସର୍ଦ୍ଦାରଙ୍କଠାରୁ ଜଣପିଛା ୩୮ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ସେମାନେ ଗତ ଅକ୍ଟୋବର ୨୦ରେ ତେଲେଙ୍ଗାନା ରାଜ୍ୟ ସାଇବରବାଦ ଜିଲା ମେଡଚେଲ ଥାନା ସୋମାରାମ ଗାଁର ଭିସାପତି ଇଟାଭାଟି ମାଲିକଙ୍କ ଇଟା ତିଆରି କାମରେ ନିୟୋଜିତ ହୋଇଥିଲେ। ନଭେମ୍ବର ୭ରେ ଭୋଲାନାଥ ଇଟାଭାଟି ନିକଟକୁ ଶୌଚ ପାଇଁ ଯାଇ ଫେରି ନ ଥିଲେ। ସ୍ତ୍ରୀ ଓ ଝିଅ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ପାଇ ନ ଥିଲେ। ଏ ନେଇ ମେଡଚେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୌଣସି ପଦକ୍ଷେପ ନେଲା ନାହିଁ। ସେଠାରେ ମା' ଓ ଝିଅ ଅସହାୟ ହୋଇ ଭୋଲାନାଥଙ୍କୁ ଅପେକ୍ଷାରେ ରହିଥିଲେ। ଖବର ପାଇ ପୁଅ ରୋହିତ ବାପାଙ୍କୁ ଖୋଜିବାକୁ ତେଲେଙ୍ଗାନାକୁ ଯାଇଥିଲେ। ସେଠାରେ ମା'ଙ୍କ ସହିତ ପୁଅ ଓ ଝିଅକୁ ମାଲିକ ଟଙ୍କା ଅସୁଲି କରିବା ପାଇଁ କାମରେ ଲଗାଇଥିଲେ। ଅଗ୍ରୀମ ୧ ଲକ୍ଷ ୭୦ ହଜାର ଟଙ୍କା ଫେରସ୍ତ ନ ଦେବା ପର୍ଯ୍ୟନ୍ତ ଛାଡିବି ନାହିଁ ବୋଲି ଇଟାଭାଟି ମାଲିକ କହିଥିଲେ। ଫୋନରେ ଗାଁକୁ ଜଣାଇବାରୁ ଗାଁରେ ଥିବା ଲୋକେ ଜମିବାଡି ବିକ୍ରୟ କରି ୧ ଲକ୍ଷ ୪୭ ହଜାର ଟଙ୍କା ଯୋଗାଡ କରି ଖରିଆର ରୋଡ ଜଣେ ସର୍ଦ୍ଦାରଙ୍କୁ ଦେଇଥିଲେ। ଗତ ୨୫ ତାରିଖରେ ସ୍ତ୍ରୀଙ୍କ ସହିତ ପୁଅ, ଝିଅ, ଭାଇ ଭିକାରି ଓ ଭାଇବହୂ ଘରକୁ ଫେରିଥିଲେ। ଗାଁକୁ ଫେରିବା ପରେ ସୁନାଗହଣା ବିକ୍ରୟ କରି ବାକିଥିବା ୨୩ ହଜାର ଟଙ୍କା ସର୍ଦ୍ଦାରଙ୍କୁ ଦେଇଥିଲେ। ସର୍ବହରା ହୋଇ ଭାଙ୍ଗି ପଡିଥିବା ପରିବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ନିଖୋଜ ଭୋଲାନାଥଙ୍କୁ ଠାବ କରି ଫେରାଇ ଆଣିବା ପାଇଁ ଦୁଃଖ ଜଣାଇଛନ୍ତି । ସେଚ୍ଛାସେବୀ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ଝଲମନୀ ମଲ୍ଲିକ, ରୋହିତ ମଲ୍ଲିକ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ନିବେଦନ କରିଛନ୍ତି।


ଜିଲାପାଳଙ୍କୁ ଦୁଃଖ ଜଣାଇବା ପାଇଁ ଆସିଥିବା ମା' ଓ ପୁଅ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨ ଫେବୃୟାରୀ, ୨୦୨୨

## ଚାରିକାନ୍ଧ ଦେଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍: ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୨ ନିଲିବନ୍ଧ ପଡ଼ାରେ ସ୍ଥାନୀୟ ହେମକାର ସାହୁ (୬୯)ଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ତାଙ୍କର କେହି ଝିଅପୁଅ ନାହାନ୍ତି। ହେମାକରଙ୍କ ମୃତ୍ୟୁ ପରେ ସ୍ତ୍ରୀ ସୀତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। କେହି ଆତ୍ମୀୟସ୍ୱଜନ ନ ଆସିବାରୁ ସ୍ୱାମୀଙ୍କ ମୃତଦେହ ସତ୍କାର ହୋଇ ପାରି ନ ଥିଲା। ଖବର ପାଇ ବରଗଡ଼ର ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ, ନିଧାନ ଦନ୍ତା, ଜି.ରମେଶ, ସନ୍ତୋଷ ସାହୁ, ରାଜେଶ ସରାପ, ଲୋକନାଥ ମେହେର, ସୌମ୍ୟ ପୃଷ୍ଟି ପ୍ରମୁଖ ମୃତକଙ୍କ ଘରକୁ ପହଞ୍ଚିଥିଲେ। ସେମାନେ ମୃତଦେହକୁ କାନ୍ଧ ଦେଇ ଜିରା ନଦୀ କୂଳ ସ୍ୱର୍ଗଦ୍ୱାରରେ ଦାହ କରିଥିଲେ।



## ସଂକ୍ଷେପରେ

### ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ବଘିଆପଡା,୧।୨(ଡି.ଏନ.ଏ.): ବୌଦ୍ଧ ଜିଲା ବଘିଆପଡାଠାରେ ପାରିବାରିକ କଳହରୁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଦଫେ ନାୟକ। ୫ ବର୍ଷ ତଳେ ଦପଲା ଅଞ୍ଚଳରୁ ଆସି ସେ ବଘିଆପଡା ନୂଆସାହିଠାରେ କୁଡିଆ ଘର କରି ପରିବାର ସହ ରହୁଥିଲେ। ମଙ୍ଗଳବାର ସ୍ତ୍ରୀ ଗୁରୁବାରୀଙ୍କ ସହ ତାଙ୍କର କୌଣସି କାରଣକୁ ନେଇ କୁଆଡେ ଝଗଡା ହୋଇଥିଲା। ଏହାପରେ ଦଫେ ଘର ଭିତରେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ବଘିଆପଡା ଫାଣ୍ଡି ଅଧିକାରୀ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲ ପଠାଇଛନ୍ତି।

### ୭୪ କିଲୋଗ୍ରାମ ଗଞ୍ଜେଇ ସହ କାର ଜବତ,ଦୁଇ ଗିରଫ

ବାଉଁଶୁଣୀ,୧।୨(ଡି.ଏନ.ଏ.): ବୌଦ୍ଧ ଜିଲାରୁ ବାହାର ଜିଲାକୁ ଚାଲାଣ ହେଉଥିବା ୭୪ କିଲୋ ଗଞ୍ଜେଇ ସହ ଏକ କାରକୁ ସ୍ଥାନୀୟ ପୋଲିସ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସୋମବାର ଭୋର ସମୟରେ ବାଉଁଶୁଣୀ ଥାନା ସବ୍ ଇନ୍ସପେକ୍ଟର ନଳିନୀକାନ୍ତ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ୫୭ନଂ ଜାତୀୟ ରାଜପଥର ବାଉଁଶୁଣୀ ଥାନା ଟାଟରକିଲା ଛକ ନିକଟରେ ଏକ କାର (ନଂ ଓଡି ୩୧ ଏଚ ୨୩୦୭ )କୁ ସନ୍ଦେହରେ ଅଟକାଇଥିଲେ । ତନଖି ପରେ ସେଥିରୁ ୭୪ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବୌଦ୍ଧ ସହରର ବୁଟୁପାଲି ଗ୍ରାମର ଆକାଶ ମେହେର (୨୫) ଓ ରାଜନପାଲି ଗ୍ରାମର ଶିବ ଦାସ (୨୩) ।

### ସିଏଚ୍ଏସ୍ଇ ବୋର୍ଡ ପରୀକ୍ଷା ବାତିଲ ଦାବିରେ ସ୍ମାରକପତ୍ର

ସୋନପୁର,୧।୨(ନି.ପ୍ର.): ରାଜ୍ୟ ସରକାରଙ୍କ ଯୁକ୍ତ ୨ ବାର୍ଷିକ ବୋର୍ଡ ପରୀକ୍ଷା ଅଫଲାଇନକୁ ଛାତ୍ରଛାତ୍ରୀ ବିରୋଧ କରିଛନ୍ତି। ଅଲ ଓଡିଶା ଷ୍ଟୁଡେଣ୍ଟସ୍ ୟୁନିୟନ ତରଫରୁ ସୁବର୍ଣ୍ଣପୁରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା ଶାଖାର ଶତାଧିକ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ର ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ। କରୋନା ମହାମାରୀ ଯୋଗୁଁ ଗତ ୨ ବର୍ଷ ଧରି ଅନଲାଇନ ପାଠ ପଢା ପରେ ହଠାତ ରାଜ୍ୟ ସରକାରଙ୍କ ଅଫ ଲାଇନ ପରୀକ୍ଷା ବ୍ୟବସ୍ଥାକୁ ଛାତ୍ରଛାତ୍ର ମାନେ ବିରୋଧ କରିବା ସହ ପୂର୍ବ ପରି ଅନଲାଇନ ବ୍ୟବସ୍ଥାରେ ପରୀକ୍ଷା ସଞ୍ଚାଳନ ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଅନ୍ୟଥା ସରକାରଙ୍କ ଏକପାଖିଆ ନିଷ୍ପତ୍ତି ବିରୋଧରେ ଛାତ୍ରଛାତ୍ରମାନେ ଆନ୍ଦୋଳନକୁ ତୀବ୍ର କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି। ଧୀରେନ୍ଦ୍ର ରଣା, ବିଭୂତି ଭୂଷଣ ନାୟକ, ମହେନ୍ଦ୍ର କର୍ମୀ, ମୁକ୍ତେଶ୍ୱର କର୍ମୀ, ପ୍ରକାଶ ରଣା, ଅମରେଶ ବାରିକ ଓ ଅନୁସ୍କା ଦଣ୍ଡସେନା ପ୍ରମୁଖ ଛାତ୍ରନେତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

### ଉଷାଦେବୀ ସ୍ମାରକୀ କ୍ରିକେଟ: ବଲାଙ୍ଗୀର, ବରଗଡ ଫାଇନାଲରେ



ଉଲୁଣ୍ଡା,୧।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆ ପତ୍ରା ଗାର୍ଡେନଠାରେ ଚାଲିଥିବା ୫ତମ ଉଷାଦେବୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ବଲାଙ୍ଗୀର ଦଳ ୨୦ଓଭରରେ ୬ଉଇକେଟ ହରାଇ ୨୪୦ରନ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ମିଶ୍ର ସର୍ବାଧିକ ୬୭ରନ କରିଥିଲେ। ଜବାବରେ ସିଣ୍ଢୋଲ ସମସ୍ତ ଉଇକେଟ ହରାଇ ମାତ୍ର ୧୦୨ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଲୋକନାଥ ମହାପାତ୍ର ୨୩ ରନ କରିଥିଲେ। ବଲାଙ୍ଗୀରର ବାବୁଲୁ ସେଠୀ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଖେଳକୁ ରଘୁବୀର ସେଠ ଓ ସୁଶାନ୍ତ ସେଠ ପରିଚାଳନା କରିଥିଲେ। ଅତିଥିଭାବେ ଉରୁକ୍ରମ ପାଣ୍ଡିଆ ଯୋଗଦେଇଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ବାବୁଲୁ ସେଠୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସମାନ ପ୍ରସଙ୍ଗ, ନୂତନତ୍ୱ ନାହିଁ

## ବରଗଡ଼ ଜିଲା ପଞ୍ଚାୟତ ଭୋଟ୍



ବରଗଡ଼ ଅଫିସ୍,୧।୨

ପଞ୍ଚାୟତ ଭୋଟ୍କୁ ନେଇ ବରଗଡ଼ ଜିଲାରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ଜିଲା ପରିଷଦ ଆସନ ହାତେଇବା ପାଇଁ ତିନି ପ୍ରମୁଖ ଦଳ କଂଗ୍ରେସ, ଭାଜପା, ବିଜେଡ଼ି ତତ୍ପର ହୋଇପଡ଼ିଛନ୍ତି। ଜିଲାରେ ୩୪ ଜିଲା ପରିଷଦ ଆସନ ରହିଛି। ଗତ ୨୦୧୭ ପଞ୍ଚାୟତ ଭୋଟ୍ରେ ସର୍ବାଧିକ ୨୫ଆସନ ହାତେଇ ଭାଜପା ଜିଲାରେ ଅପ୍ରତ୍ୟାଶିତ ଭାବେ ଜିଲା ପରିଷଦ ଗଠନ କରିଥିଲା। ମାତ୍ର ଏଥର ଏହା ଉପରେ ସବୁଦଳଙ୍କ ନଜର ରହିଛି। ଭାଜପା, କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର ପରେ ଜିଲାର ଅମ୍ବାଭୋନା ବ୍ଲକ ଜୋନ-୨ରୁ ବିଜେଡ଼ି ଖାତା ଖୋଲିଛି। ଅପରପକ୍ଷେ ଅନ୍ୟ ୩୩ ଜିଲା ପରିଷଦ ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ପ୍ରାର୍ଥୀମାନେ ବିଭିନ୍ନ ପ୍ରସଙ୍ଗ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି। ସବୁ ଦଳ ଚାଷ, ଚାଷୀ, ବେରୋଜଗାରକୁ ପ୍ରସଙ୍ଗ ରଖିଛନ୍ତି। ଯେଉଁଥିରେ କିଛି ନୂତନତ୍ୱ ନାହିଁ ଏବଂ ପୂର୍ବ ନିର୍ବାଚନଗୁଡ଼ିକରେ ତାହା ସବୁ ଦଳ ପାଇଁ ସମାନ ପ୍ରସଙ୍ଗ ରହିଥିଲା।

### ରାଜ୍ୟ ସରକାରଙ୍କ ଯୋଜନା ଫେଲ୍



“ବରଗଡ଼ର ଚାଷୀମାନେ ଆଜି ମଧ୍ୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଧାନ ସଂଗ୍ରହ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ମରୁଡ଼ି ହେଲେ ସହାୟତା ମିଳୁନାହିଁ। ପଞ୍ଚାୟତ ଭୋଟ୍ରେ କଂଗ୍ରେସର ଏହା ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ରହିଛି। ରାଜ୍ୟ ସରକାରଙ୍କ କାଳିଆ, ପିଠା, ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ଯୋଜନା ଫେଲ ମାରିଛି। ବେକାରୀଙ୍କୁ ନିଯୁକ୍ତି ବଦଳରେ ବିଜୁ ଯୁବ ବାହିନୀ ଗଠନ ରାଜ୍ୟ ସରକାରଙ୍କ ଅସଲି ଉଦ୍ଦେଶ୍ୟକୁ ପଦାରେ ପକାଇ ଦେଇଛି। ରାଜ୍ୟରେ ଦୁର୍ନୀତି ଓ ମହିଳାଙ୍କ ପ୍ରତି ଅତ୍ୟାଚାର ବଢ଼ି ଚାଲିଥିବାବେଳେ ରାଜ୍ୟର ଅଧକାଂଶ ଜମିକୁ ଏପର୍ଯ୍ୟନ୍ତ ପାଣି ମାଡ଼ି ପାରିନାହିଁ । ଏସବୁକୁ ପ୍ରସଙ୍ଗକୁ ନେଇ କଂଗ୍ରେସ ଭୋଟରଙ୍କ ପାଖକୁ ଯାଉଛି ।

ନିହାର ରଞ୍ଜନ ମହାନନ୍ଦ,
ସଭାପତି, ଜିଲା କଂଗ୍ରେସ

### ବିକାଶରେ ସ୍ଥାଣୁ ପାଲଟିଛି ଭାଜପା



“ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ଜୋରସୋରରେ ଆଗେଇ ନେବାକୁ ଆହ୍ୱାନ କରୁଛୁ। ଭୋଟରଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଅବଗତ କରାଉଛୁ। ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ବରଗଡ଼ରେ କ୍ୟାନ୍ସର ହସ୍ପିଟାଲ ପ୍ରତିଷ୍ଠା ଭଳି ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପରୁ ବରଗଡ଼ ଜିଲା ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା ସ୍ପଷ୍ଟ ହୋଇଛି। କେନ୍ଦ୍ର ଚାଉଳ ସଂଗ୍ରହରେ ଟାଳଟୁଳ ନୀତି ଅବଲମ୍ବନ କରିବା ସତ୍ତ୍ୱେ ରାଜ୍ୟ ସରକାର ଧାନ କିଣାବିକାକୁ ତ୍ୱରାନ୍ୱିତ କରୁଛନ୍ତି । ଏସବୁକୁ ନେଇ ବିଜେଡ଼ି ଭୋଟରଙ୍କ ପାଖକୁ ଯାଉଛି। ଅନ୍ୟପଟେ ଭାଜପା ନେତୃତ୍ୱାଧିନ କେନ୍ଦ୍ରର ଏନ୍ଡ଼ିଏ ସରକାର ବରଗଡ଼ ଜିଲାର ବିକାଶରେ ସ୍ଥାଣୁ ପାଲଟିଛି ଏବଂ ଜିଲା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ମଧ୍ୟ ଦଳର ନିର୍ବାଚନୀ ପ୍ରସଙ୍ଗ ରହିଛି।

-ଦେବେଶ ଆଚାର୍ଯ୍ୟ, ବରଗଡ଼ ବିଧାୟକ

### ହିତାଧିକାରୀଙ୍କୁ ଯୋଜନା ଅପହଞ୍ଚ



“ଚାଷୀ ସମସ୍ୟା ଭାଜପାର ପ୍ରମୁଖ ପ୍ରସଙ୍ଗ ରହିଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଧାନ ସଂଗ୍ରହ ପାଇଁ ମଣ୍ଡି ମଧ୍ୟ ବ୍ୟବସ୍ଥିତ କିମ୍ବା ସୁରକ୍ଷିତ ନୁହେଁ। କଟନୀଛଟନୀ ବଢ଼ି ଚାଲିଛି। ମଣ୍ଡିରେ ମିଲର୍ସ ରାଜୁତି ଚାଲିଛି। ରାଜ୍ୟ ସରକାର ମାଳମାଳ ଯୋଜନା କରୁଛନ୍ତି। କିନ୍ତୁ ସେସବୁ ହିତାଧିକାରୀଙ୍କୁ ଅପହଞ୍ଚ ହୋଇପଡ଼ିଛି। ଭଟଲି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ସମେତ ଭୋଟରଙ୍କୁ ଶାସକ ଦଳ ନେତା ପ୍ରଭାବିତ କରୁଛନ୍ତି। ଏବେଠାରୁ ସେମାନଙ୍କୁ ନିର୍ବାଚନ ଭୟ ଘାରିଲାଣି। ତେବେ କାହାକୁ ଭୟ କରି ଏଭଳି କରାଯାଉଛି, ତାହା ସେମାନେ ହିଁ ଜାଣିବେ। ଅନ୍ୟପଟେ ଭାଜପା ନିର୍ବାଚନକୁ ଭୟ ନ କରି ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନାକୁ ନେଇ ଭୋଟରଙ୍କ ପାଖକୁ ପହଞ୍ଚୁଛି।

-ଇରାସିସ୍ ଆଚାର୍ଯ୍ୟ,
ରାଜ୍ୟ ସଭାପତି, ଭାଜପା ଯୁବମୋର୍ଚ୍ଚା

(ରିପୋର୍ଟ: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)



## ବିଜେଡିର ଜୋନ୍ସ୍ତରୀୟ କର୍ମୀ ସମ୍ମିଳନୀ

ଅମରପାଲି,୧।୨(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ମଙ୍ଗଳବାର ବିଜୁ ଜନତା ଦଳର ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ଅଧକ୍ଷତା କରିଥିଲେ। ଜୋନ-୧ ଜିଲା ପରିଷଦ ପ୍ରାର୍ଥୀ ରଞ୍ଜିତ ରଥ, ଜୋନ-୨ ଜିଲା ପରିଷଦ ପ୍ରାର୍ଥିନୀ ଚନ୍ଦ୍ରକାନ୍ତି ଦନ୍ତା, ଜିଲା ବିଜେଡି ସମ୍ପାଦକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ବ୍ଲକ ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ଦୁର୍ଜନତୈଳା ସରପଞ୍ଚ ରଞ୍ଜିତ ଖେତି, କମିରା ସରପଞ୍ଚ ଶ୍ରୀକୃଷ୍ଣ ପଧାନ, ସୁବଳୟା ସରପଞ୍ଚ ପ୍ରତିନିଧି ଲଳିତ ମୋହନ ପାତ୍ର, ରାଧାମାଧବ ବେହେରା, ପ୍ରଦିପ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ବେହେରା ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ କର୍ମୀଙ୍କୁ ନିବେଦନ କରିଥିଲେ।

## ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ନରସିଂହ



ଅଡାଲରେ କଂଗ୍ରେସ ପାଇଁ ପ୍ରଚାର କରୁଛନ୍ତି ବିଧାୟକ ନରସିଂହ ମିଶ୍ର।

ଅମରପାଲି,୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ନିର୍ବାଚନ ତାତି ବଢିବାରେ ଲାଗିଛି। ମଙ୍ଗଳବାର ବିଧାନ ସଭାରେ କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଜିଲା ପରିଷଦ ଜୋନ ନଂ ୧ ଓ ୨ରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ମିଶ୍ର ଜୋନ-୧ରେ କେନ୍ଦୁପାଲି, ଖମ୍ବେଶ୍ୱରୀପାଲି, କମଳପୁର, ଉଫୁଲା ଓ ମେଣ୍ଡାମାଳ ଯାଇ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀ କଂଗ୍ରେସ ପ୍ରାର୍ଥୀ ଲବକୁମାର ସାହୁଙ୍କ ପାଇଁ ପ୍ରଚାର କରିଥିଲେ। ରାଜ୍ୟର ବିଜେଡି ସରକାର ବିରୋଧରେ ବର୍ଷିବା ସହ ଅଞ୍ଚଳର ବିକାଶ ପାଇଁ କଂଗ୍ରେସ ପାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ପରେ ଜୋନ-୨ କଂଗ୍ରେସ ପ୍ରାର୍ଥୀ ରାଜଗୋପାଳ ପାଣିଗ୍ରାହୀଙ୍କ ପାଇଁ ଅଡ଼ାଲ, ଚୌକା, ଲୁତୁରପଙ୍କ, କେନଝିରିଆପାଲି ଗ୍ରାମରେ ପ୍ରଚାର କରିଥିଲେ। ଏହି ପ୍ରଚାର ବେଳେ ଜିଲା କଂଗ୍ରେସ ସଭାପତି ଗୌରିଶ୍ୟାମ ପଣ୍ଡା, ସୋନପୁର ନଗର କମିଟି ସଭାପତି ରଞ୍ଜିତ ରାଏ, ଜିଲା କୋଷାଧକ୍ଷ ଶେଷଦେବ ମେହେର, ସୁଧିର କୁମାର ପଣ୍ଡା, ଜିଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ମହାକୁଡ଼, ଜୋନ-୧ ପ୍ରାର୍ଥୀ ସାହୁ, ଜୋନ-୨ ପ୍ରାର୍ଥୀ ପାଣିଗ୍ରାହୀ, କଳ୍ପବଟ ମହାକୁଡ଼, ବ୍ଲକ ଯୁବ କଂଗ୍ରେସ ସଭାପତି ବିଦ୍ୟାଧର ଖୁର୍ଡିଆ ପ୍ରମୁଖ ସାମିଲ ଥିଲେ।

## ସ୍ୱାମୀ-ସ୍ତ୍ରୀ ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ନିର୍ବାଚିତ

ସୋନପୁର,୧।୨(ନି.ପ୍ର.)



ଅହଲ୍ୟା ସାହୁ(ସ୍ତ୍ରୀ)



ମକରଧ୍ୱଜ ସାହୁ(ସ୍ୱାମୀ)।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ମକରଧ୍ୱଜ ସାହୁ ଓ ତାଙ୍କ ସ୍ତ୍ରୀ ଅହଲ୍ୟା ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଚଳିତ ଥରକୁ ମିଶାଇ ମକରଧ୍ୱଜ ଲଗାତର ତୃତୀୟ ଥର ପାଇଁ ଭିନ୍ନ ଭିନ୍ନ ୩ଟି ପଞ୍ଚାୟତରୁ ସମିତି ସଭ୍ୟଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ସଫଳ ପଞ୍ଚାୟତିରାଜ ଲୋକପ୍ରତିନିଧି ଭାବେ ଏକ ବିରଳ ରେକର୍ଡ କରିଛନ୍ତି। ତେବେ ତାଙ୍କ ସ୍ତ୍ରୀ ଅହଲ୍ୟା ପ୍ରଥମ ଥର ପାଇଁ ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ମକରଧ୍ୱଜ ଏବେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଛନ୍ତି। ସେ ୨୦୧୨ ମସିହାରେ ଟାଙ୍ଗରକର୍ଲେ ପଞ୍ଚାୟତର ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୨୦୧୭ରେ ଗଜବନ୍ଧ ପଞ୍ଚାୟତର ସମିତି ସଭ୍ୟ ଭାବେ ନିର୍ବିରୋଧରେ ନିର୍ବାଚିତ ହୋଇ ପରବର୍ତ୍ତୀ ସମୟରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷ ହୋଇଥିଲେ। ଚଳିତ ଥର ମକରଧ୍ୱଜ ବାଙ୍କିପାଲି ପଞ୍ଚାୟତରେ ସମିତି ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ ୩ ଜଣ ଉକ୍ତ ପଞ୍ଚାୟତର ସମିତି ସଭ୍ୟ ପଦ ପାଇଁ ନାମାଙ୍କନ ଦାଖଲ କରିଥିଲେ। ତେବେ ସମସ୍ତ ୩ ଜଣ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେବା ପରେ ମକରଧ୍ୱଜ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ପତ୍ନୀ ଅହଲ୍ୟା ନିଜ ବାପ ଘର ପଞ୍ଚାୟତ ଅନ୍ଧାରିବାଞ୍ଜିରେ ସମିତି ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅନ୍ୟ ୪ ଜଣ ପ୍ରାର୍ଥିନୀ ମଧ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତେବେ ସମସ୍ତ ୪ ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେବା ପରେ ଅହଲ୍ୟା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକର ୨୬ଟିପଞ୍ଚାୟତରୁ ୪ ଜଣ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାମପୁର ପଞ୍ଚାୟତର ସରିତା ଭରାସଗ୍ରିଆ ଓ ବୈଦୁପାଲି ପଞ୍ଚାୟତର ପୂର୍ଣ୍ଣିମା ପାଣ୍ଡିଆ ସମିତି ସଭ୍ୟ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୪ ନିର୍ଦ୍ୱନ୍ଦ୍ୱ ପ୍ରାର୍ଥୀ ବିଜେଡି ସମର୍ଥିତ ବୋଲି ଜଣାପଡିଛି।

## ପାଇକମାଳରେ ମାଓବାଦୀ ବ୍ୟାନର



ପାଇକମାଳ,୧।୨(ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ବ୍ଲକ ଭୁଲିଆବନ୍ଧ ଛକ ନିକଟ ବିଜୁ ଏକ୍ସପ୍ରେସ ୱେକଡରେ ଥିବା ଗଛରେ ମଙ୍ଗଳବାର ମାଓବାଦୀ ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି। ଆସନ୍ତା ପଞ୍ଚାୟତ ନିର୍ବାଚନକୁ ବଏକଟ କରିବା ପାଇଁ ଏହି ବ୍ୟାନର ମାଧ୍ୟମରେ ବରଗଡ଼-ବଲାଙ୍ଗୀର ମହାସମୁନ୍ଦ ଡିଭିଜନ ତରଫରୁ ଲୋକଙ୍କୁ କୁହାଯାଇଛି। ପାଇକମାଳ ପୋଲିସ ଓ ସିଆରପିଏଫ୍ ଯବାନ ବ୍ୟାନର ଜବତ କରିଛନ୍ତି। ପାଇକମାଳ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ ମାଓବାଦୀ ବ୍ୟାନର ଜବତ କରାଯାଇଛି ଓ ଘଟଣାର ତଦନ୍ତ କରାଯାଉଛି ବୋଲି କହିଛନ୍ତି।

## ଘର ଘର ବୁଲି ଭୋଟ ଭିକ୍ଷା କଲେ ସମିତି ସଭ୍ୟ ପ୍ରାର୍ଥୀ

### ଜମୁଛି ନିର୍ବାଚନ ପ୍ରଚାର

ବାଉଁଶୁଣୀ,୧।୨(ଡି.ଏନ.ଏ.)




ପ୍ରାର୍ଥୀ ସମର୍ଥକଙ୍କ ଗହଣରେ ଭୋଟ ଭିକ୍ଷା କରୁଛନ୍ତି।

ପଞ୍ଚାୟତ ନିର୍ବାଚନ ପାଇଁ ବୌଦ୍ଧ ଜିଲାରେ ପ୍ରଚାର ଜୋର ଧରିଛି। କୋଭିଡ୍ କଟକଣା ମଧରେ ପ୍ରଚାର ପାଇଁ ନିର୍ବାଚନ କମିଶନ କଡ଼ା ନିର୍ଦ୍ଦେଶ ଦେବା ପରେ ପ୍ରାର୍ଥୀ କମ୍ ସଂଖ୍ୟକ ସମର୍ଥକଙ୍କୁ ଧରି ଭୋଟରଙ୍କ ଘର ଘର ବୁଲି ଭୋଟ ଭିକ୍ଷା କରିବା ଆରମ୍ଭ କରି ଦେଇଛନ୍ତି। ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢୁଛନ୍ତି ଜଣେ ଚାଷୀ ଘରର ଶିକ୍ଷିତ ପୁଅ ପ୍ରମୋଦ କୁମାର ଦେହୁରୀ। ଆଗକୁ ଯଦି ସେ ବିଜୟ ଲାଭ କରନ୍ତି ତାହେଲେ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବେ ବୋଲି କହିଛନ୍ତି। ଏହାସହିତ ପ୍ରଥମେ ପର୍ଯ୍ୟାୟରେ ଫେବୃୟାରୀ ୧୬ ତାରିଖରେ କଣ୍ଟାମାଳ ବ୍ଲକ,୧୮ରେ ବୌଦ୍ଧ ବ୍ଲକ,୨୦ରେ ହରଭଙ୍ଗା ବ୍ଲକରେ ଭୋଟ ଅନୁଷ୍ଠିତ ହେବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଆଶାୟୀମାନେ ଶୀତ କାକରରେ ନିଜ ନିଜର ସମର୍ଥକଙ୍କ ଗହଣରେ ଗାଁ ଗାଁ ବୁଲି ଭୋଟରଙ୍କୁ ଭେଟି ଭୋଟଭିକ୍ଷା ପାଇଁ ନିବେଦନ କରୁଥିବା ଦେଖିବାକୁ ମିଳୁଛି ।

## ଲାୟନ୍ସ କ୍ଲବ ଗଠିତ

ଜାମଟିକ୍ରା,୧।୨(ଡି.ଏନ.ଏ.)

ବରଗଡ ଜିଲା ଗୋଡଭଗା ଲାୟନ୍ସ କ୍ଲବ ସଭାପତି ସତୀଶ ଦାସଙ୍କ ଅଧକ୍ଷତାରେ ଲାଦରପାଲି ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆର୍. କେ. ସିଂ ମୁଖ୍ୟଅତିଥି, ପ୍ରବୀଣ ଅଗ୍ରୱାଲ ଓ ୟାପି ଗୋୟଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଅତାବିରାରେ ନୂତନ ଲାୟନ୍ସ କ୍ଲବ ଗଠନ କରାଯାଇଥିଲା। ସର୍ବସମ୍ମତକ୍ରମେ କ୍ଲବ ସଭାପତି ଧିରେନ୍ଦ୍ର ରଥ, ଉପସଭାପତି ବଳରାମ ସାହୁ, ସମ୍ପାଦକ ବିକାଶ ସାହୁ, ଯୁଗ୍ମ ସମ୍ପାଦକ ବିଭୂଦତ୍ତ ପଧାନ, କୋଷାଧକ୍ଷ ମାନେଶର ପଧାନ, ସୂଚନା ଓ ପ୍ରଯୁକ୍ତି ବିଭାଗ ପାଇଁ ସୋମନାଥ ପଟ୍ଟନାୟକ ମନୋନୀତ ହୋଇଥିଲେ।

## ବିଭିନ୍ନ ଛକରେ ସିସିଟିଭି ଲଗାଯିବାକୁ ପ୍ରସ୍ତାବ



ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ଥାନାଧିକାରୀ ଓ ଜନସାଧାରଣ।

ଅମରପାଲି,୧।୨(ଡି.ଏନ.ଏ.)

### ଆମ ପୋଲିସ ସମିତି ବୈଠକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନା ପରିସରରେ ଆମ ପୋଲିସ ସମିତିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଳାମଣି ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଗୁରୁତ୍ୱ ଦିଆଯିବ ବୋଲି ମତପ୍ରକାଶ ପାଇଥିଲା। ବିଶେଷ କରି ଏବେ ନିର୍ବାଚନ ସମୟ ହୋଇଥିବାରୁ ଆଇନଶୃଙ୍ଖଳା ଯେପରି ବାଧାପ୍ରାପ୍ତ ନହେବ ତାଉପରେ ଗୁରୁତ୍ୱାରୋପ କରାଯାଇଥିଲା। କିଛିଦିନ ହେଲା ବୀରମହାରାଜପୁରରେ ଚୋରି, ପକେଟମାର ଓ ଲୁଟ୍ ଭଳି ଘଟଣା ଦେଖିବାକୁ ମିଳିଛି। ଏଣୁ ବୀରମହାରାଜପୁରର ମୁଖ୍ୟ ଛକମାନଙ୍କରେ ସିସିଟିଭି ଲଗାଇବା ସହିତ ରାତି ପାଟ୍ରୋଲିଙ୍ଗ କଡାକଡି ଓ ଟ୍ରାଫିକ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୀରମହାରାଜପୁର ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆବେଦନ କରାଯାଇଥିବା ପରିଚୟପତ୍ର ଶୀଘ୍ର ପ୍ରଦାନ କରିବାକୁ ବରିଷ୍ଠ ନାଗରିକ ସଂଘ ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥ ଆଲୋଚନା ବେଳେ କହିଥିଲେ। ଅନ୍ୟମାନଙ୍କ ମଧରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ, ଗଣମାଧମ ପ୍ରତିନିଧି ଯୁଗଳ କିଶୋର ମିଶ୍ର, ବାଦ୍ୟଶିଳ୍ପୀ ତ୍ରିଲୋଚନ ମେହେର, ମଧୁ ମେହେର, ଭାଗବତ ମେହେର, ସତ୍ୟ ପ୍ରକାଶ ସାହୁ, ଶିବ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭା ପ୍ରାରମ୍ଭରେ ବୀରମହାରାଜପୁର ଥାନା ଅଧିକାରୀ ଅଞ୍ଜଳି କୁମାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଏସଆଇ ପ୍ରଭାତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କରୋନା କଟକଣା ଯୋଗୁଁ ଦୀର୍ଘଦିନ ହେଲା ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇ ନ ଥିଲା। ଏଣୁ ଆଗାମୀ ଦିନରେ ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଫାଣ୍ଡି ଓ ପଞ୍ଚାୟତସ୍ତରରେ ଏହାକୁ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ଅନାଲୋଚିତ ରହିଛନ୍ତି ବହୁ ସଂଗ୍ରାମୀ

ବରଗଡ଼ ଅଫିସ୍,୧।୨




ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ବକ୍ତାମାନେ।

ବୀରମାଟି ଭାବେ ପରିଚିତ ବରଗଡ଼ ଜିଲା ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମସ୍ଥଳୀ। ମାତ୍ର ବହୁ ସଂଗ୍ରାମୀ ଆଜି ମଧ୍ୟ ଇତିହାସ ପୃଷ୍ଠାରେ ଅନାଲୋଚିତ ହୋଇ ରହିଯାଇଛନ୍ତି। ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ସହିତ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ବରଗଡ଼ର ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫଙ୍କୁ ଇତିହାସ ପୃଷ୍ଠାରେ ନ୍ୟାୟ ମିଳିପାରିନାହିଁ। ତେଣୁ ଏ ନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କୋଶଲ ଟାଇମ୍ସ ଆନୁକୂଲ୍ୟରେ ମଙ୍ଗଳବାର ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ସରାଫ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅବସରରେ ବକ୍ତାଗଣ ମତପ୍ରକାଶ କରିଛନ୍ତି।

ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ଖବରଦାତା ଦେବେନ ପଟେଲ ମୁଖ୍ୟବକ୍ତା, ଡଃ ସୁଜିତ ପୃଷ୍ଟେଠ ବିଶିଷ୍ଟ ଅତିଥି, ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜର ପ୍ରାଧ୍ୟାପକ ଡଃ ଜଗଦୀଶ ମିଶ୍ର, ଶିଶୁ ସାହିତ୍ୟିକ ପ୍ରଦୀପ୍ତଭାନୁ ମହାନ୍ତି, ବ୍ରହ୍ମକୁମାରୀ ବି. କେ. ଯଶୋଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଶ ମାତୃକାର ସ୍ୱାଧୀନତା

### ସ୍ମାରକୀ ବକ୍ତୃତାରେ ମତପ୍ରକାଶ

ପାଇଁ ଲଢ଼ିଥିବା ବରଗଡ଼ ମାଟିର ସଂଗ୍ରାମୀଙ୍କ ତ୍ୟାଗ, ବୀରତ୍ୱ ଉପରେ ଆଲୋକପାତ କରିଥିଲେ। କୋଶଲ ଟାଇମ୍ସର ସମ୍ପାଦକ ସଞ୍ଜୀବ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଅରବିନ୍ଦ ଗୁପ୍ତା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ କୁଞ୍ଜବିହାରୀ ସାହୁଙ୍କୁ ଗଙ୍ଗାଧର ସରାଫ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କିରଣ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।